

# ନବ ଗୁଂଜର

କମେଡ଼ି ପରେଶ ପଟ୍ଟନାୟକୀୟ

**naba gunjara**

comedy pareshpattanayakiya

(a collection of twelve stories)

author-**paresh kumar patnaik**
plot no-38/12
lane-1,jagannath vihar
baramunda,bhubaneswar,orissa-751003

first published- **march,2006**

price**-eighty five rupees only**

published by
**media foundation**
cuttack

printed at
**bharatiya sahitya kendra**
baramunda,bhubaneswar

# ନବ ଗୁଂଜର

କମେଡ଼ି ପରେଶ ପଟ୍ଟନାୟକୀୟ

ପରେଶ କୁମାର ପଟ୍ଟନାୟକଙ୍କ ବାରଟି ରମ୍ୟ କଥା

# ନବ ଗୁଂଜର
କମେଡ଼ି ପରେଶ ପଟ୍ଟନାୟକୀୟ
(ଏକ ଗଳ୍ପ ସଂକଳନ)


ଲେଖକ :
**ପରେଶ କୁମାର ପଟ୍ଟନାୟକ**
'ପୂର୍ଣ୍ଣ ସରୋଜ', ପ୍ଲଟ୍ ନଂ. ୩୮ / ୧୨
ଲେନ୍-୧, ଶ୍ରୀ ଜଗନ୍ନାଥ ବିହାର
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩



ପ୍ରକାଶକ :
**ମିଡ଼ିଆ ଫାଉଣ୍ଡେସନ୍**
୨୦୭, ଶ୍ରୀକୁଞ୍ଜ, ଖାନ୍ ନଗର,
କଟକ-୭୫୩୦୧୨

ପ୍ରଥମ ସଂସ୍କରଣ : ମାର୍ଚ୍ଚ ୨୦୦୬

**ମୂଲ୍ୟ : ଟ ୮୫/- (ପଂଚାଅଶୀ ଟଙ୍କା)**

ସ୍ୱତ୍ୱ- ତାପସୀ
ଚିତ୍ର - ପ୍ରିୟମ
ଡି.ଟି.ପି-ଅମର କୁମାର ବେହୁରା
ପ୍ରଚ୍ଛଦ - କୋଲାଜ - ପିକେ

**ମୁଦ୍ରଣ**
**ଭାରତୀୟ ସାହିତ୍ୟ କେନ୍ଦ୍ର**
ବରମୁଣ୍ଡା , ଭୁବନେଶ୍ୱର-୩

ହିମାଂଶୁ କୁମାର ମହାନ୍ତି (ଲୁଲୁ)ଙ୍କୁ
ଶ୍ରଦ୍ଧାର ସହ

ଏହି ଗଳ୍ପଗୁଡିକ ପ୍ରଥମେ ପ୍ରକାଶ ପାଇଥିଲା ବିଭିନ୍ନ ଓଡ଼ିଆ ସାହିତ୍ୟ ପତ୍ରିକାରେ । ସେଗୁଡ଼ିକ ହେଲା- ସମ୍ବାଦ, କଥା, ଅମୃତାୟନ, କ୍ରାନ୍ତିଧାରା, ଶୋଭନା, ଅପୂର୍ବା, ଉଦ୍‌ଭାସ, ଆରୋହୀ, ଆମରି ଗପ । ଏବେ ପୁସ୍ତକାକାରରେ ଗଳ୍ପଗୁଡ଼ିକର ପ୍ରକାଶନ ଅବସରରେ ସେହି ସଂପାଦକ ବଂଧୁମାନଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ସ୍ମରଣ କରୁଛି ।

ବିନୀତ

**ଲେଖକ**



# ଗଳ୍ପ କ୍ରମ


| | ଗଳ୍ପ | ପୃଷ୍ଠା |
|---|---|---|
| ୧. | ମୁଖ୍ୟମନ୍ତ୍ରୀଙ୍କ କୁକୁର | ୯ |
| ୨. | ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁକୁର | ୨୪ |
| ୩. | କୁକୁର ଜିନ୍ଦାବାଦ | ୩୭ |
| ୪. | ସନ୍ତୁଦାସଙ୍କ କୁକୁର | ୪୯ |
| ୫. | ଚୋର | ୬୦ |
| ୬. | ଫର୍ମୁଲା | ୭୩ |
| ୭. | କାଗଜ ବାଘ | ୮୮ |
| ୮. | ଫୋନ ନମ୍ବର | ୧୦୦ |
| ୯. | ରାଜଧାନୀରେ ଅନ୍ଧ, ମୂକ, ବଧୀର | ୧୦୯ |
| ୧୦. | ଦୁର୍ଘଟଣା | ୧୧୬ |
| ୧୧. | ବନ୍ଧୁ | ୧୨୯ |
| ୧୨. | ଚଢ଼େଇ | ୧୪୦ |

**ଏହି ଲେଖକଙ୍କର ଅନ୍ୟାନ୍ୟ ରଚନା:**

ଗଳ୍ପ ସଂକଳନ

ଛାୟା ପୁରୁଷ

ଚରିତ୍ର ଚରିତ୍ର

ଅଳ୍ପ ବୟସ

ସ୍ୱପ୍ନ ସନ୍ତପ୍ତ

ଉପନ୍ୟାସ

କଥା ଥିଲା

ଶେଷର ଆରମ୍ଭ

ଶୋକ ଦିବସ

---

ନବ ଗୁଂଜର Y Γ

# ମୁଖ୍ୟମନ୍ତ୍ରୀଙ୍କ କୁକୁର

ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତାପ ସିଂଙ୍କର ଗୋଟେ କୁକୁର ଥିଲା । ନାମ ପବନ । ଯେତେବେଳେ ଖବରକାଗଜର ସାମ୍ବାଦିକମାନଙ୍କୁ ଯଥେଷ୍ଟ ପରିମାଣର ସମ୍ବାଦ ମିଳୁ ନ ଥିଲା, କିନ୍ତୁ ଖବରକାଗଜର ପୃଷ୍ଠା ପୂରଣ ହେବା ନିହାତି ଜରୁରୀ ହୋଇପଡୁଥିଲା, ସେତେବେଳେ ସେମାନେ ମୁଖ୍ୟମନ୍ତ୍ରୀଙ୍କ କୁକୁର ସମ୍ପର୍କରେ ନାନା ରୋଚକ କାହାଣୀ ପ୍ରକାଶ କରୁଥିଲେ । କହିବା ବାହୁଲ୍ୟ ମୁଖ୍ୟମନ୍ତ୍ରୀଙ୍କ କୁକୁର ଓ ତାଙ୍କ କୁକୁରର ବିଭିନ୍ନ ଭଙ୍ଗୀର ଫଟୋ, କାର୍ଟୁନ୍ ବିଭିନ୍ନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଥିଲା । ମୁଖ୍ୟମନ୍ତ୍ରୀଙ୍କ କୁକୁର ସାରା ରାଜ୍ୟରେ ଏକ ପରିଚିତ ନାମ ଥିଲା ଓ ରାଜନୀତିରେ ଅତ୍ୟଧିକ ଆଗ୍ରହ ରଖୁଥିବା ସଚେତନ ଜନସାଧାରଣ ଅବସର ସମୟରେ ଚା' ଖଟିରେ ତା' ସମ୍ପର୍କରେ ଆଲୋଚନା କରୁଥିଲେ ।

ଗୋଟିଏ ଖବରକାଗଜରେ ଥରେ ପ୍ରକାଶ ପାଇଥିଲା ଯେ ମୁଖ୍ୟମନ୍ତ୍ରୀ କୋଉଠି ମନ୍ତ୍ରିମଣ୍ଡଳ ସଂପ୍ରସାରଣ କାଳରେ ତାଙ୍କ କୁକୁରର ମତାମତକୁ ସର୍ବାଧିକ ଗୁରୁତ୍ୱ ଦେଇଥିଲେ । ସେଇ ମତାମତର ପ୍ରଣାଳୀ ଏହି ରକମ ନିର୍ଦ୍ଦିଷ୍ଟ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ତାଙ୍କ ଭାବୀ ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ନାମ ଗୋଟି ଗୋଟି କରି କୁକୁର ସାମ୍ନାରେ ପଢ଼ିଥିଲେ । ଯେଉଁମାନଙ୍କ ନାମ ଉଚ୍ଚାରଣ କାଳରେ କୁକୁରଟି ଅସନ୍ତୋଷସୂଚକ ଭୁକିଥିଲା, ସେମାନଙ୍କୁ ଅଚିରେ ସମ୍ଭାବ୍ୟ ମନ୍ତ୍ରୀ ତାଲିକାରୁ ବାଦ୍ ଦିଆଯାଇଥିଲା ।

କେବେ ଏହା ଏକ ଅବିଶ୍ୱାସ୍ୟ ସତ୍ୟ ଥିଲା ଯେ ରାଜ୍ୟର ସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କୁକୁରର ସମ୍ମତି କ୍ରମେ ନିଆଯାଉଥିଲା । ମୁଖ୍ୟମନ୍ତ୍ରୀ ସବୁ ବିବାଦୀୟ ନିଷ୍ପତ୍ତି କୁକୁର ସାମ୍ନାରେ ସୂଚାଉଥିଲେ ଓ ଯେଉଁ ନିଷ୍ପତ୍ତିରେ କୁକୁର ମୁଣ୍ଡ ଟୁଙ୍ଗାରୁଥିଲା ତାହା ଗ୍ରହଣ କରାଯାଉଥିଲା । ଆଶ୍ଚର୍ଯ୍ୟ ଜନକ ଭାବରେ ସେ ନିଷ୍ପତ୍ତି ସବୁ ଫଳପ୍ରଦ ଓ ଉଚିତ ବୋଲି ପରବର୍ତ୍ତୀ କାଳରେ ପ୍ରମାଣିତ ହେଉଥିଲା ।

କୁକୁରଟି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସାମ୍ନା ଲନ୍‌ରେ ସ୍ୱାଧୀନ ଭାବରେ ବୁଲୁଥିଲା

ଓ ଶାସକ ଦଳର କର୍ମୀମାନେ ସେଠାକୁ ଆସିଲେ ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ ସଂଗେ ସଂଗେ କୁକୁରଟିକୁ ମଧ୍ୟ ମୃଦୁ ହସ ଉପହାର ଦେବାକୁ ଭୁଲୁ ନ ଥିଲେ। ଉଦ୍ଦେଶ୍ୟ କୁକୁର ମହାଶୟ କାଳେ ସେମାନଙ୍କ ନାମ କୌଣସି ପଦ ପଦବୀ ପାଇଁ ସୁପାରିଶ କରିଦେବେ। କଥିତ ଅଛି ଜଣେ ବିଧାୟକ କୁକୁରର ପାଦ ତଳେ ପାଞ୍ଚ ଥର ମୁଣ୍ଡିଆ ମାରିବା ପରେ କୋଉଠି ମନ୍ତ୍ରୀ ହୋଇପାରିଥିଲେ। ଚା' ଖଟିରେ ଆଲୋଚନା ହେଉଥିଲା, ମୁଖ୍ୟମନ୍ତ୍ରୀ କାଳେ କୁକୁରଟିର ଜନ୍ମଦିନ ଏକ ପଞ୍ଚତାରକା ହୋଟେଲ୍‌ରେ ପାଳନ କରିଥିଲେ ଓ ସେଥିପାଇଁ ଲକ୍ଷାଧିକ ଟଙ୍କା ରାଜକୋଷରୁ ଖର୍ଚ୍ଚ କରାଯାଇଥିଲା। ଚା' ଖଟିର ମୁଗ୍ଧ ଶ୍ରୋତାମାନେ ଆଶା କରିଥିଲେ ଆଗାମୀ କୌଣସି ଦିନରେ ସମ୍ବାଦପତ୍ରରେ କୁକୁରଟି କେକ୍ କାଟୁଥିବାର କିମ୍ବା ବାର୍ଥ ଡେ' ଉତ୍ସବରେ ଟୋପି ପିନ୍ଧି ନାଚୁଥିବାର ଅଭିନବ ଦୃଶ୍ୟ ସମ୍ବଳିତ ଫଟୋ ପ୍ରକାଶ ପାଇବ। ମାତ୍ର ତାହା ପ୍ରକାଶ ପାଇ ନ ଥିଲା। ଖଳପ୍ରକୃତିର ଲୋକେ କହୁଥିଲେ ଫଟୋଟି ପ୍ରକାଶ ନ କରିବା ପାଇଁ ସମ୍ବାଦପତ୍ରମାନଙ୍କୁ ବ୍ୟାପକ ବିଜ୍ଞାପନ ଦିଆଯାଇଥିଲା। ଯୋଉଥିରୁ ଅନେକ ବିଜ୍ଞାପନ ତିରିଶ ବର୍ଷ ତଳର, ଯେଉଁଥିରେ କୁହାଯାଇଥିଲା ''ତିନୋଟି ସନ୍ତାନ ଯଥେଷ୍ଟ।''

ଚା' ଖଟିରେ ପୁଣି ଦିନେ ଆଲୋଚନା ହୋଇଥିଲା ଯେ ମୁଖ୍ୟମନ୍ତ୍ରୀ ଆପଣା କୁକୁରଟିର ବିବାହାଦି କାର୍ଯ୍ୟ ଅଚିରେ ସମାପନ କରିବାକୁ ଚାହାନ୍ତି ଓ ସେଥିପାଇଁ ଏକ କୁମାରୀ କୁକୁରୀର ସନ୍ଧାନରେ ଅଛନ୍ତି। ଉପଯୁକ୍ତ ପାତ୍ରୀର ସନ୍ଧାନ ଦେଇଥିବା ଘଟସୂତ୍ରକାରୀଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବାର କାର୍ଯ୍ୟକ୍ରମ ରହିଛି। ସମ୍ବାଦ ଶ୍ରବଣାନ୍ତେ କିଛି ଉଦ୍ୟମୀ ଯୁବକ କୁକୁରୀ ପାତ୍ରୀ ସନ୍ଧାନରେ ବାହାରି ଯାଇଥିବାର ଓ ପାତ୍ରୀର କୌମାର୍ଯ୍ୟ ସମ୍ପର୍କୀୟ ପ୍ରମାଣପତ୍ର ପଶୁଡାକ୍ତରଙ୍କଠାରୁ ସଂଗ୍ରହ କରିବାର ଉଦ୍ୟମରେ ମାତି ଯାଇଥିବାର ସୂଚନା ମିଳିଥିଲା।

ରାଜ୍ୟର ଏକ ବିଶିଷ୍ଟ ସମାଲୋଚନାମୂଳକ ପତ୍ରିକା, ଯାହାର ମୁଖ୍ୟ ପୃଷ୍ଠାରେ କେବଳ ବ୍ୟଙ୍ଗଚିତ୍ର ଓ ବ୍ୟଙ୍ଗ କଥନିକା ପ୍ରକାଶ ପାଇଥାଏ, ତା'ର ଚଳନ୍ତି ସଂଖ୍ୟାରେ 'ମୁଖ୍ୟମନ୍ତ୍ରୀଙ୍କ ପରେ କିଏ?' ଶୀର୍ଷକରେ ଏକ ମହାର୍ଘ୍ୟ ସିଂହାସନରେ କୁକୁରଟିଏ ବସିଥିବାର କାର୍ଟୁନ୍ ପ୍ରକାଶ କରିଥିଲେ ଓ କୁକୁର ପାଦ ପାଖରେ 'ପବନ' ବୋଲି ଲେଖି ଦେଇଥିଲେ। ପତ୍ରିକାଟିର ବିକ୍ରି ଅସମ୍ଭବ ଭାବରେ ବଢ଼ିଯାଇଥିଲା ଓ ତାହା ପତ୍ରିକାର ଜୀବଦ୍ଦଶାରେ ଏକ ରେକର୍ଡ଼ ବୋଲି ଜଣାପଡ଼ିଥିଲା।

ଜଣେ ଅତ୍ୟନ୍ତ କଳ୍ପନାବିଳାସୀ କବି କୁକୁର ପବନର ଜୀବନଯାପନକୁ ଲକ୍ଷ୍ୟକରି ଏକ କାହାଣୀ ପ୍ରକାଶ କରିଥିଲେ, ଯେଉଁଥିରେ ସେ ଲେଖିଥିଲେ ଯେ ପବନର ଚାଲି ସିଂହ ପରି, ଭୁକିବା ବ୍ୟାଘ୍ର ପରି, ବସିବା ହାତୀପରି ତଥା ଚାହାଣୀ କମ୍ପ୍ୟୁଟର ପରି। ତାକୁ ଚାହିଁ ଚାହିଁ ମୁଖ୍ୟମନ୍ତ୍ରୀଙ୍କ ବଗିଚା ବାହାରେ ଶତଶତ ବୁଲା କୁକୁର କପାଳରେ ଗୋଡ଼ମାରି (ସେମାନଙ୍କର କର ନ ଥିବାରୁ ବାଧ୍ୟ ହୋଇ) ରୋଦନ କରୁଅଛନ୍ତି କି, କେଉଁ ଶୁଭ ବେଳାରେ ଜନ୍ମ ହୋଇ ବାବୁ ପବନ ଏତେ ପ୍ରାଚୁର୍ଯ୍ୟ ଭୋଗୁଛନ୍ତି ଓ କୋଉ କାଳବେଳାରେ ଜନ୍ମି ଆମେ ଅଇଁଠା ପତ୍ର ଚାଟୁଛୁ।

ଏଇପରି ଭାବରେ ବିଭିନ୍ନ ସମୟରେ ଖବରକାଗଜ, ଚା' ଦୋକାନ, ବିଭିନ୍ନ ଦପ୍ତରର ଅବସରଗୃହ ଇତ୍ୟାଦିରେ ଚର୍ଚ୍ଚାର ପରିଧି ମଧ୍ୟରେ ରହି ଆସିଥିବା ମୁଖ୍ୟମନ୍ତ୍ରୀଙ୍କ କୁକୁର ପବନ ତା'ର ରାଜକୀୟ ଜୀବନ ବିତାଉଥିବା ବେଳେ ଅଘଟଣଟିଏ ଘଟିବାକୁ ଆରମ୍ଭ କଲା ଓ ତାହା ହିଁ ଆମ କାହାଣୀର ବିଷୟବସ୍ତୁ।

ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆସିଥିଲା ଗୋଟେ ପତ୍ର, ଯେଉଁଥିରେ ପତ୍ରପ୍ରେରକ ଲେଖିଥିଲେ, 'ମହାଶୟ, ଏହା ମୋର ପଞ୍ଚମ ତଥା ଶେଷ ପତ୍ର। ଯଦି ଆପଣ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି, ବାଧ୍ୟ ହୋଇ ମୁଁ ମୋର ଅନ୍ତିମ କାର୍ଯ୍ୟପନ୍ଥା ଗ୍ରହଣ କରିବି।'

ପତ୍ରପ୍ରେରକ ଯା' ପୂର୍ବରୁ ଚାରୋଟି ପତ୍ର ଦେଇଥିଲେ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ସଚିବ ତାହା କୌଣସି ପାଗଳର ପ୍ରଳାପ ମନେକରି, ଚିରି ସାରି ଡଷ୍ଟବିନ୍‌କୁ ନିକ୍ଷେପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଆସୁଥିବା ପତ୍ରର ଅର୍ଦ୍ଧାଧିକ ଏହିପରି ପ୍ରଳାପପୂର୍ଣ୍ଣ ଥିଲା। ତେଣୁ ଅଧିକାରୀ ଜଣକ ଏପରି ଅନାବଶ୍ୟକ ପତ୍ରକୁ ନଷ୍ଟ କରି ନିଜର ପ୍ରଶାସନିକ ଦକ୍ଷତାର ପରିଚୟ ପ୍ରଦାନପୂର୍ବକ ଦୁଇଟି ପ୍ରମୋସନ୍ ପାଇ ପାରିଥିଲେ।

ମାତ୍ର ଦୁର୍ଭାଗ୍ୟକୁ ସେ ଛୁଟିରେ ଥିଲେ ଓ ହତଭାଗା ଯୁବକଟିର ପଞ୍ଚମ ପତ୍ରଟି ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ଯାଇ ପହଞ୍ଚିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ଚିଠିଟିକୁ ଆମୂଳଚୂଳ ପାଠକଲେ (ସେତେବେଳେ ସେ ଟିକେ ରିଲାକ୍ସ୍‌ଡ୍ ମୁଡ୍‌ରେ ଥିଲେ) ଓ ଚମକିପଡ଼ିଲେ।

ପତ୍ରପ୍ରେରକ ଲେଖିଥିଲେ,'ମୋର ପିତୃଦତ୍ତ ନାମ ପବନ ଏବଂ ଏହି ନାମରେ ମୁଁ ହାଇସ୍କୁଲ ତଥା ମହାବିଦ୍ୟାଳୟରୁ ଶିକ୍ଷାଗତ ପ୍ରମାଣପତ୍ର ହାସଲ କରିଛି। ମାତ୍ର ଏହି ନାମଟି ଆପଣଙ୍କ କୁକୁରର ନାମ ହୋଇଥିବାରୁ, ଆମ୍ଭର ଗ୍ରାମବାସୀ ମୋତେ ''ମୁଖ୍ୟମନ୍ତ୍ରୀଙ୍କ କୁକୁର'' ବୋଲି ଡାକୁଛନ୍ତି। ତେଣୁ ମୁଁ ଘୋର ମାନସିକ ଅଶାନ୍ତି

ମଧ୍ୟରେ କାଳାତିପାତ କରୁଅଛି। ମୋର ଆଉ ସମ୍ମାନ ବୋଲି କିଛି ନାହିଁ। ଏହିପରି ସମ୍ମାନହୀନ ଜୀବନ ଅପେକ୍ଷା ମୃତ୍ୟୁ ଅଧିକ ଶ୍ରେୟସ୍କର ବୋଲି ମୁଁ ମନେକରୁଛି।

ମୋର ବିନୀତ ନିବେଦନ ଆପଣ ଯଥାଶୀଘ୍ର ନିଜର କୁକୁରର ନାମ ପରିବର୍ତ୍ତନ କରନ୍ତୁ ଏବଂ ସାଧାରଣ ନାଗରିକର ସମ୍ମାନ ରକ୍ଷାରେ ସହାୟକ ହୁଅନ୍ତୁ। ନୋହିଲେ ମୁଁ ଆପଣଙ୍କ ବାସଭବନ ସମ୍ମୁଖରେ ଆତ୍ମାହୂତି ଦେବାକୁ ବାଧ୍ୟ ହେବି।'

ମୁଖ୍ୟମନ୍ତ୍ରୀ ପତ୍ରଟିକୁ ଏକାଧିକବାର ପାଠ କଲେ ଓ ଚିନ୍ତିତ ଦିଶିଲେ।

ସେ ଚିଠିଟିକୁ ନିଜ ପାଖରେ ରଖିଲେ ଓ ତାଙ୍କ ସଚିବ କାର୍ଯ୍ୟରେ ଯୋଗ ଦିଅନ୍ତେ ତାଙ୍କୁ ପଚାରିଲେ।

ପଚାରିଥିଲେ: ଆପଣ ଏହି ପତ୍ରଟିକୁ ପଢ଼ିଛନ୍ତି ?

ସଚିବ ଚିଠି ଉପରେ ନିଜର ଦୃଷ୍ଟି ପହଁରାଇ ଆଣିଲେ ଓ ଚମକିପଡ଼ିଲେ।

କହିଲେ: ଏ ପତ୍ର ଆପଣଙ୍କ ହାତକୁ କିପରି ଆସିଲା ? ଏଇଟା କୌଣସି ପାଗଳର ପ୍ରଳାପ। ଆପଣ ତାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ। ଏଭଳି ପତ୍ରସବୁ ମୁଁ ଆପଣଙ୍କ ଟେବୁଲ୍ ଉପରକୁ ଆସିବାକୁ ଦିଏନାହିଁ। ଏଇଟା କେମିତି କେଜାଣି ଖସିଯାଇଛି। ବରଂ ଏ ପ୍ରକାର ଅବହେଳା ପାଇଁ ମୁଁ କ୍ଷମା ପ୍ରାର୍ଥନା କରୁଛି।

ମୁଖ୍ୟମନ୍ତ୍ରୀ ତଥାପି ଚିନ୍ତିତ ଥିଲେ।

କହିଲେ: ଆପଣ ଚିଠିଟାକୁ ବୁଝିନାହାନ୍ତି ଦେଖୁଛି। କଥାଟା ସିରିୟସ୍ ଅଛି। ଲୋକଟା କୌଣସି ଡ୍ରାଷ୍ଟିକ୍ ଷ୍ଟେପ୍ ନେଇଯିବା ଅସମ୍ଭବ ନୁହେଁ।

ଏଥରକ ସଚିବଙ୍କ ସ୍ୱର ଓ ମୁଖଭଙ୍ଗୀ ବଦଳିଗଲା।

କହିଲେ,'ହେଇପାରେ ସାର୍! ଆପଣ ଯାହା ଅନୁମାନ କରୁଛନ୍ତି, ତାହା ସତ ବି ହୋଇପାରେ। ଆଜିକାଲି ଲୋକମାନଙ୍କ ଉପରେ ଆଉ ଭରସା ନାହିଁ। ସେମାନେ ଯେକୌଣସି ସାମାନ୍ୟ କଥା ପାଇଁ ଶେଷରାସ୍ତା ବାଛି ନେଉଛନ୍ତି।

ମୁଖ୍ୟମନ୍ତ୍ରୀ ହାଲକା ଦିଶିଲେ।

କହିଲେ: ସେଇଥିପାଇଁ ତ କହୁଛି ଏ କେସ୍‌ଟା ସିରିୟସ୍ ଅଛି।

ସଚିବ ପଚାରିଲେ: ତେବେ କ'ଣ କରିବା ବୋଲି ବିଚାର କରୁଛନ୍ତି ସାର୍!

ମୁଖ୍ୟମନ୍ତ୍ରୀ କହିଲେ: ଆପଣ ଏ ଲୋକଟାକୁ ଠାବ କରନ୍ତୁ। ମୁଁ ତା' ସହିତ ସିଧାସଳଖ କଥାବାର୍ତ୍ତା କରିବାକୁ ଚାହେଁ।

ଲୋକଟିକୁ ଠାବ କରିବା ପାଇଁ ବିଶେଷ ଅସୁବିଧା ହେଲାନାହିଁ। ସେ ପତ୍ରରେ

ତା'ର ସବିଶେଷ ଠିକଣା ଦେଇଥିଲା। ସଚିବ ସିଧାସଳଖ ତା' ପାଖରେ ପହଞ୍ଚିଲେ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଜଣାଇଲେ। ସାକ୍ଷାତ୍‌କାରର ସମୟ ନିର୍ଘଣ୍ଟ ବି ସ୍ଥିର କରିନେଲେ।

ଏକ ଛୁଟି ଦିନରେ ଲୋକଟିକୁ ମୁଖ୍ୟମନ୍ତ୍ରୀ ନିଜ ବାସଭବନରେ ଭେଟିଲେ।

ଲୋକଟି ପତ୍ରରେ ଯାହା ଯାହା ଲେଖିଥିଲା, ସେ ସବୁକଥା ପୁଣିଥରେ ମୂଳରୁ କହିଲା ଓ କହିବା ଭିତରେ ସେ ଆପଣାର ବ୍ୟକ୍ତିଗତ ଦୁଃଖ କାହାଣୀ କିଛି କିଛି ମଧ୍ୟ ଯୋଡ଼ିଲା।

ମୁଖ୍ୟମନ୍ତ୍ରୀ ତା'ର କଥା ବେଶି ଲମ୍ବା ହେଇଯାଉଥିବାର ଦେଖି ଅଶ୍ୱସ୍ତି ଅନୁଭବ କଲେ ଓ କଥା ମଝିରେ ବାଧାଦେଲେ।

ପଚାରିଲେ: ଏବେ ତୁମେ କ'ଣ ଚାହୁଁଛ ?

ଲୋକଟି କହିଲା: ସେ କଥା ତ ମୁଁ ଜଣେଇ ସାରିଛି ଆଜ୍ଞା ! ଆପଣ କୁକୁରର ନାମ ବଦଳାଇ ଦିଅନ୍ତୁ।

ମୁଖ୍ୟମନ୍ତ୍ରୀ କହିଲେ: ତାହା ସମ୍ଭବ ନୁହେଁ। ଆପଣ ନିଜର ନାମ ବଦଳାଇ ଦେଉନାହାନ୍ତି କାହିଁକି ?

ଲୋକଟି କହିଲା: ମୁଁ ମୋର ନାମ ବଦଳାଇ ପାରିବି ନାହିଁ ସାର୍ ! ଏବେ ତ ଲୋକମାନେ ମୋତେ ମୁଖ୍ୟମନ୍ତ୍ରୀଙ୍କ କୁକୁର ଡାକୁଛନ୍ତି। ନାମ ବଦଳାଇଲେ ସେମାନେ ମୋତେ ନାଁ ବଦଳା କୁକୁର ବୋଲି ଡାକିବେ।

ମୁଖ୍ୟମନ୍ତ୍ରୀ କହିଲେ: ଏ ବାବଦରେ ମୋର ବି ସମସ୍ୟା ଅଛି। ମୋର କୁକୁରଟି ବି ଅଦ୍ଭୁତ। ତାକୁ ଆଉ ଯେ କୌଣସି ନାମରେ ଡାକିଲେ ସେ ଶୁଣିବାକୁ ପ୍ରସ୍ତୁତ ନୁହେଁ। କହିବାକୁ ଗଲେ ତା' ନିଜ ନାମଟା ସେ ନିଜେ ହିଁ ପସନ୍ଦ କରିଦେଇଛି। ମୁଁ ସାରା ଡିକ୍ସନାରୀ ତା' ସାମ୍ନାରେ ଡାକି ସାରିଲିଣି, କିନ୍ତୁ ସେ ଶୁଣିବାକୁ ରାଜି ନୁହେଁ। ପବନ ନାମ ଛଡ଼ା ଅନ୍ୟ ଯେ କୌଣସି ନାମ ଡାକିଲେ ସେ ପ୍ରତିକ୍ରିୟାଶୀଳ ହୋଇପଡୁଛି। ଦାନ୍ତ ରଗଡୁଛି। ଉତ୍‌କ୍ଷୀପ୍ତ ମନେହେଉଛି। ସର୍ବୋପରି ମୋର ଡିସିସନ୍ ମେକିଙ୍ଗରେ ସହାୟତା କରୁନାହିଁ।

ଲୋକଟି କହିଲା: ତେବେ ଆପଣଙ୍କ ଦୃଷ୍ଟିରେ ମଣିଷର ମୂଲ୍ୟ କମ୍ ଅଛି,। କୁକୁରର ମୂଲ୍ୟ ଅଧିକ।

ମୁଖ୍ୟମନ୍ତ୍ରୀ କହିଲେ: ନା ! ନା ! ତା' ନୁହେଁ। ଏ ରାଜ୍ୟର ସମସ୍ତ ମଣିଷଙ୍କୁ ମୂଲ୍ୟ ଦିଏ ବୋଲି ମୁଁ ରାଜନୀତିରେ ତିଷ୍ଠିଛି। ଆପଣଙ୍କ ଅଭିଯୋଗର ଢେର ମୂଲ୍ୟ.

ଅଛି ବୋଲି ତ ମୁଁ ଆପଣଙ୍କୁ ଡକେଇଛି। ଏ ସମସ୍ୟାର ଗୋଟେ ସମାଧାନ କରି ଦେବାକୁ ଚାହୁଁଛି।

ଲୋକଟି କହିଲା: ଏବେ ଆଉ କି ସମାଧାନ ହେବ ? ମୁଁ ତ ନାମ ପରିବର୍ତ୍ତନ ପାଇଁ ରାଜି ନୁହେଁ । ଆପଣଙ୍କ କୁକୁର ମଧ୍ୟ ଅନ୍ୟ କୌଣସି ନାମ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। ସମାଧାନ ହେବ କିପରି ?

ମୁଖ୍ୟମନ୍ତ୍ରୀ କହିଲେ: ମୁଁ ଆପଣଙ୍କୁ କ୍ଷତି ପୂରଣ ଦେଇ ଦେବାକୁ ଚାହୁଁଛି। ଏଇ ଯେମିତି ଆପଣଙ୍କୁ କିଛି ଟଙ୍କା ଦିଆଯିବ ଓ ଆପଣ ଏ ଅପମାନକୁ ଭୁଲିଯିବେ । ଆପଣ ଏବେ ସୁଦ୍ଧା ବେକାର ଅଛନ୍ତି। ମୁଁ ଖୁବ୍ ବେଶୀରେ ଆପଣଙ୍କୁ ଗୋଟେ ସରକାରୀ ଚାକିରିଟେ ଦେଇପାରେ। କିନ୍ତୁ ଆପଣ ଆଉ ମୋ କୁକୁରର ନାମ ପରିବର୍ତ୍ତନ ପାଇଁ ଦାବୀ କରନ୍ତୁ ନାହିଁ।

ଠିକ୍ ଏମିତି ବେଳେ ଆଲୋଚନା ଭିତରକୁ ଅନୁପ୍ରବେଶ କଲେ ମୁଖ୍ୟମନ୍ତ୍ରୀଙ୍କ ସଚିବ।

ସେ କହିଲେ: ସାର୍ ! ଏ ପ୍ୟାକେଜଟା ସଫଳ ହେବାର ଆଶା ବହୁତ କମ୍। କାରଣ ଗୋୟେନ୍ଦା ବିଭାଗକୁ ମୁଁ ଗୋଟେ ସର୍ଭେ ପାଇଁ କହିଥିଲି। ସେମାନେ. ଜଣେଇଛନ୍ତି ଯେ ଆମ ରାଜ୍ୟରେ ମୋଟ ପନ୍ଦର ହଜାର ତିନିଶ ଏକତ୍ରିଶ ଜଣ ପବନ ନାମଧାରୀ ଲୋକ ଅଛନ୍ତି । ଏକଥାଟି ବାହାରେ ପ୍ରଘଟ ହୋଇଗଲେ ଏମାନେ ସମସ୍ତେ ଯଦି କ୍ଷତିପୂରଣ ବା ଚାକିରି ମାଗିବେ ତେବେ ତାହା ପୂରଣ କରିବା ଆମ ପକ୍ଷରେ ଅସମ୍ଭବ ହୋଇ ପଡ଼ିବ।

ମୁଖ୍ୟମନ୍ତ୍ରୀ ଖୁବ୍ ଅସହାୟ ଦିଶିଲେ।

ପଚାରିଲେ: ତେବେ କ'ଣ କରିବା କୁହନ୍ତୁ ।

ଶେଷ ଆଡ଼କୁ ତାଙ୍କ ସ୍ୱରଟା ବେଶ୍ କରୁଣ ଶୁଣାଯାଉଥିଲା।

ସଚିବଙ୍କ ପାଖରେ ଆଶୁ ଉତ୍ତର ମହଜୁଦ ଥିଲା। ସେ ପରାମର୍ଶ ଦେଲେ: ସାର୍ ! ବ୍ୟସ୍ତ ହୁଅନ୍ତୁ ନାହିଁ। ଏ ସମ୍ପର୍କରେ ବରଂ ଏକ ଏକ୍ସପର୍ଟ କମିଟି ବସେଇବା। ଏବଂ ଏକମାସ ଭିତରେ ତାଙ୍କୁ ରିପୋର୍ଟ ଦେବାକୁ କହିବା। ରିପୋର୍ଟ ମିଳିବା ପରେ ଯାଇ ଯାହା ପଦକ୍ଷେପ ନିଆଯିବ। ଏ ବାବୁଙ୍କୁ ଏକମାସ ଅପେକ୍ଷା କରିବାକୁ କୁହାଯାଉ।

ଆଲୋଚନା ଏହି ରକମ ଅମୀମାଂସିତ ଭାବରେ ଶେଷ ହେଲା।

ମୁଖ୍ୟମନ୍ତ୍ରୀ ସଚିବଙ୍କୁ ତାଗିଦ କଲାଭଳି କହିଥିଲେ: ଆପଣ ଯୋଉ କମିଟି

ବସାଉଛନ୍ତି, ବସାନ୍ତୁ। ଏସବୁ ନିହାତି ଗୋପନରେ ହେବା ଚାହିଁ। ଯଦି ସାମ୍ବାଦିକମାନଙ୍କ ଦୃଷ୍ଟିକୁ ଆସିଗଲା, ସେମାନେ ନାନା ବାଜେ କଥା ଲେଖି ଜନମାନସକୁ ବିଭ୍ରାନ୍ତ କରିଦେବେ।

ସଚିବ କହିଲେ: ଅତ୍ୟନ୍ତ ଗୋପନରେ ଏ କାର୍ଯ୍ୟ ହେବ ସାର୍! ଆପଣ ନିଶ୍ଚିନ୍ତ ରହନ୍ତୁ!

ଦୁଇଦିନ ବାଦ୍ ଗୋୟେନ୍ଦା ବିଭାଗର ମୁଖ୍ୟ ଗୋଟେ ଗୁପ୍ତ ରିପୋର୍ଟ ପେଶ୍ କଲେ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ।

କହିଲେ: ସାର୍! ରିପୋର୍ଟ ମିଳିଛି ଯେ ରାଜ୍ୟରେ ବହୁ ଯୁବକ ନିଜର ନାମ ପରିବର୍ତ୍ତନ କରି ପବନ ରଖୁଛନ୍ତି। ଏ ସମ୍ପର୍କରେ ବିଭିନ୍ନ କୋର୍ଟରେ ଆଫିଡେଭିଟ୍ କାମ ଚାଲିଛି।

ମୁଖ୍ୟମନ୍ତ୍ରୀ ଅବୁଝା ଦୃଷ୍ଟିରେ ଚାହିଁଲେ।

ପଚାରିଲେ: କ'ଣ ହେଇପାରେ ସେମାନଙ୍କର ଉଦ୍ଦେଶ୍ୟ?

ଗୋୟେନ୍ଦା ବିଭାଗ ମୁଖ୍ୟ ଜଣାଇଲେ: ସେ କଥା ତ ଜଣା ପଡ଼ିନାହିଁ ସାର୍! ତେବେ ଏହା ଏକ ବୃହତ୍ତର ଷଡ଼ଯନ୍ତ୍ରର କ୍ଷୁଦ୍ରତମ ଅଂଶବିଶେଷ ହୋଇପାରେ।

ମୁଖ୍ୟମନ୍ତ୍ରୀ ପଚାରିଲେ: କି ପ୍ରକାର ଷଡ଼ଯନ୍ତ୍ର ?

:ତାହା ତ ଜଣାପଡ଼ିନାହିଁ ସାର୍! ତେବେ ତା'ର ଅନୁସନ୍ଧାନ ପାଇଁ ଆମର ବଛା ବଛା ଅଫିସର ମୁତୟନ ହୋଇଅଛନ୍ତି।

ତେବେ ସଚିବ ଯେଉଁ ପ୍ରସ୍ତାବ ଦେଇଥିଲେ, ତାକୁ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ। ଅତ୍ୟନ୍ତ ଗୋପନରେ ସେ ଗୋଟେ କମିଟି ଗଠନ କରିଥିଲେ। ସେଥିରେ ସଦସ୍ୟ ଥିଲେ ଜଣେ ଅବସରପ୍ରାପ୍ତ ବିଚାରପତି, ଘଟଣାର ଆଇନଗତ ଦିଗ ତର୍ଜମା କରିବା ପାଇଁ, ଜଣେ ମନସ୍ତତ୍ତ୍ୱବିତ୍, ଯେହେତୁ ଘଟଣାରେ ଜଣେ ସାଧାରଣ ମଣିଷର ମନ ବ୍ୟାହତ ହୋଇଛି। ଜଣେ ପଶୁ ବିଶେଷଜ୍ଞ ଯେହେତୁ ଗୋଟେ ପଶୁର ଭୂମିକା ରହିଛି । ଜଣେ ବୃଦ୍ଧ ରାଜନୀତିଜ୍ଞ, ଯିଏ ଏବେ ସକ୍ରିୟ ଥିବାର ଦାବି କରୁଥିଲେ ମଧ୍ୟ ଜନତା ତାଙ୍କୁ ଭୁଲି ସାରିଥିଲେ। ସେ ଘଟଣାର ସମସ୍ତ ଦିଗର ତର୍ଜମା କରିବା ପାଇଁ ନିଯୁକ୍ତ କମିଟି ଉପଯୁକ୍ତ ଟିଏଡିଏ ନେଇ ଏକ ପଞ୍ଚତାରକା ହୋଟେଲର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରେ ବସି ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ସମାପନାନ୍ତେ ନିଜର ସାତ ପୃଷ୍ଠା ବ୍ୟାପୀ ମତାମତ ଏକମାସ ମଧ୍ୟରେ ପେଶ୍ କରିଥିଲେ।

ସେମାନଙ୍କ ମତର ସାରମର୍ମ ଥିଲା, କୁକୁରର ନାମ ପରିବର୍ତ୍ତନ କରିବା ସବୁଠୁ ସମୀଚୀନ ପ୍ରସ୍ତାବ। ଯଦି କୁକୁର ଅନ୍ୟ କୌଣସି ନାମ ଗ୍ରହଣ କରିବାକୁ ଅମଙ୍ଗ ହେଉଛି, ତାକୁ ବିଶିଷ୍ଟ ପଶୁ ମନୋବୈଜ୍ଞାନିକଙ୍କ ତତ୍ତ୍ୱାବଧାନରେ ମାନସିକ ଚିକିତ୍ସା କରାଯାଉ।

ମୁଖ୍ୟମନ୍ତ୍ରୀ ରିପୋର୍ଟଟିକୁ ପଢ଼ି ଫାଇଲ୍ ତଳେ ଚାପି ଦେଇଥିଲେ। ଏବଂ ତାହା ଅନ୍ୟାନ୍ୟ ଅନେକ ଚାପି ହୋଇପଡ଼ିଥିବା ଫାଇଲ୍ ଭଳି ନିଷ୍କ୍ରିୟ ହୋଇଯିବ ବୋଲି ଆଶା ରଖିଥିଲେ। ମାତ୍ର ତାହା ହେଲାନାହିଁ। ଅଚାନକ ଗୋୟେନ୍ଦା ବିଭାଗ ପୁଣି ଏକ ଚାଞ୍ଚଲ୍ୟକର ଖବର ଦେଲେ ଏବଂ ତାହା ହେଲା ଏଇ ଘଟଣାକୁ ନେଇ ଆତ୍ମାହୂତି ଧମକ ଦେଇଥିବା ଶ୍ରୀମାନ ପବନ ଦାସ ବିରୋଧୀଦଳ ନେତାଙ୍କ ସହ ସାମିଲ୍ ହୋଇଯାଇଛନ୍ତି।

ମୁଖ୍ୟମନ୍ତ୍ରୀ ପଚାରିଲେ: ସେମାନେ କ'ଣ କରିବେ ବୋଲି ବିଚାରୁଛନ୍ତି।

ଗୋୟେନ୍ଦା ବିଭାଗ ମୁଖ୍ୟ କହିଲେ: ଏଇ ଘଟଣାକୁ ଇସ୍ୟୁକରି ସେମାନେ ଆନ୍ଦୋଳନ ଆରମ୍ଭ କରିଦେଇପାରନ୍ତି।

ମୁଖ୍ୟମନ୍ତ୍ରୀ ପଚାରିଲେ: କାହିଁକି ? ରାଜ୍ୟରେ କ'ଣ ଇସ୍ୟୁର ଅଭାବ ହୋଇଛି ଯେ ଏଇ ସାମାନ୍ୟ କଥାକୁ ନେଇ ଆନ୍ଦୋଳନ ହେବ ?

ଗୋୟେନ୍ଦା ମୁଖ୍ୟ କହିଲେ: ସାର୍ ! ରାଜ୍ୟରେ ବନ୍ୟା, ବାତ୍ୟା, ମରୁଡ଼ି, ଦାରିଦ୍ର୍ୟ, ଦୁର୍ନୀତି ଭଳି ସବୁ ଇସ୍ୟୁ ଭରି ରହିଛି। ମାତ୍ର ଏସବୁ ଏତେ ଦିହଘଷରା ହେଇଗଲାଣି ଯେ ସାଧାରଣ ଜନତା ଆନ୍ଦୋଳନ ଡାକରାକୁ ଆଡ଼ ଆଖିରେ ଚାହୁଁନାହାନ୍ତି। ଲୋକଙ୍କର ଲୋଡ଼ା ନୂଆ ଗୋଟେ ଇସ୍ୟୁ। ଯାହା ମନେହେଉଛି ଏଇ ଇସ୍ୟୁଟା ବେଶ୍ ଅଭିନବ ଅଛି ଓ ଲୋକେ ଆକୃଷ୍ଟ ହୋଇପାରନ୍ତି।

ମୁଖ୍ୟମନ୍ତ୍ରୀ ଭାଙ୍ଗିପଡ଼ିଲେ।

ସେ ଏତେ ଶୀଘ୍ର ଭାଙ୍ଗି ପଡ଼ନ୍ତି ନାହିଁ। ରାଜ୍ୟରେ ଅନେକ କଥା ଆସିଛି, ବାତ୍ୟା ଆସିଛି, ମରୁଡ଼ି ଆସିଛି, ସେ ଭାଙ୍ଗି ପଡ଼ିନାହାନ୍ତି। ତାଙ୍କ ସରକାର ସଂଖ୍ୟାଲଘୁ ହୋଇଯାଇଛି। ସେ ଭାଙ୍ଗିପଡ଼ିନାହାନ୍ତି। ତାଙ୍କ ମନ୍ତ୍ରିମଣ୍ଡଳର ଅର୍ଦ୍ଧେକ ସଦସ୍ୟ ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି, ସେ ଭାଙ୍ଗିପଡ଼ି ନାହାନ୍ତି। ରାଜ୍ୟରେ ଅନେକ ଆନ୍ଦୋଳନ ମୁଣ୍ଡଟେକିଛି ସେ ଭାଙ୍ଗିପଡ଼ି ନାହାନ୍ତି। କିନ୍ତୁ ଏବେ କାହିଁକି କେଜାଣି ତାଙ୍କୁ ଭାରି ଡର ଲାଗିଲା।

ସେ ବେଶ୍ ଭାରି ଗଳାରେ କହିଲେ: କ'ଣ କରିବା ବୋଲି କହୁଛନ୍ତି ?

ଗୋୟେନ୍ଦା ମୁଖ୍ୟ କହିଲେ: ଏକ୍ସପର୍ଟ କମିଟି ଯେଉଁ ରିପୋର୍ଟ ଦେଇଛନ୍ତି ତାକୁ ଆଧାର କରି କୁକୁରର ନାମ ପରିବର୍ତ୍ତନ କରାଯାଉ।

ମୁଖ୍ୟମନ୍ତ୍ରୀ କହିଲେ: କିନ୍ତୁ କୁକୁରର ନାମ ପରିବର୍ତ୍ତନ କରି କ'ଣ ନୂତନ ନାମ ରଖିବା। ଯାହା ନାମ ଦେଲେ ବି ସେଇ ନାଆଁରେ କିଏ ଗୋଟେ ଥିବ ଓ ସେ ପୁଣି ଆସି ଅଭିଯୋଗ ବାଢ଼ିବ।

ଗୋୟେନ୍ଦା ମୁଖ୍ୟ କ୍ଷଣେ ଚିନ୍ତା କଲେ।

କହିଲେ: ଆମେ ତାକୁ ମଣିଷର ନାମ ଦେବା ନାହିଁ ସାର୍! ଅନ୍ୟ ଯେ କୌଣସି ନାମ ଦେଇଦେବା।

ମୁଖ୍ୟମନ୍ତ୍ରୀଙ୍କ ମୁହଁ ଉଜ୍ଜ୍ୱଳ ଦିଶିଲା। ଗୋୟେନ୍ଦା ମୁଖ୍ୟଙ୍କ ପ୍ରସ୍ତାବ ତାଙ୍କୁ ଯୁକ୍ତିସଂଗତ ଓ ସମୟୋପଯୋଗୀ ମନେହେଲା। ସେ ପ୍ରଶଂସାରେ କାର୍ପଣ୍ୟ କଲେନାହିଁ।

କହିଲେ: ଉତ୍ତମ ! ଅତି ଉତ୍ତମ ପ୍ରସ୍ତାବ। ଆପଣ ଦୁଇ ଚାରିଟା ନାମର ପରାମର୍ଶ ଦିଅନ୍ତୁ। ଯାହା କେବେ କୌଣସି ମଣିଷର ହୋଇ ନ ଥିବ କିମ୍ବା ଭବିଷ୍ୟତରେ ମଧ୍ୟ କୌଣସି ମଣିଷର ହେବନାହିଁ।

ଗୋୟେନ୍ଦା ବିଭାଗର ମୁଖ୍ୟ ଚିନ୍ତିତ ଓ ଭାରାକ୍ରାନ୍ତ ଦିଶିଲେ। ସେ ଅନେକ ଗୁଡ଼ିଏ ଭାବିଗଲେ। ମାତ୍ର କିଛି ଥଳକୂଳ ମିଳିଲାନି। ମଣିଷର ନାମ ହୋଇ ନ ଥିବ କିମ୍ବା ଭବିଷ୍ୟତରେ କୌଣସି ମଣିଷ ସେଇ ନାମ ନେଇ ପାରିବନି। କ'ଣ ହୋଇପାରେ ଶବ୍ଦଟା ? କ'ଣ ହୋଇପାରେ ନାମଟା ?

ଭାରାକ୍ରାନ୍ତ ମନ ନେଇ ସେ ଘରକୁ ଗଲେ ଓ ତାଙ୍କଠୁଁ ସବୁକଥା ଶୁଣି ପତ୍ନୀ ଓ ପିଲାମାନେ ମଧ୍ୟ ଚିନ୍ତାମଗ୍ନ ହେଲେ। ଏହା ଏକ ଜାତୀୟ ସମସ୍ୟା ଥିଲା। ତେଣୁ ସେଥିରେ ସାମିଲ ହେବାପାଇଁ ପତ୍ନୀ ନ୍ୟାୟୋଚିତ ଭାବରେ ହକଦାର ଥିଲେ। ସେ ନାମ ଖୋଜିବାକୁ ଲାଗିଲେ। ସମସ୍ତ ସମ୍ଭାବ୍ୟ ନାମକୁ ପରଖିଲେ। କ'ଣ ସେଇ ନାମଟି ଯାହା କେବେ ବି କୌଣସି ମଣିଷ ରଖିପାରିବ ନାହିଁ। କ'ଣ ସେଇ ନାମଟି ? କ'ଣ ? କ'ଣ ? କ'ଣ ?

ରାତିପାହି ସକାଳ ହେଲା। ସକାଳ ପୁଣି ହେଲା ସନ୍ଧ୍ୟା। ଘରେ ବାପା ମା' ପୁଅ ଝିଅ ବସିରହି କେବଳ ଚିନ୍ତା କରୁଥିଲେ। ମାତ୍ର କୌଣସି ସିଦ୍ଧାନ୍ତରେ ପହଞ୍ଚିପାରୁ ନ ଥିଲେ।

ସନ୍ଧ୍ୟା ବେଳକୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଫୋନ୍ ଆସିଲା।

ମୁଖ୍ୟମନ୍ତ୍ରୀ ନିଜେ ଫୋନ୍ କରିଥିଲେ।

ପଚାରିଲେ: ଆପଣ ଦିନସାରା କୁଆଡ଼େ ଗଲେ ?

ମୁଖ୍ୟମନ୍ତ୍ରୀଙ୍କ ସ୍ୱରରେ ମାଖି ହୋଇ ରହିଥିଲା ବିରକ୍ତି।

ଗୋୟେନ୍ଦା ମୁଖ୍ୟ କହିଲେ: ମୁଁ ଡିୟୁଟି ଉପରେ ଅଛି ସାର୍ !

ମୁଖ୍ୟମନ୍ତ୍ରୀ ପଚାରିଲେ: ଡିୟୁଟି ଉପରେ ? ଘରେ ବସି କି ଡିୟୁଟି କରୁଛନ୍ତି ଆପଣ ?

:ଦିନସାରା ମୁଁ ଭାବୁଚି ସାର୍ !

:କ'ଣ ଭାବୁଛନ୍ତି ?

:ଭାବୁଚି କ'ଣ ନାମ ଦିଆଯିବ କୁକୁରର !

:ଆଉ ଭାବନ୍ତୁ ନାହିଁ।

:କାହିଁକି ସାର୍ !

:ନାମ ମିଳିସାରିଲାଣି।

:ନାମ ମିଳିସାରିଲାଣି !

:ହଁ ! ନାମ ମିଳିଗଲା।

:କୋଉ ଗୁଣୀଜ୍ଞାନୀ ଏ ଅସାଧ୍ୟ ସାଧନ କରିପାରିଲା ସାର୍ !

:କିଏ ଆଉ ? ଆମ ରୋଷେଇଆ। ସେ ନାମଟା ପ୍ରସ୍ତାବ ଦେଲା ଓ ମୁଁ ତାକୁ ପସନ୍ଦ କଲି।

:କେଉଁ ନାମ ସ୍ଥିର ହେଲା ସାର୍ !

:ଆପଣ ତୁରନ୍ତ ଆସନ୍ତୁ। ଆସିଲେ ଜାଣିବେ।

ମୁଖ୍ୟମନ୍ତ୍ରୀ ଫୋନ୍ ରଖିଦେଲେ।

ଗୋୟେନ୍ଦା ମୁଖ୍ୟ ରାଗିଗଲେ ଭିତରେ ଭିତରେ। ମାତ୍ର କ୍ରୋଧ ପ୍ରକାଶ କଲେନାହିଁ। ଭାବିଲେ ଯଦି ସମ୍ଭବ ହୁଅନ୍ତା ତେବେ ସେ ରୋଷେଇଆକୁ ଗୁଳିମାରି ଉଡ଼େଇ ଦିଅନ୍ତେ। ତାଙ୍କ ପରି ଉଚ୍ଚ ପଦବୀଧାରୀ ସାରାରାତି ସାରାଦିନ ଭାବି ଭାବି ବିତାଇ ଦେଲା ଅଥଚ ଆଇଡିଆଟା ଆସି ଓହ୍ଲାଇଲା ସାମାନ୍ୟ ରୋଷେଇଆର ମଗଜରେ।

ସେ ଘର ଭିତରେ ଚିତ୍କାର କରି କହିଲେ: ଥାଉ ହେ ଥାଉ ! ଆଉ କେହି

କୌଣସି ଚିନ୍ତା କରନାହିଁ। ସିଆଡ଼େ ନାମ ମିଳିସାରିଲାଣି। ଉଠ ! ଯାଅ ! ରୋଷେଇବାସ କର। ଖାଅ, ପିଅ, ସାଷ୍ଟମ ହୁଅ।

ପତ୍ନୀ ଅସନ୍ତୁଷ୍ଟ ହେଲେ। ଯେମିତିକି ଏଇ ଭାବିବାଟା ଯୋଗ୍ୟ କର୍ମଟିଏ ଥିଲା। ଉଠିବା, ରୋଷେଇ ଘରକୁ ଯିବା ବା ଖାଇବା ପିଇବା ନ୍ୟୁନ ଧରଣର କାର୍ଯ୍ୟ।

ପତ୍ନୀ ପଚାରିଲେ: କ'ଣ ତେବେ ସ୍ଥିର ହେଲା ନାମଟା ?

ଗୋୟେନ୍ଦା ମୁଖ୍ୟ କହିଲେ: ସେ କଥା ମୁଁ କେମିତି ଜାଣିଲି ? ସାର୍ ଜାଣିଥିବେ। ପତ୍ନୀ ମୁହଁ ଛିଞ୍ଚାଡ଼ି କହିଲେ: ତୁମେ ଏତେ ସମୟ ଧରି ତାଙ୍କ ସାଙ୍ଗରେ କଥା ହେଲଟି। ପଚାରି ବୁଝିଲନି।

ଗୋୟେନ୍ଦା ମୁଖ୍ୟ କହିଲେ: ମୁଁ ପଚାରିଥିଲି। କିନ୍ତୁ ସେ କହିଲେନି। ଏଥିରେ ମୁଁ କ'ଣ କରିବି ?

ପତ୍ନୀ ଆହୁରି ଅଖୁସୀ ଓ ବିରକ୍ତିର ସ୍ୱରରେ କହିଲେ: ତୁମ ଦ୍ୱାରା କୋଉ କାମଟା ଆଉ ଠିକ୍ ଭାବରେ ହେଲା କି ?

ଗୀତରେ ଯେମିତି ଗୋଟାଏ ଘୋଷା ଥାଏ ତାହା କେଇ ପଦ ପରେ ବାରମ୍ବାର ଆସିଥାଏ, ସେମିତି ପତ୍ନୀଙ୍କର ଏଇ ଶେଷ ଡାଇଲଗ୍‌ଟି ବାରମ୍ବାର ଆସିଥାଏ ସବୁ ଆଲୋଚନା ବା କଥାର ମଝିରେ ମଝିରେ। ଗୋୟେନ୍ଦା ମୁଖ୍ୟ ବୁଝିପାରନ୍ତି ଏଇ ଘୋଷାଟି ଆସିଗଲା ପରେ କଥୋପକଥନକୁ ଶେଷ କରି ଦେବାକୁ ହେବ ଓ ପୁଣିଥରେ ଅନ୍ୟ ସମୟରେ ଅନ୍ୟ ପ୍ରସଙ୍ଗରେ ଏଇ ଘୋଷାଟି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ।

ଗୀତରେ ଘୋଷା ଆସିଗଲେ ଯେମିତି ପରବର୍ତ୍ତୀ ପଦଟି ଆସିବା ପର୍ଯ୍ୟନ୍ତ କେବଳ କିଛି ସମୟ ପାଇଁ ବାଦ୍ୟଯନ୍ତ୍ର ବାଜେ, ସେମିତି ଭାଷଣରେ ଏଇ ଘୋଷାଟି ଆସିଗଲା ପରେ ସେ ନିରବ ହୋଇଯାଆନ୍ତି, ଘରସାରା ନିରବତା ଛାଇଯାଏ କିଛି ସମୟ।

ଗୋୟେନ୍ଦା ମୁଖ୍ୟ ଉଠିଲେ। ବାଥ୍‌ରୁମ୍‌କୁ ଗଲେ। ଫ୍ରେସ୍ ହେଲେ। ପୋଷାକପତ୍ର ପିନ୍ଧିଲେ ଓ ସିଧା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଦିଗରେ ବାହାରିଗଲେ।

ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ କୁକୁରର ନାମ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା। ବାସଭବନର ଲନ୍‌ରେ କୁକୁର ଗୋଟେ ଚେୟାରରେ ବସି ରହିଥିଲା। ତା' ସାମ୍ନାରେ ବିପୁଳ ପରିମାଣରେ ଆମିଷ ଜାତୀୟ ଖାଦ୍ୟ ଥୁଆ ହୋଇଥିଲା। ତା'ର

ଦୁଇ ପାଖରେ ଦୁଇ ଜଣ ବରିଷ୍ଠ ପଶୁଡାକ୍ତର ଠିଆ ହୋଇଥିଲେ। ଜଣେ ବିଶିଷ୍ଟ ପଶୁ ମନସ୍ତତ୍ତ୍ୱବିଦ ଆଖିବୁଜି କ'ଣ ଚିନ୍ତା କରୁଥିଲେ। ସଚିବ ଠିଆ ହୋଇଥିଲେ ମୁଖ୍ୟମନ୍ତ୍ରୀଙ୍କ ପଛରେ ଓ ସମସ୍ତଙ୍କ କାର୍ଯ୍ୟକୁ ପର୍ଯ୍ୟାୟକ୍ରମେ ଚାହୁଁଥିଲେ।

ମୁଖ୍ୟମନ୍ତ୍ରୀ କୁକୁର ପାଖରେ ଅନ୍ୟ ଏକ ଚେୟାରରେ ବସି ତାକୁ ବୁଝେଇବାକୁ ଚେଷ୍ଟା କରୁଥିଲେ ଓ କୁକୁର ଜଣେ ବିଜ୍ଞ ମଣିଷ ପରି ମୁଣ୍ଡ ହଲାଉଥିଲା। ଅବଶ୍ୟ ଦୃଶ୍ୟଟିକୁ ଦେଖିଲେ ଯେ କେହି ସହଜରେ ଅନୁମାନ କରିନେଇପାରିବ ଯେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ହିତାର୍ଥେ ସମସ୍ତ ପଦକ୍ଷେପ ନେବା ପୂର୍ବରୁ ନିଶ୍ଚୟ କୁକର ସହିତ ପରାମର୍ଶ କରନ୍ତି।

ମୁଖ୍ୟମନ୍ତ୍ରୀ ବୁଝାଉଥିଲେ: ମୁଁ ଜାଣେ, ତୋର ପବନ ନାମଟି ପ୍ରିୟ। ଏବଂ ତୁ ଏଇ ନାମଟିକୁ ଛାଡ଼ିବାକୁ ପ୍ରସ୍ତୁତ ନୋହୁଁ। ମାତ୍ର କ'ଣ କରିବା ? ଦେଶ ପାଇଁ, ଜାତି ପାଇଁ ଏଇତକ ସାମାନ୍ୟ ତ୍ୟାଗ କରିବାକୁ ପଡ଼ିବ। ନୋହିଲେ ସବୁ ଭାଙ୍ଗି ଛାରଖାର ହୋଇଯିବ। ତା'ଛଡ଼ା ଆଉ ଉପାୟ କ'ଣ ଅଛି। ସେକ୍ସପିଅର ପରା କହିଛନ୍ତି ଗୋଲାପର ନାମ ଗୋଲାପ ନ ହୋଇ ଆଉ ଯାହା ହୋଇଥିଲେ ବି ଭଲ ଲାଗିଥାନ୍ତା। ମୁଁ ମଧ୍ୟ ବିଭିନ୍ନ ସଭାସମିତିରେ କହିଛି ମହାତ୍ମାଗାନ୍ଧୀଙ୍କ ନାମ ଗାନ୍ଧୀ ନ ହୋଇ ଆଉ ଯାହା ହୋଇଥିଲେ ବି ସେ ଦେଶ ପାଇଁ ସ୍ୱାଧୀନତା ଆଣିଥାନ୍ତେ ଓ ଜାତିର ଜନକ ହୋଇଥାନ୍ତେ।

ମୁଁ ତୋ ସାମ୍ନାରେ ଡିକ୍ସନାରୀର ସବୁ ଓଡ଼ିଆ ଶବ୍ଦ ପଢ଼ିଛି, କିନ୍ତୁ ତୋର କୌଣସି ଶବ୍ଦପସନ୍ଦ ହୋଇନାହିଁ। ଶେଷରେ ପବନ ନାମ ପାଖରେ ତୁ ସମ୍ମତି ଜଣାଇଲୁ ଓ ତୋର ନାମ ପବନ ହେଲା । ଏବେ ଏଇ ନାମକୁ କେନ୍ଦ୍ରକରି ସଂକଟ ସୃଷ୍ଟି ହୋଇଛି ଓ ସରକାର ଭାଙ୍ଗଯିବାର ସମ୍ଭାବନା ଦେଖା ଦେଇଛି। ଏକ୍ସପର୍ଟ କମିଟିର ମତ ଅନୁସାରେ ତୋର ନାମ ବଦଳାଇବାକୁ ପଡ଼ିବ ଓ ମୋର ବିଶ୍ୱାସ ତୁ ନାମ ପରିବର୍ତ୍ତନକୁ ସ୍ୱାଗତ କରିବୁ। ଆଜିଠୁଁ ତୋର ନୂତନ ନାମ ହେଲା...।'

ମୁଖ୍ୟମନ୍ତ୍ରୀ ଟିକେ ଅଟକିଗଲେ।

କୁକୁର ପ୍ରଶ୍ନୀଳ ଦୃଷ୍ଟିରେ ତାଙ୍କୁ ଚାହିଁଲା।

ସମବେତ କର୍ମଚାରୀ, ବିଶେଷଜ୍ଞ, ଚିକିତ୍ସକ ତଥା ଅଧିକାରୀଗଣ ଉତ୍ସୁକ ଦିଶିଲେ।

ମୁଖ୍ୟମନ୍ତ୍ରୀ କହିଲେ: ବହୁ ବିଚାର ବିମର୍ଷ ପରେ ଏଇ ନାମ ଆମେ ପାଇଛୁ।

ଆମେ ବିଶ୍ୱାସ କରୁଛୁ ଯେ ଏଇ ନାମଟିକୁ କେବେ କୌଣସି ମଣିଷ ନେବ ନାହିଁ ଓ ଭବିଷ୍ୟତରେ ଏଇ ଧରଣର ପରିସ୍ଥିତି ସୃଷ୍ଟି ହେବନାହିଁ। ତୁମେ ଏଇ ନାମ ଧାରଣ କରି ଜୀବନର ଶେଷ ପର୍ଯ୍ୟନ୍ତ ସୁଖରେ ଜିଇ ପାରିବ । ତୁମର ନୂତନ ନାମ ହେଲା... ।

କୁକୁର ଅସନ୍ତୁଷ୍ଟ ଦିଶିଲା। ତା'ର ନିଶ ଫୁଲି ଉଠିଲା। ଆଖି ବଡ଼ ବଡ଼ ହୋଇଗଲା। କାନ ଗୋଜିଆ ହୋଇ ଆସିଲା। ସେ ପାଟି ଆଁ କଲା । ତା'ର ବିକଟାଳ ଦାନ୍ତସବୁ ଦେଖାଇଲା। ସେ ମୁଣ୍ଡ ଦୋହଲାଇଲା। ଅର୍ଥାତ୍ ଏ ପ୍ରସ୍ତାବରେ ସେ ଏକମତ ନୁହେଁ।

ମୁଖ୍ୟମନ୍ତ୍ରୀ ଆଉ କ'ଣ କହିବାକୁ ଯାଉଥିଲେ। ଆଉ କ'ଣ ସବୁ ବୁଝାଇବାକୁ ଚାହୁଁଥିଲେ।

ମାତ୍ର ତାଙ୍କୁ ତଥା ସମସ୍ତଙ୍କୁ ବିସ୍ମିତ କରି କୁକୁର ଏକ ଦୀର୍ଘ ଲମ୍ଫ ଦେଲା ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନର ପାଚେରୀ ଡେଇଁ ବାହାରେ ପଡ଼ିଲା। ସେ ଏପରି ହଠାତ୍ ଡେଇଁ ପଡ଼ିବ ବୋଲି କାହାରି ଅନୁମାନରେ ମଧ୍ୟ ନ ଥିଲା। ଏବଂ ତାହା ଅସମ୍ଭବ ବି ଥିଲା।

ଅଧିକାରୀଗଣ ବ୍ୟାକୁଳ ହୋଇ ଗେଟ୍ ଖୋଲି ବାହାରକୁ ଦୌଡ଼ି ଆସିଲେ। ମାତ୍ର ସେଠାରେ କୋଉଠି ହେଲେ କୁକୁରର ପତ୍ତା ନ ଥିଲା।

ଏହାପରେ କୁକୁରକୁ ଖୋଜିବାକୁ ବହୁତ ଉଦ୍ୟମ କରାଯାଇଥିଲା। ମାତ୍ର ସବୁ ବିଫଳ ହେଲା। ତା'ର କୌଣସି ସନ୍ଧାନ ମିଳିଲା ନାହିଁ। ତେବେ ସ୍ଥାନୀୟ ଖବରକାଗଜମାନଙ୍କରେ ବିଜ୍ଞାପନ ପ୍ରକାଶ ପାଇଥିଲା ଯେ ମୁଖ୍ୟମନ୍ତ୍ରୀଙ୍କ ପ୍ରିୟ କୁକୁରଟି ହଜି ଯାଇଛି। ସନ୍ଧାନ ଦେଲେ ଉପଯୁକ୍ତ ପୁରସ୍କାର ଦିଆଯିବ। ତେବେ ଉକ୍ତ ବିଜ୍ଞାପନରେ କୁକୁରର ନାମ ପ୍ରକାଶ ପାଇ ନ ଥିଲା। ବିରୋଧୀଦଳ ପକ୍ଷରୁ ଆୟୋଜିତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ବାତିଲ କରିଦିଆଗଲା, ରାଜ୍ୟରେ କିଛି ବସ୍ ପୋଡ଼ା ହେବାରୁ, କିଛି ଲୋକ ଲାଠିମାଡ଼ରୁ, କିଛି ସରକାରୀ କାର୍ଯ୍ୟାଳୟ ଭଙ୍ଗାରୁଜା ହେବାରୁ ରକ୍ଷା ପାଇଗଲେ। ଏହି ପ୍ରସଙ୍ଗକୁ ଲୋକଲୋଚନକୁ ଆଣିଥିବା, 'କୁକୁର ବଡ଼ ନା ମଣିଷ ବଡ଼' ସ୍ଲୋଗାନ ଦେଇଥିବା ଶ୍ରୀମାନ ପବନ ସ୍ୱସ୍ଥାନକୁ ଫେରିଗଲେ। ତେବେ ଯେଉଁ କତିପୟ ଯୁବକ ନିଜ ନାମ ପରିବର୍ତ୍ତନ କରି ପବନ ରଖିଥିଲେ ବୋଲି ଗୋୟେନ୍ଦା ରିପୋର୍ଟ ମିଳିଥିଲା, ସେମାନଙ୍କ ସଂପର୍କରେ ଆଉ କୌଣସି ରିପୋର୍ଟ

ଗୋୟେନ୍ଦା ଫାଇଲ୍‌ରେ ଉଠି ନ ଥିଲା।

ଯଦିଓ ରାଜ୍ୟରେ ପୂର୍ବପରି ବନ୍ୟା, ବାତ୍ୟା ଓ ମରୁଡ଼ି ଲାଗିରହିଥିଲା, ଦାରିଦ୍ର୍ୟ ଓ ଦୁର୍ନୀତି ବ୍ୟାପୀ ରହିଥିଲା ଓ ସଚିବାଳୟରେ ଫାଇଲ୍ ସଂଖ୍ୟା ବଢ଼ିବାରେ ଲାଗିଥିଲା, ପ୍ରାୟତଃ ମୁଖ୍ୟମନ୍ତ୍ରୀଙ୍କ କୁକୁର ସମ୍ପର୍କରେ ଆଲୋଚନା ହେଉ ନ ଥିଲା। ଚା'ଖଟିରେ ଅନ୍ୟ ପ୍ରସଙ୍ଗ ସବୁ ସ୍ଥାନ ଅଧିକାର କରି ନେଇଥିଲା। ଯଦିଓ ଜଣେ ଅଧେ ତଥ୍ୟାଭିଜ୍ଞ ସାମ୍ବାଦିକ ମୁଖ୍ୟମନ୍ତ୍ରୀଙ୍କ ଭୁଲ୍ ନିଷ୍ପତ୍ତିର ସମାଲୋଚନା କରି ଲେଖୁଥିଲେ ଯେ ତାଙ୍କ ପ୍ରିୟ କୁକୁରଟି ନ ଥିବାରୁ ମୁଖ୍ୟମନ୍ତ୍ରୀ ଠିକ୍ ନିଷ୍ପତ୍ତି ନେଇପାରୁ ନାହାନ୍ତି। ସାଧାରଣ ଜନତା ତାକୁ ଗୁରୁତ୍ୱର ସହିତ ନେଇ ନ ଥିଲେ।

ଆପାତତଃ କୁକୁରର କାହାଣୀ ଲୋକମାନେ ଭୁଲିବାକୁ ଆରମ୍ଭ କରିଥିଲେ। ଭୁଲିଯିବା ଉଚିତ ଥିଲା। କାରଣ ଲୋକମାନେ ମନେରଖିଛନ୍ତି ବୋଲି ଖବର ପାଇଲା ମାତ୍ରେ ଖବରକାଗଜର ସାମ୍ବାଦିକମାନେ 'କୁକୁର ବିନା ମୁଖ୍ୟମନ୍ତ୍ରୀଙ୍କ ଅବସ୍ଥା', 'କୁକୁରର ଅନ୍ତର୍ଦ୍ଧାନରେ କାହାର ହାତ', 'କୁକୁରର ଅବର୍ତ୍ତମାନରେ ଗୋଟିଏ ମାସ' ଇତ୍ୟାଦି ପ୍ରଚ୍ଛଦ କାହାଣୀ ପ୍ରସ୍ତୁତ କରି ଖବରକାଗଜର ପୃଷ୍ଠା ଭର୍ତ୍ତି କରିବାର ବ୍ୟାପକ ସମ୍ଭାବନା ଥିଲା। କିଛି ଚିନ୍ତାଶୀଳ ଲୋକ 'ମୁଖ୍ୟମନ୍ତ୍ରୀ କୁକୁର ରଖିପାରିବେ ନାହିଁ', 'କୁକୁରର ନାମକରଣ କିପରି ହେବା ଉଚିତ', 'ଏକ ହଜାର ଏକ କୁକୁର ନାମ' ଇତ୍ୟାଦି ପ୍ରବନ୍ଧ ରଚନାରୁ ତେଣୁ ନିବୃତ୍ତ ହୋଇଥିଲେ।

ତେବେ କିଛିଦିନ ପରେ ଗୋୟେନ୍ଦା ବିଭାଗ ମୁଖ୍ୟମନ୍ତ୍ରୀଙ୍କୁ ଏକ ଗୋପନ ତଥା ଚାଞ୍ଚଲ୍ୟକର ସମ୍ବାଦ ଦେଲେ। ସମ୍ବାଦଟି ଏହିପରି ଯେ ରାଜ୍ୟରେ ଜଣେ ଲୋକ ଗୋଟେ କୁକୁର ପାଳିଛି, ଯାହାର ନାମ ଦେଇଛି 'ପ୍ରତାପ ସିଂ'।

ମୁଖ୍ୟମନ୍ତ୍ରୀ କହିଲେ: ପାଳୁ! ଆମର କ'ଣ ଗଲା ?

ସଚିବ ବୁଝାଇଲେ: ସାର୍! ବିରୋଧୀଦଳବାଲା ଇସ୍ୟୁ କରିଦେଇପାରନ୍ତି।

ଖବରକାଗଜବାଲା ମୁଖ୍ୟ ସମ୍ବାଦ କରିଦେଇପାରନ୍ତି।

ମୁଖ୍ୟମନ୍ତ୍ରୀ ପଚାରିଲେ: କିପରି ?

ସଚିବ ବୁଝାଇଲେ: ବିରୋଧୀଦଳବାଲା ପ୍ରଚାର କରିଦେଇପାରନ୍ତି ଯେ ରାଜ୍ୟବାସୀ ଏତେ ବୀତସ୍ପୃହ ହେଲେଣି ମୁଖ୍ୟମନ୍ତ୍ରୀଙ୍କ ଉପରେ ଯେ ସେମାନେ ତାଙ୍କ ନାମରେ କୁକୁର ବି ପାଳିଲେଣି। ସମ୍ବାଦପତ୍ରବାଲା ମୁଖ୍ୟ ସମ୍ବାଦ କରିଦେଇପାରନ୍ତି ''ମୁଖ୍ୟମନ୍ତ୍ରୀଙ୍କ ନାମରେ କୁକୁର ପାଳନ''। ଏହା ଦ୍ୱାରା ଆପଣଙ୍କ ସମ୍ମାନ,

ଲୋକଚକ୍ଷୁରେ ଆପଣଙ୍କ ଇମେଜ୍ କ'ଣ ହେବ ଭାବି ପାରୁଛନ୍ତି ତ ?

ମୁଖ୍ୟମନ୍ତ୍ରୀ ଅସହାୟ ଦିଶିଲେ।

ପଚାରିଲେ: କ'ଣ କରିବା ତେବେ ?

ଗୋୟେନ୍ଦା ମୁଖ୍ୟ କହିଲେ: ସେ କୁକୁରର ମାଲିକକୁ ଧରିଆଣିବାକୁ ହେବ। ତାକୁ ବାଧ୍ୟ କରିବାକୁ ହେବ ଯେ ସେ କୁକୁରର ନାମ ପରିବର୍ତ୍ତନ କରୁ। ଏ ସମ୍ପର୍କରେ ବାହାରେ ପ୍ରଘଟ ହେବା ପୂର୍ବରୁ, ସାମ୍ବାଦିକମାନେ ସୂଚନା ପାଇବା ପୂର୍ବରୁ ନାମ ପରିବର୍ତ୍ତନ ହେବା ନିହାତି ଜରୁରୀ।

ମୁଖ୍ୟମନ୍ତ୍ରୀ ସମ୍ମତି ଜଣାଇଲେ: ଠିକ୍ ଅଛି। ତାହା ହିଁ ହେଉ।

କୁକୁର ପାଳକକୁ ଧରି ଅଣାଗଲା ମୁଖ୍ୟମନ୍ତ୍ରୀଙ୍କ ସାମ୍ନାକୁ। ଗୋୟେନ୍ଦା ବିଭାଗ ମୁଖ୍ୟ ତାକୁ ସବୁ ବୁଝାଇଲେ, ତାକୁ ନାନା ଧମକଚମକ ବି ଦିଆଗଲା। ସେ ଥିଲା ରାଜ୍ୟର ଜଣେ ସ୍ୱଳ୍ପ ବେତନଭୋଗୀ କର୍ମଚାରୀ।

ଶେଷରେ ଲୋକଟି କାନ୍ଦୁଣୁ ମାନ୍ଦୁଣୁ ହୋଇ କହିଲା: ଆଜ୍ଞା ! ମୁଁ ତାକୁ ବହୁ ପ୍ରକାର ନାମ ଦେଇଛି। କିନ୍ତୁ ସେ ଶୁଣୁନାହିଁ। ତାକୁ ଦିନେ ପ୍ରତାପ ସିଂ ବୋଲି କହିଲି, ସେ ଶୁଣିଲା, ଡେଇଁଲା, କୁଦିଲା। ଏପରିକି ହସିଲା। ଆପଣ ହୁଏତ ବିଶ୍ୱାସ କରିବେନି। କିନ୍ତୁ ସେଇ ନାମ ଛଡ଼ା ସେ ଅନ୍ୟ କୌଣସି ନାମ ନେବା ପାଇଁ ରାଜି ନୁହେଁ।

ମୁଖ୍ୟମନ୍ତ୍ରୀ କହିଲେ: ଆଶ୍ଚର୍ଯ୍ୟ ! ଆପଣଙ୍କ କୁକୁର ତ ବେଶ୍ ବିଜ୍ଞ ! ମୁଁ ତାକୁ ଦେଖିବାକୁ ଚାହେଁ।

କୁକୁର ଧରା ହେଇ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାକୁ ଆସିଲା।

କୁକୁରକୁ ଦେଖି ମୁଖ୍ୟମନ୍ତ୍ରୀ ଚମକି ପଡ଼ିଲେ। କାରଣ ସେ କୁକୁରଟିକୁ ଚିହ୍ନି ପାରିଥିଲେ। ଏ ଥିଲା ସେଇ କୁକୁର। ଯିଏ ଏକଦା ତାଙ୍କର ପୋଷା ଥିଲା। ନାମ ଥିଲା 'ପବନ' ଏବଂ ସେ ସେଇ ନାମ ଛଡ଼ା ଅନ୍ୟ କୌଣସି ନାମ ଗ୍ରହଣ କରୁ ନ ଥିଲା। ଏବେ କିନ୍ତୁ ତା'ର ନାମ ହୋଇଛି 'ପ୍ରତାପ ସିଂ'। ଯୋଉ ନାମ ଛଡ଼ା ଅନ୍ୟ କୌଣସି ନାମ ଗ୍ରହଣ କରିବାକୁ ସେ ପ୍ରସ୍ତୁତ ନୁହେଁ ଏବେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୁକୁର

କେବେ, କିପରି ଓ କେଉଁମାନଙ୍କ ଉଦ୍ୟମରେ ଏମିତି ଗୋଟେ ପରମ୍ପରା ବା ଧାରା ବା ନିୟମ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବାସଭବନରେ ଆରମ୍ଭ ହୋଇଥିଲା ବା ଚାଲୁ ରହିଥିଲା, ତା'ର ଆଦି ଅନ୍ତ ଅନୁସନ୍ଧାନ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଉଦ୍ଦେଶ୍ୟ ଖୁବ୍ ସରଳ ଓ ସାଧାରଣ ଯେ ଆମେ ସେଇ ପରମ୍ପରା ବା ନିୟମର କଥା କହିବା ଯହିଁରେ ବହୁ ଜନତା ସାମିଲ ହୋଇ, ଏହା ଭଲ ହେଉଛି କି ମନ୍ଦ ହେଉଛି ତାହା କହିବାର ଆଗ୍ରହ ହରାଇବସି, ପରମ୍ପରାକୁ ଚାଲୁରଖି, ଆଗେଇଯାଇ, କାହିଁକି କେଜାଣି ସବୁ କିଛିକୁ ସ୍ୱୀକାର କରି, ଗ୍ରହଣ କରିନେଇ ପୁଣି ଏକ ପରମ୍ପରା ତିଆରି କରିଦେଲେ ଯେ, ଆମ ଲୋକମାନେ କେବଳ ଦେଖିଜାଣନ୍ତି, ସହି ଜାଣନ୍ତି, ବଞ୍ଚିଜାଣନ୍ତି, ପ୍ରତିବାଦ କରି ଜାଣନ୍ତି ନାହିଁ। ମୁହଁରେ ଯେମିତି ତୁଣ୍ଡି ବନ୍ଧା ହେଇଛି, ଛାତି ଉପରେ ଥୁଆ ହେଇଛି ପଥର।

ଅବଶ୍ୟ କଥାଟି ଖୁବ୍ ସାଧାରଣ, ନଗଣ୍ୟ ବା ଆଲୋଚନାର ପ୍ରସଙ୍ଗ ନୁହେଁ, ଅନେକ ଲୋକ ଜାଣି ବି ନାହାନ୍ତି, ଅନେକ ଗୁରୁତ୍ୱ ଦେବାଟା ସମୀଚୀନ ମନେକରି ନାହାନ୍ତି, କାରଣ ଗୁରୁତ୍ୱ ଦେଲେ ହିଁ କଥାଟାର ଗୁରୁତ୍ୱ ବଢ଼ିଯିବ ଓ ଏବେ ଯେମିତି ହେଉଛି ଚାରିଆଡ଼େ, ମିଡ଼ିଆର ଅଭୂତପୂର୍ବ ବିସ୍ଫୋରଣରେ ସାମାନ୍ୟ ଓ ତୁଚ୍ଛ କଥା ସବୁ କାଗଜ ବୋମା ଭଳି, ପବନର ବାଘ ଭଳି ବିଶାଳ ବୁକୁ ଧରି ଠିଆହୋଇ ଯାଉଛନ୍ତି ସାମ୍ନାରେ ଓ ବୁଢ଼ାବୁଢ଼ା ଲୋକମାନେ, ବୁଦ୍ଧିଜୀବୀ ଲୋକମାନେ ଉପେକ୍ଷାରେ କହୁଛନ୍ତି, ସେଥିରେ କିଛି ନାଇଁ ହୋ! ମୂଲ୍ୟହୀନ ଏସବୁ! ମୂଲ୍ୟହୀନ...।

ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଉଦିତ ନାରାୟଣଙ୍କ କୁକୁର ଘରର ଦରଜା ପାଖରେ ଆଖିବୁଜି ଶୋଇଥାଏ ସିନା, କିନ୍ତୁ ସମସ୍ତଙ୍କୁ ସେ ଦେଖିପାରୁଥାଏ ଯେମିତି । ସବୁ ଦିଗକୁ ତା'ର ଅନିଶା ଥାଏ, ଏମିତିକି ପିମ୍ପୁଡ଼ିଟିଏ ସେ ବାଟେ ଗଲେ ସେ ଭୁକେ ଓ ନିଜର ଅସନ୍ତୋଷ ଜାହିର କରି ଗୁଡ଼ାଏ ଗର୍ଜନ ତର୍ଜନ କରେ। ଅର୍ଥାତ୍ ତାକୁ ଏଡ଼େଇ,

ଉପେକ୍ଷା କରି ବା ନଜର ଅନ୍ଦାଜ କରି ଘର ଭିତରକୁ ପ୍ରବେଶ କରିବା ବୃଥା। ସେ କଦାଚ କାହାରିକୁ ଛାଡ଼ିଦିଏ ନାହିଁ।

ଛାଡ଼େ ପୁଣି କେତେବେଳେ ?

ଯେତେବେଳେ ତାକୁ କିଛି ମିଳେ।

ଏକଥା ଯେ ବହୁତ ଆଗନ୍ତୁକ ଜାଣନ୍ତି, ଏମିତି କିଛି କଥାନାଇଁ। କାରଣ ଏ ସଂପର୍କୀୟ କୌଣସି ଘୋଷଣାନାମା ସେଠାରେ ଟଙ୍ଗାଯାଇ ନାହିଁ। ବରଂ ଗୋଟେ ସର୍ବସାଧାରଣ ନୋଟିସ୍‌ରେ, କଳାରଙ୍ଗର ବ୍ୟାକ୍ ଗ୍ରାଉଣ୍ଡରେ ଧଳା ଅକ୍ଷରରେ ଲେଖାଯାଇଛି ଯେ କୌଣସି କାର୍ଯ୍ୟ ପାଇଁ କାହାରିକୁ କିଛି ଅର୍ଥ ବା ଉପହାର ଦିଅନ୍ତୁ ନାହିଁ। କୌଣସି ବ୍ୟକ୍ତି ଏପରି ଦାବି କରୁଥିଲେ, ତାହା ତୁରନ୍ତ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣନ୍ତୁ ଓ ଏକ ଦୁର୍ନୀତିମୁକ୍ତ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସହାୟକ ହୁଅନ୍ତୁ।

ଲୋକମାନେ ତାକୁ ପଢ଼ନ୍ତି କି ନାଇଁ, ପଢ଼ିଲେ ବୁଝନ୍ତି କି ନାଇଁ, ବୁଝିଲେ କାର୍ଯ୍ୟକାରୀ କରନ୍ତି କି ନାଇଁ, ତାହା ଜଣା ନାହିଁ। କାରଣ ସେ ଆଡ଼କୁ କେହି ଚାହୁଁଥିବାର କେହି ଦେଖିନାହିଁ। ତେବେ ମନ୍ତ୍ରୀ ମହଲର ଆଦବ କାଇଦା ସଂପର୍କରେ ଜଣେ ଜଣେ ସ୍ୱେଚ୍ଛାସେବକ ବା ଭୁକ୍ତଭୋଗୀ ସୂଚନା ଦେଇଦିଅନ୍ତି।

ଆଗନ୍ତୁକ କହନ୍ତି: ମୋର ମନ୍ତ୍ରୀଙ୍କ ସହିତ ଆପଏଣ୍ଟମେଣ୍ଟ ଅଛି।

ତାକୁ କୁହାଯାଏ: ଆପଣ ଶ୍ୟାମସୁନ୍ଦରକୁ ସନ୍ତୁଷ୍ଟ ନ କରି ଭିତରକୁ ଯାଇପାରିବେ ନାହିଁ।

:ଶ୍ୟାମସୁନ୍ଦର କିଏ ?

:ମନ୍ତ୍ରୀଙ୍କ କୁକୁର।

:ତାକୁ ପୁଣି ସନ୍ତୁଷ୍ଟ କରିବାକୁ ପଡ଼ିବ।

:ନ ହେଲେ ଆପଣ ଭିତରକୁ ଯାଇପାରିବେ ନାହିଁ।

:ସେ ପୁଣି ସନ୍ତୁଷ୍ଟ ହେବ କିପରି ?

:ତା'ର ଦାବି ପୂରଣ କରିବାକୁ ପଡ଼ିବ।

:ତା'ର ଦାବି ସବୁ କ'ଣ ?

:ଅବଶ୍ୟ ବେଶି ନୁହେଁ ବା ଅସମ୍ଭବ ନୁହେଁ।

:କ'ଣ ସେ ସବୁ ?

:ତା' ବେକରେ ଗୋଟେ ଫୁଲମାଳ ପକେଇ ଦେବାକୁ ହେବ।

:ବାସ୍ !

:ତାକୁ ନମସ୍କାରଟେ ପକେଇଦେବାକୁ ହେବ।

:ସେତିକି।

:ତା'ର ଗୋଟେ ଜୟଗାନ କରିବାକୁ ହେବ।

:କେମିତି ?

:କହିବାକୁ ହେବ କୁକୁର ମହାରାଜ ଶ୍ୟାମସୁନ୍ଦରଙ୍କର ଜୟ।

:ତା'ପରେ ?

:ତା'ପାଦ ପାଖରେ ଗୋଟେ ଉପହାର ପ୍ୟାକେଟ୍ ରଖିବାକୁ ହେବ।

:କ'ଣ ଉପହାର ଥିବ ସେଥିରେ ?

:ଯାହା ହେଲେ ବି ଚଳିବ। କିନ୍ତୁ ପ୍ୟାକେଟ୍ ଦେବାକୁ ହେବ।

:କ'ଣ ପ୍ରାୟ ଦିଅନ୍ତି ଲୋକମାନେ।

:ଯାହା ଖୁସି। ଏଇ ଯେମିତି ଟଙ୍କା, ଖାଇବା ଜିନିଷ ବା ଉପହାର।

:ଖାଲି ପ୍ୟାକେଟ୍‌ଟେ ଦେଇଦେଲେ।

:ଆପଣ ଗୋଟେ କାମୁଡ଼ା ପାଇବେ, ଯୋଉଥି ପାଇଁ ଆପଣଙ୍କୁ ଡାକ୍ତରଖାନା ଯିବାକୁ ପଡ଼ିବ।

ଆଗନ୍ତୁକ ଆଉ କିଛି ପ୍ରଶ୍ନ ପଚାରନ୍ତି ନାଇଁ। ସେ ସବୁ କିଛି ବୁଝିପାରନ୍ତି।

ସବୁ ଏଇରକମ ଚାଲୁଥାଏ ବା ଚାଲୁଥିଲା ବା ଚାଲୁ ରହିବାର ପ୍ରତିଶ୍ରୁତି ବହନ କରୁଥିଲା। ତେବେ ମାନ୍ୟବର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ହରିହର ବାବୁଙ୍କର ପାଇଁ କଥାଟା ଟିକେ ଅଡୁଆ ବା ଅନାବଶ୍ୟକ ବା ଗର୍ହିତ ମନେହୋଇଥିଲା କାରଣ ଲିଖିତ ଘୋଷଣାନାମାଟାକୁ ସେ ଅଚାନକ ପଢ଼ିଲେ। ଦୁଇ ଚାରି ଥର ପଢ଼ିଲେ ଓ ଉତ୍ସାହିତ ଦିଶିଲେ।

ସେ କଥାଟାକୁ ମାନ୍ୟବର ମନ୍ତ୍ରୀଙ୍କ ଶ୍ରୁତିଗୋଚର କଲେ।

କହିଲେ: ମହାଶୟ ! ଏଠାରେ ଘୋର ଦୁର୍ନୀତି ହେଉଛି।

ମନ୍ତ୍ରୀ ଗର୍ଜିଉଠିଲେ: ଧୀରେ କୁହ ! ଏପରି ଅଶାଳୀନ ମନ୍ତବ୍ୟ ଅଶୋଭନୀୟ।

ହରିହରବାବୁ ଅନୁନୟର ସହ କହିଲେ: ସୀମା ଅତିକ୍ରମ କରି ଗଲାଣି ସାର୍ ! ମୁଁ ବାଧ୍ୟ ହୋଇ ଆପଣଙ୍କ ଦୃଷ୍ଟିକୁ ଆଣୁଛି।

:ତୁମେ କାହାକୁ ସନ୍ଦେହ କରୁଛ ?

:ମୋର ଇଙ୍ଗିତ ଶ୍ୟାମସୁନ୍ଦର ଦିଗରେ ସାର୍।

:କ'ଣ କରିଛି ଶ୍ୟାମସୁନ୍ଦର ?

:ସେ ବିନା ଲାଞ୍ଚରେ କାହାରିକୁ ଭିତରକୁ ଛାଡୁନାହିଁ ସାର୍ !

ମାନ୍ୟବର ମନ୍ତ୍ରୀ ଗମ୍ଭୀର ଦିଶିଲେ।

ପଚାରିଲେ: କେବଳ ସେ ଏକା ନା ଆଉ କେହି ଦୁର୍ନୀତିଗ୍ରସ୍ତ ଏଠାରେ ଅଛନ୍ତି ?

ହରିହରବାବୁ କହିଲେ: ମୋ ପାଖରେ ସେତିକି ଅଭିଯୋଗ ପହଞ୍ଚିଛି ସାର୍ !

ମନ୍ତ୍ରୀ କହିଲେ: କିନ୍ତୁ ମୋ ପାଖରେ ଅଭିଯୋଗ ପହଞ୍ଚିଛି ଆଉ ଜଣକ ନାମରେ !

:କିଏ ସାର୍ !

:ତୁମେ !

ହରିହରବାବୁ ହଡ଼ବଡ଼େଇ ଗଲେ, ଯେମିତି ଅସମ୍ଭବ ଅଭିଯୋଗଟେ ତାଙ୍କ ନାମରେ କିଏ ଶୂନ୍ୟରେ ଆଣି ପବନରେ ଠିଆ କରିଦେଇଛି।

ସେ ଶଙ୍କିତ କହିଲେ: ମୁଁ!

ମନ୍ତ୍ରୀ ଗର୍ଜିଉଠିଲେ: ହଁ, ତୁମେ ! ତମ ବିରୋଧରେ ସମାନ ଅଭିଯୋଗ ମୋର ହସ୍ତଗତ ହୋଇଛି। ତୁମେ ମଧ୍ୟ ବିନା ଲାଞ୍ଚରେ କୌଣସି ଫାଇଲ୍ ମୋ ପାଖକୁ ଆସିବାକୁ ଦେଉନାହଁ ବୋଲି ଅଭିଯୋଗ ଆସିଛି।

ହରିହରବାବୁଙ୍କ ମୁହଁ କଳା ପଡ଼ିଗଲା।

ସେ ନିରୁତ୍ତର ରହିଲେ।

ମାନ୍ୟବର ମନ୍ତ୍ରୀ କହିଲେ: ତୁମକୁ ଏଠାରେ ଯେତେବେଳେ ନିଯୁକ୍ତି ଦିଆଗଲା, ସେତେବେଳେ ଏହି ପଦବୀ ପାଇଁ ବହୁ ଦାବିଦାର ଥିଲେ। ଏବେ ମଧ୍ୟ ଅଛନ୍ତି। ଏଠାରେ ଥିବା ସମସ୍ତ ପଦବୀ ପାଇଁ ବହୁ ବ୍ୟକ୍ତି ଏବେ ବି ଲବି କରୁଛନ୍ତି। ତୁମକୁ ମୁଁ ମନୋନୀତ କରିଥିଲି, କାରଣ ତୁମର ଯୋଗ୍ୟତା ଥିଲା ଯେ ତୁମେ ସୁଚତୁର ଭାବରେ ଅର୍ଥ ଉପାର୍ଜନ କରିପାରୁଥିଲ। ତୁମର ପୂର୍ବ ଇତିହାସ ଦେଖିଥିଲି। ତୁମେ ଅତୀତରେ ବହୁ ମନ୍ତ୍ରୀଙ୍କ ପାଖରେ କାମ କରି ସେମାନଙ୍କ ଉନ୍ନତିରେ ସହାୟକ ହୋଇଛ। ନିଜର ଆୟ ତୁଳନାରେ ବହୁ ସମ୍ପତ୍ତି କରିପାରିଛ। ତୁମର ଯୋଗ୍ୟତା ତାହା ହିଁ। ସେହିପରି କୁକୁର ଶ୍ୟାମସୁନ୍ଦରର ମଧ୍ୟ ଅନେକ ବିଶେଷ ଯୋଗ୍ୟତା ରହିଛି। ତୁମକୁ ଏଠାରୁ

ବିଦା କରିବା କଥା ମୁଁ ଭାବିପାରୁ ନାହିଁ କିମ୍ବା ତା'ର ବହିଷ୍କାର ମଧ୍ୟ। ତେଣୁ ତୁମେମାନେ ପରସ୍ପର ବିରୋଧରେ ଅଭିଯୋଗ ନ ଆଣି ଏକାଠି ମିଳିମିଶି କାମ କଲେ ବହୁ ଅସାଧ୍ୟ ସାଧନ ହୋଇପାରିବ। ସେଥିପାଇଁ ଓଡ଼ିଆରେ ପ୍ରବଚନ ଅଛି ଯେ- ଏକତା ହିଁ ବଳ।

ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରାମର୍ଶଟି କ୍ରମେ ଭାଷଣର ରୂପ ନେଉଥିଲା ଓ ଏବେ ଏଇଠି ଗୋଟେ ତାଳିମାଡ଼ର ଆବଶ୍ୟକତା ଥିଲା। କିନ୍ତୁ ସାମ୍ନାରେ ବିପୁଳ ଜନତା ନ ଥିଲେ, ଏକା ଥିଲେ ହରିହର। ସେ ଏକା ହିଁ ତାଳିମାଡ଼ କଲେ ଓ ମନ୍ତ୍ରୀ ଖୁସିହେଲେ।

ହରିହରବାବୁ କୃତାଞ୍ଜଳି ପୁଟରେ ନିବେଦନ କଲେ: ଆପଣଙ୍କ ଆଦେଶାନୁସାରେ ଆମେ ଏକାଠି ମିଳିମିଶି କାମ କରି ଦେଶକୁ ଆଗେଇ ନେବୁ ସାର୍ !

ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଆଶୀର୍ବାଦ ସୂଚକ ହସ ହସିଲେ।

ଏହାର କିଛିଦିନ ପର୍ଯ୍ୟନ୍ତ ହରିହରବାବୁ କୁକୁର ଶ୍ୟାମସୁନ୍ଦରକୁ ଆଲିଙ୍ଗନ କରୁଥିବାର ଓ 'ମଣିଷ କୁକୁର ଭାଇ ଭାଇ' ବୋଲି କହୁଥିବାର ଶୁଣାଯାଇଥିଲା।

ବିଗତ ନିର୍ବାଚନରେ ଉଦିତ ନାରାୟଣ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ତାଙ୍କର ନିର୍ବାଚନ ଚିହ୍ନ ଥିଲା କୁକୁର। ନିର୍ବାଚନ କାଳରେ ସେ ସତସତିକା କୁକୁରଟିଏ ଧରି ପ୍ରଚାର କଲେ ତାହା ଭୋଟରମାନଙ୍କୁ ପ୍ରଭାବିତ କରିବ ବୋଲି ବିଚାର କଲେ ଓ ଗୋଟେ କୁକୁର ଯୋଗାଡ଼ କରିଥିଲେ। ସେଇ କୁକୁରର ନାମ ଦିଆଗଲା ଶ୍ୟାମସୁନ୍ଦର।

ପ୍ରତିଦ୍ୱନ୍ଦ୍ୱୀ ଶ୍ୟାମସୁନ୍ଦରଙ୍କ ନିର୍ବାଚନ ସଂକେତ ଥିଲା ଡାଇନୋସର୍। ହତଭାଗାଟା ଡାଇନୋସର୍‌ଟାଏ କୋଉଠୁ ଭଲା ପାଇଥାଆନ୍ତା ! ତେଣୁ ସେ କେବଳ ଡାଇନୋସର୍‌ର ଚିତ୍ର ଧରି ନିର୍ବାଚନ ପ୍ରଚାର କରିଥିଲା।

ଏହାକୁ ଲକ୍ଷ୍ୟ କରି ଉଦିତ ନାରାୟଣ ଗୋଟେ ନିର୍ବାଚନ ସଭାରେ କହିଥିଲେ: ଯୋଉ ଲୋକ ଆପଣାର ନିର୍ବାଚନ ଚିହ୍ନକୁ ନିଜ ସହିତ ନେଇପାରୁ ନାହିଁ, ସେ ଆପଣଙ୍କର କି ସେବା କରିବ। ଆମେ ସତ୍ୟରେ ବିଶ୍ୱାସ କରୁ ଓ ଆମର ନିର୍ବାଚନ ଚିହ୍ନ ସତ ସତିକା ଆମ ସାଙ୍ଗରେ ଅଛି। କିନ୍ତୁ ସେ ଲୋକର ସଂକେତ ଖାଲି କାଗଜର ଚିତ୍ର, କାର୍ଡ଼ବୋର୍ଡ଼ ମାତ୍ର। ସେପରି ମିଥ୍ୟାଶ୍ରୟୀ ଲୋକ ନିର୍ବାଚିତ ହେଲେ କ'ଣ ଅବା

କରିପାରିବ !

ଯେତେବେଳେ ବାବୁ ଉଦିତ ନାରାୟଣ ଏପରି ଉତ୍ତେଜକ ଭାଷଣ ଦେଉଥିଲେ, ସେତେବେଳେ ତାଙ୍କ କୁକୁର ସାମ୍ନା ଦୁଇ ଗୋଡ଼ ଯୋଡ଼ି ନମସ୍କାର କରିବା ମୁଦ୍ରାରେ ଠିଆ ହେଉଥିଲା ଓ ଚାରି ଦିଗକୁ ମୁହଁ ବୁଲାଉଥିଲା। ଲୋକମାନେ କଥାଟିକୁ ପସନ୍ଦ କଲେ ଓ ତାଳିମାଡ଼ କରିଥିଲେ। କୁକୁର ବି ତାଳିମାଡ଼ କରିଥିଲା ଓ ଅବଶେଷରେ ଉଦିତ ନାରାୟଣ ନିର୍ବାଚନରେ ଜିତିଲେ। ସେ ସଂଖ୍ୟାଗରିଷ୍ଠ ଦଳକୁ ସମର୍ଥନ କଲେ ଓ ମନ୍ତ୍ରୀପଦ ହାସଲ କଲେ।

ମନ୍ତ୍ରୀ ହେବା ପରେ ତାଙ୍କର ପ୍ରଥମ ଓ ପ୍ରଧାନ କାମ ହେଲା ତାଙ୍କୁ ନିର୍ବାଚନରେ ସାହାଯ୍ୟ କରିଥିବା ଚେଲାଚାମୁଣ୍ଡାଙ୍କର ଥଇଥାନ। କାହାକୁ କଣ୍ଟ୍ରାକ୍ଟ ମିଳିଲା। କାହାକୁ ମିଳିଲା କଣ୍ଟ୍ରୋଲ୍ ସାମଗ୍ରୀର ଡିଲରସିପ୍। କାହାର ଝିଅକୁ ଶିକ୍ଷାକର୍ମୀ କରାଗଲା, କାହାର ପୁଅ ବଦଳି ହୋଇଆସିଲା ଗାଁ ପାଖକୁ। କାହାକୁ କରାଗଲା ବ୍ଲକରେ ମନ୍ତ୍ରୀଙ୍କ ପ୍ରତିନିଧି, ଯିଏ କି ସବୁକଥାରେ ବିଡିଓଙ୍କୁ ଧମକଚମକ ଦେଇ ପାରିବ।

ସେଇ ଧାରାରେ କୁକୁର କଥା ଭୁଲି ନ ଥିଲେ ବାବୁ ଉଦିତ ନାରାୟଣ। ଯା' ଭିତରେ ବେଶ୍ ଉନ୍ନତି କରିସାରିଥିଲା କୁକୁର ଆପଣାର ଚାଲିଚଳଣରେ। ସେ ଆଉ ପୁରୁଣା ଖାଙ୍କରା ପେଟିଆ ସେମେଟା ଚମଛଡ଼ା କୁକୁର ନ ଥିଲା। ସେ ବେଶ୍ ଗୋଲଗାଲ ହୋଇଯାଇଥିଲା ଓ ତାକୁ ମିଳିଲା ମନ୍ତ୍ରୀଙ୍କ ଘରେ ଦ୍ୱାରପାଳର ଚାକିରି।

ସେ ତା'ର ଦାୟିତ୍ୱ ସୂଚାରୁ ରୂପେ ତୁଲାଉଥିଲା ବୋଲି ନିଶ୍ଚୟ ସମସ୍ତେ ଏକମତ ହେବେ।

ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦେହ ଖରାପ ହେଲା। ସେମିତି ବିଶେଷ କିଛି ଗୁରୁତର ଅସୁସ୍ଥତା ନୁହେଁ। କିନ୍ତୁ କାହିଁକି କେଜାଣି ଦେହ ହାତ ଘୋଳାବିନ୍ଧା ହେଲା। ମୁଣ୍ଡ ବୁଲେଇଲା। କିଛି ଭଲ ଲାଗିଲା ନାହିଁ। କାମ କରିବାକୁ ଇଚ୍ଛା ହେଲାନାହିଁ। ଫାଇଲ୍ ଘରକୁ ବୁହାହେଲା ଓ ମନ୍ତ୍ରୀ ବିଶ୍ରାମ ନେଲେ।

ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଖବର ପାଇବାକ୍ଷଣି ଜଣେ ଅଭିଜ୍ଞ ଡାକ୍ତର ପଠେଇଲେ ମନ୍ତ୍ରୀଙ୍କ ପାଖକୁ। କିନ୍ତୁ ସେ ପହଞ୍ଚିବାରେ ବିଳମ୍ବ କଲେ।

ମନ୍ତ୍ରୀ କୋପାନଳରେ ଜଳି ଉଠିଲେ।

ଚିତ୍କାର କରି କହିଲେ: ହରିହର ! ସେ ପାପିଷ୍ଠ ଡାକ୍ତର ଏ ପର୍ଯ୍ୟନ୍ତ ଆସିଲା ନାହିଁ କାହିଁକି ? ମୁଁ ଯେ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ଏକଥା କ'ଣ ତା'ର ହେଜ ନାହିଁ ?

ହରିହରବାବୁ ହାତ ଯୋଡ଼ି କହିଲେ: ଡାକ୍ତର ଆସିଛନ୍ତି ସାର୍। କିନ୍ତୁ ଆମ କୁକୁର ଶ୍ୟାମସୁନ୍ଦର ତାଙ୍କୁ ଭିତରକୁ ଛାଡୁନାହିଁ।

ମନ୍ତ୍ରୀ ଟିକେ ଶାନ୍ତ ଦିଶିଲେ।

ପଚାରିଲେ: କାରଣ ?

ହରିହରବାବୁ କହିଲେ: କାରଣ ଡାକ୍ତର ସାଙ୍ଗରେ କିଛି ଉପହାର ଆଣିନାହାନ୍ତି।

:ଉପହାର ଆଣି ନାହାନ୍ତି କାହିଁକି ?

: ସେ ତ ଏଠାକୁ ରୋଗୀ ଦେଖିବାକୁ ଆସିଛନ୍ତି। ବଦଳି ବା ପୋଷ୍ଟିଂ ପାଇଁ ଆସିଥିଲେ ସିନା କ'ଣ ଗୋଟାଏ ଆଣିଥାନ୍ତେ।

:ଏକଥା ଶ୍ୟାମସୁନ୍ଦରକୁ ବୁଝାଇ ଦିଅ।

: ସେ ବୁଝୁନାହିଁ ହଜୁର୍ !

ଏତେବେଳକେ ଡାକ୍ତର ଆସି ପହଞ୍ଚିଲେ। ସେ ବେଶ୍ ବିବ୍ରତ ଓ ବିରକ୍ତ ଦିଶୁଥିଲେ।

କହିଲେ: ମୋତେ ଶେଷରେ ମୋର ଷ୍ଟେଥିସ୍କୋପ୍‌ଟା କୁକୁରକୁ ଦେଇ ଆସିବାକୁ ପଡ଼ିଲା, ତା'ପରେ ଯାଇ ସେ ବାଟ ଛାଡ଼ିଲା।

ମନ୍ତ୍ରୀ ପଚାରିଲେ: ଏବେ ମୋର ସ୍ୱାସ୍ଥ୍ୟ ପରୀକ୍ଷା ହେବ କିପରି ?

ଡାକ୍ତର କହିଲେ: ମୁଁ ହାତମାରି ପରୀକ୍ଷା କରିନେବି ସାର୍ !

ଡାକ୍ତରଙ୍କ ଏ ମନ୍ତବ୍ୟରେ ମନ୍ତ୍ରୀ ମହୋଦୟ ବିରକ୍ତ ହେଲେ ନାହିଁ। କାରଣ ସେ ଆଶ୍ୱସ୍ତ ହେଉଥିଲେ ଯେ କୁକୁର ତା'ର ଦାୟିତ୍ୱ ସମ୍ପାଦନରେ ସାମାନ୍ୟତମ ତ୍ରୁଟି ପ୍ରଦର୍ଶନ କରୁନାହିଁ।

ବ୍ୟକ୍ତିଗତ ସହାୟକ ହରିହରବାବୁ କହିଲେ: କୁକୁରର ଦୌରାତ୍ମ୍ୟ ବଢୁଛି, ସାର୍ !

ସ୍ୱାସ୍ଥ୍ୟମନ୍ତ୍ରୀ ଏକମତ ହେଲେ ନାହିଁ।

କହିଲେ: ତୁମେ ତମ ନିଜ କଥା ଥରେ ଭାବି ଦେଖ ହରିହର ! ଏକଦା ତୁମେ ମୋତେ ମୋ ବାପାଙ୍କ ସହ ଦେଖା କରେଇ ଦେଇ ନ ଥିଲ।

ହରିହରବାବୁ ଲଜ୍ଜିତ ଦିଶିଲେ।

କହିଲେ: ମୁଁ ତାଙ୍କୁ ଚିହ୍ନିପାରି ନ ଥିଲି ସାର୍ !

ମନ୍ତ୍ରୀ ସ୍ୱଗତୋକ୍ତି କଲେ।

:ମୋର ଏବେ ବି ମନେଅଛି ସେ କଥା। ବାପା ଗାଁରୁ ଆସିଥିଲେ ମୋତେ ଭେଟିବାକୁ। କୌଣସି ଉପାୟରେ ସେକ୍ରେଟାରୀୟଟ୍‌ରେ ପଶିଗଲେ। କିନ୍ତୁ ମୋତେ ଦେଖା କରିପାରିଲେନି। ଦେଖାପାଇଁ ତୁମେ ତାଙ୍କଠୁଁ ହଜାରେ ଟଙ୍କା ଦାବି କରିଥିଲ।

ହରିହରବାବୁ ଆହୁରି ଲଜ୍ଜିତ ଦିଶିଲେ।

କହିଲେ: ମୁଁ ସେଥିପାଇଁ କ୍ଷମା ମାଗିନେଇଛି ସାର୍!

ମନ୍ତ୍ରୀ ସ୍ମୃତିଚାରଣ କରୁଥିଲେ।

କହିଲେ: ତୁମେ ତାଙ୍କୁ ଏକଥା ବି କହିଥିଲ ଯେ ସବୁଦିନ କେତେ କେତେ ଲୋକ ମନ୍ତ୍ରୀଙ୍କ ଭାଇ, ଦାଦା, ଶଳା ବୋଲି କହି ଦେଖା କରିବାକୁ ଚାହୁଁଛନ୍ତି, କିଏ କାହାକୁ ଚିହ୍ନେ? ଆପଣ ତାଙ୍କର ବାପା ବୋଲି ପ୍ରମାଣ କ'ଣ?

ହରିହର ପୁଣିଥରେ କ୍ଷମା ପ୍ରାର୍ଥନାର ମୁଦ୍ରାରେ ଅବନତ ହେଲେ।

କହିଲେ: ମୋତେ ଆଉ ଲଜ୍ଜା ଦିଅନ୍ତୁ ନାହିଁ ସାର୍! ମୁଁ ସେଦିନର ଘଟଣା ପାଇଁ ଆଉଥରେ କ୍ଷମା ମାଗି ନେଉଛି।

ମନ୍ତ୍ରୀ କିନ୍ତୁ ଅସୁସ୍ଥତା ସତ୍ତ୍ୱେ ଥିଲେ ଅବିଚଳିତ ଓ ଅନାସକ୍ତ।

କହିଲେ: ମୁଁ ସେଥିପାଇଁ ତୁମକୁ ଦୋଷୀ ଭାବୁନାହିଁ ହରିହର! ବରଂ ଗର୍ବ କରୁଛି। ତୁମେ ଓ ଶ୍ୟାମସୁନ୍ଦରମାନେ ପ୍ରମାଣ କରିଦେଇଛ ଯେ କର୍ତ୍ତବ୍ୟନିଷ୍ଠା ସାମ୍ନାରେ ଭାଇ ବନ୍ଧୁ କୁଟୁମ୍ବ ଇତ୍ୟାଦି ସମ୍ପର୍କର ସ୍ଥାନ ନାହିଁ। ମୁଁ ତୁମମାନଙ୍କ ପାଇଁ ଗର୍ବିତ।

ହରିହର ସଲ୍ଲଜ ହସ ହସିଲେ ଓ ଡାକ୍ତର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାଡ଼ି ଚିପି ପରୀକ୍ଷା ଆରମ୍ଭ କଲେ।

ଡାକ୍ତର ପଚାରିଲେ: ଆପଣ କେବେଠୁ ସଭାରେ ଭାଷଣ ଦେଇନାହାନ୍ତି?

ହରିହର ମନେପକେଇଲେ।

କହିଲେ: ହଁ! ସପ୍ତାହେ ଖଣ୍ଡେ ହେବ କୋଉଠି କିଛି ପ୍ରୋଗ୍ରାମ୍ ନାହିଁ। ଉଦ୍‌ଘାଟନ ନାହିଁ କି ଉନ୍ମୋଚନ ନାଇଁ।

ଡାକ୍ତର କହିଲେ: ଆପଣଙ୍କର କିଛି ରୋଗ ନାଇଁ। କିନ୍ତୁ ସଭାସମିତି ନ ହେଲେ, ସନ୍ଧ୍ୟାରେ ବେକରେ ଫୁଲମାଳ ନ ପଡ଼ିଲେ, କୋଳାହଳ, ଜୟଜୟକାର ନ ହେଲେ ଏବଂ ସର୍ବୋପରି ଆପଣ ଉଦ୍‌ବୋଧନ ନ ଦେଲେ, ଭାଷଣବାଜି ନ କଲେ ଆପଣଙ୍କୁ ଅସୁସ୍ଥ ଲାଗିବ।

ମନ୍ତ୍ରୀ ପଚାରିଲେ: ଏହାର ପ୍ରତିକାର!

ଡାକ୍ତର କହିଲେ: କୋଉଠି ସଭା ସମିତିର ଡାକରା ନ ଆସିଲେ ଆପଣ ଏଇଠି ଘର ଲୋକଙ୍କୁ ଉଦ୍‌ବୋଧନ ଦିଅନ୍ତୁ। ଦେହ ଭଲ ରହିବ। ବେକରେ ଫୁଲମାଳ ପକାନ୍ତୁ। ଭଲ ଲାଗିବ।

ହରିହର କହିଲେ: ଆମ କୁକୁର ଶ୍ୟାମସୁନ୍ଦରର ପ୍ରାୟ ଏମିତି ପ୍ରକୃତି।

ଡାକ୍ତର ବିଦାୟ ନେଲେ ଓ ଏକ ସାଧାରଣ ସଭାର ଆୟୋଜନ ହୋଇଗଲା ମନ୍ତ୍ରୀଙ୍କ ଲନ୍‌ରେ, ଯହିଁରେ ମାଳୀ, ପୂଜାରୀ, ଚାକର ଓ କେତେଜଣ ଟହଲିଆ ଶ୍ରୋତା ଭାବରେ ଯୋଗଦେଲେ।

ମନ୍ତ୍ରୀ ଭାଷଣ ଦେଲେ ଓ କ୍ରମେ ସୁସ୍ଥ ହେଲେ।

ଏଣିକି ମନ୍ତ୍ରୀଙ୍କ ସହିତ ଟୁର୍‌ରେ କୁକୁର ଶ୍ୟାମସୁନ୍ଦର ଯିବା ଆରମ୍ଭ କଲା। ଏହି ପ୍ରସ୍ତାବ ଦେଇଥିଲେ ମନ୍ତ୍ରୀ ପତ୍ନୀ ଅହଲ୍ୟା ଦେବୀ।

ଅହଲ୍ୟା ଦେବୀ ସ୍ୱାମୀଙ୍କୁ କହିଥିଲେ: ତୁମେ ଏଣିକି ଟୁର୍‌ରେ ଗଲେ ତାକୁ ସାଙ୍ଗରେ ନେବ। ନୋହିଲେ ସେ ଏଠାରେ ଉପଦ୍ରବ କରିବ।

ମନ୍ତ୍ରୀ ଆଶ୍ଚର୍ଯ୍ୟ ହେଲେ।

କହିଲେ: ଉପଦ୍ରବ ! ଏତେବଡ଼ କର୍ତ୍ତବ୍ୟନିଷ୍ଠ ଶ୍ୱାନ ପୁଣି ଉପଦ୍ରବ କରୁଛି। କି ଉପଦ୍ରବ କରୁଛି ଶୁଣେ ତ !

ଅହଲ୍ୟା ଦେବୀ କହିଲେ: ତୁମେ ଏଠାରେ ନ ରହିଲେ, ତୁମକୁ ଭେଟିବାକୁ ପ୍ରାୟ କେହି ଆସୁନାହାନ୍ତି। କେହି ନ ଆସିବାରୁ ଶ୍ୟାମସୁନ୍ଦରକୁ କେହି ଭେଟି ଦେଉନାହାନ୍ତି, ଫୁଲମାଳ ଚଢ଼ଉ ନାହାନ୍ତି। ତେଣୁ ସେ ପାଗଳା ଭଳି ହେଉଛି।

ମନ୍ତ୍ରୀ ପଚାରିଲେ: ତା'ର ଆଚରଣରେ କିଛି ପାଗଳାମୀ ?

ମନ୍ତ୍ରୀ ପତ୍ନୀ କହିଲେ: ବହୁତ ପାଗଳାମୀ ! ସେ ଏଠୁ ଖସି ଚାଲିଯାଉଛି ରାସ୍ତା ଉପରକୁ। ସେଠି ଲୋକମାନଙ୍କଠାରୁ ଭେଟି ଦାବି କରୁଛି। ସେ ପୁଣି ଚାଲିଯାଉଛି ଗଳି ଶେଷ ମୁଣ୍ଡର ମନ୍ଦିରକୁ। ସେଠି ଫୁଲଦୋକାନୀଠୁ ଫୁଲମାଳ ମାଗୁଛି। ମୋ ପାଖରେ ଏମିତି ଅନେକ ଅଭିଯୋଗ ଆସି ପହଞ୍ଚିଲାଣି।

ମନ୍ତ୍ରୀ ହସିଲେ।

ଖୁବ୍ ମନଖୋଲା ହସ।

କହିଲେ: ଦେଖୁଚ ତ ସେ କେମିତି ତା'ର ଅଭ୍ୟାସ ବଜାୟ ରଖୁଛି। ଚମତ୍କାର କୁକୁର।

ତେବେ ସେଇ ଦିନଠୁ ସ୍ଥିର ହୋଇଗଲା ଶ୍ୟାମସୁନ୍ଦର ଏଣିକି ଟୁର୍‌ରେ ଯିବ। ମାନ୍ୟବର ମନ୍ତ୍ରୀ ଯେଣେ ଯେଣେ ଗସ୍ତ କରିବେ, ଦେଶ ଅବା ବିଦେଶ, ଯେତେ ଯେଉଁଠି ସଭା, ସମ୍ମେଳନ, ଉଦ୍‌ଘାଟନରେ ଯୋଗଦେବେ, ସେଠାରେ ମଧ୍ୟ ଯୋଗଦେବେ ତସ୍ୟ ସୁଯୋଗ୍ୟ କୁକୁର ଶ୍ୟାମସୁନ୍ଦର।

ମନ୍ତ୍ରୀଙ୍କୁ ଯେତିକି ଫୁଲମାଳ ଦିଆଯାଉଥିଲା, କୁକୁରକୁ ମଧ୍ୟ ସେତିକି ଫୁଲମାଳ ଦିଆଯାଉଥିଲା। କ୍ରମେ କୁକୁର ମଞ୍ଚରେ ବସିଲା। ଦୁଇ ସାମ୍ନା ଗୋଡ଼ ଟେକି ତାଳି ମାରିଲା। ଶେଷରେ ମନ୍ତ୍ରୀଙ୍କ ଭାଷଣ ପରେ ସେ ମଧ୍ୟ ମାଇକ୍ରୋଫୋନ୍ ସାମ୍ନାରେ ଭୋ ଭୋ ଭୁକି ନିଜର ବକ୍ତବ୍ୟ ଉପସ୍ଥାପନ କଲା।

ଏଣିକି ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସଭାରେ ବହୁତ ଲୋକ ହେଉଥିଲେ। ଟ୍ରକ୍ ବା ଟ୍ରାକ୍ଟରରେ ସଭାକୁ ଲୋକ ବୋହି ଆଣିବାକୁ ପଡୁ ନ ଥିଲା। ଯେତେ ଲୋକ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଭାଷଣ ଶୁଣିବାକୁ ଆସୁ ନ ଥିଲେ, ତତୋଽଧିକ ତାଙ୍କ କୁକୁରର କରିସ୍ମା ଦେଖିବାକୁ ଆସିଥିଲେ ବୋଲି କେତେଜଣ ସାମ୍ବାଦିକ ସମ୍ବାଦପତ୍ରରେ ସମୀକ୍ଷା ଜାରି କରିଥିଲେ। ତେବେ ଏ ସମ୍ବାଦରେ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଅପମାନିତ ବା ବିରକ୍ତ ହୋଇଥିବାର କୌଣସି ଠୋସ୍ ପ୍ରମାଣ ମିଳିନାହିଁ।

ସେଥରକ ବାଲିପୁର ଡାକ୍ତରଖାନାର ପୁରାତନ ଗୃହର ନୂତନ ରଙ୍ଗବୋଳା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ସ୍ୱାଭାବିକ ଭାବରେ ମୁଖ୍ୟ ଅତିଥି ଆସନ ଅଳଙ୍କୃତ କରିଥିଲେ ତାଙ୍କ କୁକୁର ଶ୍ୟାମସୁନ୍ଦର।

ରାତ୍ରି ରହଣି ପାଇଁ ବ୍ୟବସ୍ଥା ହୋଇଥିଲା ଡାକବଙ୍ଗଳାରେ। ଅବଶ୍ୟ ଆୟୋଜକମାନେ ଗୋଟିଏ ପ୍ରକୋଷ୍ଠରେ ଦୁଇ ଅତିଥିଙ୍କ ରହିବା ବ୍ୟବସ୍ଥା କରିଥିଲେ।

ରାତ୍ରି ଗଭୀର ହୁଅନ୍ତେ ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ପଚାରିଲେ: ହରିହର! ସବୁ ଠିକ୍‌ଠାକ୍ ବ୍ୟବସ୍ଥା ହୋଇଚି ତ!

ହରିହର କାନ କୁଣ୍ଡେଇ କହିଲେ: ସବୁ ଠିକ୍ ବ୍ୟବସ୍ଥା ହୋଇଚି ସାର୍! ପୂରାପୂରି ଘରୋଇ ଜିନିଷ। ଏଇ ଡାକ୍ତରଖାନାର ନର୍ସ। ନୂଆ ଜଏନ୍ କରିଛି। ତା'ର ବଦଳି ଦରକାର। ମୁଁ ସିଧାସଳଖ ମୂଳଚାଲ କରିନେଇଛି।

ମାନ୍ୟବର ମନ୍ତ୍ରୀ କହିଲେ: ଉତ୍ତମ! ଅତି ଉତ୍ତମ!

ମାତ୍ର ନର୍ସ ଶଶିରେଖା ଆସିବା ପରେ ସମସ୍ୟା ସୃଷ୍ଟି ହେଲା କୁକୁର

ଶ୍ୟାମସୁନ୍ଦରକୁ ନେଇ। ନର୍ସ ଶଶିରେଖାକୁ ଦେଖି ହଠାତ୍ ଉତ୍କ୍ଷିପ୍ତ ଓ କ୍ରୋଧାନ୍ୱିତ ହୋଇ କୁକୁର ଗୁଡ଼ାଏ ଡିଆଁକୁଦା କଲା ଓ ଶଶିରେଖାକୁ କାମୁଡ଼ିବାକୁ ଉଦ୍ୟତ ହେଲା।

ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ କହିଲେ: ମୁଁ ଯାହା ଅନୁମାନ କରୁଥିଲି, ଘଟଣାଟା ବୋଧେ ସେଇଆ !

ହରିହର ପଚାରିଲେ: କ'ଣ ସାର୍ !

ମାନ୍ୟବର ମନ୍ତ୍ରୀ କହିଲେ: ଏ କୁକୁରଟା ମୋ ପତ୍ନୀର ଗୁପ୍ତଚର। ସେଇଥିପାଇଁ ସେ ମୋତେ ବାଧା ଦେଉଛି। ମୋର ପତ୍ନୀ ଏଇ ଉଦ୍ଦେଶ୍ୟରେ ହିଁ ୟା'କୁ ଏଠାକୁ ପଠେଇଛି। ମୋ ସାଙ୍ଗରେ ଟୁର୍‌ରେ ପଠଉଛି, ଯେମିତି ଏ ମୋ ଉପରେ ନଜର ରଖିବ !

ହରିହର କହିଲେ: ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ସାର୍ ! ମୁଁ ଅଲଗା ବ୍ୟବସ୍ଥା କରୁଛି।

ବିକଳ୍ପ ବ୍ୟବସ୍ଥା ସ୍ୱରୂପ କୁକୁର ଶ୍ୟାମସୁନ୍ଦରକୁ ସେ କକ୍ଷରୁ ବହିଷ୍କାର କରାଗଲା। ତାକୁ ଅନ୍ୟ ଏକ କକ୍ଷରେ ଶିକୁଳୀ ଦେଇ ବନ୍ଧାଗଲା। ମାତ୍ର ପରିସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହେଲାନାହିଁ। ଶ୍ୟାମସୁନ୍ଦର ଏପରି ବିକଟାଳ ଧ୍ୱନିରେ ଗର୍ଜନ ତର୍ଜନ କଲା ଯେ ସମଗ୍ର ଡାକବଙ୍ଗଳାଟି ଥରିଉଠିଲା। ମନେହେଲା ସେ ସ୍ୱର ଜନସମାଜକୁ କଞ୍ଚା ନିଦରୁ ଉଠେଇ ଦେବ ଓ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିବ।

ମାନ୍ୟବର ମନ୍ତ୍ରୀ ଏ ବିକଟାଳ ସ୍ୱର ସହ୍ୟ କରିପାରିଲେ ନାହିଁ। ସେ ଆପଣା ରୁମ୍‌ରୁ ବାହାରି ଆସିଲେ।

କହିଲେ: ହରିହର ! କିଛି ଗୋଟାଏ ବ୍ୟବସ୍ଥା କର।

ହରିହର କହିଲେ: ଆଉ କି ବ୍ୟବସ୍ଥା କରିବି ସାର୍ ! ଆପଣଙ୍କ କାମ ଆପଣ କରନ୍ତୁ। ସେ କୁକୁର ପରି ସେମିତି ଭୁକୁଥାଉ। ଆପଣ ହାତୀ ଭଳି ଆଗେଇ ଯାଆନ୍ତୁ।

ମାନ୍ୟବର ମନ୍ତ୍ରୀ କହିଲେ: କ'ଣ କେମିତି ଆଗେଇବି ! ମୋର ଯେ ଆଟେନ୍‌ସନ୍ ଡାଇଭର୍ଟ ହେଇଯାଉଛି।

ହରିହର ପରାମର୍ଶ ଦେଲେ: ଆଟେନ୍‌ସନ୍ କ'ଣ ଲୋଡା ସାର୍ ! ଆପଣ ଶୀଘ୍ର କାମ ସାରନ୍ତୁ। ନୋହିଲେ ଏ କୁକୁର ଆମକୁ ଲୋକହସା କରି ଛାଡ଼ିବ।

ମାନ୍ୟବର ମନ୍ତ୍ରୀ ଚିନ୍ତିତ ଦିଶିଲେ।

କିଛିକ୍ଷଣ ପରେ କହିଲେ: ହରିହର ! ତୁମେ ଗୋଟେ କାମ କର ! ଗୋଟେ

ମାଇ କୁକୁର କୋଉଠୁ ଆଣ !

:ଆପଣ କୁକୁରୀ ସାଙ୍ଗରେ... ?

ମୁଁ ନୁହେଁ ! ଶ୍ୟାମସୁନ୍ଦର ପାଇଁ !

ହରିହର ମାଇ କୁକୁର ସନ୍ଧାନରେ ବାହାରିଗଲେ ଓ କିଛି ସମୟ ପରେ ସଫଳ ହୋଇ ଫେରିଆସିଲେ। ଏବେ ଶ୍ୟାମସୁନ୍ଦର ଚୁପ୍ ହେଲେ।

ଅତଃ ପର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମସ୍ତ ଗସ୍ତ କାର୍ଯ୍ୟକ୍ରମରେ ଶ୍ୟାମସୁନ୍ଦରଙ୍କୁ ନିଆଯାଉଥିଲା ଓ ସ୍ଥାନୀୟ ଅଞ୍ଚଳରୁ ଏକ ମାଇ କୁକୁରର ବ୍ୟବସ୍ଥା କରିବାକୁ ବେସରକାରୀ ଭାବରେ ସ୍ଥାନୀୟ ଉଦ୍ୟୋକ୍ତାମାନଙ୍କୁ ଅଲିଖିତ ନିର୍ଦ୍ଦେଶ ଦିଆଯାଉଥିଲା।

ଏ ରକମ ପାଞ୍ଚ ବର୍ଷ ଅତିକ୍ରାନ୍ତ ହୋଇଗଲା ଓ ପୁଣି ନିର୍ବାଚନ ଆସି ଉପସ୍ଥିତ ହେଲା। ଏଥର ବି ଉଦିତ ନାରାୟଣ ସ୍ୱାଧୀନ ପ୍ରାର୍ଥୀ ଭାବରେ ଲଢ଼ିବେ ବୋଲି ସ୍ଥିର କଲେ। ଜିତିଲା ପରେ ସରକାର ଗଢ଼ିବାକୁ ଯାଉଥିବା ଦଳ ସହ ମୂଲଚାଲ କରି ସମର୍ଥନ ଯୋଗାଇ ମନ୍ତ୍ରୀପଦ ହାସଲ କରିବାର ଯୋଜନା କଲେ।

ଏଥର ମଧ୍ୟ ସେ ପୂର୍ବଭଳି ତାଙ୍କୁ କୁକୁର ଚିହ୍ନ ମିଳିବ ବୋଲି ଚେଷ୍ଟା କଲେ ଓ ନିଜର ବିଶ୍ୱସ୍ତ କର୍ମୀ ଶ୍ୟାମସୁନ୍ଦର ସହାୟତାରେ ନିର୍ବାଚନ ବୈତରଣୀ ପାର ହୋଇଯିବାର ସ୍ୱପ୍ନ ଦେଖିଲେ। ମାତ୍ର ଘଟଣା ଘଟିଲା ଭିନ୍ନ ପ୍ରକାରେ। ତାଙ୍କୁ ମିଳିଲା ଗୋରୁମୁଣ୍ଡ ଚିହ୍ନ। ଗୋରୁଙ୍କୁ ଅଲଗା କରି ମୁଣ୍ଡକୁ ଚିହ୍ନ ଭାରେ ଥାପନା କରିବାର ସତ ସତିକା ପ୍ରଚେଷ୍ଟା ବିଫଳ ହେବାକୁ ବାଧ୍ୟ ଥିଲା। ତେଣୁ ଉଦିତ ନାରାୟଣଙ୍କ ସମର୍ଥକମାନେ ଅପନ୍ତରା ବିଲରୁ ଗୋରୁ ମୁଣ୍ଡର ହାଡ଼ ସଂଗ୍ରହ କରି ତାକୁ ପ୍ରଚାର ଗାଡ଼ିରେ ଥାପନା କରିଥିଲେ, ଯାହାକୁ ଦେଖି ସାଧାରଣ ଭୋଟର ଡରିଲେ ଓ ପାଖ ମାଡ଼ିଲେ ନାହିଁ।

ଶେଷରେ ଫଳ ହେଲା ଏୟା ଯେ ବାବୁ ଉଦିତ ନାରାୟଣ ନିର୍ବାଚନରେ ହାରିଗଲେ।

ତାଙ୍କ ପରାଜୟ ପରେ ବହୁତ କିଛି ବଦଳି ଯାଇଥିଲା।

ସରକାରୀ ବଙ୍ଗଳା ଛାଡ଼ି ନିଜର ଘରକୁ ଆସିବାକୁ ହେଲା। ମାଳୀ ଡ୍ରାଇଭର ଚାକର ପୂଜାରୀ ଓ କର୍ମଚାରୀମାନେ ଚାଲିଯାଇଥିଲେ। ସେ କଣ୍ଟ୍ରାକ୍ଟ ଦେଇଥିବା ଯୁବକମାନେ ନୂତନ ନେତାଙ୍କ ଚାମଚା ସାଜିଥିଲେ। ବହୁ କୁଜି ନେତା ଦଳବଦଳ କରି ପକାଇଥିଲେ। ତାଙ୍କ ବଙ୍ଗଳାରେ ଆଉ କୋଳାହଳ ଗହଳି ଚହଳି ନ ଥିଲା।

ବହୁତ କିଛି ବଦଳି ଥିଲା। କିନ୍ତୁ ଅପରିବର୍ତ୍ତନୀୟ ରହିଯାଇଥିଲା କୁକୁର ଶ୍ୟାମସୁନ୍ଦର।

ଏବେ ଉଦିତ ନାରାୟଣ ଶ୍ୟାମସୁନ୍ଦର ଗଳାରେ ଗୋଟେ ଫୁଲମାଳ ପକାନ୍ତି। ଶ୍ୟାମସୁନ୍ଦର ଭୋ ଭୋ ଭୁକେ। ପଛଗୋଡ଼ରେ ଠିଆହୋଇ ଆଗଗୋଡ଼ ଯୋଡ଼ି ସେ ଭାଷଣ ଦେବା ଭଙ୍ଗୀରେ ଭୁକେ। ଉଦିତ ନାରାୟଣ ତାଳି ମାରନ୍ତି।

କେବେ କୁକୁର ଶ୍ୟାମସୁନ୍ଦର ପୂର୍ବତନ ମନ୍ତ୍ରୀ ଉଦିତ ନାରାୟଣଙ୍କ ଗଳାରେ ଫୁଲମାଳ ପକେଇ ଦିଏ। ଉଦିତ ନାରାୟଣ ଶ୍ରୋତା ଦର୍ଶକହୀନ ଶୂନ୍ୟ ପଡ଼ିଆରେ କୁକୁର ଆଡ଼କୁ ଚାହିଁ ଓଜସ୍ୱିନୀ ଭାଷଣ ଦିଅନ୍ତି। କୁକୁର ଦୁଇଗୋଡ଼ ପିଟି ତାଙ୍କୁ ସ୍ୱାଗତ ଜଣାଏ।

ସେମାନଙ୍କ ଦିନ ଏବେ ଏମିତି ହିଁ ବିତେ ।

# କୁକୁର ଜିନ୍ଦାବାଦ

ସେଦିନ ଗୋଟେ ଛୋଟ ସମ୍ବାଦ ମ୍ୟୁନିସିପାଲିଟି କମିସନରଙ୍କ ସୌଜନ୍ୟରୁ ବିଭିନ୍ନ ଖବରକାଗଜର ପୃଷ୍ଠା ମଣ୍ଡନ କରିଥିଲା। ତାହା ହେଲା, ରାଜଧାନୀ ସହରକୁ କୁକୁରମାନଙ୍କ ଦୌରାତ୍ମ୍ୟରୁ ମୁକ୍ତ କରାଯିବ, କୁକୁରମାନଙ୍କ ଅହେତୁକ ବଂଶବୃଦ୍ଧିକୁ ରୋକାଯିବ, ସେମାନଙ୍କୁ ନିପାତ କରାଯିବ। ସେଥିପାଇଁ ସରକାର ଏକ କୁକୁର ମାରଣ ଯୋଜନା ହାତକୁ ନେଇଛନ୍ତି। ଏଥିପାଇଁ ଖର୍ଚ୍ଚ ଅଟକଳ କରାଯାଇଛି ଓ ମ୍ୟୁନିସିପାଲିଟି ବଜେଟ୍‌ରେ ବ୍ୟୟ ବରାଦ ସର୍ବସମ୍ମତିକ୍ରମେ ପାରିତ ହୋଇସାରିଛି।

ଦୁଇ ଦିନ ପରେ ମ୍ୟୁନିସିପାଲିଟି କମିସନରଙ୍କୁ ଦେଖା କରିବାକୁ ଉଦ୍ୟମ କରିଥିଲା ଜଣେ ଲୋକ। କିନ୍ତୁ କମିସନରଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ତାକୁ ସାକ୍ଷାତ କରେଇ ଦେଇ ନ ଥିଲେ। କାରଣ ଲୋକଟା ଗୋଟେ ବଦ୍ଧପାଗଳ ଭଳି ଦିଶୁଥିଲା।

କମିସନରଙ୍କ ଷ୍ଟେନୋ ଖୁଣ୍ଟିଆ ବାବୁର ଦୃଷ୍ଟିରେ ଲୋକଟା ଚିହ୍ନା ପଡ଼ିଯାଇଥିଲା।

ଖୁଣ୍ଟିଆବାବୁ କହିଥିଲେ: ଏଇ ତ ବୋଧେ ପଞ୍ଚୁ ପାଗଳ!

ଅନ୍ୟମାନେ ପଚାରିଥିଲେ: ପଞ୍ଚୁ ପାଗଳ! ସିଏ କିଏ?

:ଦଶ ବର୍ଷ ହେଲା ଅଇଁଠା ପତ୍ରରୁ ଭାତ ସାଉଁଟି ଖାଉଥିଲା। ଅବଶ୍ୟ ବର୍ଷେ ହେଲା ତା'ର ଦେଖା ନ ଥିଲା।

:ଏବେ ପୁଣି କୋଉଠୁ ଆସିଲା?

:କ'ଣ ତା'ର ଉଦ୍ଦେଶ୍ୟ?

:କହୁଛି କ'ଣ ନା, କମିସନରଙ୍କୁ ଦେଖା କରିବ।

:ପାଗଳ! ପାଗଳ!

:ବଦ୍ଧପାଗଳ!

ପଞ୍ଚୁ ପାଗଳଙ୍କୁ ମ୍ୟୁନିସିପାଲିଟି ଅଫିସ୍‌ର କର୍ମଚାରୀମାନେ ଘଉଡ଼ାଇ ଦେଇଥିଲେ ସତ, ସେ କିନ୍ତୁ କମିସନରଙ୍କୁ ସାକ୍ଷାତ କରିବାକୁ ବଦ୍ଧପରିକର ଥିଲା । ଯେତେବେଳେ ମଧ୍ୟାହ୍ନ ଭୋଜନ ବିରତି ହେଲା, ଅର୍ଦ୍ଧାଧିକ କର୍ମଚାରୀ ପାଖ ବରାପକୁଡ଼ି ଦୋକାନକୁ ହସି ହସି ଖସିଗଲେ, କମିସନର ନିତ୍ୟାନନ୍ଦ ବାବୁ ଘରୁ ଆଣିଥିବା ରୁଟି ସନ୍ତୁଳା ଖାଇବାକୁ ଟିଫିନ୍ ବକ୍ସ ଖୋଲିଲେ, ତାଙ୍କର ଡାଏବେଟିସ୍ ଥିଲା ତ, ସେତିକିବେଳେ ପଞ୍ଚୁପାଗଳ ହଠାତ୍ ଦୌଡ଼ିଯାଇ କବାଟ ଖୋଲି, କମିସନରଙ୍କ ସାମ୍ନାରେ ଠିଆ ହୋଇଗଲା ।

କମିସନର ବିରକ୍ତ । ବିସ୍ମିତ ତଥା ବିବ୍ରତ ହୋଇପଡ଼ିଲେ ।

:କିଏ ତମେ ?

:ମୋର ଆପଣଙ୍କୁ ଦେଖା କରିବା କଥା ।

:ସେଥିପାଇଁ ଭିଜିଟିଂ ଆୱାର୍ ଅଛି ।

:କିନ୍ତୁ ମୋତେ ସେମାନେ ସାକ୍ଷାତ ପାଇଁ ଅନୁମତି ଦେଉନାହାନ୍ତି ।

:କୋଉମାନେ ?

:ଆପଣଙ୍କ ଅଫିସ୍‌ର କର୍ମଚାରୀମାନେ ।

:କାରଣ ?

:ସେମାନେ ମୋତେ ପାଗଳ ବୋଲି ଭାବୁଛନ୍ତି ।

:ଆପଣ କ'ଣ ?

:ମୁଁ ଜଣେ ନେତା ।

:ଠିକ୍ ଅଛି । ଆପଣ ଅପେକ୍ଷା କରନ୍ତୁ । ମୁଁ ଆପଣଙ୍କୁ ଡାକିବି ।

:ନିଶ୍ଚୟ ।

ପଞ୍ଚୁ ବାହାରି ଯାଇଥିଲା କମିସନର ନିତ୍ୟାନନ୍ଦ ଦାସଙ୍କ ପ୍ରକୋଷ୍ଠରୁ । ନିତ୍ୟାନନ୍ଦ ବାବୁ ତାଙ୍କ ବ୍ୟକ୍ତିଗତ ସହାୟକଙ୍କୁ ଡାକି ଘଟଣାର ଅନୁସନ୍ଧାନ କରିଥିଲେ ।

:ଲୋକଟା କ'ଣ ପାଗଳ ?

:ପୂରାପୂରି ପାଗଳ ସାର୍ !

:ଚେହେରାରୁ ତ ସେମିତି ଲାଗୁଛି । କିନ୍ତୁ କଥାବାର୍ତ୍ତା ଠିକ୍ ଅଛି ।

:ହୋଇପାରେ । କିନ୍ତୁ ତା' ସହ ଆଲୋଚନାର ମୂଲ୍ୟ କିଛି ନାହିଁ ।

:କାହିଁକି ?

:ସେ ଯେ ପାଗଳ।

:କ'ଣ ବୋଲି ପରିଚୟ ଦେଲା ସେ ?

:କହିଲା, ନାମ ପଞ୍ଚୁ ଜେନା, ସଭାପତି, ରାଜଧାନୀ ବୁଲା କୁକୁର ମହାସଂଘ।

:ବୁଲା କୁକୁର ମହାସଂଘର ସଭାପତି।

:ହଁ! ସାର୍!

:ତେବେ ତ ସାକ୍ଷାତ୍ ଦେବା ନିହାତି ଜରୁରୀ।

ଅପରାହ୍ନ ଚାରିଟା ତିରିଶ ମିନିଟ୍ ସମୟରେ କମିସନର ମହାଶୟଙ୍କୁ ସାକ୍ଷାତ ପାଇଁ ଅପେକ୍ଷାରତ ଅନେକଙ୍କୁ ଉପେକ୍ଷା କରାଯାଇ ପଞ୍ଚୁ ଜେନାକୁ ପ୍ରଥମେ ସାକ୍ଷାତର ଅନୁମତି ମିଳିଥିଲା ଓ ଜେନାଏ ସମସ୍ତଙ୍କୁ ଧନ୍ୟବାଦ ଜଣାଇ କମିସନରଙ୍କ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରିଯାଇଥିଲେ।

ମ୍ୟୁନିସିପାଲ କମିସନରଙ୍କ ସହିତ ତାଙ୍କର ବାର୍ତ୍ତାଳାପ ନିମ୍ନମତେ ହୋଇଥିଲା।

:ଆପଣ ରାଜଧାନୀ ବୁଲା କୁକୁର ମହାସଂଘର ସଭାପତି।

:ଆଜ୍ଞା ହଁ!

:ଆପଣ କୁକୁର ମହାସଂଘର ସଭାପତି ବୋଲି ପ୍ରମାଣ କ'ଣ ?

:ଆପଣ ସେମାନଙ୍କୁ ପଚାରି ପାରନ୍ତି।

:ଆପଣଙ୍କର ଅନ୍ୟାନ୍ୟ କର୍ମକର୍ତ୍ତାଗଣ ସବୁ କିଏ ? ଏଇ ଯେମିତି ସମ୍ପାଦକ, କୋଷାଧ୍ୟକ୍ଷ, କାର୍ଯ୍ୟକାରୀ ସମିତି ସଭ୍ୟ ଇତ୍ୟାଦି ଇତ୍ୟାଦି।

ସେମାନେ ସମସ୍ତେ କୁକୁର। କେବଳ ମଣିଷ ଭାବରେ ମୁଁ ଜଣେ ହିଁ କର୍ମକର୍ତ୍ତା। ସଭାପତି ହୋଇଛି।

:ଆପଣ କୁକୁରମାନଙ୍କ ସଭାପତି ହେଲେ କିପରି ?

:ସେଥିପାଇଁ ବହୁତ ପରିଶ୍ରମ କରିଛି ସାର୍! ଦଶ ବର୍ଷ ସେମାନଙ୍କ ପାଇଁ କାମ କରିଛି। ସେମାନଙ୍କ ସହ ଖାଇଛି, ଶୋଇଛି, ମିଶିଛି।

:ଆଚ୍ଛା! କୁକୁରମାନଙ୍କର ସଭାପତି ଜଣେ ମଣିଷ ହେବା କ'ଣ ଉଚିତ।

:ଉଚିତ ଆଜ୍ଞା! ଟ୍ରେଡ୍ ୟୁନିୟନ୍ ଆଇନ୍‌ରେ ସେ ବ୍ୟବସ୍ଥା ଅଛି। ରିକ୍ସାବାଲାଙ୍କ ସଭାପତି ଜଣେ ଟ୍ରକ୍ ମାଲିକ ହୋଇପାରିବେ। ସୁନା ବେପାରୀଙ୍କ ସଭାପତି ଜଣେ ବୁଲା ଭିକାରୀ ହୋଇପାରିବେ। ଆଇନ୍‌ରେ ଏହାର ଉପଯୁକ୍ତ ବ୍ୟାଖ୍ୟା କରାଯାଇଛି। ସେହି ନ୍ୟାୟରେ ମୁଁ କୁକୁର ମହାସଂଘର ସଭାପତି ହୋଇପାରିଛି।

:ଏବେ କୁହନ୍ତୁ ! ଆପଣଙ୍କ ଆଗମନର ଉଦ୍ଦେଶ୍ୟ ?

:ଉଦ୍ଦେଶ୍ୟ – ପ୍ରତିବାଦ ସାର୍ ! ମ୍ୟୁନିସିପାଲିଟି ଯେଉଁ ନିର୍ଣ୍ଣୟ ନେଇଛି ଯେ, ବୁଲା କୁକୁରମାନେ ଏ ସହର ପାଇଁ ଆତଙ୍କ ସୃଷ୍ଟି କରୁଛନ୍ତି, ସେମାନଙ୍କୁ ନିପାତ କଲେ ଏ ସହରର ମଙ୍ଗଳ, ଏସବୁ ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଜନବିରୋଧୀ ପଦକ୍ଷେପ। ତୁରନ୍ତ ଏହାକୁ ପ୍ରତ୍ୟାହାର କରା ନ ଗଲେ କୁକୁରମାନେ ରାଜରାସ୍ତାକୁ ଓହ୍ଲାଇ ଆସିବେ।

:ଏବେ ସେମାନେ କୋଉଠି ଅଛନ୍ତି କି ?

ରାଜରାସ୍ତାରେ ଅଛନ୍ତି ସତ। କିନ୍ତୁ ବିଦ୍ରୋହୀ ହୋଇ ନାହାଁନ୍ତି।

କମିସନର ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପକେଇଲେ।

କହିଲେ: ଆପଣ ଆପଣଙ୍କର ଦାବି ଜଣାଇଦେଲେ। ଏ ସମ୍ପର୍କରେ ଆମେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପଦକ୍ଷେପ ନେବୁ। ଏବେ ଆପଣ ଆସନ୍ତୁ।

ଯିବା ପୂର୍ବରୁ ପଞ୍ଚୁ କହିଉଠିଲେ: କଥାଟାକୁ ଟିକେ ଗୁରୁତ୍ୱର ସହିତ ବିଚାର କରି ଦେଖିବେ ସାର୍ ! ନୋହିଲେ ଅସନ୍ତୋଷର ନିଆଁ ଜଳିଉଠିବ। ସହର ହୋଇଉଠିବ ଅଶାନ୍ତ। ଜନଜୀବନ ବିପର୍ଯ୍ୟସ୍ତ ହେବ।

ପଞ୍ଚୁ ଜେନା ଫେରିଗେଲ।

ଅବଶ୍ୟ ଏ ସମ୍ପର୍କରେ ମ୍ୟୁନିସିପାଲିଟି କର୍ପୋରେଟରମାନଙ୍କ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। ପ୍ରାୟ ସମସ୍ତେ ଏକମତ ହୋଇଥିଲେ ଯେ କୁକୁରମାନଙ୍କ ବଂଶବୃଦ୍ଧି ଏ ସହର ପାଇଁ ବିପଦର କାରଣ। ସେମାନଙ୍କୁ ଯଥାଶୀଘ୍ର ଦମନ କରାଯାଉ। ତିନି ଦିନର ଅପେକ୍ଷା ପରେ ପଞ୍ଚୁ ଜେନା ପୁଣିଥରେ ମ୍ୟୁନିସିପାଲିଟି ଦପ୍ତରକୁ ଆସିଥିଲେ। ତାଙ୍କର ସାଂଗଠନିକ ଦକ୍ଷତାକୁ ପ୍ରମାଣ କରିବା ପାଇଁ ସେ ସାଙ୍ଗରେ ଆଣିଥିଲେ ସହସ୍ରାଧିକ ଶ୍ୱାନ। ପଞ୍ଚୁ ଜେନା ଯେ ବୁଲା କୁକୁର ମହାସଂଘର ଅପ୍ରତିଦ୍ୱନ୍ଦ୍ୱୀ ସଭାପତି ଏହା ପ୍ରମାଣିତ ହୋଇଯାଇଥିଲା। କୁକୁରମାନେ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଅବରୋଧ କରିଥିଲେ ଓ ଚିତ୍କାର କରି ଅଫିସ୍‌ର କାର୍ଯ୍ୟକ୍ରମ ବନ୍ଦ କରିଦେଇଥିଲେ।

ମ୍ୟୁନିସିପାଲିଟି କମିସନର ପଞ୍ଚୁ ଜେନାଙ୍କୁ ଆଲୋଚନା ପାଇଁ ଡକେଇ ପଠେଇଲେ। କୁକୁରମାନେ ପଞ୍ଚୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ନିରବ ହେଲେ ଓ ଆଲୋଚନାର ଫଳାଫଳ ପାଇଁ ଅପେକ୍ଷା କଲେ।

ପଞ୍ଚୁ ଜେନା କମିସନରଙ୍କ ପ୍ରକୋଷ୍ଠରେ ଯେଉଁ ଆଲୋଚନା କରିଥିଲେ ତାହା

ନିମ୍ନ ପ୍ରକାରରେ ଥିଲା।

କମିସନର ସ୍ୱାଗତ ଜଣେଇ କହିଲେ: ଆସନ୍ତୁ ପଞ୍ଚୁବାବୁ! ଆସନ୍ତୁ।

ପଞ୍ଚୁ ଜେନା ବିରକ୍ତି ପ୍ରକାଶ କଲେ: ଆପଣ ମୋତେ ପଞ୍ଚୁବାବୁ ନ ଡାକି ବରଂ ପଞ୍ଚୁକୁକୁର ଡାକିଲେ ଭଲ ହେବ।

କମିସନର ଡାକିଲେ: ଆସନ୍ତୁ ପଞ୍ଚୁ କୁକୁର ବାବୁ! ଆମେ ଏ ସମସ୍ୟା ସମ୍ପର୍କରେ ମୂଳରୁ ଆଲୋଚନା କରିବା।

ପଞ୍ଚୁ ଜେନା କହିଲେ: ମୁଁ ମଧ୍ୟ ମୂଳରୁ ଜାଣିବାକୁ ଚାହେଁ, ମୋର କମ୍ରେଡ୍ କୁକୁରମାନଙ୍କ ବିରୋଧରେ ଆପଣମାନଙ୍କର ଏତେ ବିତୃଷ୍ଣା କାହିଁକି ? ଆମର ସାଥୀମାନଙ୍କର ଅପରାଧ କ'ଣ ?

କମିସନର ଅଭିଯୋଗ ଫର୍ଦ୍ଦ ପଢ଼ି ଶୁଣାଇଲେ।

:ଆପଣମାନେ ଅନୁପ୍ରବେଶକାରୀ। ଅନଧିକାର ପ୍ରବେଶ କରି ଏକ ଏକ ଗଳିରେ ଆସ୍ଥାନ ଜମେଇ ରହିଯାଉଛନ୍ତି।

: ଏ ଦୃଷ୍ଟିରୁ ବୁଲା ବେପାରୀମାନଙ୍କ କାର୍ଯ୍ୟକଳାପ ପ୍ରାୟ ଏକାପରି। ସେମାନେ ମଧ୍ୟ ରାସ୍ତାକଡ଼ରେ ଜବରଦସ୍ତ ଦଖଲ କରି ବେପାର କରନ୍ତି। ପରେ ଜାଗାକୁ ମାଡ଼ି ବସନ୍ତି। ଅଥଚ ସରକାର ସେମାନଙ୍କୁ ତଡ଼ୁ ନାହାଁନ୍ତି। ଯଦି ତଡ଼ୁଛନ୍ତି, ତେବେ ଆନ୍ଦୋଳନ ହେଉଛି। ସରକାର ସେମାନଙ୍କୁ ଥଇଥାନ କରୁଛନ୍ତି।

:ସେମାନେ ଯେ ମଣିଷ।

:ନା! ଠିକ୍ ତା' ନୁହେଁ। ସେମାନେ ମଣିଷ ବୋଲି ଯେ ସରକାର ସେମାନଙ୍କର ଥଇଥାନ କରୁଛନ୍ତି ତା' ନୁହେଁ। ଅସଲ କଥା ହେଲା ଭୋଟ୍। ସେମାନଙ୍କର ଭୋଟ୍ ଦେବାର ଅଧିକାର ଅଛି, ସେଥିପାଇଁ ସେମାନଙ୍କ ପାଇଁ ରାଜନେତାଙ୍କ ହୃଦୟ କାନ୍ଦି ଉଠୁଛି, କିନ୍ତୁ ଦୁଃଖର କଥା ଯେ ଆମ ସାଥୀ କୁକୁରମାନଙ୍କର ଭୋଟ ଦେବାର ଅଧିକାର ନାହିଁ।

:ଦ୍ୱିତୀୟ ଅଭିଯୋଗ ହେଲା, କୁକୁରମାନେ ରାସ୍ତାଘାଟରେ ଜମା ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି।

:କିନ୍ତୁ ତାହା ଷଣ୍ଢ ଓ ଗାଈମାନଙ୍କ ଦ୍ୱାରା ସୃଷ୍ଟ ଟ୍ରାଫିକ୍ ସମସ୍ୟାଠାରୁ କମ୍।

:ଆପଣ ନିଜକୁ ଷଣ୍ଢ ଓ ଗାଈମାନଙ୍କ ସହିତ ତୁଳନା କରନ୍ତୁ ନାହିଁ।

:ମୁଁ ଜାଣେ ଆପଣ କାହିଁକି ଷଣ୍ଢ ଓ ଗାଈମାନଙ୍କୁ ସୁରକ୍ଷା ଦେଉଛନ୍ତି। ତା'ର

କାରଣ ସେମାନେ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ସମ୍ପ୍ରଦାୟ ସହିତ ସମ୍ପୃକ୍ତ। ଷଣ୍ଢ ଜଣେ ପ୍ରଭାବଶାଳୀ ଠାକୁରଙ୍କ ବାହନ। କିନ୍ତୁ ଦୁଃଖର କଥା, ତେତିଶ କୋଟି ଦେବତା ଥିଲେ। କୁକୁର ଏତେ ବର୍ଷ ହେଲା ସେମାନଙ୍କ ସହିତ ରହିଲା, କିନ୍ତୁ କେହି ଜଣେ ହେଲେ ବି ତାକୁ ବାହନ କରିବାକୁ ମନୋନୀତ କଲେନି। ଏହା ହିଁ ଦୁର୍ଭାଗ୍ୟ।

:ଆପଣମାନଙ୍କ ବିରୋଧରେ ତୃତୀୟ ଅଭିଯୋଗ ହେଲା, ଆପଣମାନେ ରାସ୍ତାଘାଟରେ ଅଶ୍ଳୀଳ ଆଚରଣ କରୁଛନ୍ତି, ଯାହାଦ୍ୱାରା ଯୁବସମାଜ କୁପଥଗାମୀ ହେବାର ଯଥେଷ୍ଟ ସମ୍ଭାବନା ଅଛି।

:ଆପଣ ନିଶ୍ଚୟ ସ୍ୱୀକାର କରିବେ ଯେ ସିନେମା ପୋଷ୍ଟରଠୁ ବଳି ଅଶ୍ଳୀଳ ଆଚରଣ ଆମେ କରୁ ନାହୁଁ। ଆଲବମ୍‌ର ନୃତ୍ୟଠୁ ଅଧିକ ଦୃଷ୍ଟିକଟୁ ଅଙ୍ଗଭଙ୍ଗୀ ଆମେ କରୁନା। ଆଶ୍ଚର୍ଯ୍ୟର କଥା ହେଉଛି ସିନେମା, ଟିଭି, ଆଲବମ୍ ବା ଯାତ୍ରାକୁ ସଂସ୍କୃତିସମ୍ପନ୍ନ କୁହାଯାଉଛି, ଅଥଚ ଅଶ୍ଳୀଳତାର ଆରୋପ ଆମ ବିରୋଧରେ ଅଣାଯାଉଛି।

:ଆପଣମାନେ ଅକାରଣରେ ଚିତ୍କାର କରି ଶବ୍ଦ ପ୍ରଦୂଷଣ କରୁଛନ୍ତି।

:ଆଶ୍ଚର୍ଯ୍ୟ କଥା। ଗାଡ଼ି ମଟର ପେଁ ପାଁ ହୋଇ ଚାଲୁଛି। ବାହାଘର ଶୋଭାଯାତ୍ରାରେ ରାତି ଅଧରେ ତାଣ୍ଡବ ନୃତ୍ୟ ହେଉଛି। ଦେବାଳୟରେ ମାଇକ୍ ବାଜୁଛି। ସଭା, ଶୋଭାଯାତ୍ରାରେ ନେତାମାନେ ଗର୍ଜନ କରୁଛନ୍ତି। ଅଥଚ ଶବ୍ଦ ପ୍ରଦୂଷଣର ଦୋଷ ଆମ ମୁଣ୍ଡରେ ଲଦା ହେଉଛି। ଏହା ଅନ୍ୟାୟ। ଘୋର ଅନ୍ୟାୟ।

:ଆପଣଙ୍କ ଯୁକ୍ତି ଅବଶ୍ୟ ଅକାଟ୍ୟ। କିନ୍ତୁ ମୁଁ ନିରୂପାୟ। କାରଣ 'ପ୍ରୋଜେକ୍ଟ-ନୋ ଡଗ୍'ର କାର୍ଯ୍ୟ ଆରମ୍ଭ ହୋଇସାରିଛି। ବ୍ୟୟ ମଞ୍ଜୁରୀ ହୋଇସାରିଛି। କର୍ମଚାରୀ ନିଯୁକ୍ତି ହୋଇସାରିଛି। ଯନ୍ତ୍ରପାତି କିଣାସରିଛି। ଏବେ ଆଉ କିଛି ହୋଇପାରିବ ନାହିଁ।

ଆଲୋଚନାଟି ଅମୀମାଂସିତ ଭାବରେ ଶେଷ ହୋଇଥିଲା।

ନେତା ପଞ୍ଚୁ ଜେନା କମିସନରଙ୍କ ପ୍ରକୋଷ୍ଠ ବାହାରକୁ ଆସି, ଦୁଇ ହାତ ଉପରକୁ ଟେକି କୁକୁରମାନଙ୍କୁ ସମ୍ବୋଧନ କରି କହିଥିଲେ: ଆମର ସଂଗ୍ରାମ ଜାରି ରହିବ। କାଲିଠୁ ଆରମ୍ଭ ହେବ ସତ୍ୟାଗ୍ରହ।

କୁକୁରମାନେ ଭୋ... ଭୋ... କରି ସମସ୍ୱରରେ ସମର୍ଥନ ଜଣାଇଲେ।

ପଞ୍ଚୁ ଜେନାଙ୍କ ସାଙ୍ଗଠନିକ ଶକ୍ତିକୁ ଧନ୍ୟ କହିବାକୁ ହେବ, କାରଣ ତା' ପରଦିନ ସହରର ସମସ୍ତ ବୁଲା କୁକୁର, ସହର ଛାଡ଼ି, ସହରଠାରୁ ଦଶ କିଲୋମିଟର ଦୂରରେ ପହଞ୍ଚିଥିଲେ ଓ ଗୋଟେ ଖୋଲା ପଡ଼ିଆରେ ଅନଶନ ସତ୍ୟାଗ୍ରହ କରିଥିଲେ।

ଅବଶ୍ୟ ପଞ୍ଚୁ ଜେନା ଗଛମୂଳେ ଗାମୁଛା ପାରି ଶୋଇଥିଲେ।

ସହର ସମ୍ପୂର୍ଣ୍ଣ ଶ୍ୱାନଶୂନ୍ୟ ହୋଇଯାଇଥିଲା।

ତେବେ ଏ ସମ୍ପର୍କରେ ପ୍ରଥମ ଟେଲିଫୋନ୍ ଆସିଥିଲା ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଉପେନ୍ଦ୍ର ରାୟଙ୍କ ନିକଟରୁ।

ମାନ୍ୟବର ମନ୍ତ୍ରୀ ପଚାରିଥିଲେ: ଏ ସହରରୁ କୁକୁର ସବୁ ଗଲେ କୁଆଡ଼େ ?

ଗର୍ବର ସହିତ କମିସନର କହିଲେ: ତାହା ହିଁ ତ ଥିଲା ସହରବାସୀଙ୍କ ଚିନ୍ତା, କର୍ପୋରେଟରମାନଙ୍କ ନିଷ୍ପତ୍ତି, ସର୍ବୋପରି 'ପ୍ରୋଜେକ୍ଟ-ନୋ ଡଗ୍'ର ଲକ୍ଷ୍ୟ!

:ପ୍ରୋଜେକ୍ଟ କ'ଣ ସଫଳ ହୋଇଗଲା ?

:ଶତ ପ୍ରତିଶତ ସଫଳ ସାର୍!

:ତେବେ ମୋର କ'ଣ ହେବ ?

:ଆପଣଙ୍କର ପୁଣି କି ସମସ୍ୟା ସାର୍ ?

:ମୋର ଗୋଟାଏ କୃଷ୍ଣବର୍ଣ୍ଣର ବୁଲା କୁକୁର ଦରକାର ?

:କାହିଁକି ସାର୍ ?

:ସମସ୍ୟା ବେଶ୍ ଗୁରୁତର।

:କିପରି ସାର୍ ?

:ମୋର ଶନିସପ୍ତା ପଡ଼ିଛି। ଜ୍ୟୋତିଷ ବିଶାରଦ ଭୂପାଳବାବାଙ୍କ ପାଖକୁ ଯାଇଥିଲି। ସେ ପରାମର୍ଶ ଦେଲେ ଶନିବାର ସକାଳୁ କୃଷ୍ଣବର୍ଣ୍ଣର ବୁଲା କୁକୁରକୁ ପେଟପୂରା ଭୋଜନ ଦେବାକୁ ହେବ। ଆଜି ଶନିବାର। ଅଥଚ ଦେଖୁଚି ଗୋଟାଏ ହେଲେ ବୁଲା କୁକୁର ଦୃଷ୍ଟିକୁ ଆସୁନାହାନ୍ତି।

:ତେବେ ତ ମୁସ୍କିଲ୍ ସାର୍!

:ମୁସ୍କିଲ୍ ଫୁସ୍କିଲ୍ କିଛି ନୁହେଁ। ମୋର କଳାରଙ୍ଗର ବୁଲା କୁକୁର ଦରକାର, ଯିଏ କି ମନ୍ଦିର ପାଖରେ ବୁଲାବୁଲି କରୁଥିବ।

:ହଁ ସାର୍!

:ଯେମିତି ହେଲେ ବି କୁକୁର ଆଣି ସହରରେ ବୁଲାନ୍ତୁ। ନୋହିଲେ ଶନିଙ୍କ କୋପଦୃଷ୍ଟିରେ ମୋର ରାଜନୈତିକ ଭବିଷ୍ୟତ ଅନ୍ଧକାର ହୋଇଯିବ।

:ବ୍ୟବସ୍ଥା କରୁଛି ସାର୍।

କମିସନର ବ୍ୟାକୁଳ ହୋଇ ଫୋନ୍ ରଖିଦେଲେ। ସେଦିନ କମିସନରଙ୍କ

ଫୋନ୍ ବାରମ୍ବାର ବାଜିଉଠିଥିଲା। କାରଣ ଶନିଙ୍କ ଦ୍ୱାରା ପୀଡ଼ିତ ରାଜନେତା ଓ ଉଚ୍ଚପଦାଧିକାରୀମାନଙ୍କ ସଂଖ୍ୟା କିଛି କମ୍ ନ ଥିଲା। ସମସ୍ତଙ୍କର ଲୋଡ଼ା ଥିଲା ବୁଲା କୁକୁର।

ଅଫିସ୍‌ରେ କମିସନର ମହାଶୟଙ୍କୁ ଭେଟିବାକୁ ଆଗଭର ହୋଇ ଆସିଥିଲେ ରାଜଧାନୀ ମାଂସବିକ୍ରେତା ସଂଘର ସଂପାଦକ। ବିନା କୌଣସି ଉପକ୍ରମଣିକାରେ ସେ ନିଜର ଦାବି ଜଣାଇଥିଲେ।

କହିଥିଲେ: ଆମେମାନେ ମାଂସ ଦର ବୃଦ୍ଧି କରିବାକୁ ବାଧ୍ୟ ହେଉଛୁ ସାର୍!

:କାରଣ ?

:କାରଣ ଏ ସହର ଶ୍ୱାନଶୂନ୍ୟ ହୋଇଯାଇଛି।

:ତା' ସହିତ ଆପଣଙ୍କର ସମ୍ପର୍କ ?

:ସମ୍ପର୍କ ଅଛି ବୋଲି ତ କହୁଛି !

:କୁହନ୍ତୁ !

:ଆପଣଙ୍କୁ କ'ଣ ଆଉ ଲୁଚେଇବି ସାର୍! ଦଶରୁ କୋଡ଼ିଏ ପ୍ରତିଶତ କୁକୁର ମାଂସ ଆମେ ଅପମିଶ୍ରଣ କରିଥାଉ। କମ୍ପିଟିସନ୍ ମାର୍କେଟ୍ ସାର୍! ସେଇ ଅପମିଶ୍ରଣଟା ହିଁ ଆମର ପ୍ରଫିଟ୍ ମାର୍ଜିନ୍।

:ତା'ମାନେ ଗତ ସପ୍ତାହରେ ଆପଣ ଆମ ଘରକୁ ଯେଉଁ ମାଂସ ପଠେଇଥିଲେ, ତା'ର କୋଡ଼ିଏ ପ୍ରତିଶତ କୁକୁର ମାଂସ ଥିଲା ?

: କି କଥା କହୁଛନ୍ତି ସାର୍! ସେପରି କଲେ ମୋତେ ଧର୍ମ ସହିବ ?

:ସହରର ଅନ୍ୟମାନଙ୍କୁ ଠକିଲେ ତ ଧର୍ମ ସହୁଛି ?

:ନା ସାର୍! ତା' ଭିତରେ ବି କିଛି ମାରପେଞ୍ଚ ଅଛି।

:କ'ଣ ମାରପେଞ୍ଚ ?

:ଆମେ ସର୍ବସାଧାରଣଙ୍କ ମାଂସରେ ଅପମିଶ୍ରଣ କରିପାରୁନା। ସୁବିଧା ନାହିଁ ସାର୍! ଲୋକମାନେ ସାମ୍ନାରେ ମାଂସ କଟେଇ ମାଂସ ନେଉଛନ୍ତି। ଏମିତିରେ ଓଜନରେ ଠକି ଦେଉ। ମାଇ ନୋହିଲେ ବୁଢ଼ୀ ମିଶାଇ ଦେଉ। ନ ହେଲେ ପାଣି ମାରିଦେଉ। କିନ୍ତୁ ଅପମିଶ୍ରଣ କରିପାରୁନା। ଅପମିଶ୍ରିତ ହୋଇଯାଏ ବଡ଼ ବଡ଼ ହୋଟେଲ୍‌ର ମାଂସ। ଆପଣ ତ ଜାଣନ୍ତି ସେଇ ବଡ଼ ବଡ଼ ହୋଟେଲ୍‌ରେ ଖାଆନ୍ତି ଦୁର୍ନୀତିଗ୍ରସ୍ତ ବଡ଼ଲୋକମାନେ, ତେଣୁ ଧର୍ମ ଆମ ସପକ୍ଷରେ ରହିଥାଏ।

:ଆପଣଙ୍କ ଯୁକ୍ତି ଚମତ୍କାର।

:କୁକୁରମାନଙ୍କୁ ଫେରାଇ ଆଣନ୍ତୁ ସାର୍! ସହରରେ କୁକୁର ବଢ଼ାନ୍ତୁ।

:କିଛି ଗୋଟାଏ ଉପାୟ ନିଶ୍ଚୟ କରିବା।

:ଏଇ ପ୍ରସଙ୍ଗରେ ଆମେ ଆପଣଙ୍କୁ କିଛି ଉପହାର ଦେବାକୁ ପ୍ରସ୍ତୁତ।

:ଅବଶ୍ୟ! ଠିକ୍ ଅଛି।

ମାଂସ ବିକ୍ରେତା ସଂଘର ସଂପାଦକ ଫେରିଗଲେ।

ସେଦିନ ସଂଧ୍ୟା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ତାଙ୍କୁ ନିର୍ଦ୍ଦେଶ ଆସିଥିଲା ସାକ୍ଷାତ ପାଇଁ। କମିସନର ନିତ୍ୟାନନ୍ଦ ବାବୁ ଅସଲରେ ମୁଖ୍ୟମନ୍ତ୍ରୀଙ୍କ ଲୋକ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୟାରୁ ସେ ରାଜଧାନୀକୁ ବଦଳି ହୋଇ ଆସିଥିଲେ ଓ ମ୍ୟୁନିସିପାଲିଟିର କମିସନର ହୋଇପାରିଥିଲେ।

ଏବେ ସେ ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ।

ମୁଖ୍ୟମନ୍ତ୍ରୀ ବିରକ୍ତ ତଥା ଚିନ୍ତିତ ଦିଶୁଥିଲେ।

ପଚାରିଲେ: 'ପ୍ରୋଜେକ୍ଟ-ନୋ ଡଗ୍'ର ଅବସ୍ଥା କ'ଣ?

:କାର୍ଯ୍ୟକ୍ରମ ଆରମ୍ଭ ହୋଇନି, କିନ୍ତୁ ସହର ଶ୍ୱାନଶୂନ୍ୟ ହୋଇଯାଇଛି।

:ତେବେ!

:ମୁଁ ଭାବୁଛି ଆମେ ପ୍ରୋଜେକ୍ଟଟା ସଫଳ ହେଲା ବୋଲି ଦାବି କରିବା ଓ ସମସ୍ତ ଖର୍ଚ୍ଚକୁ ଉଠେଇ ନେବା।

:କିପରି?

:ଯେମିତି ଆମେ ପୋଖରୀ ଖୋଳୁନା, କୌଣସି ପୂର୍ବରୁ ଥିବା ଖମାକୁ ପୋଖରୀ ବୋଲି ଦେଖାଇ ଅର୍ଥ ଆତ୍ମସାତ୍ କରିଦେଉ। ଗ୍ରାମବାସୀ ଯେଉଁ ରାସ୍ତା ତିଆରି କରିଥାଆନ୍ତି ତାହା ପାଇଁ ସରକାରୀ ତହବିଲ୍‌ରୁ ଖର୍ଚ୍ଚ ଦେଖାଇ ହଡ଼ପ କରିଦେଉ। କୁକୁରମାନେ ନିଜ ଇଚ୍ଛାରେ ସହର ଛାଡ଼ି ଚାଲିଯାଇଛନ୍ତି। ଆମେ ଏ ସୁଯୋଗର ସଦ୍‌ବ୍ୟବହାର କରିବା ଉଚିତ୍।

ମୁଖ୍ୟମନ୍ତ୍ରୀ ଗର୍ଜି ଉଠିଲେ: ମୂର୍ଖ!

କମିସନର ବିନୀତ ଦେଖାଗଲେ। ସେ କିଛି ଭୁଲ୍ କହିଦେଲେ କି? ଏହି ନ୍ୟାୟରେ ତ ସେ ଅନେକ କାମ କରିଛନ୍ତି। ମୁଖ୍ୟମନ୍ତ୍ରୀ, ଅନ୍ୟ ମନ୍ତ୍ରୀମାନଙ୍କୁ, ଉଚ୍ଚ ଅଧିକାରୀମାନଙ୍କୁ ଭାଗ ଦେଇ ତୁଷ୍ଟ କରିଛନ୍ତି। ଏବେ କ'ଣ ହେଲା?

ମୁଖ୍ୟମନ୍ତ୍ରୀ କହି ଉଠିଲେ: କୌଣସି କାର୍ଯ୍ୟକ୍ରମ ଶତ ପ୍ରତିଶତ ସଫଳ ହେବା ଗଣତନ୍ତ୍ରର ଲକ୍ଷ୍ୟ ନୁହେଁ। କାର୍ଯ୍ୟକ୍ରମ ସବୁ ଅନଗୋଇଂ ପ୍ରୋସେସ୍। ଆମେ ଯେ କହୁ ଦାରିଦ୍ର୍ୟ ଦୂରୀକରଣ, ତା'ମାନେ କ'ଣ ଦାରିଦ୍ର୍ୟ ପୂରାପୂରି ଦେଶରୁ ଚାଲିଯିବ। ଚାଲିଗଲେ ଆମେ କରିବା କ'ଣ? ଆଇନଶୃଙ୍ଖଳା କଥା ଭାବ । ସବୁଆଡ଼ ଅପରାଧଶୂନ୍ୟ ହୋଇଗଲେ ଏତେ ପୋଲିସ, ଥାନାଙ୍କୁ କିଏ ପୋଷିବ? ମନେରଖ, ସବୁ କାର୍ଯ୍ୟକ୍ରମ ଶେଷହୀନ ଓ ଅର୍ଦ୍ଧ ସଫଳ ହେବା ଉଚିତ। କାର୍ଯ୍ୟକ୍ରମ ଚାଲିଥିବ, ବ୍ୟୟ ବରାଦ ହେଉଥିବ। ଲୋକେ କର୍ମସଂସ୍ଥାନ ପାଉଥିବେ। କାର୍ଯ୍ୟକ୍ରମ ଅଧେ ସଫଳ ହେଉଥିବ। ଅଧେ ବିଫଳ ହେଉଥିବ। ପୁଣି କାର୍ଯ୍ୟକ୍ରମ ହେଉଥିବ। ଏହା ହିଁ ଗଣତନ୍ତ୍ରର ନିୟମ। ଆମର ପୂରା ସଫଳ କାର୍ଯ୍ୟକ୍ରମ ନୁହେଁ ଅର୍ଦ୍ଧସଫଳ କାର୍ଯ୍ୟକ୍ରମ ଲୋଡ଼ା।

ଅବଶେଷରେ ନିତ୍ୟାନନ୍ଦ ବାବୁ ଏକା ଏକା ନିଜ ଗାଡ଼ି ଚଳେଇ ବାହାରିପଡ଼ିଲେ ପଞ୍ଚୁ ଜେନାଙ୍କ ସନ୍ଧାନରେ। ବାଟରେ ଗୋଟେ ଫୁଲ ଦୋକାନରୁ ଫୁଲମାଳଟିଏ ଯାହା କିଣିନେଇଥିଲେ।

ସହରଠୁ ଦଶ କିଲୋମିଟର ଦୂରରେ ଗୋଟେ ଗଛମୂଳେ ଗାନ୍ଧି ମହାତ୍ମା ଅନଶନରେ ବସିବା ଭଳି ବସିଥିଲେ ପଞ୍ଚୁ ଜେନା। ତାଙ୍କୁ ଘେରିକରି ଶୋଇଥିଲେ ସହସ୍ରାଧିକ କୁକୁର।

ନିତ୍ୟାନନ୍ଦ ବାବୁ ତାଙ୍କୁ ଦୂରରୁ ପ୍ରଣାମ କଲେ ଓ ଗଳାରେ ଫୁଲମାଳଟି ପକେଇଦେଲେ।

କହିଲେ: ପଞ୍ଚୁ କୁକୁର ବାବୁ! ଆପଣ ପ୍ରକୃତରେ ମହାତ୍ମା। ଯାହା କେବେ ଏ ଚର୍ମଚକ୍ଷୁ ଦେଖି ନ ଥିଲା ବା ଭାବି ନ ଥିଲା, ଆପଣ ତାହା କରି ଦେଖାଇଦେଲେ। ଏ ରାଜ୍ୟରେ, ଏ ଦେଶରେ କେତେ କେତେ ମହାତ୍ମା, କେତେ କେତେ ବାବା, ଧର୍ମାଚାର୍ଯ୍ୟ ଅବତରିଛନ୍ତି, କିନ୍ତୁ କେହି ଆପଣଙ୍କ ଭଳି ମହିମା ଦେଖେଇ ନ ଥିଲେ।

ସ୍ତୁତିବାକ୍ୟ ପରେ ନିତ୍ୟାନନ୍ଦ ବାବୁ ନିବେଦନ କଲେ।

:ମହାଭାଗ! ଆପଣ କିଛି ଗୋଟାଏ ରାସ୍ତା ବାହାର କରନ୍ତୁ। ନୋହିଲେ ମୁଁ ଭାସିଯିବି। ତଳିତଳାନ୍ତ ହୋଇଯିବି। ଶେଷ ହୋଇଯିବି। ଏ ପ୍ରୋଜେକ୍ଟ ବନ୍ଦ ହୋଇପାରିବ ନାହିଁ। କାରଣ ବ୍ୟୟବରାଦ ହୋଇସାରିଛି। ସାଜସରଞ୍ଜାମ କିଣା ସରିଛି। ଅସ୍ଥାୟୀ କର୍ମଚାରୀ ନିଯୁକ୍ତି ସରିଛି। ସେଥିରୁ ଅଧେ ମୋ ଲୋକ, ଅଧେ ମନ୍ତ୍ରୀ ଓ

ବିଧାୟକଙ୍କର। ଅଥଚ ଆପଣମାନେ ସମସ୍ତେ ସହର ଛାଡ଼ି ଚାଲିଆସିଛନ୍ତି। ଏ ପ୍ରୋଜେକ୍ଟ ଚାଲିବ କେମିତି ? ପୁଣି ଆସନ୍ତା ବର୍ଷ ଏଇ କାର୍ଯ୍ୟ ପାଇଁ ବ୍ୟୟବରାଦ ହେବ କେମିତି ? ପ୍ରଭୋ ! ମୋତେ ଆପଣ ବଞ୍ଚାନ୍ତୁ।

ପଞ୍ଚୁଜେନା ଆଶ୍ୱସ୍ତ ଦିଶୁଥିଲେ।

କହିଲେ: ଉପାୟ ପାଇଗଲି। ପାଇଗଲି ବେଟା !

ନିତ୍ୟାନନ୍ଦ ବାବୁ ପଚାରିଲେ: କ'ଣ ପାଇଲେ ପ୍ରଭୋ !

ପଞ୍ଚୁ ଜେନା କହିଲେ: ଶୂନ୍ୟ ସଂହିତା ପଢ଼ିଛୁ। ସେଥିରେ ଅଛି ପରା ବାଜା ବାଜୁଥିବ, ଶବଦ ନ ଥିବ। ଦୀପ ଜଳୁଥିବ, ଆଲୁଅ ନ ଥିବ। ସେମିତି କୁକୁର ବିନାଶ ହେଉଥିବେ, କିନ୍ତୁ କେହି ମରୁ ନ ଥିବେ।

ସନ୍ଦେହରେ କମିସନର ପଚାରିଲେ: ଆପଣ କ'ଣ ସେମାନଙ୍କୁ ଅମର ବର ଦେବେ !

ପଞ୍ଚୁ ଜେନା କହିଲେ: ନା, ନା, ସେମିତି ନୁହେଁ। ଅସଲ କଥା ହେଲା ତୁମ କର୍ମଚାରୀମାନେ କେହି କୁକୁରଙ୍କୁ ମାରିବେ ନାହିଁ। ଧରି ନେବେ। ଧରି ନେଇ ସହରଠୁ ଦୂରରେ ଛାଡ଼ିଦେଇ ଆସିବେ। ମୁଁ ମୋର କମ୍ରେଡ୍‌ମାନଙ୍କୁ କହିଦେବି ସେମାନେ ଚାଲିଚାଲି ପୁଣି ସହରକୁ ଫେରିବେ ସତ, କିନ୍ତୁ ସେମାନଙ୍କ ପୁରୁଣା ଜାଗାରେ ଆସ୍ଥାନ ଜମେଇବେ ନାହିଁ। ନୂଆ ଜାଗାରେ ରହିବେ। ବାସ୍ ସହରବାସୀ ଖୁସ୍, କୁକୁର ଧରା ହେଉଛନ୍ତି । ଆପଣ ଖୁସ୍, ପ୍ରୋଜେକ୍ଟ ଚାଲୁରହିଛି। ଆମେମାନେ ବି ଖୁସ୍, ଆମର ସାଥୀ କମ୍ରେଡ୍‌ମାନେ ଜୀବିତ ରହିଛନ୍ତି।

ମ୍ୟୁନିସିପାଲ କମିସନର ଭାବିଲେ , ଉପ ମୁଖ୍ୟମନ୍ତ୍ରୀ ଖୁସୀ ହେବେ , କାରଣ ଶନି ତୁଷ୍ଟି ପାଇଁ କୃଷ୍ଣ ବର୍ଣ୍ଣର ବୁଲା କୁକୁର ମିଳିବେ । ମାଂସ ବିକ୍ରେତା ସଂଘ ଖୁସୀ ହେବେ , କାରଣ କୋଡ଼ିଏ ପ୍ରତିଶତ ମାଂସ ଅପମିଶ୍ରଣ ପାଇଁ କୁକୁର ମିଳିବେ । ମୁଖ୍ୟମନ୍ତ୍ରୀ ଖୁସୀ ହେବେ , କାରଣ ପ୍ରୋଜେକ୍ଟ-ନୋ ଡଗ'ର ଶେଷ ହୀନ କାର୍ଯ୍ୟକ୍ରମ ଚାଲୁ ରହିବ । ମ୍ୟୁନିସିପାଲ ଅସ୍ଥାୟୀ କର୍ମଚାରୀ ଖୁସୀ ହେବେ , କାରଣ ସେମାନଙ୍କୁ କାମ ମିଳିବ ।

ମ୍ୟୁନିସିପାଲ କମିସନର ଆନନ୍ଦାତିଶଯ୍ୟରେ ଚିତ୍କାର କରି ପକାଇଲେ: ଜୟ ପଞ୍ଚୁ କୁକୁର ବାବାଙ୍କ ଜୟ। ଜୟ ବୁଲାକୁକୁର ମହାସଂଘର ଜୟ।

ଏଇ ରକମ ପ୍ରୋଜେକ୍ଟ-ନୋ ଡଗ ର କାର୍ଯ୍ୟକ୍ରମ ସଫଳ ସମ୍ପାଦିତ

ହୋଇଥିଲା। ପ୍ରତିଦାନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ପଞ୍ଚୁ ଜେନାଙ୍କୁ ଦଳୀୟ ଟିକେଟ୍ ଯାଚିଥିଲେ । କିନ୍ତୁ ପଞ୍ଚୁ ଜେନା କୁକୁରମାନଙ୍କୁ ଭୋଟାଧିକାର ମିଳିବା ପର୍ଯ୍ୟନ୍ତ ସଂଗ୍ରାମ କରିବାକୁ ମତ ଦେଇ ପ୍ରସ୍ତାବ ଗ୍ରହଣ କଲେନାହିଁ। କୁକୁରମାନଙ୍କ ନ୍ୟାଯ୍ୟ ଦାବି ପାଇଁ ଲଢ଼େଇ କରିବାକୁ ତଥା ସାଧନା କରିବାକୁ ସେ ଅଜଣା ମୂଳକକୁ ଚାଲିଯାଇଥିଲେ।

ତେବେ ଗୋଟିଏ କଥା ପ୍ରତିପାଦ୍ୟ ହୋଇଥିଲା ଯେ, କୁକୁରମାନଙ୍କ ବିନାଶ କାଳରେ ଦେବଦୂତତୁଲ୍ୟ ଆବିର୍ଭୂତ ହୋଇ କୁକୁର ବଂଶକୁ ରକ୍ଷା କରିଥିବାରୁ, ଏବେ ବି କୌଣସି ବୁଲା କୁକୁର ଆକ୍ରମଣାତ୍ମକ ଭଙ୍ଗୀରେ ଆପଣଙ୍କ ଆଡ଼କୁ ମାଡ଼ିଆସିଲେ, ଆପଣ ଯଦି 'ପଞ୍ଚୁ, ପଞ୍ଚୁ' ବୋଲି ଡାକିଦେବେ, ତେବେ କୁକୁରଟି ଆରାଧ୍ୟଙ୍କ ନାମ ସ୍ମରଣ କରି ପଛେଇଯିବ।

ତେବେ ଦିନେ ଦିନେ ମଧ୍ୟରାତ୍ରରେ ମ୍ୟୁନିସିପାଲ କମିସନରଙ୍କ ନିଦ ଭାଙ୍ଗିଯାଏ। ତାଙ୍କୁ ଲାଗେ ହୁଏତ କୌଣସି ଦିନ ପଞ୍ଚୁ ଜେନା ବା ଆଉ କିଏ ସହର ଭିତରକୁ ଆସିଯାଉଛନ୍ତି, ଭିନ୍ନ ଏକ ସିଦ୍ଧି ନେଇ । ଯେମିତି ଦିନେ ସବୁ ଦରିଦ୍ର ଲୋକ ତାଙ୍କ ନେତୃତ୍ୱରେ ଏ ଦେଶ ଛାଡ଼ି ବାହାରିଯାଉଛନ୍ତି,ଏଇଆ କହି କହି ଯେ, 'ରଖ ହେ ! ରଖ ହେ ତୁମର ଦାରିଦ୍ର୍ୟ ଦୂରୀକରଣ ଯୋଜନା' । କିମ୍ବା ସବୁ ଦୁର୍ନୀତି ପୀଡ଼ିତ ଲୋକ ଅନ୍ୟ କେଉଁ ପଞ୍ଚୁ ଜେନାଙ୍କ ନେତୃତ୍ୱରେ ଦେଶ ବାହାରେ ଏକ ଅଦ୍ଭୁତ ଉପଦ୍ୱୀପରେ ଠିଆ ହୋଇ କହୁଛନ୍ତି, 'ରଖ ହେ ! ରଖ ତମର ଦୁର୍ନୀତି ନିବାରଣ ଅଭିଯାନ' । କିମ୍ବା ସବୁ ସାଧାରଣ ପୀଡ଼ିତ ଜନତା ପଳେଇ ଯାଉଛନ୍ତି କୌଣସି ଦୂର ଦେଶକୁ 'ଆମେ ଚାଲିଲୁ ଏ ଦେଶ ଛାଡ଼ି' ବୋଲି ଘୋଷଣା କରି, ଅଭିମାନରେ, ଅପମାନରେ ଅବା ଅସହାୟତାରେ।

ମ୍ୟୁନିସିପାଲ କମିସନରଙ୍କର ସବୁ ଭଣ୍ଡ ପ୍ରୋଜେକ୍ଟ ଭାଙ୍ଗି ଦେବାକୁ ଇଚ୍ଛା ହୁଏ। କିନ୍ତୁ ସରକାରୀ ସିଷ୍ଟମର ଅଦ୍ଭୂତ ମାୟାଜାଲ କାଟି ସେ କିଛି କରିପାରନ୍ତି ନାହିଁ।

# ସନ୍ଥଦାସଙ୍କ କୁକୁର

ସନ୍ଥ ଦାସଙ୍କ କୁକୁରଟି କେବଳ ଯେ ବିଚକ୍ଷଣ ଥିଲା ତା' ନୁହେଁ, ତା'ର ପ୍ରକୃତି ଥିଲା ଅଲଗା ଧରଣର। ଏତେ ଅଲଗା ଯେ ବେଳେ ବେଳେ ନିଜେ ସନ୍ଥଦାସ ବି ସନ୍ଦେହ ପ୍ରକଟ କରୁଥିଲେ। କହୁଥିଲେ: ଏ କୁକୁରଟା ବୋଧେ ପୂର୍ବଜନ୍ମରେ ମଣିଷ ଥିଲା। ନୋହିଲେ ତା'ର କୁକୁର ପ୍ରକୃତି କମ୍ ଓ ମଣିଷ ପ୍ରକୃତି ବେଶି ହେଇ ଥାଆନ୍ତା କିପରି ?

ଯେଉଁମାନେ ତାଙ୍କର ଏ ପ୍ରକାର ମନ୍ତବ୍ୟ ଶୁଣୁଥିଲେ, ତତ୍‌କ୍ଷଣାତ୍ ପଚାରୁଥିଲେ: କ'ଣ ତା'ର ସେଇ ସବୁ ପ୍ରକୃତି ?

ସନ୍ଥଦାସ କହୁଥିଲେ: ତା'ର ତ ଅନେକ ପ୍ରକୃତି ଅଛି। ତେବେ ତା' ପ୍ରକୃତି ଟିକେ ନିଆରା।

ପ୍ରଶ୍ନକର୍ତ୍ତା ଯଦି ଟିକେ ଦାର୍ଶନିକ ପ୍ରକୃତିର ହେଇଥାଆନ୍ତି, ତେବେ ମତ ଦିଅନ୍ତି: ଦୁନିଆଁରେ ସବୁ ମଣିଷଙ୍କ ପ୍ରକୃତି ତ ଅଲଗା ଅଲଗା। ସବୁ କୁକୁରଙ୍କର ପ୍ରକୃତି ଅଲଗା କେମିତି ନ ହେବ? ସ୍ଥୁଳ ଦୃଷ୍ଟିରେ ଦେଖିଲେ ହୁଏତ ଏକା ଲାଗିପାରେ । କିନ୍ତୁ ଅସଲରେ ପୃଥିବୀର ସବୁ ଜୀବଙ୍କର ଚରିତ୍ର, ପ୍ରକୃତି ଅଲଗା ଅଲଗା। ଯେତେ ଜୀବ, ସେତେ ପ୍ରକୃତି।

ଏମିତି ମତ ଓ ମନ୍ତବ୍ୟରେ ସନ୍ଥଦାସ ଟିକେ ବିଚଳିତ ମନେହୁଅନ୍ତି।

କହନ୍ତି: ନା! ନା! ଏତେ ତାତ୍ତ୍ୱିକ କଥା ମୁଁ କହୁ ନ ଥିଲି। ମୋତେ ଲାଗେ। ପୂରାପୂରି ଲାଗେ ଯେ ଏ କୁକୁରଟା ଅଲଗା ପ୍ରକୃତିର।

ପ୍ରଶ୍ନକର୍ତ୍ତା ଚିଡ଼େଇଲା ଭଳି କହନ୍ତି: ସେ କଥା ସମସ୍ତଙ୍କୁ ଲାଗେ । ସବୁ ଲୋକଙ୍କୁ ଲାଗେ ତାଙ୍କ ପୋଷା ଜୀବଟା ଅଲଗା ପ୍ରକୃତିର, ତାଙ୍କ ପିଲାଟା ଅଲଗା ପ୍ରକୃତିର। ଏମିତିକି ତାଙ୍କ ଗଛଟା ଅଲଗା ପ୍ରକୃତିର।

ସନ୍ଥ ଦାସ ଟିକେ ଅନ୍ୟମନସ୍କ ହେଇପଡ଼ନ୍ତି।

ପ୍ରଶ୍ନକର୍ତ୍ତା ଟିକେ ନରମେଇ ଦିଅନ୍ତି ତାଙ୍କର ବାକ୍ୟବାଣ।

ପଚାରନ୍ତି: କ'ଣ ଅଲଗା ପ୍ରକୃତି ଆପଣଙ୍କ କୁକୁରର, କହୁନାହାନ୍ତି।

ସନ୍ତୁଦାସ କହନ୍ତି: ସେ ମଣିଷର ଭାଷା ବୁଝିପାରେ।

ପ୍ରଶ୍ନକର୍ତ୍ତା ଯୁକ୍ତି କରନ୍ତି: ସବୁ କୁକୁର ପ୍ରାୟ ମଣିଷର ଭାଷା ବୁଝିପାରନ୍ତି।

ସନ୍ତୁଦାସ କହନ୍ତି: ମୋ କୁକୁର କେବଳ ବୁଝେନି। ମଣିଷର ଭାଷା ବି କହେ।

ପ୍ରଶ୍ନକର୍ତ୍ତା ଆଶ୍ଚର୍ଯ୍ୟ ହୁଅନ୍ତି। ମଣିଷର ଭାଷା କହେ କୁକୁର? ଏହା କ'ଣ ସମ୍ଭବ? ଅସମ୍ଭବ କ'ଣ? ଶୁଆଶାରୀ ତ ପୁଣି କହନ୍ତି ମଣିଷର ଭାଷା। କିସ ପୁଣି ଦେଖା ନ ଯାଏ ବଞ୍ଚିଥିଲେ ଜୀବନେ!

ଲୋକମାନେ, ପ୍ରଶ୍ନକର୍ତ୍ତାମାନେ ଖୁବ୍ ବେଶି ଉତ୍ସାହିତ ହେଇପଡ଼ନ୍ତି। ଖୁବ୍ ଆଗ୍ରହୀ ହୋଇପଡ଼ନ୍ତି। ଗୋଛା ଗୋଛା ପ୍ରଶ୍ନ ଓ ମନ୍ତବ୍ୟ ଅଜାଡ଼ି ହେଇପଡ଼େ ସନ୍ତୁଦାସଙ୍କ ଉପରେ।

:ମଣିଷର ଭାଷା କହେ ଆପଣଙ୍କ କୁକୁର? ବଡ଼ ଆଶ୍ଚର୍ଯ୍ୟ କଥା ତ!

:କୋଉ ଭାଷା କହେ, କହିଲେ। ଓଡ଼ିଆ ନା ଇଂରାଜୀ ନା ବଙ୍ଗଳା?

:କେତେବେଳେ କହେ? କେମିତି କହେ?

:କୁକୁର ଭଳି ଭୁକେ ନା ନାହିଁ। ନା ଖାଲି କଥାଭାଷା କରୁଥାଏ।

:ଆପଣଙ୍କ କୁକୁରକୁ ଟିକେ ଡାକିଲେ, ଦେଖିବା କେମିତି କଥା କହୁଚି।

:ଆପଣଙ୍କ କୁକୁରକୁ ଟିକେ କୁହନ୍ତୁନା, ସେ ଗୋଟେ ଗୀତ ଗାଇବ।

ଏତେ ସବୁ ପ୍ରଶ୍ନ ଓ ମତରେ ସନ୍ତୁ ଦାସ ଦିଅନ୍ତି ସଂକ୍ଷିପ୍ତ ଗୋଟେ ବକ୍ତବ୍ୟ। କହନ୍ତି: ମତେ କାହିଁକି କେଜାଣି ସେମିତି ମନେହୁଏ।

ଲୋକମାନେ ଫେରିଯାଆନ୍ତି। ଲୋକମାନେ ହସନ୍ତି। ଲୋକମାନେ ଥଟ୍ଟା ଖେଳନ୍ତି। ଲୋକମାନେ ପଛରେ ଚୁପ୍‌ଚାପ୍ ହୁଅନ୍ତି।

କହନ୍ତି: ସନ୍ତୁ ଦାସ ନିଜେ ଗୋଟେ ପାଗଳ କିମ୍ବା ତା' କୁକୁର ଗୋଟେ ପାଗଳ।

ତେବେ ସନ୍ତୁ ଦାସ ଟିକେ ପାଗଳା ଥିଲା। କାରଣ କୁକୁରର ପ୍ରକୃତି ଅନୁଧ୍ୟାନ କରିବାରେ ସେ ସବୁଠୁ ବେଶି ସମୟ ବ୍ୟୟ କରୁଥିଲା। ତାତ୍ତ୍ୱିକ ଦୃଷ୍ଟିରୁ ଦେଖିଲେ ଏ ସଂସାରରେ ସମେସ୍ତ ଅଳ୍ପ ବହୁତେ ପାଗଳା। ତେବେ ସନ୍ତୁ ଦାସର କୁକୁର ଟିକେ ଅଲଗା ଟାଇପ୍‌ର ଥିଲା ନିଶ୍ଚୟ।

ଏଇ ସେମିତି ସେ ରାତିରେ ଜଗୁ ନ ଥିଲା କିମ୍ବା ଜାଗୁ ନ ଥିଲା। ସେ ରାତି ଦଶଟା ପାଖାପାଖି ଖାଇସାରି ଆରାମରେ ସନ୍ତୁ ଦାସଙ୍କ ବାରଣ୍ଡାରେ ଶୋଇ ପଡୁଥିଲା। ଯେତେ ଖଡ଼ଖାଡ଼ ହେଲେ କି ଅପରିଚିତ ଲୋକ ଆସିଲେ ଜମା ଉଠୁ ନ ଥିଲା କିମ୍ବା ଭୁକୁ ନ ଥିଲା। ସେ ଖାଇବା ବେଳ ଡେରି ହେଲେ କିମ୍ବା ଖାଦ୍ୟର ପରିମାଣ କମ ହେଲେ କିମ୍ବା ଖାଦ୍ୟର ସ୍ୱାଦ ନିମ୍ନମାନର ହେଲେ ପ୍ରତିବାଦ କରୁଥିଲା। ତାକୁ ମାରିବାକୁ ବାଡ଼ି ଉଞ୍ଚେଇଲେ ସେ ଅନ୍ୟ କୁକୁରମାନଙ୍କ ପରି ଲାଞ୍ଜ ଜାକି କୁଁ କୁଁ ହେଇ ପଳେଇ ଯାଉ ନ ଥିଲା। ବରଂ ସେମିତି ସେଇଠି ଠିଆ ହେଇ ଗର୍ଜନ କରୁଥିଲା, ଯେମିତି ସେ ପ୍ରତିବାଦ କରୁଛି ଅନ୍ୟାୟର।

ତା' ବେକରେ ଚେନ୍ ବନ୍ଧା ହେଲେ ସେ ବିଦ୍ରୋହ କରୁଥିଲା। ସେ କେବେ ଅଯଥାରେ ଭୁକାଭୁକି କରୁ ନ ଥିଲା। ଅଖାଦ୍ୟ ଖାଉ ନ ଥିଲା। ତା'ର ଜୀବନଯାପନରେ ସେ ଥିଲା ଟିକେ ରାଜକୀୟ। ତା'ର ଚରିତ୍ରର ଏ ପ୍ରକାର ବିଶେଷତା ସନ୍ତୁଦାସଙ୍କ ଦୃଷ୍ଟିରେ ବାରମ୍ବାର ପଡୁଥିଲା ଓ ସେ ଶେଷରେ ସମ୍ଭାଳି ପାରିଲେ ନାହିଁ ନିଜକୁ, ଦିନେ ଖୋଲାଖୋଲି କହିଦେଲେ।

କହିଲେ: ତୁ ତ କୁକୁରଟାଏ। କୁକୁର ପରି ହେଉନୁ କାହିଁକି ?

ହଠାତ୍ ତାଙ୍କ କାନରେ ଶୁଣାଗଲା ବିଚିତ୍ର ଏକ ସ୍ୱର। ଗାରୁ ଗାରୁ ହେଇ କିଏ ଯେମିତି କହିଲା: ତମେ ତ ମଣିଷ ! ମଣିଷ ପରି ହେଉନ କାହିଁକି ?

ସନ୍ତୁ ଦାସ ଚମକି ପଡ଼ି ଚାହିଁଲେ। କିଏ କହିଲା ? କିଏ କହିଲା ? ସାମ୍ନାରେ କେହି କୁଆଡ଼େ ନ ଥିଲେ। କେବଳ କୁକୁରଟି ଛଡ଼ା। କୁକୁରଟା ଯେ ଏତେ ବଡ଼ ଗୁଢ଼ କଥା କହିଦେଇ, ତାଙ୍କୁ ଚେଙ୍ଗାଟେ ମାରି ଚୁପ୍ ହେଇଯାଇଛି, ଏକଥା ଅନୁମାନ କରିବାକୁ ତାଙ୍କୁ ଡେରି ଲାଗି ନ ଥିଲା। କୁକୁରର କଥା ତାଙ୍କୁ ଦାର୍ଶନିକ ସୁଲଭ ମନେହେଲା।

ସେ ମଣିଷ ଭଳି ହେଉ ନାହାନ୍ତି ? ତେବେ କାହାଭଳି ହେଉଛନ୍ତି। ମଣିଷମାନେ କିପରି ହେବା ଉଚିତ ? ସେ କଥା ସ୍ଥିର କରିବ କିଏ ? ମଣିଷମାନେ କିପରି ହେବେ ସେ ସଂପର୍କରେ କ'ଣ କୌଣସି ଶାସ୍ତ୍ର ଲେଖା ହେଇଚି ? ତେବେ ସେ ଶାସ୍ତ୍ରକୁ ଲେଖିଚି କିଏ ? ମଣିଷ ନା ଅନ୍ୟ କେହି ?

ହଠାତ୍ ତାଙ୍କର ମନେହେଲା କୁକୁର ଯେମିତି ସେଇ ମର୍ମରେ ତାଙ୍କ ସହ ଯୁକ୍ତି କରିବାକୁ ପ୍ରସ୍ତୁତ। ସେ ଯେମିତି ଚ୍ୟାଲେଞ୍ଜ କଲାଭଳି ପଚାରୁଛି, କୁକୁରଟା

କେମିତି ହେବ? କୁକୁରର କର୍ତ୍ତବ୍ୟ କ'ଣ? କୁକୁରର ପ୍ରକୃତି କେମିତି ହେବ? ଏସବୁ କଥା ସ୍ଥିର କରିବ କିଏ? ମଣିଷ ନା କୁକୁର? ମଣିଷ କୋଉ ଅଧିକାରରେ ସ୍ଥିର କରିନେଇଛି କୁକୁରର କର୍ତ୍ତବ୍ୟ? ଏଇଟା କ'ଣ ନ୍ୟାୟୋଚିତ ହୋଇଛି?

ସନ୍ଥ ଦାସ ଆପଣା କୁକୁରର ନାମ ଦେଇଥିଲେ 'ମାନବ'। କାହିଁକି 'ମାନବ' ଦେଇଥିଲେ, ସେ କଥା ସେ ଭାବି ନାହାନ୍ତି। ଏବେ କିନ୍ତୁ ମନେହେଉଛି କୁକୁରଟା କ୍ରମେ ମାନବ ଚରିତ୍ର ଭଳି ହେବାକୁ ଆରମ୍ଭ କରିଛି। ଏ ସଂପର୍କରେ ସନ୍ଥ ଦାସ ଯେତେ ଚିନ୍ତାକଲେ ସେତେ ଭାବପ୍ରବଣ ହେବାକୁ ଲାଗିଲେ।

ତେବେ ଅଚିରେ ଆଉ ଏକ ଘଟଣା ଘଟିଲା, ଯାହା ସନ୍ଥ ଦାସଙ୍କୁ ଆଚମ୍ବିତ ପର୍ଯ୍ୟାୟକୁ ଘେନିଗଲା।

ଜଗତ ଦାସର ପରିବାର ସହିତ ସନ୍ଥ ଦାସଙ୍କ ପରିବାରର କଳିତକରାଳ ଏକ ଐତିହାସିକ ଘଟଣା ହୋଇସାରିଥିଲା। ଡଜନାଧିକ ମାମଲା କୋର୍ଟରେ ଓ ଥାନାରେ ଦରଜ ହୋଇ ସାରିଥିଲା। ସନ୍ଥ ଦାସ ରହୁଥିବା ଜାଗା ଓ ଘର ଉପରେ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଜଗତ ଦାସ ବହୁ ଉଦ୍ୟମ କରିଚାଲିଥିଲା। ଜଗତ ଦାସର ଖାସ୍ ଗୁଣ୍ଡା ଥିଲା ରଘୁ।

ରଘୁ ସହିତ ଝଗଡ଼ା ହୋଇଗଲା ସନ୍ଥ ଦାସଙ୍କର। ଯଦିଓ ଝଗଡ଼ାଟା ଥିଲା ମାମୁଲି, ତାକୁ ଗୁରୁତର ରୂପ ଦେବାକୁ ରଘୁ ତତ୍ପର ଥିଲା, ପୁରୁଣା ଗଣ୍ଡଗୋଳକୁ ଆଳ କରି, ଝଗଡ଼ାଟା ତୁରନ୍ତ ମାର୍‌ପିଟ୍ ପର୍ଯ୍ୟାୟକୁ ଚାଲିଗଲା ଓ ରଘୁ ଗୋଟାଏ ଧକ୍‌କା ପକାଇଲା ସନ୍ଥ ଦାସଙ୍କୁ। ଯଦିଓ ଏ ଦୃଶ୍ୟଟିକୁ ପ୍ରତ୍ୟକ୍ଷ କରୁଥିଲେ ବହୁ ଗ୍ରାମବାସୀ, କେହି ଜଣେ ହେଲେ ବି ସନ୍ଥ ଦାସଙ୍କୁ ସହାୟ ହେଲାଭଳି ପଦେ କହିଲେ ନାହିଁ କିମ୍ବା ଝଗଡ଼ା ମେଣ୍ଟାଇବା ଦିଗରେ ଉଦ୍ୟମ କଲେ ନାହିଁ। ସମସ୍ତେ ଜାଣିଥିଲେ ରଘୁ କଣ୍ଟାବାଡ଼ରେ ଲୁଗା ପକାଇ କଳି କରୁଛି, ତଥାପି ସମସ୍ତେ ଥିଲେ ଚୁପ୍ ଓ ନିର୍ବିକାର।

ସନ୍ଥ ଦାସ ତଳେ ପଡ଼ିଯାଇଥିଲେ। ଦିଶୁଥିଲେ ଅସହାୟ ଓ ଅପମାନିତ।

ହଠାତ୍ ତାଙ୍କର ଦୃଷ୍ଟିପଡ଼ିଲା ପାଳିତ କୁକୁର 'ମାନବ' ଉପରେ। ଯିଏ ଉପସ୍ଥିତ ଜନତାଙ୍କ ତୁଳନାରେ ଆହୁରି ଉଦାସୀନ ଦିଶୁଥିଲା।

ବୁଡ଼ିଯାଉଥିବା ଲୋକର କୁଟାଖିଅ ଭଳି କୁକୁରର ଉପସ୍ଥିତି ଆଶା ସୂଚକ ମନେହେଲା ସନ୍ଥ ଦାସଙ୍କୁ। ସେ କ୍ଷୋଭ ଓ ଅପମାନ ଜର୍ଜରିତ ସ୍ୱରରେ କହିଲେ: କିରେ, ମାନବ! ଏମିତି ଠିଆ ହେଇଚୁ କ'ଣ? ତୋ ମାଲିକ ମାଡ଼ ଖାଉଚି ଆଉ ତୁ

ଠିଆ ହେଇ ମଜା ଦେଖୁଚୁ ?

ମାନବ କୁକୁର ତାଙ୍କ ପାଖକୁ ଲାଗି ଆସିଲା ।

ଅନୁଚ୍ଚ ସ୍ୱରରେ ଗାରୁ ଗାରୁ ହେଇ କହିଲା: ମଣିଷମାନଙ୍କ ଗଣ୍ଡଗୋଳରେ ଆମର ଭୂମିକା ବା କ'ଣ ?

ସନ୍ତୁଦାସ ଉତ୍ତେଜିତ ମନେ ହୋଇଥିଲେ ।

କହିଥିଲେ: ମୋ ପ୍ରତି ତୋର କ'ଣ କୌଣସି କର୍ତ୍ତବ୍ୟ ନାହିଁ ?

କୁକୁର କହିଥିଲା: ଏଠାରେ ଏତେ ଗୁଡ଼ାଏ ମଣିଷ ଠିଆ ହେଇଛନ୍ତି, ସେମାନଙ୍କର କ'ଣ କୌଣସି କର୍ତ୍ତବ୍ୟ ନାହିଁ ।

ସନ୍ତୁ ଦାସ କହିଥିଲେ: ସେମାନେ ଯେ ପର ! ତୁ ତ ନିଜର !

କୁକୁର କହିଥିଲା: ମଣିଷମାନେ ନିଜର ହେଲେ ନାହିଁ । କୁକୁରଟା ନିଜର ହେଲା ।

ସନ୍ତୁ ଦାସ ଯୁକ୍ତି କରିଥିଲେ: ମୁଁ ତ ତୋତେ ଖୋଇଛି, ପେଇଚି, ପୋଷିଚି !

କୁକୁର ଯୁକ୍ତି କରିଥିଲା: ଖାଇବାକୁ ଦେଇଚ ବୋଲି ମୋର ମୁଣ୍ଡ କିଣି ନେଇଚ ନା କ'ଣ ? ମୁଁ କିଛି ନ ବୁଝି ନ ସୁଝି ନିଆଁକୁ ଡେଇଁ ପଡ଼ିବି । ନ୍ୟାୟଟା କୋଉପଟେ ଅଛି ସେ କଥା ବିଚାରିବାର ଅଧିକାର କ'ଣ ମୋର ନାଇଁ ? ତୁମ ପଟେ ଯଦି ନ୍ୟାୟ ନ ଥିବ, ମୁଁ ବାହାରିକି ଦଙ୍ଗା ହଙ୍ଗାମା କରିବାଟା କ'ଣ ଠିକ୍ ହେବ ? ମୁଁ କ'ଣ ତୁମର ଭଡ଼ାଟିଆ ଗୁଣ୍ଡା ?

ସନ୍ତୁ ଦାସ ଏଥର ଆହୁରି ଅସହାୟ ଦେଖାଗଲେ । କାରଣ କୁକୁରର ଯୁକ୍ତି ସାମ୍ନାରେ ତାଙ୍କ ପାଖରେ କୌଣସି ଉତ୍ତର ନ ଥିଲା । ରଘୁର ଶାରୀରିକ ଆକ୍ରମଣକୁ ପ୍ରତିହତ କରିବା ପାଇଁ ତାଙ୍କ ପାଖରେ କୌଣସି ଅସ୍ତ୍ର ନ ଥିଲା । ସର୍ବୋପରି ସେ ଲଜ୍ଜାଜନକ ପରିସ୍ଥିତିରୁ ଉଦ୍ଧାର ପାଇବା ପାଇଁ ତାଙ୍କ ପାଖରେ କୌଣସି ବାଟ ନ ଥିଲା ।

ସେ ଚିନ୍ତାକଲେ, ଜଗତ ଦାସ ଯେତେବେଳେ ରଘୁକୁ ଗଣ୍ଡଗୋଳ ପାଇଁ ପଠାଇଥିବେ, ରଘୁ କ'ଣ ଏମିତି ଯୁକ୍ତି କରିପାରିଥିବ ? ଅନ୍ୟାୟ ଭାବରେ ଗଣ୍ଡଗୋଳ ପାଇଁ ରଘୁ ପ୍ରସ୍ତୁତ ହୋଇଗଲା, ଅଥଚ କୁକୁର ହେଉନି ।

ପରାଜିତ ସୈନିକ ଅସ୍ତ୍ର ତ୍ୟାଗ କରି ମଥାନତ କରିବାଭଳି ସେ ଭଙ୍ଗା ସ୍ୱରରେ କହିଥିଲେ: ଠିକ୍ ଅଛି । ଯାହା କରିବା କଥା କର । ମୁଁ ଆଉ କିଛି କହିପାରିବିନି

ନାହିଁ। କିନ୍ତୁ ଆଜି ରାତିରେ ତୋ ପାଇଁ ପେଟପୂରା ମାଂସ ଭୋଜନର ବ୍ୟବସ୍ଥା କରିପାରିବି।

ଜଗତ ଦାସ କ'ଣ ଏହିପରି କିଛି କହି ରଘୁକୁ ଗଣ୍ଡଗୋଳ ପାଇଁ ପ୍ରରୋଚିତ କରିଥିବେ ?

ହଠାତ୍ କୁକୁର 'ମାନବ' ଉତ୍ତେଜିତ ଓ ହିଂସ୍ର ଦେଖାଗଲା। ତା'ର ଆଖି ଲାଲ ଦିଶିଲା ଓ ମୁଖ ପ୍ରସାରିତ ହେଲା। ଦାନ୍ତ ସବୁ ଅଧିକ ତୀକ୍ଷ୍ଣ ଦିଶିଲା ଓ ସେ ଏକା କୁଦାକେ ରଘୁର କାନ୍ଧ ଉପରକୁ ଚଢ଼ିଗଲା। ତା' ବେକକୁ କାମୁଡ଼ି ଧରିଲା ଓ ରଘୁ ଧରାଶାୟୀ ହେଲା। ମାନବ ତା' ଦେହକୁ ପୁଳା ପୁଳା କାମୁଡ଼ି ଚାଲିଥିଲା।

ଲୋକମାନେ ତାଳି ମାରିଲେ।

କହିଲେ: ସନ୍ଥ ଦାସଙ୍କ କୁକୁର, କୁକୁରଟାଏ ଏକା!

ମାତ୍ର ସନ୍ଥଦାସ ଚିନ୍ତିତ ଥିଲେ। କୁକୁରଟା ତାଙ୍କ ସହ ଯୁକ୍ତି କଲାବେଳେ ଅଧିକ କୁକୁର ମନେହେଉଥିଲା ନା ରଘୁକୁ ଆକ୍ରମଣ କଲାବେଳେ ମଣିଷ ଭଳି ହେଉଥିଲା, ତାହା ସେ ତର୍ଜମା କରୁଥିଲେ। କେତେବେଳେକେ ମାନବ ରଘୁକୁ ଛାଡ଼ିଲା ଓ ଶାନ୍ତଶିଷ୍ଟ ଜୀବଟିଏ ଭଳି ସନ୍ଥ ଦାସଙ୍କ ପାଖରେ ଠିଆହେଲା। ରଘୁକୁ କେତେଜଣ ଗ୍ରାମବାସୀ ଉଠାଇଲେ ଓ ଡାକ୍ତରଖାନା ନେଲେ।

ମାତ୍ର ସେତିକିବେଳେ ସନ୍ଥ ଦାସଙ୍କ କୁକୁର ଆହୁରି ଅଭାବନୀୟ ଘଟଣା ଘଟାଇଲା। ସେ ତୀବ୍ର ବେଗରେ ଛୁଟିଥିଲା ନିକଟବର୍ତ୍ତୀ ଡାକ୍ତରଖାନାକୁ। କୁଦାମାରି ପଶିଯାଇଥିଲା ଔଷଧ ଷ୍ଟୋର୍ ରୁମ୍‌ରେ। କୁକୁର କାମୁଡ଼ା ଔଷଧ ଓ ଇଂଜେକସନ୍ ସବୁକୁ ସେ ବାଛି ବାଛି ଭିଡ଼ି ଆଣିଥିଲା ଓ ଚଟାଣରେ ଛେଚିଥିଲା। ଅବିଳମ୍ବେ ସେ ସବୁ ନଷ୍ଟ ହେଲା।

ରଘୁକୁ ଡାକ୍ତରଖାନା କର୍ତ୍ତୃପକ୍ଷ ଫେରେଇଦେଲେ। ତାକୁ ସହରକୁ ପଠାଗଲା।

ଏହାପରେ ସନ୍ଥ ଦାସ ଅଧିକ ବିଷଣ୍ଣ ଦେଖାଗଲେ। କାରଣ ତାଙ୍କର ମନେହେଉଥିଲା ମାନବ କୁକୁରର ଏତାଦୃଶ ପ୍ରତିଶୋଧ ପରାୟଣତା ଅଧିକ ମଣିଷ ସୁଲଭ। ସେତେ ଶ୍ୱାନ ସୁଲଭ ନୁହେଁ। ନିଜ ସହ କିଛି ବିଚାର ଆଲୋଚନା କଲା ପରେ ସ୍ଥିର କଲେ ଏ କୁକୁରକୁ ଛାଡ଼ି ଦେବାକୁ ହେବ। ନୋହିଲେ ଭବିଷ୍ୟତରେ ଏ ଅଧିକ ବିପଦ ସୃଷ୍ଟି କରିପାରେ।

ସେ ନିଜର ମନର କଥା ବୁଝାଇ ଦେଇଥିଲେ କୁକୁରକୁ।

କୁକୁର ସବୁ ଶୁଣିଲା। ସବୁ ବୁଝିଲା ପରି ମୁଣ୍ଡ ହଲାଇଲା। ମାତ୍ର ଚାଲିଯିବାକୁ ରାଜି ହେଲା ନାହିଁ। ପ୍ରତିବାଦର ସ୍ୱରରେ ଗରଗର ହେଇ କହିଲା: କାହିଁକି ଚାଲିଯିବି ?

ସନ୍ଥ ଦାସ ତାକୁ ବୁଝାଇଲେ: ତୁମକୁ ମୁଁ ରଖିବାକୁ ଚାହୁଁନାହିଁ ?

କୁକୁର ଯୁକ୍ତିକଲା: ଆପଣ ଏମିତି କହିଦେବେ ଆଉ ମୁଁ ଚାଲିଯିବି।

ସନ୍ଥ ଦାସ ପଚାରିଲେ: ଆଉ କ'ଣ କରିବି ?

କୁକୁର ଯୁକ୍ତି କଲା: ଆପଣଙ୍କ ଜମି ଜଣେ ଦଶ ବର୍ଷ ଧରି ଚାଷ କରିଥିବ, ଆପଣ ତାକୁ ଏମିତି ସାଧାରଣ ଭାବରେ କହିଦେଇପାରିବେ ଜମି ଛାଡ଼ିଦେ ବୋଲି। ଆପଣଙ୍କ ଘରେ ଜଣେ କୋଡ଼ିଏ ବର୍ଷ ଚାକିରି କରିଥିବ, ଆପଣ ତାକୁ କହିଦେଇ ପାରିବେ ଚାଲି ଯା' ବୋଲି। ଆପଣ ଆପଣଙ୍କ ପତ୍ନୀ ଉପରେ ଅସନ୍ତୁଷ୍ଟ, ଆପଣ ଏମିତି କହିଦେଇ ପାରିବେ ଚାଲିଯା' ବୋଲି।

ସନ୍ଥ ଦାସ କହିଥିଲେ: ଅବଶ୍ୟ ଏମିତି କହିହେବ ନାହିଁ। ସେଥିପାଇଁ ଅନେକ ଆଇନ କାନୁନ୍ ଅଛି।

କୁକୁର ଆକ୍ଷେପ କଲା: କିନ୍ତୁ ମୋ ବେଳକୁ କିଛି ଆଇନ କାନୁନ୍ ନାହିଁ। କାରଣ ମୁଁ ଗୋଟେ କୁକୁର। ଆଉ ସେମାନେ ମଣିଷ।

ସନ୍ଥ ଦାସ କ୍ରମେ ଯୁକ୍ତିରେ ହାରିବାକୁ ଲାଗିଥିଲେ।

ତଥାପି କହିଲେ: ଏଇଟା ମଣିଷର ସମାଜ। ସେଠି କେମିତି ସୁଖଶାନ୍ତିରେ ମଣିଷ ରହିବ, ସେଥିପାଇଁ ନାନା ଆଇନ କାନୁନ୍, ନୀତି ନିୟମ ତିଆରି କରିଚି।

କୁକୁର ଆକ୍ଷେପ କରି କହିଲା: ସେସବୁ ମଣିଷ ପାଇଁ। କିନ୍ତୁ କୁକୁର ପାଇଁ କିଛି ନାଇଁ। ଅଥଚ କୁକୁରକୁ ମଣିଷ ବର୍ଷ ବର୍ଷ ଧରି କାମରେ ଲଗେଇବ। ତାକୁ ଶୋଷଣ କରିବ। ତା'ର ପ୍ରଭୁଭକ୍ତିର ପରୀକ୍ଷା ନେବ। ଅଥଚ...।

ସନ୍ଥ ଦାସ ହାତ ଯୋଡ଼ିଦେଲେ।

କହିଲେ: ମୁଁ ତୁମ ସହିତ ଏତେ ଯୁକ୍ତି କରିପାରିବି ନାହିଁ। ତୁମେ ଯାହା ଉଚିତ ମନେ କରୁଛ କର।

କୁକୁର ତାଚ୍ଛଲ୍ୟ କଲା।

କହିଲା: ଉଚିତ୍ ଅନୁଚିତର ବିଚାର କ'ଣ କୁକୁର କରିପାରେ ? ତା ପାଇଁ ତ ମଣିଷ ଏସବୁ ବିଚାର କରିଥାଏ।

ସନ୍ଥ ଦାସ ଆଉ କିଛି କହି ନାହାନ୍ତି।

ତେବେ ସେହିଦିନ ରାତିରେ ସନ୍ଟୁ ଦାସଙ୍କର ମୃତ୍ୟୁ ହେଲା। ସେ ମୃତ୍ୟୁ ସ୍ୱାଭାବିକ ନ ଥିଲା। କିନ୍ତୁ ତାଙ୍କର ପତ୍ନୀ, ପିଲାମାନେ, ଗ୍ରାମବାସୀ ବା ପୋଲିସ କେହି ସେ ଅସ୍ୱାଭାବିକ ମୃତ୍ୟୁର ରହସ୍ୟ ଭେଦ କରିପାରିଲେ ନାହିଁ। ଅତି ସୁଚିନ୍ତିତ ଉପାୟରେ ତାଙ୍କୁ ହତ୍ୟା କରାଯାଇଥିଲା ଅଥଚ କିଛି ପ୍ରମାଣ ନ ଥିଲା।

ସ୍ୱାଭାବିକ ଭାବରେ ସନ୍ଦେହର ବଳୟ ଭିତରକୁ ଆସିଥିଲେ ଜଗତ ଦାସର ପରିବାର। କିନ୍ତୁ ସେମାନଙ୍କ ବିରୋଧରେ କୌଣସି ପ୍ରମାଣ ହିଁ ନ ଥିଲା। ତେବେ ସନ୍ଟୁ ଦାସଙ୍କ ମୃତ୍ୟୁ ପରେ ଜଗତ ଦାସଙ୍କ ମନରେ ପୁଣି ଜାଗି ଉଠିଲା ଜାଗା ଓ ଘରବାଡ଼ି ଦଖଲ କରିନେବାର ଇଚ୍ଛା।

ଜଗତ ଦାସଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଲା ପୁତ୍ର ସୁଗ୍ରୀବ ଦାସ।

କହିଲା: ଆମେ ଏଇନେ ଆକ୍ରମଣ କଲେ ମର୍ଡ଼ର କେସ୍‌ରେ ପଡ଼ିବା।

ଜଗତ ଦାସ ଯୁକ୍ତି କରିଥିଲେ: ଏଇଟା ହେଉଛି ସୁବର୍ଣ୍ଣ ସୁଯୋଗ। ଆମକୁ ପ୍ରତିରୋଧ କଲାଭଳି ସେ ଘରେ ଆଉ କେହି ନାଇଁ, ତା'ର ସ୍ତ୍ରୀ ଓ ପିଲାଙ୍କୁ ବାହାର କରିନେବା ଖୁବ୍ ସହଜ ହେବ।

ସୁଗ୍ରୀବ ଦାସ କହିଥିଲା: ସନ୍ଟୁ ଦାସ ମର୍ଡ଼ର କେସ୍ ଏପର୍ଯ୍ୟନ୍ତ ତୁଟି ନାହିଁ, ପୋଲିସ ଏବେ ବି ସୁରାକ୍ ଖୋଜୁଛି।

ଜଗତ ଦାସ କହିଥିଲା: କିନ୍ତୁ ଆମେ ଯେ ସଂପୃକ୍ତ ନୋହୁଁ।

ସୁଗ୍ରୀବ ଦାସ କହିଥିଲା: ଲୋକମାନେ ଆମକୁ ସନ୍ଦେହ କରନ୍ତି।

ଜଗତ ଦାସ କହିଥିଲା: ଆମ ବିରୋଧରେ କୌଣସି ପ୍ରମାଣ ନାହିଁ।

ସୁଗ୍ରୀବ ଦାସ କହିଥିଲା: କିନ୍ତୁ ଏବେ ପ୍ରମାଣ ମିଳିଯିବ।

ଜଗତ ଦାସ କହିଥିଲା: ଏଇଟା ପ୍ରମାଣ ନୁହେଁ। ଆମର ପୁରୁଣା କେସ୍। ଏତିକିବେଳେ ଖଡ଼ଖଡ଼ ଶବ୍ଦ ହେଲା। ମନେହେଲା କେହି ଯେମିତି ଅନ୍ତରାଳରୁ ତାଙ୍କ କଥାଭାଷା ଶୁଣୁଥିଲା। ଏବେ ଚାଲିଯାଉଛି।

ସୁଗ୍ରୀବ ଦାସ ଧାଇଁଗଲା କବାଟ ପାଖକୁ। କେହି କୁଆଡ଼େ ନ ଥିଲେ। ବାହାରେ ଥିଲା ଘମାଘୋଟ ଅନ୍ଧାର।

ସୁଗ୍ରୀବ ଦାସ ଫେରିଆସିଲା ଓ ବାପାଙ୍କ ଯୋଜନାକୁ ସମର୍ଥନ କରି ହିସାବରେ ଲାଗିଗଲା। ପାଖ ଗାଁରୁ କେମିତି ଗୁଣ୍ଡା ଶ୍ରେଣୀୟ ଲୋକକୁ ଅଣାଯିବ। ଠେଙ୍ଗାବାଡ଼ି, ଦେଶୀ ବନ୍ଧୁକ, ଛୁରା ଭୁଜାଲି ଯୋଗାଡ଼ କରାଯିବ। ସେମାନଙ୍କ ଖାଇବା ଓ ମଦ୍ୟପାନର

ବ୍ୟବସ୍ଥା କରାଯିବ ତଥା ସର୍ବୋପରି କେତେ ଟଙ୍କା ଲେଖାଏଁ ପାରିଶ୍ରମିକ ଦିଆଯିବ ତା'ର ସାମଗ୍ରିକ ଆଲୋଚନା ସାରିଦିଆଗଲା।

ତେବେ ତା' ପରଦିନର ସକାଳ ସୁଗ୍ରୀବ ଦାସ ପାଇଁ ଥିଲା ଦୁଃଖଦ। ବ୍ରାହ୍ମ ମୁହୂର୍ତ୍ତରୁ ସେ ବାହାରେ ବୁଲୁଥିଲା ବେଳେ ଗୋଟେ ଜୀବ ପଛପଟୁ ତାଙ୍କୁ ଆକ୍ରମଣ କରି ପୁଣି କୁଆଡ଼େ ଅଦୃଶ୍ୟ ହେଇଗଲା। ଜୀବଟାକୁ ସୁଗ୍ରୀବ ଦାସ ଠିକ୍ ଭାବରେ ଦେଖି ପାରି ନ ଥିଲେ। ଖୁବ୍ ସମ୍ଭବ ତାହା କୁକୁରଟାଏ ହୋଇପାରେ। ତେବେ ସୁଗ୍ରୀବ ଦାସ ଧରାଶାୟୀ ହେଲେ ଓ ତାଙ୍କୁ ସହରର ଡାକ୍ତରଖାନାରେ ଭର୍ତ୍ତି କରାଗଲା।

ତେବେ ଜଗତ ଦାସ ଦବି ଯାଇ ନ ଥିଲେ। ସେ ଭଡ଼ାଟିଆ ଗୁଣ୍ଡା ଯୋଗାଡ଼ କରି ସନ୍ତୁ ଦାସଙ୍କ ଘର ଉପରେ ଆକ୍ରମଣ କରିଥିଲେ। ସନ୍ତୁ ଦାସଙ୍କ ସ୍ତ୍ରୀ ଓ ପିଲାମାନେ ତ ପ୍ରତିରୋଧ କରିପାରିଲେ ନାହିଁ, ପ୍ରତିରୋଧ କରିବାକୁ ବାହାରିଲା ତାଙ୍କ କୁକୁର। ଅଚିରେ ସେ ଅତର୍କିତ ଆକ୍ରମଣ କରି ସମସ୍ତ ଗୁଣ୍ଡାକୁ ଭୂତଳଶାୟୀ କରିପକାଇଲା। ଠେଙ୍ଗା, ବାଡ଼ି, ଦେଶୀ ବନ୍ଧୁକ, ଛୁରା, ଭୁଜାଲୀ କିଛି କାମ ଦେଲାନାହିଁ।

ଆହତମାନଙ୍କୁ ଡାକ୍ତରଖାନା ନିଆଗଲା। ସେଠାରେ ଆବଶ୍ୟକୀୟ ଔଷଧ ମିଳିଲା ନାହିଁ। ନିକଟବର୍ତ୍ତୀ ସହରର ଡାକ୍ତରଖାନାକୁ ନେବାକୁ କାର୍ ଭଡ଼ା ହେଲା। ମାତ୍ର ତାହା ସମ୍ଭବ ହୋଇପାରିଲା ନାହିଁ। କାରଣ କାର୍‌ର ଟାୟାର୍ ସବୁ କିଏ କଣା କରିଦେଇଥିଲା। ଜଗତ ଦାସ ଅନ୍ୟନ୍ୟୋପାୟ ହୋଇ କୁକୁର ବିରୋଧରେ ଥାନାରେ ରିପୋର୍ଟ ଦେଇଥିଲେ। ଥାନାର ଇନସପେକ୍ଟର ସରଜମିନ ତଦନ୍ତ କରିବାକୁ ସ୍ୱର୍ଗତ ସନ୍ତୁ ଦାସଙ୍କ ଘରେ ପହଞ୍ଚିଥିଲେ।

ସନ୍ତୁ ଦାସଙ୍କ ପତ୍ନୀ ଉଷାଦେବୀ ସବୁ କଥା ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଥିଲେ। କହିଥିଲେ: ସ୍ୱାମୀଙ୍କ ମୃତ୍ୟୁପରେ ଜଗତ ଦାସ ଗୁଣ୍ଡା ସହାୟତାରେ ମୋ ଘରେ ଜବରଦସ୍ତ ପ୍ରବେଶ କରୁଥିଲା। ମୋ କୁକୁର ତା'ର କର୍ତ୍ତବ୍ୟ କରିଛି। ସେମାନଙ୍କର ପ୍ରତିରୋଧ କରିଛି। କୁକୁରକୁ ଦୋଷ ଦେଇ ହେବ ନାହିଁ। ସେ ତା'ର ଦାୟିତ୍ୱ କ'ଣ ଜାଣେ? ଅଥଚ ଜଗତ ଦାସ ଜଣେ ମଣିଷ ହୋଇ ଜାଣେ ନାହିଁ। ଜଣେ ଅସହାୟ ବିଧବା ମହିଳାକୁ ଆକ୍ରମଣ କରେ ଓ ବାହାରୁ ଗୁଣ୍ଡାଯୋଗାଡ଼ କରେ।

ଇନ୍‌ସପେକ୍ଟର ପ୍ରଭାବିତ ହୋଇଥିଲେ।

ମତ ଦେଇଥିଲେ: ଆପଣଙ୍କ କୁକୁର ବେଶ୍ ପ୍ରଭୁଭକ୍ତ ଅଛି।

ସେତେବେଳେ ମାନବ ନାମକ କୁକୁର ଆକାଶକୁ ଚାହିଁ ରହିଥିଲା। ଦାର୍ଶନିକ

ଭଳି।

ଜଗତ ଦାସ ପରାଜିତ ହୋଇଥିଲା ଆପଣା ଚକ୍ରାନ୍ତରେ। ଗ୍ରାମବାସୀମାନେ କୁକୁରର ଭୂୟସୀ ପ୍ରଶଂସା କରୁଥିଲେ।

କହୁଥିଲେ: ସନ୍ଥ ଦାସଙ୍କ କୁକୁର, କୁକୁରଟାଏ ଏକା!

:କୁକୁରଟା ରକ୍ଷା କରି ନ ଥିଲେ, ପରିବାରଟା ମାଟିରେ ମିଶିଯାଇଥାନ୍ତା।

:ଏମିତି କୁକୁର ଭାଗ୍ୟରେ ଥିଲେ ମିଳେ।

ପରେ ପରେ ଜଗତ ଦାସର ଖରାପ ବେଳା ଆସିଗଲା। ତା' ଘର ଉପରେ ମଧ୍ୟରାତ୍ରରେ ଏକ ଚତୁଷ୍ପଦ ପ୍ରାଣୀ ଆକ୍ରମଣ କରି ସମସ୍ତ ପରିବାରକୁ ରକ୍ତାକ୍ତ କରି ପକାଇଲା। ଜଗତ ଦାସ ଜାଣିଲେ ଏ ସେହି କୁକୁରର କାର୍ଯ୍ୟ। ମାତ୍ର ସେ କିଛି ପ୍ରତିକାର କରିପାରିଲେ ନାହିଁ। ନା ଗ୍ରାମବାସୀ ନା ପୋଲିସ କେହି ତାକୁ ସାହାଯ୍ୟ କରିପାରିଲା। ଶେଷରେ ସେ ପରାସ୍ତ ପ୍ରାୟ ସନ୍ଥ ଦାସଙ୍କ ପତ୍ନୀ ଉଷା ଦେବୀଙ୍କ ପାଦତଳେ ପଡ଼ିଲେ ଓ କହିଲେ: ମୋତେ ଦୟା କରନ୍ତୁ। ଏ କୁକୁର କବଳରୁ ମୋତେ ରକ୍ଷା କରନ୍ତୁ।

ଉଷା ଦେବୀ ତାଙ୍କୁ କ୍ଷମା କଲେ। କୋର୍ଟ କଚେରୀରୁ ସମସ୍ତ ମାଲିମକଦ୍ଦମା ପ୍ରତ୍ୟାହୃତ ହେଲା।

ସନ୍ଥ ଦାସଙ୍କ କୁକୁରର ଏତାଦୃଶ କାର୍ଯ୍ୟକଳାପ ଲୋକମୁଖରୁ ପ୍ରଚାରିତ ହେଲା ଓ ତାହା କ୍ରମେ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କଲା। ତା'ର ସ୍ଥିର ଚିତ୍ର ତଥା ଚଳମାନ ଚିତ୍ର ଗ୍ରହଣ କରିବାକୁ ଓ ତା'ର ଅତୁଳନୀୟ ପ୍ରଭୁଭକ୍ତିର କାହାଣୀ ସଂଗ୍ରହ କରିବାକୁ ଗଣମାଧ୍ୟମର ପ୍ରତିନିଧିଗଣ ଗାଁରେ ଡେରା ପକେଇଥିଲେ।

ଗଣମାଧ୍ୟମର ଭିଡ଼ିଓ କ୍ୟାମେରା ସାମ୍ନାରେ ମାନବ ନାମକ ସନ୍ଥ ଦାସଙ୍କ କୁକୁର ଥିଲା ସମ୍ପୂର୍ଣ୍ଣ ଉଦାସୀନ। ଯେମିତି ସେ ଏତେ ହୋ ହାଲ୍ଲା ପ୍ରଚାରକୁ ପସନ୍ଦ କରିପାରୁନାହିଁ।

ସାକ୍ଷାତକାର ଦେଇଥିଲେ ସ୍ୱର୍ଗତ ସନ୍ଥ ଦାସଙ୍କ ବିଧବା ପତ୍ନୀ ଉଷା ଦେବୀ। ପ୍ରଶ୍ନ ହେଲା: ଆପଣଙ୍କ କୁକୁରର ପ୍ରଜାତି କ'ଣ? ସେ କି ପ୍ରକାର କୁକୁର?

ଉଷାଦେବୀ କହିଲେ: ସେ ଏଇ ସାଧାରଣ ଗୋଟେ କୁକୁର। ମୋ ସ୍ୱାମୀ ରାସ୍ତାରୁ ଆଣି ତାକୁ ପାଳିଥିଲେ।

ପ୍ରଶ୍ନ ହେଲା: ସେ ଏତେ ଅସାଧାରଣ କେମିତି ହେଲା?

ଉଷାଦେବୀ କହିଲେ: ମୋ ସ୍ୱାମୀ ତାକୁ ଠିକ୍ ଭାବରେ ପାଳିଥିଲେ।

ପ୍ରଶ୍ନ ହେଲା: ତା'ର ପ୍ରଭୁ ଭକ୍ତିର ଏ ବିରଳ ଉଦାହରଣ ପାଇଁ ଦାୟୀ କିଏ?

ଉଷାଦେବୀ କହିଲେ: ଆମର ତା' ପ୍ରତି ସ୍ନେହ ମମତା ତଥା ଆଦର।

ପ୍ରଶ୍ନ ହେଲା: ଆପଣ ଆଉ ଏକ କୁକୁରକୁ ସ୍ନେହ ମମତା ଦେଇ ଏମିତି କରିପାରିବେ।

ଉଷାଦେବୀ ଟିକେ ହଡ଼ବଡ଼େଇ ଗଲେ।

ତଥାପି କହିଲେ: ହଁ! ହେବନି କାହିଁକି? କରିପାରିବି!

କ୍ୟାମେରା ବୁଲିଗଲା ସାକ୍ଷାତକାର ନେଉଥିବା ମହିଳାଙ୍କ ମୁହଁ ଉପରକୁ। ସେ କୁକୁର କାହାଣୀକୁ ଶେଷ କରିବା ପୂର୍ବରୁ କହିଲେ: ଏହିପରି ଅନେକ କୁକୁର ଏଇଠୁ ଉଷାଦେବୀଙ୍କ ସ୍ନେହମମତା ପାଇ ବିରଳ ପ୍ରଭୁ ଭକ୍ତରେ ପରିଣତ ହେବେ ବୋଲିଆମେ ଆଶା କରୁଛୁ। ଜଗଦଳପୁର ଗାଁରୁ ଦୂରଦର୍ଶନ ପ୍ରତିନିଧି ସୀମା ଶ୍ରୀବାସ୍ତବ।

କ୍ୟାମେରା ବନ୍ଦ ହେଲା।

ଗଣମାଧ୍ୟମର ପ୍ରତିନିଧିମାନେ ଗଲା ପରେ, ରାତିର ନିର୍ଜନ ପ୍ରହରରେ ଉଷାଦେବୀ ଟିକେ ଭାବପ୍ରବଣ ହୋଇପଡ଼ିଲେ, ଯେତେବେଳେ ସେ ଚିନ୍ତାକଲେ ଯେ ପ୍ରକୃତରେ ଏ କୁକୁରଟି ପାଇଁ ସେ କେତେ କ'ଣ ପାଇଛନ୍ତି। ସେ ମାନବକୁ ପାଖକୁ ଡାକିଲେ। ତାକୁ ଟିକେ ଆଉଁସି ଦେଲେ। ସ୍ନେହବୋଳା ସ୍ୱରରେ କହିଲେ: ତୁ ଅଛୁ ବୋଲି ଆମେ ବଞ୍ଚିଗଲୁ। ନୋହିଲେ ଭାସିଯାଇଥାନ୍ତୁ।

ହଠାତ୍ ଶୁଣାଗଲା ଗରଗର ଶବ୍ଦ।

କିଏ ଯେମିତି କହିଲା: କିନ୍ତୁ ମୁଁ କ'ଣ ପାଇଲି?

ଉଷାଦେବୀ ଚମକି ପଡ଼ିଲେ। କିଏ କହିଲା? କିଏ କହିଲା? ସେ କୁକୁର ମୁହଁକୁ ଚାହିଁଲେ। କୁକୁର ବିଜ୍ଞଜନ ଭଳି ମୁଣ୍ଡ ହଲଉଥିଲା। ଉଷାଦେବୀ ଆଶ୍ଚର୍ଯ୍ୟ, ଆଚମ୍ଭିତ ଓ ତଟସ୍ଥ ହୋଇ ଚାହିଁ ରହିଥିଲେ କୁକୁର ମୁହଁକୁ।

ଏଥର କୁକୁର ବେଶ୍ ସ୍ପଷ୍ଟ ଉଚ୍ଚାରଣରେ କହିଲା: ଏ ସମସ୍ତ କାର୍ଯ୍ୟ ମୁଁ କେବଳ ତୁମରି ପାଇଁ ହିଁ କରିଛି। ଏମିତିକି ମାଲିକଙ୍କ ହତ୍ୟା ମୁଁ ହିଁ କରିଥିଲି। କେବଳ ତୁମରି ପାଇଁ। ମୁଁ ତୁମକୁ ବିବାହ କରିବାକୁ ଚାହେଁ।

ଅବଶ୍ୟ ଏକଥା ଶୁଣିବାକୁ ସନ୍ତୁ ଦାସ ନ ଥିଲେ। ଥିଲେ ସେ ହୁଏତ ବିଶ୍ଳେଷଣ କରିପାରିଥାନ୍ତେ କୁକୁରର କୁକୁରତ୍ୱ ଓ କୁକୁରର ମଣିଷତ୍ୱ ଭିତରେ ପାର୍ଥକ୍ୟ କେତେ।

# ଚୋର

ସେ ରିଟାୟାର କଲେ ଜୁଲାଇ ଏକତ୍ରିଶରେ।

ରାତିର ବିଳମ୍ବିତ ପ୍ରହର ପର୍ଯ୍ୟନ୍ତ ଖଟରେ ଶୋଇରହି, ଛାତକୁ ଚାହିଁ ରହି ସେ ସ୍ମୃତି ଚାରଣ କରିଥିଲେ। ଚାକିରିରେ ପ୍ରଥମ ଯୋଗଦେବାର କଥା ମନେ ପକେଇଥିଲେ। ଚାକିରିକାଳରେ କେତେ କେତେ ଜାଗା ବୁଲିଥିଲେ ତାହା ମନେ ପକେଇଲେ।

ତାପରେ ପତ୍ନୀଙ୍କୁ କହିଥିଲେ: ମୁଁ ଏବେ ମୁକ୍ତ। ପୂରାପୂରି ସ୍ୱାଧୀନ। ମତେ କାଲି ସକାଳୁ ଉଠେଇବନି। ମୋର ଆଉ କୋଉ ଅଫିସ୍ ଯିବାର ନାହିଁ। ମୁଁ ଡ଼େରିଯାକେ ଶୋଇବି। ହେଲା ?

ସକାଳୁ କିନ୍ତୁ ନିଦ ଭାଙ୍ଗି ଯାଇଥିଲା ସ୍ୱାଭାବିକ ଭାବରେ। ସେ କିନ୍ତୁ ଖଟରୁ ଉଠିଲେ ନାହିଁ। ସେମିତି ପଡ଼ିରହିଲେ ଖଟରେ ଓ ଏଣୁତେଣୁ ଭାବିଲେ।

ପତ୍ନୀ କହିଲେ: ତୁମେ ଏମିତି ତୁଚ୍ଛାଟାରେ ଖଟରେ ପଡ଼ିରହିଲେ ରୋଗିଣା ହେଇଯିବ।

ସେ କହିଲେ: ସବୁଦିନ କିଏ ପଡୁଛି ନା କଣ ? ଆଜି ଦିନଟା ନା...।

ପତ୍ନୀ କହିଲେ: କାଲିଠୁ କଣ ହେବ ?

ସେ କହିଲେ: କାଲିଠୁ ଗୋଟେ ରୁଟିନ୍ ତିଆରି ହେବ। ନୂଆ ରୁଟିନ୍‌ଟେ। କେତେବେଳେ ଉଠିବି, କେତେବେଳେ ମର୍ଣ୍ଣିଂଓ୍ୱାକ୍‌ରେ ଯିବି, କେତେବେଳେ ଏକ୍ସରସାଇଜ୍ କରିବି, କେତେବେଳେ କଣ କଣ କରିବି ତାହାସବୁ ଲେଖାହେବ ସେଇ ରୁଟିନ୍‌ରେ। ସେଇ ରୁଟିନ୍ ଅନୁସାରେ ଦିନ କଟାଯିବ।

ପତ୍ନୀ କହିଲେ: ଯାହା ତମ ଇଚ୍ଛା। ହେଲେ ଆମ ରୁଟିନ୍‌ରେ ଆଉ କିଛି ବଦଳଓଦଳ ନାହିଁ। ସେଇ ଘର କାମ , ସେଇ ଖାଇବା ପିଇବା କଥା ବୁଝ ।

ସେ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ।

ଖଟରେ ସେମିତି ପଡ଼ିରହିଥାନ୍ତି ।

ଭାବୁଥାନ୍ତି, କଣ କରିବେ ? କେମିତି କଟାଯିବ ଆଜି ଦିନଟି । କାହାକୁ କାହାକୁ ଭେଟିବେ । କାହାକୁ କାହାକୁ ଫୋନ୍ କରିବେ ? କାହା ଘରକୁ ଯିବେ ? କୋଉ ପୁରୁଣା ବନ୍ଧୁଙ୍କୁ ଖୋଜିବେ ? ଅତି କମ୍‌ରେ ଦୁଇ ଚାରି ଜଣ ଡ଼ାକ୍ତର ବନ୍ଧୁ କରିବାକୁ ହେବ । ସ୍ୱଳ୍ପ ପରିଚିତ ଡ଼ାକ୍ତରମାନଙ୍କ ସହିତ ଘନିଷ୍ଠତା ବଢ଼ାଇବାକୁ ହେବ । କାରଣ ଏବେ ଡ଼ାକ୍ତରଙ୍କ ପରାମର୍ଶ ବେଶି ଲୋଡ଼ା ବଞ୍ଚିରହିବା ପାଇଁ । ପୁଣି ଖୋଜିବାକୁ ହେବ ଆଖପାଖ ଅଞ୍ଚଳରେ ରିଟାୟାର୍ଡ଼ ଲୋକ କିଏ କିଏ ଅଛନ୍ତି । କେତେବର୍ଷ ହେଲା ଅବସର ନେଲେଣି । କେମିତି କଟାଉଛନ୍ତି ଜୀବନ ? ସେମାନଙ୍କର ସାମାଜିକ ମାନ କ'ଣ ? ଯା' ତା' ସାଙ୍ଗରେ ତ ଆଉ ମିଶିହେବନି କି ବୁଲି ହେବନି ?

ତାଙ୍କୁ ନିଦ ଆସୁ ନ ଥିଲା । ସେ କିନ୍ତୁ ଜବରଦସ୍ତ ପଡ଼ିରହିଥାନ୍ତି ଖଟରେ । ଏକା ଜିଦ୍, ଅଫିସ୍ ବେଳ ଗଡ଼ିଗଲେ ଯାଇ ସେ ବିଛଣା ଛାଡ଼ିବେ । ତେବେ ଯାଇ ଅବସର ଜୀବନର ପ୍ରଥମ ଦିନଟା ମଜାଦାର ହେବ ।

ଅଫିସ୍ ସମୟ ହେଲା ।

ଡ୍ରାଇଭର ଆସିଲା ନାହିଁ । ତା'ର ଆସିବାର ଇ ନ ଥିଲା । ଗାଡ଼ିସବୁ ମଧ୍ୟ ଫେରିଯାଇଥିଲା ଅଫିସ୍‌କୁ ।

ବାହାରେ ଗୋଟେ ଗାଡ଼ି ରହିବା ଭଳି ଶବ୍ଦ ହେଲା ।

କିଏ ଆସିଲା ? କିଏ ଆସିଲା ଏ ବେଳାରେ ? ତାଙ୍କୁ ସର୍‌ପ୍ରାଇଜ୍ ଦେବାପାଇଁ କେହି ବନ୍ଧୁ ଆସିଗଲା କିଏ ? ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀମାନେ ଆସିଗଲେ କି ତାଙ୍କୁ ନୂତନ ସଦସ୍ୟ ଭାବରେ ଗ୍ରହଣ କରିନେବାକୁ ସେମାନଙ୍କ ଦଳରେ ? ବନ୍ଧୁ କେହି ଆସିଲେ କି ?

ଅଗତ୍ୟା ସେ ଶେଯ ଉପରେ ଉଠିବସିଲେ ।

ଅନିଚ୍ଛା ସତ୍ତ୍ୱେ ବାହାରକୁ ଆସିଲେ । କାରଣ କଲିଂବେଲ୍‌ଟା ବାଜିଥିଲା କର୍କଶ ସ୍ୱରରେ, ବା ତାଙ୍କୁ ସେହିପରି ମନେହୋଇଥିଲା ।

ଦରଜା ପାଖରେ ତାଙ୍କୁ ସ୍ୱାଗତ କଲେ ଜଣେ ଭଦ୍ରଲୋକ ।

ତାଙ୍କ ହାତକୁ ବଢ଼େଇଦେଲେ ଗୋଟେ କାଗଜ ।

ପଚାରିଲେ: ଆପଣ ସତ୍ୟଜିତ ଦାସ ତ ?

ସେ ଅନୁଚ୍ଚ ସ୍ୱରରେ କହିଲେ: ହଁ ।

ଭଦ୍ରଲୋକ କହିଉଠିଲେ: ଆମେ ଭିଜିଲାନ୍ସରୁ ଆସିଛୁ। ଏଟା ଆପଣଙ୍କ ସର୍ଚ୍ଚ ୱାରେଣ୍ଟ୍! ଆମେ ଆପଣଙ୍କ ଘର ଖାନ୍‌ତଲାସ୍ କରିବୁ।

କ'ଣ କେମିତି ସବୁ ଘଟିଗଲା ମୁହୂର୍ତ୍ତକ ଭିତରେ।

ଖପ୍‌ଖାପ୍ ଘର ଭିତରକୁ ପଶିଗଲେ ସେମାନେ। ଫୋନ୍ କାଟିଦେଲେ। ଗେଟ୍ ବନ୍ଦ କରିଦେଲେ। ତା'ପରେ ଘରସାରା ତନ୍ନତନ୍ନ କରି ଖୋଜିବା ଆରମ୍ଭ କରିଦେଲେ। ଟ୍ରଙ୍କ, ବାକ୍ସ, ଆଲମାରୀ, ଶେଯ, ତକିଆ ସମସ୍ତ ଫାଇଲପତ୍ର।

ସତ୍ୟଜିତବାବୁ ସୋଫା ଉପରେ ବସିପଡ଼ିଲେ।

ଭିଜିଲାନ୍ସ ଅଧିକାରୀ କହିଲେ: ଆରେ! ଆପଣ ଏମିତି ବସିଗଲେ କ'ଣ? ଯାଆନ୍ତୁ ଆପଣଙ୍କର ନିତ୍ୟକର୍ମ କରନ୍ତୁ। ସବୁ ସ୍ୱାଭାବିକ ଭାବରେ କରନ୍ତୁ। ଆମେ ଆମ ଡ୍ୟୁଟି କରୁଛୁ। ଆପଣ ଆପଣଙ୍କ କାମ କରନ୍ତୁ।

ସତ୍ୟଜିତ୍‌ବାବୁଙ୍କର ଏବେ କ'ଣ କରିବା ଉଚିତ୍!

ସେ ଭାବିଲେ କିନ୍ତୁ ସ୍ଥିର କରିପାରିଲେନି।

ସେ ଠିଆହେଲେ କିନ୍ତୁ କୌଣସି କାମ କରିପାରିଲେନି।

ପୁଣିଥରେ ବସିପଡ଼ିଲେ ସୋଫାରେ।

ତାଙ୍କର କ'ଣ କହିବା ଉଚିତ୍ ଥିଲା, ସେ ସତ୍ୟଜିତ୍ ଦାସ ନୁହନ୍ତି। ଏ ଘର ସତ୍ୟଜିତ୍ ଦାସଙ୍କର ନୁହେଁ। ସେ ମଧ୍ୟ ଜାଣନ୍ତି ନାଇଁ ସତ୍ୟଜିତ୍ ଦାସ କିଏ? କିମ୍ବା ସତ୍ୟଜିତ୍ ଦାସ ଘରେ ନାହାନ୍ତି, ମୁଁ ତାଙ୍କ ଭାଇ ଓ ଏତକ କହି ସେ ବାହାରକୁ ଚାଲିଯାଇଥାନ୍ତେ, ବାହାରେ କୁଆଡ଼େ ଗୋଟେ ପଳେଇଥାନ୍ତେ ଓ ଫେରିଆସି ସଞ୍ଜକୁ ଦେଖିଥାନ୍ତେ ସେମାନେ ଫେରିଯାଇଛନ୍ତି। କିନ୍ତୁ କେମିତି ଆଉ କୁଆଡ଼େ ଯାଇଥାନ୍ତେ ସେ?

ପତ୍ନୀ ସୁଷମା ଦେବୀ ଆସି ଠିଆହେଲେ ପାଖରେ।

ଭିଜିଲାନ୍ସ ଅଧିକାରୀ କହିଲେ: ମାଡାମ୍! ଆପଣ ରୋଷେଇବାସ କରନ୍ତୁ। ସାର୍‌ଙ୍କୁ ଖାଇବାକୁ ଦିଅନ୍ତୁ। ସାର୍ ସକାଳୁ କିଛି ଖାଇ ନାହାନ୍ତି। ଦାନ୍ତ ବି ଘଷି ନାହାନ୍ତି।

ସୁଷମା ଦେବୀ ଚିଡ଼ି ଉଠି କହିଲେ: ଆମର ରୋଷେୟା ଅଛି। ମୁଁ ରୋଷେଇ କରେନା!

ଭିଜିଲାନ୍ସ ଅଧିକାରୀ କହିଲେ: ଆପଣ ରୋଷେଇ କାମଟା ଆଗେଇ ନେବା ପାଇଁ ରୋଷେୟାକୁ କହନ୍ତୁ। ସାର୍‌ଙ୍କୁ ଚା' ଦିଅନ୍ତୁ। ସବୁ ସ୍ୱାଭାବିକ ଭାବରେ କରି

ଚାଲନ୍ତୁ। ମୁଁ ସେଇଆ କହିବାକୁ ଚାହୁଁଥିଲି।

ସୁଷମାଦେବୀ କହିଲେ: ତାଙ୍କର ଟିକେ ବ୍ଲଡ୍ ପ୍ରେସର୍ ଅଛି। ସେ ଟିକେ ସକ୍ ପାଇଛନ୍ତି। ମୁଁ ତାଙ୍କ ପାଖରେ ବସୁଛି।

ଭିଜିଲାନ୍ସ ଅଧିକାରୀ ସହଜ ସରଳ ହେବାକୁ ଉଦ୍ୟମ କଲେ।

କହିଲେ: ଏଥିରେ ସକ୍ ପାଇବାର କ'ଣ ଅଛି ? ଏ ସବୁ ତ ସାଧାରଣ କଥା। ତେବେ ଆପଣଙ୍କୁ ଯାହା ଯେମିତି ଭଲ ଲାଗୁଛି, କରନ୍ତୁ। କିନ୍ତୁ ଘରୁ ଚାକର, ପୂଝାରୀ ବା ଆପଣମାନେ କେହି ବାହାରକୁ ଯାଇପାରିବେ ନାହିଁ। ଆପଣଙ୍କର ମୋବାଇଲ୍ ଫୋନ୍ ଥିଲେ, ଆମ ଜିମା ଦେଇଦିଅନ୍ତୁ। ଆମକୁ ଆମ କାମ କରିବାରେ ସହଯୋଗ କରନ୍ତୁ। ଯେତେ ଶୀଘ୍ର ସମ୍ଭବ, କାମ ସାରିଦେବା।

ଘରର ଚାକର ବନାମ ରୋଷେୟା ସଦାଶିବ ଆସି ପହଞ୍ଚିଲା।

ପଚାରିଲା: ମା ! ଆଜି କ'ଣ ରୋଷେଇ ହେବନି ?

ଭିଜିଲାନ୍ସ ଅଧିକାରୀ କହିଲେ: ହେବ ! ହେବ ! ହେବନି କାହିଁକି ? ତେବେ ଆମ ପାଇଁ ଚାଉଳ ପକେଇବା ଦରକାର ନାଇଁ। ଆମେ ବାହାରୁ ଖାଇଦେଇ ଆସିବୁ।

ସୁଷମା ଦେବୀ କହିଲେ: ତୁ ଯା'। ଯାହା ପାରୁଛୁ କର। ଆମେ ଖାଇବୁ କି ନାଇଁ, ଠିକ୍ ନାଇଁ।

ଯା'ହେଉ ଖାନତଲାସ ମଧ୍ୟାହ୍ନ ସୁଦ୍ଧା ସରିଗଲା। ସେମାନେ ସବୁ କାଗଜପତ୍ର, ଟଙ୍କା, ସୁନା, ସେୟାର୍ ସାର୍ଟିଫିକେଟ୍, ଏନ୍‌ଏସସି, ଏଲ୍‌ଆଇସି ଏକାଠି ଜମା କରି ପକେଇଲେ। ତା'ପରେ ଜବତ ସମ୍ପତ୍ତିର ମୂଲ୍ୟାଙ୍କନ ଏବଂ ତାଲିକା ପ୍ରସ୍ତୁତି ଚାଲିଲା।

ଭିଜିଲାନ୍ସ ଅଧିକାରୀ ପଚାରିଲେ: ଆପଣଙ୍କର ଲକର୍ କୋଉଠି ଅଛି ?

ସତ୍ୟଜିତ୍ ବାବୁ ନିରୁତ୍ତର ରହିଲେ।

ଭିଜିଲାନ୍ସ ଅଧିକାରୀ ପଚାରିଲେ: ଆଉ କୋଉଠି କୋଉଠି ସମ୍ପତ୍ତି କରିଛନ୍ତି।

ସତ୍ୟଜିତବାବୁ ନିରୁତ୍ତର।

ଭିଜିଲାନ୍ସ ଅଧିକାରୀ ପଚାରିଲେ: ବଡ଼ ଝିଅର ବାହାଘରରେ କେତେ ଖର୍ଚ୍ଚ କରିଥିଲେ ? କେତେ ଯୌତୁକ ଦେଇଥିଲେ ?

ସତ୍ୟଜିତବାବୁ ନିରବ।

ସୁଷମା ଦେବୀ ଓଠ ଖୋଲିଲେ। କହିଲେ: ତାଙ୍କର ମାନସିକ ଅବସ୍ଥା ଭଲ ନାଇଁ। ସେ ଏବେ କିଛି କହିପାରିବେନି।

ଭିଜିଲାନ୍ସ ଅଧିକାରୀ ପରାମର୍ଶ ଦେଲେ: ଆପଣ ତାଙ୍କୁ ନେଇ ଖୁଆନ୍ତୁ, ପିଆନ୍ତୁ। ଏମିତି ବସି ରହିଲେ କ'ଣ ହେବ ?

ସତ୍ୟଜିତବାବୁ ସେମିତି ମୌନ ।

ସୁଷମା ଦେବୀ କହିଲେ: ତାଙ୍କର ଅବସ୍ଥା କ'ଣ ହେଲାଣି ଦେଖୁଛନ୍ତି ତ ?

ଭିଜିଲାନ୍ସ ଅଧିକାରୀ କହିଲେ: ଆମେ ସବୁ କଞ୍ଜି ନେଇଯାଉଛୁ। ଜିନିଷର ତାଲିକା କରିଦେଉଛୁ। ଆପଣ ଦସ୍ତଖତ କରିଦେବେ। ଆମେ ପରେ ଆସିବୁ। ଆପଣ ଡାକ୍ତରଙ୍କ ସହିତ ପରାମର୍ଶ କରିପାରନ୍ତି।

ସେମାନେ ଅନେକଗୁଡ଼ିଏ ଫର୍ମରେ, କାଗଜରେ ସୁଷମା ଦେବୀଙ୍କ ଦସ୍ତଖତ ନେଲେ। ସତ୍ୟଜିତବାବୁ ଏବେ ଅପ୍ରକୃତିସ୍ଥ ଅବସ୍ଥାରେ ଥାଆନ୍ତି। ଅପରାହ୍ନ ବେଳକୁ ସେମାନେ ସବୁ ସମ୍ପତ୍ତି ଧରି ପାର୍।

ସତ୍ୟଜିତବାବୁ କହିଲେ: ମୁଁ କିଛି ଦେଖିନି। ମୋର ସେ ଅବସ୍ଥା ନ ଥିଲା।

ସୁଷମା ଦେବୀ କହିଲେ: ଚୋର ଫୋର ନୁହନ୍ତି ତ! ଖବରକାଗଜରେ ବାହାରିଥିଲା ଚୋରମାନେ ଏମିତି ନକଲି ଭିଜିଲାନ୍ସ ହେଇ ସବୁ ଲୁଟି ନେଉଛନ୍ତି।

ସତ୍ୟଜିତବାବୁ କହିଲେ: ତୁମେ କ'ଣ ଚାହୁଁଛ ? ଏମାନେ ଚୋର ହୁଅନ୍ତୁ।

ସୁଷମା ଦେବୀ କହିଲେ: ଚୋର ହେଲେ ତ ସାଂଘାତିକ।

ସତ୍ୟଜିତବାବୁ କହିଲେ: ନା! ଚୋର ହେଲେ ବରଂ ଭଲ। ଗଲା ତ ଗଲା। ବାସ୍ କାମ ଶେଷ। ମନଦୁଃଖ ହେବ କିନ୍ତୁ ପରେ ସବୁ ଭାଗ୍ୟକୁ ନିନ୍ଦି ରହିବା। କିନ୍ତୁ ଭିଜିଲାନ୍ସ ହେଲେ ନାନା ଝମେଲା। ପେନ୍‌ସନ୍ ବନ୍ଦ ହେବ। କୋର୍ଟକଚେରୀକୁ ଦୌଡ଼। ନାନା ତଦନ୍ତ ଚାଲିବ।

ସୁଷମା ଦେବୀ ଠାକୁରାଣୀଙ୍କ ପାଖରେ ମୁଣ୍ଡ ନୁଆଁଇଲେ।

କହିଲେ: ହେ ମା କୁଭାମଚଣ୍ଡୀ! ଏମାନେ ଚୋର ହିଁ ହେଇଥାନ୍ତୁ।

ମାତ୍ର ତାଙ୍କର ଆଶଙ୍କା ଭୁଲ୍ ପ୍ରମାଣିତ ହେଲା।

ସେମାନେ ଅସଲି ଭିଜିଲାନ୍ସ ହିଁ ଥିଲେ। ସଂଧ୍ୟାସୁଦ୍ଧା ସେମାନେ ତନଖିର ପୂର୍ଣ୍ଣ ବିବରଣୀ ପ୍ରେସ୍‌କୁ ଦେଇଦେଇଥିଲେ।

ସେଦିନ ସଂଧ୍ୟାରେ ସବୁ ଖବରକାଗଜରେ ଦିଆଯାଇଥିବା ରିପୋର୍ଟର ଶିରୋନାମା ଥିଲା-'ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ।' ସବିଶେଷ ବିବରଣୀରେ ଥିଲା- ଦୁଇ କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇପାରିଛି। ଅନୁସନ୍ଧାନ

ଚାଲୁ ରହିଛି। ଲକର୍ ସବୁ ଏପର୍ଯ୍ୟନ୍ତ ଖୋଲାଯାଇ ନାହିଁ। ବେନାମୀ ସମ୍ପତ୍ତିର ସନ୍ଧାନ ହୋଇନାହିଁ। ତେବେ ଭିଜିଲାନ୍ସ ବିଭାଗର ସନ୍ଦେହ- ଆହୁରି ଅନେକ ସମ୍ପତ୍ତି ଗୁପ୍ତ ରହିଛି। ଅନୁସନ୍ଧାନ ଚାଲୁ ରହିଛି।

ସେମାନେ ଗଲାବେଳକୁ ଫୋନ୍ ଲାଇନ୍ ପୁନଃ ସଂସ୍ଥାପିତ ହୋଇଥିଲା। ସତ୍ୟଜିତ୍‌ବାବୁ ଫୋନ୍ ସାମ୍ନାରେ ବସି ରହିଥିଲେ। ଇଚ୍ଛା ହେଉଥିଲା କାହାକୁ ଗୋଟେ ଫୋନ୍ କରିବାକୁ। ମାତ୍ର କାହାକୁ ଫୋନ୍ କରିବେ। କ'ଣ କହିବେ, ସେ ସ୍ଥିର କରିପାରୁ ନ ଥିଲେ।

ରାତିରେ ଗୋଟେ ଖବରକାଗଜ ଅଫିସ୍‌ରୁ ଫୋନ୍ ଆସିଥିଲା। ଏମିତିରେ ବହୁ ସାମ୍ବାଦିକ ସତ୍ୟଜିତବାବୁଙ୍କ ଚିହ୍ନାଜଣା। କ୍ଷମତାରେ ଥିବାବେଳେ ସାମ୍ବାଦିକମାନଙ୍କୁ ଆପ୍ୟାୟିତ କରିବା ଥିଲା ତାଙ୍କର ଅନ୍ୟତମ ରୁଚି। ସେଇ ସୂତ୍ରରେ କେବେ ତାଙ୍କ ବିରୋଧରେ ଖବରକାଗଜରେ ଅଭିଯୋଗ ପ୍ରକାଶ ପାଇ ନ ଥିଲା।

ସାମ୍ବାଦିକ ବନ୍ଧୁ ପଚାରିଲେ: ସାର୍! ଏକଥା କ'ଣ ସତ!

:ହଁ ସତ!

:ଭିଜିଲାନ୍ସବାଲା ପ୍ରେସ୍ ରିଲିଜ୍ ଦେଇଛନ୍ତି।

ସତ୍ୟଜିତ୍‌ବାବୁ ବିରକ୍ତ ହେଇ କହିଲେ: ସେମାନେ ଏମିତି ପ୍ରେସ୍ ରିଲିଜ୍ ଦେଉଛନ୍ତି କାହିଁକି? ଏହାର କ'ଣ ଯଥାର୍ଥତା ରହିଛି?

:ସେକଥା ସେମାନେ ଜାଣନ୍ତି। ଏବେ କୁହନ୍ତୁ କ'ଣ କରିବା?

:କରିବା ଆଉ କ'ଣ? ତେବେ...।

:କୁହନ୍ତୁ।

:ଖବରରୁ ମୋ ନାମଟା ଉଠାଇଦେଲେ ହୁଅନ୍ତାନି।

:ହେବନି ନାହିଁକି? ହେବ। ତେବେ ଏତେ ବଡ଼ ଡିସିସନ୍ ମୁଁ ନେଇପାରିବିନି। ସମ୍ପାଦକଙ୍କୁ ପଚାରିବାକୁ ପଡ଼ିବ।

:ଟିକେ ଚେଷ୍ଟା କରନ୍ତୁ। ମତେ କାହିଁକି ଅପମାନିତ ହେଲା ଭଳି ଲାଗୁଛି।

ତେବେ ସାମ୍ବାଦିକ ବନ୍ଧୁ ତାଙ୍କ ଉଦ୍ୟମରେ ସଫଳ ହୋଇପାରି ନ ଥିଲେ।

ସମ୍ପାଦକ ମତ ଦେଇଥିଲେ, ଆଉ ସେ ଲୋକକୁ ସାହାଯ୍ୟ କଲେ ଆମର ଲାଭ କ'ଣ ହେବ? ସହଜେ ତ ଅବସରପ୍ରାପ୍ତ, ଦ୍ୱିତୀୟରେ ସବୁ ସମ୍ପତ୍ତି ଜବତ ହୋଇସାରିଛି, ତାଙ୍କୁ ସାହାଯ୍ୟ କଲେ କ'ଣ ପାଇବା ଆମେ! ବରଂ ନାମ ବାହାରୁ,

ଲୋକେ ପଢ଼ି ଆମୋଦିତ ହେବେ।

ତା'ପରଦିନ ସକାଳୁ ସବୁ ଖବରକାଗଜରେ ସମ୍ବାଦ ପ୍ରକାଶ ପାଇ ଯାଇଥିଲା ଯେ ଅବସରପ୍ରାପ୍ତ ନିର୍ବାହୀଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ। ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ।

ଦିନର ଦ୍ୱିତୀୟ ପ୍ରହରରୁ ତାଙ୍କ ଘରକୁ ଲୋକମାନେ ଆସିବା ଆରମ୍ଭ କରିଦେଇଥିଲେ। ଫୋନ୍ ମଧ୍ୟ ଅନବରତ ବାଜିବା ଆରମ୍ଭ କରିଦେଇଥିଲା। ବନ୍ଧୁବାନ୍ଧବମାନେ ତାଙ୍କୁ ପ୍ରବୋଧନା ଦେବାକୁ ଆରମ୍ଭ କରିଥିଲେ। ସେମାନଙ୍କ ପ୍ରବୋଧନାରୁ ମନେ ହେଉଥିଲା ଯେମିତି ଗତକାଲି ସତ୍ୟଜିତବାବୁଙ୍କର ପିତୃବିୟୋଗ ଭଳି ଗୁରୁତର ଅଘଟଣ ଘଟିଯାଇଛି।

ବିଭିନ୍ନ ବ୍ୟକ୍ତିଙ୍କ ଭିନ୍ନ ଭିନ୍ନ ପ୍ରବୋଧନାର କିଛି ନମୁନା ନିମ୍ନମତେ ଥିଲା।

ପ୍ରଥମ ବ୍ୟକ୍ତି– ଅନ୍ୟାୟ! ଏଟା ଘୋର ଅନ୍ୟାୟ! ଜଣେ ଲୋକ ଆଜି ରିଟାୟାର୍ କରିବ, କାଲି ସକାଳୁ ତା' ଘରେ ଭିଜିଲାନ୍ସ ରେଡ୍ ହେବ। ଏ କେମିତି ନ୍ୟାୟ? ଏ ଦେଶରେ ଆଉ ସରକାର ଫରକାର ଶାସନ ଫାସନ ଅଛି ନା ନାହିଁ କେଜାଣି? ଭିଜିଲାନ୍ସବାଲାଙ୍କର ଅଦଉତି କିଛି କମ୍ ନୁହେଁ। ମାନବିକତା ବୋଲି ଗୋଟେ ଜିନିଷ ସେମାନଙ୍କ ପାଖରେ ନାହିଁ ବୋଲି ଜଣାପଡୁଛି।

ଦ୍ୱିତୀୟ ବ୍ୟକ୍ତି– କିଛି ବ୍ୟସ୍ତ ହୁଅନ୍ତୁ ନାହିଁ। ଭାଙ୍ଗି ପଡ଼ନ୍ତୁ ନାହିଁ। ମନୋବଳ ହରାନ୍ତୁ ନାହିଁ। ଯାହା ହେବାର ଥିବ ହେବ। ଏଥିପାଇଁ ଚିନ୍ତାକଲେ କ'ଣ ଆଉ ହେବ? ଏସବୁ ଭାଗ୍ୟର ଲିଖନ। ଭାଗ୍ୟରେ ଥିଲା ଏମିତି ଘଟଣା ଘଟିବାର, ଘଟିଗଲା।

ତୃତୀୟ ବ୍ୟକ୍ତି– କିଛି ହେବନି ଦେଖିବେ। କିଛି ହେଲେ ହେବନି। ଯୋଉ ସଜେ ଜିନିଷ ଯାଇଛି, ସେଇ ସଜେ ଫେରିଆସିବ। ଗୋଟିଏ ବି ଜିନିଷ ଏପଟ ସେପଟ ହେବନି। ଖାଲି ଧୈର୍ଯ୍ୟ ଧରିବା କଥା। ଏମିତି ହୁଏ ମ! ସଂସାରରେ ବଞ୍ଚିଥିଲେ ଏମିତି ନାନା ଝଡ଼ଝଞ୍ଜା ଆସେ। ନାନା ମାନ ଅପମାନ, ବାଦ, ଅପବାଦ ହୁଏ। କିନ୍ତୁ ସେ ସବୁକୁ ଭ୍ରୂକ୍ଷେପ ନ କରି ଆଗେଇଯିବା ସତ୍‌ପୁରୁଷର ଲକ୍ଷଣ।

ଚତୁର୍ଥ ବ୍ୟକ୍ତି– ଆପଣ ଗୋଟେ କେସ୍ ଠୁକି ଦେଉନାହାନ୍ତି ହାଇକୋର୍ଟରେ। ଦେଖିବେ ଭିଜିଲାନ୍ସବାଲା କେମିତି ଟାଣି ହେଇକି ଯିବେ କୋର୍ଟକୁ। ଏବେ ଦେଖୁନାହାନ୍ତି କେମିତି ହେଉଛି ଚାରିଆଡ଼େ। ସରକାର ପରା ଗୋଟାକ ପରେ ଗୋଟାଏ କେସ୍ ହାରୁଛନ୍ତି। କୋଉ ଗୋଟିଏ ଭିଜିଲାନ୍ସ କେସ୍ କୋର୍ଟରେ ସାବ୍ୟସ୍ତ ହେଇପାରୁନି।

ଆପଣ ଟିକେ ଓକିଲ ବ୍ରଜବାବୁଙ୍କୁ ଦେଖା କରନ୍ତୁ। ସେ ଏବେ ଏବେ ଏମିତି ଦିଇଟା କେସ୍‌ରେ ଜିତିଛନ୍ତି।

ପଞ୍ଚମ ବ୍ୟକ୍ତି– ଏ ସଂସାର ହେଉଛି ମାୟା। ଏ ଯାହା ଘଟୁଛି ସବୁ ଭଗବାନଙ୍କ ଲୀଳାଖେଳା। ଗୋଟେ ନାଟକ ବୋଲି ଭାବନ୍ତୁ। ଏହାକୁ ନେଇ ଏତେ ଚିନ୍ତିତ ହୁଅନ୍ତୁନି। ଭଗବାନଙ୍କ ପାଦପଦ୍ମରେ ନିଜକୁ ସମର୍ପଣ କରି ଦିଅନ୍ତୁ। ଦେଖିବେ ଶାନ୍ତି ମିଳିବ। ରକ୍ତଚାପ ଠିକ୍ ରହିବ। ଏସବୁଅତି ସାଧାରଣ କଥା। ହେଉଥିଲା, ହେଉଛି ଏବଂ ହେଉଥିବ ମଧ୍ୟ। ଆପଣ କିଛି ନ ଭାବି ସ୍ୱାମୀ ମନାନନ୍ଦଙ୍କ ଆଶ୍ରମକୁ ଚାଲନ୍ତୁ। ଦେଖିବେ କେମିତି ଶାନ୍ତି ମିଳିବ। ଯେତିକି ଗଲା ଭଗବାନ ପୁଣି ସେତିକି ଆଣି ଭଣ୍ଡାର ଘର ପୂରଣ କରିଦେଇଯିବେ।

ଷଷ୍ଠ ବ୍ୟକ୍ତି– ଆପଣ ଜାତକଟା ଟିକେ ଦେଖେଇ ଆଣନ୍ତୁ ପଣ୍ଡିତ ତ୍ରିକାଳଙ୍କ ଶାସ୍ତ୍ରୀଙ୍କୁ। ଶନି ମହାଦଶାରେ  ବୃହସ୍ପତି ଅନ୍ତର୍ଦ୍ଦଶାରେ ଶୁକ୍ର ପ୍ରତ୍ୟନ୍ତର ଦଶା ପଡ଼ିଲେ ଏପରି ବିନା ମେଘରେ ବଜ୍ରପାତ ହୋଇଥାଏ। ତେବେ ଶନି ଗଲା ବେଳକୁ ସବୁ ସଜାଡ଼ି ଦେଇ ଯାଆନ୍ତି। ଯାହା ନେଇଥାଆନ୍ତି ତା'ର ବହୁଗୁଣ ଫେରାଇ ଦେଇ ଯାଆନ୍ତି। ଯେତିକି ଅପମାନ ଦେଇଥାଆନ୍ତି ତା'ର ବହୁଗୁଣ ଯଶ ଦେଇଯାଆନ୍ତି। ଆପଣ ଖାଲି ଗୋଟେ ଗ୍ରହପୂଜା କରିଦିଅନ୍ତୁ। ସବୁ ଠିକ୍ ହେଇଯିବ।

ସପ୍ତମ ବ୍ୟକ୍ତି– ଆପଣ ଟିକେ ହୋମ୍ ମିନିଷ୍ଟର୍‌ଙ୍କୁ ଦେଖା କରୁନାହାନ୍ତି ? ଭଲ ଲୋକଟାଏ ମ ! କାମ ହେଇଯିବ। ଆପଣ ସେ ପଦିଆକୁ ଧରନ୍ତୁ। ସେ ତାଙ୍କର ଖାସ୍ ଲୋକ।

ସତ୍ୟେଜିତବାବୁ ନିରବରେ ବସିଥାଆନ୍ତି।

ବନ୍ଧୁବାନ୍ଧବ,ମିତ୍ର, ଶୁଭାକାଂକ୍ଷୀଗଣ ତାଙ୍କୁ ଏଇରକମ ସଂଖୋଳୁ ଥାଆନ୍ତି। ତେବେ ଖବର ଚାରି ଦିଗକୁ ବ୍ୟାପି ଯାଇଥିଲା ଓ ଲୋକମାନେ ଗଳିମୁଣ୍ଡରେ, ଅଫିସ୍‌ରେ, ଚା' ଦୋକାନରେ, ଛକରେ ଏ ସଂପର୍କରେ ଆଲୋଚନା କରୁଥିଲେ। ସେଇ ଆଲୋଚନାର କିୟଦଂଶ ଉଦ୍ଧାର କଲେ ତାହା ଏଇ ରକମ ହେବ।

ଚା' ଦୋକାନର ଗୁଲିଖଟି...।

:ଲୋକଟା କି ହଇରାଣରେ ପଡ଼ିଲା କହିଲେ !

:ରିଟାୟାର୍ ବାସି ତା' ଘରେ ଚଢ଼ଉ। ବିଚରା ଯାହା କିଛି ରୁଣ୍ଡେଇ ପୁଣ୍ଡେଇ ଆଣି ସଞ୍ଚିଥିଲା ସବୁ ନେଇଗଲେ।

:ଚାକିରି ମଝିରେ ଏମିତି ହେଲେ ଚଳିବ। ସେ ପୁଣି କୋଉଠୁ ଆଣି ଭରଣା କରିଥାଆନ୍ତା।

:ଏବେ ତ ଚାକିରି ନାଇଁ। କୋଉଠୁ ପୁଣି ଭେଇବ।

:ପ୍ରାଣୀଟି ଏକରକମ ମଲା।

:ସେ ଲୋକର ଅବସ୍ଥା କଥା ଭାବନ୍ତୁ। ଶଳା ହୃଦୟ ଫାଟି ଯାଉଥିବ ଯେମିତି।

:ପ୍ରାଣୀଟି ଏବେ ଚଳିବ କେମିତି। ପେନ୍‌ସନ୍ ଟଙ୍କାରେ କ'ଣ ଏ ଖାନଦାନୀ ଘର ଚଳିବ ?

ଅଫିସ୍‌ରେ ଆଲୋଚନା...।

:ସାର୍‌ଙ୍କ ଝିଅ ବାହାଘରଟା ସରିଯାଇଥିଲେ ଚଳିଥାଆନ୍ତା।

:ଏବେ ଝିଅ ବାହାଘରଟା ହେବ କେମିତି ?

:ଆଉ କ'ଣ କୋଉଠି ପୋତା ମାଲ ଥିବ ?

:ମତେ ଲାଗୁଛି ସେ ଝିଅ ଅଭିଆଡ଼ୀ ରହିଯିବ !

:ଆହା ! ସାର୍ ଏଇ ସାନଝିଅର ବାହାଘର ଜାକଜମକରେ କରିବେ ବୋଲି କେତେ ସ୍ୱପ୍ନ ଦେଖୁଥିଲେ। ସବୁରେ ପାଣି ପଡ଼ିଗଲା।

:ବାହାଘର ପରା କୋଉଠି ଠିକ୍ ହୋଇଥିଲା ?

:ଠିକ୍ ହୋଇଥିଲା ଯେ ! ଏବେ କ'ଣ ଆଉ ସେଠି ହେଇପାରିବ। ସେମାନେ ବାହାଘର ଭାଙ୍ଗିଦେବେନି। ଆଉ କାଇଁକି କରିବେ। ଆଉ କ'ଣ ଅଛି ଯେ ମିଳିବ ?

:ସାର୍‌ଙ୍କ ଖରାପ ବେଳା ଆସିଗଲା। ନାଇଁ... !

ଗଳିମୁଣ୍ଡରେ ଗପସପ...।

:ଜଣେ ଅବସରପ୍ରାପ୍ତ ଯନ୍ତ୍ରୀଙ୍କ ଘରୁ କ'ଣ ଏତିକି ବାହାରିବା କଥା ?

:ତା'ମାନେ ଆଉ କୋଉଠି ଅଛି ?

:ଥିବ ନା ! ନ ହେଲେ ଭିଜିଲାନ୍ସବାଲା ଯୋଉ ହିସାବ ଦେଉଛନ୍ତି ସେଟା ତ ସେତେ ଅଧିକା ନୁହେଁ।

:ସେ ଶଳେ ପାଇ ନ ଥିବେ। ଯିଏ ପଇସା ଖାଉଛି, ସେ ଏମିତି ସୂତ୍ରରେ ପଇସା ରଖିଥିବ ଯେ କେହି ବି ତା'ର ଟେର୍ ପାଇବେନି।

:ନାଇଁମ! ଏ ଭିଜିଲାନ୍ସବାଲା ବି ଅକର୍ମା ଗୁଡ଼ାକ। ଭଲକରି ଖୋଜୁନାହାନ୍ତି। ଯାହା ତାହା କରି ତୁଟେଇ ଦେଇ ଚାଲିଯାଉଛନ୍ତି। ପରିଶ୍ରମ କରୁନାହାନ୍ତି, କାମରେ ଆଗ୍ରହ ନାଇଁ।

:କିନ୍ତୁ ଯାହା କୁହ, ଭଲ ଲୋକଟା! ଆମେ ଯେତେଥର ପୂଜା କି ଯାତରା ପାଇଁ ପଇସା ମାଗିଛେ, ଖୋଲା ହାତରେ ଦେଇଛି।

:ମଲା! ପଇସା ଭେଉଛି, ଦେବନି କାହିଁକି ?

:ସେମିତି କୁତୁରୁପିଆ ନୁହଁ। ଖୋଲା ହୃଦୟ, ମେଲା ହାତ। କିନ୍ତୁ ଭଗବାନ କାହିଁକି ଯେ ତାଙ୍କୁ ଏ ଦଣ୍ଡ ଦେଲେ !

ଛକ ଉପରେ କଥାବାର୍ତ୍ତା...।

:ବାବୁଟା ତ ଭଲ ଲୋକଟା। ଏ ଭିଜିଲାନ୍ସ ଜାଲରେ ପଡ଼ିଲା କେମିତି ?

:ପଡ଼ିବ କ'ଣମ! ତାକୁ ପକେଇ ଦେଲେ ନା!

:କିଏ ପକେଇଲା ?

:ପକେଇବାକୁ କଣ ଲୋକଙ୍କର ଅଭାବ ଅଛି ଆଜିକାଲି ?

:ହଁ! ତା' ନୁହେଁ ଆଉ କ'ଣ ? ଆଜିକାଲି କିଏ କାହାକୁ ସହିପାରୁଛି କୁହ!

:ଧନ୍ୟ କହିବ ଏ ଲୋକଙ୍କୁ! ଯା' ତା' ବିରୋଧରେ ଲାଗି କ'ଣ ପାଉଛନ୍ତି କେଜାଣି !

:ପାପୀଗୁଡ଼ାକ। ଅକର୍ମାଗୁଡ଼ାକ। ଅସହିଷ୍ଣୁଗୁଡ଼ାକ।

:ଅନ୍ୟର କ୍ଷତି ଦେଖିଲେ ଏ ଗୁଡ଼ାଙ୍କୁ ମଜା ଲାଗେ। ଶଳା ଅମଣିଷଗୁଡ଼ାକ।

:ଇଏ ତ ଶଳାଏ ଟିକିନିଖି କରି ଲେଖିକି ଦେଇଥିବେ ଭିଜିଲାନ୍ସବାଲାଙ୍କୁ। ସେ ଆସିଲେ ଗୋଟି ଗୋଟି କରି ସବୁ ବାହାର କରିଦେଲେ।

:ବିଚରା ନିରୀହ ଲୋକଟାକୁ ଫସେଇ ଦେଲେ ହୋ ।

ସତ୍ୟଜିତବାବୁ ବସିଥାଆନ୍ତି। ଚୁପ୍‌ଚାପ୍।

ଲୋକମାନେ ଆସୁଥାଆନ୍ତି। ଦୁଃଖପ୍ରକାଶ କରୁଥାଆନ୍ତି। ପୁଣି ଫେରିଯାଉଥାନ୍ତି। ସତ୍ୟଜିତବାବୁ ଶୁଣୁଥାଆନ୍ତି। ଶୁଣିଶୁଣି ବିବଶ ହେଉଥାଆନ୍ତି। ସାନଝିଅ ଇଂଜନିୟରିଂ ପଢୁଥିଲା ବାହାରେ। ହଷ୍ଟେଲ୍‌ରେ ରହୁଥିଲା। ସିଏ ଫୋନ୍ କରିଥିଲା।

କହିଲା: ଏ ଅସମୟରେ ମୋର ତୁମମାନଙ୍କ ପାଖରେ ଯାଇ ଠିଆହେବା କଥା। କିଛି ନ ହେଲେ ମୋରାଲ୍ ସପୋର୍ଟ ଦେବାକଥା। କିନ୍ତୁ କ'ଣ କରିବି ? ମୋର ସେମିଷ୍ଟାର୍ କାଲିଠୁଁ ଆରମ୍ଭ ହେଉଛି। ଯାଇପାରୁନି। କିନ୍ତୁ ତୁମମାନଙ୍କ କଥା ଭାବି କାନ୍ଦ ଲାଗୁଛି। ପଢ଼ି ପାରୁନି। କାଲି ପରୀକ୍ଷାରେ କ'ଣ ହେବ କେଜାଣି।

ବଡ଼ପୁଅ ଏମ୍‌ବିଏ କରୁଥିଲା। ସେ ବି ହଷ୍ଟେଲ୍‌ରେ ରହୁଥିଲା, ବାହାରେ। ସିଏ ଫୋନ୍‌ରେ ଉପଦେଶ ଦେଇଥିଲା। କହିଥିଲା: ଆଗରୁ ସତର୍କ ହେବା ଉଚିତ୍ ଥିଲା। କେତେଲୋକ କେତେ ପ୍ରକାରେ ପଇସା ରଖିଛନ୍ତି। ସବୁ ବୁଝିସୁଝି କରିବା କଥା। କିଛି ନ ହେଲେ ଡାଡି, ତମେ ମମି ନାଆଁରେ ସବୁ ସମ୍ପତ୍ତି କରିଦେଇଥାନ୍ତ ଆଉ କାଗଜପତ୍ରରେ ଡାଇଭର୍ସ କରିଦେଇଥାନ୍ତ। ମମି ଦି'ଟା ଗାଈ ରଖିଥାନ୍ତେ ଆଉ କ୍ଷୀର ବିକି ଏସବୁ ସମ୍ପତ୍ତି କରିଛନ୍ତି ବୋଲି ଇନ୍‌କମ୍ ଟ୍ୟାକ୍ସ ରିଟର୍ନ ଦେଇ ଥାଆନ୍ତେ। ତୁମେ ଭିଜିଲାନ୍ସବାଲାଙ୍କୁ କହିଥାନ୍ତ, ଏସବୁ ସମ୍ପତ୍ତି ମୋର ନୁହେଁ, ମୁଁ ଏଠି ଭଡ଼ାରେ ଗୋଟେ ରୁମ୍‌ରେ ଅଛି। ବାସ୍! କେସ୍ ବାଏଁ ବାଏଁ ଉଡ଼ିଯାଇଥାନ୍ତା।

ବଡ଼ଝିଅ ବାହା ହେଇଯାଇଥିଲା। ରହୁଥିଲା ଶାଶୁଘରେ।

ସେ ଫୋନ୍‌ରେ ଅଭିମାନ କରି ଭର୍ତ୍ସନା କରିଥିଲା।

କହିଥିଲା: ଏତେ ବଡ଼ ଘଟଣା ଘଟିଗଲା। ଅଥଚ ତୁମେମାନେ ମୋତେ ଫୋନ୍ କରି ଜଣେଇଲନି। ସିଏ ଖବରକାଗଜରୁ ପଢ଼ିକି ଆସି ମତେ କହିଲେ। ମୋର ଆଉ ଇଜ୍ଜତ୍ ରହିଲା ଶାଶୁଘରେ! ତୁମେ ମୋ ଶାଶୁଶ୍ୱଶୁରଙ୍କ, ୟା'ଙ୍କୁ ଫୋନ୍ କରି କହିଦେବା ଉଚିତ ଥିଲା। ଘରକୁ ବି ଡାକି ଥାଆନ୍ତ। ହଉ ଛାଡ଼...! ମୋ ଭାଗ୍ୟ! କିନ୍ତୁ ଏତେ ଗୁଡ଼ାଏ ଟଙ୍କା ଘରେ ରଖୁଥିଲ କାହିଁକି। ମୋତେ ହେଲେ କିଛି ଦେଇଦେଇଥାଆନ୍ତ! ମୁଁ ଏଇଠି ରଖି ଦେଇଥାଆନ୍ତି।

ସତ୍ୟଜିତବାବୁ ବସିଥାଆନ୍ତି ଚୁପ୍‌ଚାପ୍। କ'ଣ କରିବେ କ'ଣ ନ କରିବେ କିଛି ସ୍ଥିର କରିପାରୁ ନ ଥାନ୍ତି।

ସେ ଓକିଲ, ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟଙ୍କ ସହ ପରାମର୍ଶ କଲେ। ପୋଲିସ ବିଭାଗରେ ନିଜର ଚିହ୍ନାଜଣା ଲୋକଙ୍କୁ ପରାମର୍ଶ ମାଗିଲେ। ମୋଟା ଚାନ୍ଦା ଦେଇ ବନ୍ଧୁତା ରଖିଥିବା ଏମ୍‌ଏଲ୍‌ଏ ଓ ମନ୍ତ୍ରୀଙ୍କୁ ନିଜର ଅସୁବିଧା କଥା ଶୁଣାଇଲେ। ନିଜ ବିଭାଗର ପୁରୁଣା ସହଯୋଗୀମାନଙ୍କ ସହିତ ଆଲୋଚନା କଲେ। କିନ୍ତୁ କୌଣସି ନିଷ୍କର୍ଷରେ ପହଞ୍ଚିପାରିଲେ ନାହିଁ।

ପତ୍ନୀ କହିଲେ: କିଛି କର ହେ!

ସେ କହିଲେ: କ'ଣ କରିବି?

ପତ୍ନୀ କହିଲେ: କାହାକୁ କହ ହେ!

ସେ କହିଲେ: କାହାକୁ କହିବି?

ପତ୍ନୀ କହିଲେ: କ'ଣ ତ ପୁଣି ବାଟ ଥିବ?

ସେ ପଚାରିଲେ: କ'ଣ ସେ ବାଟ?

ପତ୍ନୀ କହିଲେ: ବୁଝ ହେ!

ସେ କହିଲେ: କାହାଠୁ ବୁଝିବି?

ପତ୍ନୀ କହିଲେ: ତାହା ହେଲେ କ'ଣ କିଛି ହୋଇପାରିବ ନାହିଁ।

ସେ କହିଲେ: ମୁଁ ଜାଣିପାରୁନି ହେ!

ରାତି ଗଭୀର ହୁଅନ୍ତେ, ସେ ନିଦବଟିକା ଖାଇ ଶୋଇପଡ଼ିଲେ। ସୁଷମା ଦେବୀ ନିଦ ବଟିକା ଖାଇଲେନି। ଅନେକ ରାତିଯାଏଁ ତାଙ୍କୁ ନିଦ ହୋଇ ନ ଥିଲା।

ତେବେ ସେଇ ରାତିରେ ଆଉ ଗୋଟେ ଘଟଣା ଘଟିଥିଲା। ଝରକା ଖୋଲାଥିଲା। ସେଠି ଗ୍ରୀଲ୍ ଦୁର୍ବଳ ଥିଲା। ଗ୍ରୀଲ୍‌ଟାକୁ କୌଣସି ସୂତ୍ରରେ କାଟି ଗୋଟେ ଚୋର ଘର ଭିତରେ ପଶିଗଲା। ଛୋଟ ଟର୍ଚ୍ଚ ଜାଳି ସେ ଆଲମାରୀ ଆଡ଼କୁ ଯାଉଥିବା ସମୟରେ ହିଁ ସୁଷମା ଦେବୀଙ୍କ ଦୃଷ୍ଟି ତା' ଉପରେ ପଡ଼ିଗଲା ଓ ସେ 'ଚୋର', 'ଚୋର' ବୋଲି ଚିତ୍କାର କଲେ। ଚୋର ଯୋଉବାଟେ ଆସିଥିଲା ସେଇବାଟେ ଖସିଯିବାକୁ ବସିଲା ବେଳକୁ ଚାକର ସଦାଶିବ ତାକୁ ମାଡ଼ିବସିଲା ଝରକା ଆରପଟେ।

ଦି'ଜଣଯାକ ଢେର୍ ବେଳଯାଏଁ ଗଡ଼ାତଡ଼ା ହେଲେ। ସେତେବେଳକୁ ଘରର ଆଲୁଅ ସବୁ ଜଳି ଉଠିଥିଲା। ଚୋର ଖସିକି ଯାଇପାରିଲା ନାହିଁ। ତାକୁ ଗୋଟେ ଦଉଡ଼ିରେ ବାନ୍ଧି ଦିଆଗଲା।

ସକାଳ ଯାଏଁ ଚୋର ବନ୍ଧା ହୋଇ ପଡ଼ିରହିଲା।

ଚାକର ସଦାଶିବ ସୂତ୍ରରୁ ଖବର ପାଇ ସାଇଯାକ ଲୋକ ରୁଣ୍ଡ ହେଲେ ସତ୍ୟଜିତବାବୁଙ୍କ ଘରେ। ସେଠି ଚୋରକୁ ଉତ୍ତମ ମଧ୍ୟମ ମାଡ଼ ଦିଆଗଲା ଓ ନାନା ଗାଳିଗୁଲଜ ଦିଆଗଲା।

ଜଣେ କହିଲେ: ତତେ ଲାଜ ଲାଗୁନି! ଚୋରି କରୁଛୁ।

ଆଉ ଜଣେ କହିଲେ: ଶଳା ଭଲ ତ ମରଦ ଭଳିଆ ଚେହେରା ରଖିଛୁ। ମୂଳ

ଲାଗି ପେଟ ପୋଷୁନୁ !

ତୃତୀୟ କହିଲେ: ତତେ କ'ଣ ପରିଶ୍ରମର ଭାତ ରୁଚୁନି। ଏ ଗୁହଖିଆ କାମ କରୁଛୁ।

ଚତୁର୍ଥ କହିଲେ: ତତେ ଟିକେ ଲୋକ ଲଜ୍ଜା ନାଇଁ! ନୀଚ କାହାଁ କା!

ପଞ୍ଚମ କହିଲେ: ୟା'ର ହାତଗୋଡ଼ ଭାଙ୍ଗିଦେବା ଭଲ। ଆଉ ଦିନେ ଚୋରି କରିପାରିବ ନାହିଁ।

ପୋଲିସକୁ ଖବର ଦିଆଗଲା। ପୋଲିସ ତାକୁ ଆସି ଆଉଥରେ ବାନ୍ଧିଲା।

ଚୋର ନିରବ ଥିଲା। କିନ୍ତୁ ଲୋକମାନଙ୍କ ଗାଳିଫଜିତ୍, ମାଡ଼ ଓ ଟାପରା ଭିତରେ ସେ ସତ୍ୟଜିତ୍‌ବାବୁଙ୍କୁ ବାରମ୍ବାର ଚାହୁଁଥିଲା। ପୋଲିସ ତାକୁ ଟାଣି ନେଲାବେଳେ କହିଲା: ମୋର ପଦେ କହିବାର ଅଛି ?

ପୋଲିସ୍ ପଚାରିଲା: କ'ଣ ?

ଚୋର ସତ୍ୟଜିତ୍‌ବାବୁଙ୍କୁ ଚାହିଁଲା ଓ କହିଲା: ନାଇଁ! ଥାଉ !

ପୋଲିସ ତାକୁ ଭିଡ଼ିଭିଡ଼ି ଥାନା ଆଡ଼କୁ ନେଲା।

# ଫର୍ମୁଲା

ଶୁଭେନ୍ଦୁ ଠିଆ ହୋଇଥିଲା ମନସ୍ତତ୍ତ୍ୱବିତ୍‌ଙ୍କ ସାମ୍ନାରେ।

ତା'ର ଜଣେ ବନ୍ଧୁ ତା'ର ଦୁଃଖ କାହାଣୀ ଶୁଣିବା ପରେ ଠିକଣା ଦେଇଥିଲେ ଏଇ ପାରିବାରିକ ପରାମର୍ଶ କେନ୍ଦ୍ରର। ସେଠି ଜଣେ ମନସ୍ତତ୍ତ୍ୱବିତ୍ ପରାମର୍ଶ ଦେଉଥିଲେ , ସୁଖୀ ପାରିବାରିକ ଜୀବନର।

ସେ ପଚାରିଲେ: ଆପଣଙ୍କର କେହି ପ୍ରେମିକା ଅଛନ୍ତି ?

ଶୁଭେନ୍ଦୁ କହିଲା: ନା !

:କେହି ପ୍ରେମିକା ଥିଲେ ?

:ନା !

:ଆପଣଙ୍କର ସ୍ତ୍ରୀଙ୍କର କେହି ପ୍ରେମିକ ?

:ମତେ ଜଣା ନାହିଁ।

:ଅତୀତରେ କେହି ପ୍ରେମିକ। ମାନେ ପ୍ରାକ୍ ବିବାହିତ ଜୀବନରେ।

:ମୁଁ ଅନୁସନ୍ଧାନ କରି ନାହିଁ।

:କୌଣସି ନାରୀ ସହିତ ଆପଣଙ୍କର ବନ୍ଧୁତା।

:ଥିଲା।

:କେବେ ?

:ଅନେକ ଦିନ ତଳେ।

:କି ପ୍ରକାର ବନ୍ଧୁତା !

:କି ପ୍ରକାର କ'ଣ ? ବନ୍ଧୁତା ଥିଲା। ଜଣେ କାହିଁକି ଅନେକଙ୍କ ସହିତ ବନ୍ଧୁତା ଥିଲା।

:ସେ ବନ୍ଧୁତାର ସଂଜ୍ଞା ?

:ମୁଁ କେବେ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିନାହିଁ।

:ତଥାପି ! ସେ ବନ୍ଧୁତାର ରୀତିନୀତି ।

:ଯେମିତି ପୁଅ ପୁଅ ଭିତରେ ବନ୍ଧୁତା ! ସେମିତି ପୁଅ ଝିଅ ଭିତରେ ବନ୍ଧୁତା । ତାହା କ'ଣ ସମ୍ଭବ ନୁହେଁ ।

:ସମ୍ଭବ ନୁହେଁ କାହିଁକି ? ସମ୍ଭବ ! କିନ୍ତୁ ଉଚିତ ନୁହେଁ ।

:ଉଚିତ ନୁହେଁ କାହିଁକି ?

:ସେକଥା ପଛରେ କହିବି । ଆପଣ ପ୍ରଥମେ ନିଜ କଥା କୁହନ୍ତୁ ।

:ଆପଣ ପଚାରନ୍ତୁ ।

:ଚିଠିପତ୍ର ଦିଆନିଆ ! ସାଙ୍ଗ ହେଇ ଫଟୋ ଉଠିବା । ଏମିତି କିଛି ଥିଲା ?

:ହଁ ! ଥିଲା । ଆମେ ପୁଅ ସାଙ୍ଗମାନେ ଚିଠିପତ୍ର ଦିଆନିଆ ହଉଥିଲୁ । ସେମିତି ଝିଅ ସାଙ୍ଗମାନେ ଚିଠି ଦିଆନିଆ ହେଉଥିଲୁ । ଫଟୋ ବି ଉଠିଥିଲୁ ।

:ମୁଁ ପୁଅ ସାଙ୍ଗ କଥା ନୁହେଁ । ଝିଅ ସାଙ୍ଗ କଥା ପଚାରୁଛି ।

:ହଁ ଥିଲା, କିନ୍ତୁ ସେଥିରେ କ୍ଷତି କ'ଣ ?

:ସେ ଚିଠି, ଫଟୋ ଏବେ କେଉଁଠି ?

:କୋଉଠି ପଡ଼ିଥିବ । ଘରେ ଥିବ କୋଉଠି ।

:ସେଥିରୁ କିଛି ଆପଣଙ୍କ ସ୍ତ୍ରୀଙ୍କ ହାତରେ ପଡ଼ିଛି ।

:ମୁଁ କହିପାରିବିନି ।

:ଏସବୁ ବିଷୟରେ ଆପଣଙ୍କ ସ୍ତ୍ରୀ ଜାଣନ୍ତି ?

:ମୁଁ କେବେ କହିନାହିଁ ।

:କାରଣ ?

:ମୋ ଝିଅ ସାଙ୍ଗମାନଙ୍କ ବିଷୟରେ ମୋ ମନରେ କୌଣସି ଇଏ ନାହିଁ ।

:ଇଏ ମାନେ ?

:ମାନେ କୌଣସି ଲଜ୍ୟାବୋଧ, ଅପରାଧ ବୋଧ ବା ଦୁର୍ବଳତା ।

:ଆଚ୍ଛା !

:ଆପଣ କ'ଣ ଭାବୁଛନ୍ତି ଏ ସବୁ ବନ୍ଧୁତା ଉଚିତ ନୁହେଁ ।

:ନା ! ମୁଁ ସେମିତି ଭାବୁନାହିଁ । ତେବେ ଆପଣଙ୍କ ସ୍ତ୍ରୀ ଭାବୁଛନ୍ତି ।

:କଣ ଭାବୁଛନ୍ତି ?

:ଅବଶ୍ୟ ମୁଁ ଠିକ୍ କରି ଜାଣେନା, ସେ କଣ ଭାବୁଛନ୍ତି ।

:କିନ୍ତୁ  ଏବେ ଯେ ଆପଣ କହିଲେ ସେ ଭାବୁଛନ୍ତି।

:ଠିକ୍ ଭାବୁଛନ୍ତି ନୁହେଁ। ଭାବୁଥାଇ ପାରନ୍ତି।

:କଣ ଭାବୁଥାଇ ପାରନ୍ତି।

:ଅନ୍ୟ ନାରୀ ସଂପର୍କରେ।

:ଅନ୍ୟ ନାରୀ କିଏ ? କେହି ତ ସେମିତି ନାହାନ୍ତି।

:ନ ଥାଇ ପାରନ୍ତି।

:ତେବେ ଭାବୁଛନ୍ତି କାହିଁକି ?

:ସେଇତ ଘଟଣାର ମୂଳସୂତ୍ର। ତାଙ୍କର ଆପଣଙ୍କ ପ୍ରତି ଘୋର ସନ୍ଦେହ ରହିଛି। ଏବଂ ତାର ପ୍ରତିକ୍ରିୟାରେ ଯାହା କିଛି ହେଉଛି।

:କିନ୍ତୁ ଏପରି ସନ୍ଦେହ ଯେ ଅମୂଳକ।

:ହୋଇପାରେ। କିନ୍ତୁ ସେଟା ସେ ବୁଝିଲେତ !

:ଆପଣ କଣ ନିଶ୍ଚିତ, କେବଳ ତାଙ୍କର ସନ୍ଦେହରୁ ହିଁ ଏମିତି ସବୁ ହେଉଛି।

:ମୋର ତାହା ହିଁ ସନ୍ଦେହ ! ତେବେ ଆପଣ ତାଙ୍କୁ ଧରି ଏଠାକୁ ଆସନ୍ତୁ। ତାଙ୍କ ସହିତ ବି  ଆଲୋଚନା କରିନେବା।

ଶୁଭେନ୍ଦୁ ନିଜର ଶେଷ କଥା ଶୁଣାଇ ଦେଲା।

କହିଲା: ସେ କାହିଁକି ଆପଣଙ୍କ ପାଖକୁ ଆସିବେ ? ତାଙ୍କର ତ କିଛି ଅସୁବିଧା ନାହିଁ। ଅସୁବିଧା ମୋର ହେଉଛି। ମୁଁ ଆପଣଙ୍କ ପାଖକୁ ଆସିଛି ବୋଲି ସିଏ ମଧ୍ୟ ଜାଣନ୍ତି ନାହିଁ।

ଶୁଭେନ୍ଦୁ ଉଠିଲା।

ଶୁଭେନ୍ଦୁ ଜାଣେନା ସେଟା କୋଉ ଚିଠି, କାହାର ଚିଠି, କାହାର ଫଟୋ ବା କାହାରିକୁ ନେଇ ଏତେ ସନ୍ଦେହ ବସାବାନ୍ଧି ଯାଇଛି ସୁଖଦାର ମନରେ। ସେ ସନ୍ଦେହ ଯିବ କେମିତି ? ଅଛି କି ତାର କିଛି ଫର୍ମୁଲା ?

ଦୁଇଦିନ ପରେ ଶୁଭେନ୍ଦୁ ନିଜକୁ ଆବିଷ୍କାର କରିଥିଲା ବିଶିଷ୍ଟ ଜ୍ୟୋତଷୀଶାସ୍ତ୍ର ବିଶାରଦ ପଣ୍ଡିତ ବୀର ମହାରାଜ ଶାସ୍ତ୍ରୀଙ୍କ ସାମ୍ନାରେ। ଶାସ୍ତ୍ରୀଙ୍କ ହାତରେ ଶୁଭେନ୍ଦୁର ଜାତକ ଓ ସୁଖଦାର ରାଶି।

ଜ୍ୟୋତିଷ ମହାଶୟ ପଚାରିଲେ : ଆପଣଙ୍କ ବିବାହର ଜାତକମେଳକ ହୋଇଥିଲା ?

ଶୁଭେନ୍ଦୁ କହିଥିଲା: ହଁ! ହୋଇଥିଲା।

:କିଏ କରିଥିଲା।

:ବାପା !

:ସେ କଣ ଜ୍ୟୋତିଷ।

:ନା! ନା! ସେ କରେଇଥିଲେ।

:କାହା ପାଖରୁ ?

:କୌଣସି ଜ୍ୟୋତିଷ ପାଖରୁ।

:କିଏ ସେ ଜ୍ୟୋତିଷ ?

:ମୁଁ ଜାଣେ ନାହିଁ।

:ସେ ଟା ଜ୍ୟୋତିଷ ନୁହେଁ, ଗୋଟାଏ ଚୋର।

:ମାନେ !

:ମାନେ କଣ ? ଜମା ହିଁ ମେଳକ ନାହିଁ।

:ମେଳକ ନାହିଁ? କିନ୍ତୁ ମତେ ଯେ କୁହାଯାଇଥିଲା ଜାତକ ଠିକ ମେଳକ ହୋଇଛି।

:ସେଥିପାଇଁ ତ କହିଲି ସେଇଟା ଜ୍ୟୋତିଷ ନୁହେଁ। ଗୋଟିଏ ଚୋର। ପାଜି। ବଦମାସ।

:ମୁଁ ତ ଏତେ କଥା ଜାଣେନା। ତା ଛଡ଼ା ଗୁରୁଜନମାନେ ଏ କଥା ବୁଝୁଥିଲେ।

:ସେଇ ତ ଅସୁବିଧା। ଆପଣ ନିଜେ ବାହାହେବେ। ଅଥଚ ଏପରି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଜେ କିଛି ଅନୁସନ୍ଧାନ କରିବେ ନାହିଁ। ଅନ୍ୟମାନଙ୍କ ଉପରେ ଭରସା କରି ଛାଡ଼ିଦେବେ। ଏବେ ଫଳ ଆପଣଙ୍କୁ ହିଁ ଭୋଗିବାକୁ ପଡ଼ିବ।

:କିନ୍ତୁ ଗୁରୁଜନମାନେ ଆମର ଅହିତ ତ ଚାହିଁ ନଥିବେ।

:ଅହିତ ତ ଚାହିଁ ନ ଥିବେ, କିନ୍ତୁ ତାଙ୍କୁ ଠକେଇଛି ଜ୍ୟୋତିଷ ନାମରେ ଗୋଟାଏ ଚୋର। ମିଛ କହିଛି । ଲୋକମାନେ ପଇସା ପାଇଁ ଶାସ୍ତ୍ର ପୁରାଣ ବି ଓଲଟ ପାଲଟ କରିଦେଉଛନ୍ତି। ସେଇଥିପାଇଁ ଜ୍ୟୋତିଷ ଶାସ୍ତ୍ର ବଦନାମ ହେଉଛି।

ଶୁଭେନ୍ଦୁ ଦୀର୍ଘଶ୍ୱାସ ପକେଇଲା।

ପଚାରିଲା: ଏବେ କଣ ହେବ ?

ଜ୍ୟୋତିଷ କହିଲେ: ହେବ ଆଉ କଣ ? ଭାଗ୍ୟରେ ଯାହାଥିବ ତାକୁ ଅବଶ୍ୟ

ଭୋଗିବାକୁ ହେବ।

ଶୁଭେନ୍ଦୁ କହିଲା: ଯଦି ଭାଗ୍ୟରେ ଏଇ ନାରୀ ହିଁ ଥିଲା, ଏଇ ନାରୀକୁ ବାହା ହେବାର ଥିଲା, ତାହା ତ ଘଟିଥିଲା। ଏବେ ଜାତକ ମେଳକର କଥା ଆଉ କାହିଁକି ?

:ନାଇଁରେ ବାବୁ। ଭାଗ୍ୟ ସହିତ କର୍ମର ପୁଣି ଯୋଗସୂତ୍ର ଅଛି ନା ନାଇଁ। ଭାଗ୍ୟରେ ଅଛି ଭୋଗିବାକୁ। ଠିକ୍। କିନ୍ତୁ ସେଇ ଭୋଗିବାର ମାତ୍ରାଟା କମ ବେଶି ହୋଇପାରେ। ସେ ସବୁ ନିର୍ଭର କରୁଛି ଠିକ ଗଣନା ଉପରେ।

:ତେବେ ଏବେ ଯାହା ସବୁ ଘଟୁଛି ସବୁ କଣ ସେଇ ଭାଗ୍ୟର ଫଳ । ଜାତକର ଫଳ। ଗ୍ରହର ଦୋଷ।

:ନିଃସନ୍ଦେହରେ। ଜ୍ୟୋତିଷୀଟା ଗୋଟାଏ ଏଣୁ ତେଣୁ ଶାସ୍ତ୍ର ନୁହେଁ। ଏହା ଯୁଗ ଯୁଗର ଏକ ସିଦ୍ଧ ଶାସ୍ତ୍ର। ଆପଣଙ୍କର ଯଦି ନାଗନାଡ଼ୀ ପଡ଼ିଲା ତେବେ କଳହ ହେବ ହିଁ। ଯଦି ରାଶି ମେଳକରେ ଅରି ଷଡ଼ାଷ୍ଟକ ପସିଲା, ବଶ୍ୟ ବିପରୀତ ହେଲା, ତେବେ କଳହ ସୁନିଶ୍ଚିତ।

:ଏବେ କଣ ହେବ ?

:ପ୍ରତିକାର କରିବାକୁ ହେବ। ନୋହିଲେ ସେମିତି ଭୋଗି ଚାଲିଥିବେ।

:ପ୍ରତିକାର କଲେ ସବୁ ଅସୁବିଧା ଦୂର ହୋଇଯିବ ?

:ନା ! ତାହା ଅସମ୍ଭବ। କେବଳ ଲାଘବ ହେବ ମାତ୍ର।

ଶୁଭେନ୍ଦୁ ଦୀର୍ଘଶ୍ୱାସ ପକାଇଲା।

ଜ୍ୟୋତିଷ ମହାଶୟ କହିଲେ : ଏ ସବୁ ପାଇଁ ଦାୟୀ କିଏ ଜାଣନ୍ତି ? ଆପଣଙ୍କ ଭଳି ଶିକ୍ଷିତ ଲୋକମାନେ। ଯୋଉମାନେ ଜ୍ୟୋତିଷ ଶାସ୍ତ୍ରକୁ ନାପସନ୍ଦ କରନ୍ତି। ଏହାକୁ ଅବୈଜ୍ଞାନିକ କହନ୍ତି। ଆପଣମାନେ ଭାବନ୍ତି, ଯେ କୌଣସି ପୁରୁଷ ଯେ କୌଣସି ସ୍ତ୍ରୀକୁ ବିବାହ କରିପାରେ। କିନ୍ତୁ ତାହା ନୁହେଁ ବାବୁ। ଯେ କୌଣସି ଚାବିରେ ତାଲା ଖୋଲାଯାଏନା। ତାଲା ଖୋଲିବାର ନିର୍ଦ୍ଦିଷ୍ଟ ଚାବି ଥାଏ। ଆପଣମାନେ ଭାବନ୍ତି ଯେ କୌଣସି ସ୍ତ୍ରୀ ସାଧାରଣ ତାଲା। ତାକୁ ଯେ କୌଣସି ଚାବିରେ ଖୋଲି ହେବ। ତା ନୁହେଁ। ତାହା ଅସମ୍ଭବ। ଏମିତି କଲେ ତାଲା ତ ଖୋଲେନା, ବରଂ ଅଶାନ୍ତି ହିଁ ସୃଷ୍ଟି ହୁଏ। ପ୍ରତି ତାଲାର ଅଲଗା ଅଲଗା ନମ୍ବର ଥାଏ।

:ତା ମାନେ ଆପଣ କହୁଛନ୍ତି ମୋ ସ୍ତ୍ରୀ ପାଇଁ ମୁଁ ଠିକ୍ ନୁହେଁ।

:ସେ କଥା ନୁହେଁ। ଜାତକଟା ମିଳିଥିଲେ ଜଣା ପଡ଼ିଥାନ୍ତା ଆପଣ ଦୁହେଁ

ପରସ୍ପର ପାଇଁ ଠିକ୍ କି ନା । ମିଳୁନି ଯେତେବେଳେ ମାନିବାକୁ ହେବ ଯେ ତାହା ଫିଟ୍ କରୁନି। ଏଥିରେ ସୁଖ ଶାନ୍ତି ସମୃଦ୍ଧିର ତାଲା ଖୋଲେନା। କେବଳ ଚାବିଟା ଘୁରୁଥାଏ, ଘୁରୁଥାଏ।

ବ୍ୟାକୁଳ ସ୍ୱରରେ ଶୁଭେନ୍ଦୁ କହିଲା : ତେବେ କଣ ହେବ। କିଛି ଗୋଟାଏ କରନ୍ତୁ ନା କିଛି ଗୋଟାଏ ପ୍ରତିକାର ଦିଅନ୍ତୁନା!

ଜ୍ୟୋତିଷ ମହାଶୟ କହିଲେ : ସେଇ କଥା ତ ମୁଁ କହୁଚି। ଆପଣ ପ୍ରଥମେ ପତ୍ନୀଙ୍କ ଜାତକ ଆଣନ୍ତୁ। ମୁଁ ଦିଟା ଯାକ ଜାତକକୁ ସାଧନ କରିବି। ଏ ଖାଲି ରାଶିଟା ଲେଖିକି ଦେଲେ କିଛି ହେବନି।

:ତାଙ୍କ ଜାତକ କୋଉଠୁ ଆଣିବି ? ତାଙ୍କ ଘରେ ଝିଅ ଜାତକ ପୁଅ ଘରକୁ ଦିଅନ୍ତିନି। କେବଳ ବାହାଘର ବେଳେ ଟିପଣାଟା ଯାହା ଦେଇଥିଲେ।

:ଏଇଥିରୁ ଜଣା ପଡୁଚି ଆପଣ ଶିକ୍ଷିତ ଲୋକମାନେ ଏ ପ୍ରସଙ୍ଗରେ କେତେ ଦାୟିତ୍ୱହୀନ। ଏଭଳି ଗୁରୁତ୍ୱପୂର୍ଣ୍ଣ କଥାକୁ କେତେ ଲଘୁ ଭାବରେ ଗ୍ରହଣ କରନ୍ତି।

:ମୋତେ କିଛି ପ୍ରତିକାର କୁହନ୍ତୁ ଆଜ୍ଞା!

:ଆପଣ ଦୁଇଦିନ ପରେ ଆସନ୍ତୁ। ମୁଁ ଜାତକଟାକୁ ଭଲକରି ପରୀକ୍ଷା କରେ। ଆପଣଙ୍କୁ ବେଶି କଷ୍ଟ ପଡ଼ିବନି। ହାତରେ ଗୋଟେ ପ୍ରବାଳ, ବେକରେ ଗୋଟେ ତାବିଜ ପିନ୍ଧିବାକୁ ପଡ଼ିବ। ଶନିକୁ ସନ୍ତୁଷ୍ଟ କରିବାକୁ ଶନିବାର ଦିନ ମିଷ୍ଟାନ୍ନ ବଣ୍ଟନ କରିବାକୁ ହେବ। ଆପଣଙ୍କ ସପ୍ତମାଧିପତି ସେତେ ସବଳ ନୁହନ୍ତି।

ଶୁଭେନ୍ଦୁ ବିଦାୟ ନେଲା।

ସେ ଜାଣେନା ତାର ଜାତକରେ କେଉଁ ଗ୍ରହ ତୁଙ୍ଗୀ। କେଉଁ ସ୍ଥାନରେ ଅଧିପତି କିଏ ? ଶନିଙ୍କ ଅବସ୍ଥାନ କୋଉଠି ? ମଙ୍ଗଳ କେଉଁ ସ୍ଥିତିରେ ଅଛନ୍ତି। କେବଳ ଏତିକି କରିପାରିଲା ଯେ ଜାତକରେ ସବୁ ଗୋଳମାଳ ହୋଇଯାଇଛି। ଏବଂ ତା ପାଇଁ ମାଡ଼ି ଆସିଛି ଦାମ୍ପତ୍ୟ କଳହ। ଅସନ୍ତୋଷ। ଅଶାନ୍ତି।

ତିନିଦିନ ପରର ଘଟଣା।

ଶୁଭେନ୍ଦୁ ଠିଆ ହୋଇଥିଲା ଡ଼ାକ୍ତର ଶିବନନ୍ଦନ ଝାଙ୍କ ସାମ୍ନାରେ। ଡାଃ. ଝା ମାନସିକ ରୋଗର ଚିକିତ୍ସକ।

ଡ଼ାକ୍ତର ପଚାରିଥିଲେ: ବିବାହ କେତେ ବର୍ଷ ହେଲା ?

ଶୁଭେନ୍ଦୁ କହିଥିଲା : ସାତବର୍ଷ।

:ଏଇ ଚିଡ଼ଚିଡ଼ା ପ୍ରକୃତି କେବେଠୁ ବାହାରିଲା ?

:ବାହାଘରର କିଛି ଦିନ ପରଠୁ ।

:କେତେ ଦିନ ପରଠୁ ।

:ତାହା ତ ଠିକ ଭାବରେ ମନେ ନାହିଁ । ତେବେ ଆସ୍ତେ ଆସ୍ତେ ବାହାରିଲା ।

:ଆପଣଙ୍କ ପତ୍ନୀ କଣ ଯୌନ ଅସୁଖୀ । ମାନେ ସେକ୍ସୁଆଲୀ ଡ଼ିସ୍‌ସାଟିସ୍‌ଫାଏଡ୍ !

:ମୁଁ ତ ଜାଣେନା ।

:ଜାଣନ୍ତି ନାହିଁ କେମିତି ? ଏ କଥାତ ଆପଣଙ୍କୁ ହିଁ ଜାଣିବାକୁ ପଡ଼ିବ । କାରଣ ଆପଣ ତାଙ୍କର ପାର୍ଟନର ।

:କିନ୍ତୁ ମୁଁ ମୋର କର୍ତ୍ତବ୍ୟ ଠିକ୍ ଭାବରେ କରି ଆସୁଛି ।

:ତେବେ ସେ ତୃପ୍ତ କି ନା ଜାଣନ୍ତି ନାହିଁ ।

:ନା ! ଜାଣି ନାହିଁ । ସେ କଥା ଜାଣିବାର କିଛି ଉପାୟ ଅଛି କି ?

:ନିଶ୍ଚୟ ଅଛି ।

:ତେବେ ମତେ କୁହନ୍ତୁ ତାର ଉପାୟ ସବୁ । ମୁଁ ପରୀକ୍ଷା କରିନେବି ।

:ଆପଣ ଏତେ ଦିନ ଧରି ନିଜର କର୍ତ୍ତବ୍ୟ କରି ଆସୁଛନ୍ତି । ଜାଣୁ ନାହାନ୍ତି କେମିତି ? ତା ମାନେ ଆପଣ ନିଜ କର୍ତ୍ତବ୍ୟ ଠିକ୍ ଭାବରେ କରୁନାହାନ୍ତି । ଆପଣ କେବଳ କର୍ତ୍ତବ୍ୟ ପାଇଁ କର୍ତ୍ତବ୍ୟ କରୁଛନ୍ତି । ତାର ଫଳାଫଳ ପ୍ରତି ଦୃଷ୍ଟି ଦେଉ ନାହାନ୍ତି । କେବଳ ନିଜ କଥା ହିଁ ଦେଖିଛନ୍ତି । ଆପଣଙ୍କ ପାର୍ଟନର କଥା ବୁଝି ନାହାନ୍ତି ।

:ଆପଣ କଣ କହୁଛନ୍ତି, ଆମର କଳହର କାରଣ ଏଇ ଯୌନ ଅସୁଖ ।

:ନିଃସନ୍ଦେହରେ ! ଯୌନ ଅସୁଖ ଅତି ଅସମ୍ଭବ ଭାବରେ ପ୍ରତିକ୍ରିୟା ପ୍ରକାଶ କରେ । ସେ ପ୍ରତିକ୍ରିୟା ବିଭିନ୍ନ ଭାବରେ ପ୍ରକାଶ ପାଏ । ଚିଡ଼ଚିଡ଼ା ସ୍ୱଭାବ ତାର ଅନ୍ୟତମ ପରିପ୍ରକାଶ । ଏବଂ ଅନେକ କ୍ଷେତ୍ରରେ ରୋଗୀ ନିଜେ ବି ଜାଣେନା ସେ କାହିଁକି ଚିଡ଼୍‌ଚିଡ଼୍ ହେଉଛି ।

:ତେବେ କଣ ହେବ ?

:ହେବ ଆଉ କଣ ? ଯାହା ହେବାର କଥା ତାହା ତ ହୋଇଯାଇଛି । ଏବେ କେବଳ ପ୍ରତିକାର କରିବାକୁ ହେବ ।

:କରନ୍ତୁ ନା ପ୍ରତିକାର ।

:ନା ! ମୋର କିଛି ପ୍ରତିକାର କରିବାର ନାହିଁ । ଯାହା ପ୍ରତିକାର କରିବା କଥା

ଆପଣ କରିବେ।

:କିଛି ଔଷଧ ପତ୍ର।

:ନା! ନା! ଏଥିପାଇଁ କୌଣସି ଔଷଧପତ୍ର ଟାବଲେଟ ଟନିକ ନାହିଁ। ଆପଣ ହିଁ ସ୍ଥିର କରିବେ। କେମିତି ନିଜ ପତ୍ନୀଙ୍କୁ ସନ୍ତୁଷ୍ଟ କରାଯାଇପାରେ।

ଶୁଭେନ୍ଦୁ ଅସହାୟ ଦିଶିଲା।

କହିଲା : ଏତେ ଦିନ ଧରି ମୁଁ ତ ମୋର କର୍ତ୍ତବ୍ୟ କରୁଛି। ତା ସତ୍ତ୍ୱେ ଯଦି କିଛି ଫଳ ନହେଲା, ମୁଁ ଆଉ କଣ କରିପାରିବି। ଦେଖନ୍ତୁ ଏ ବାବଦରେ ମୋର ବିଶେଷ କିଛି ଜ୍ଞାନ ନାହିଁ। ସାଙ୍ଗସାଥୀଙ୍କ ଠୁ ଯାହା ଶୁଣିଛି, ସେଇଥିରେ ଚଳେଇଛି।

ଡ଼ାକ୍ତର କହିଲେ : ସେଇତ ଅସୁବିଧା। ଏଇଟା ବି ଗୋଟାଏ ବିଜ୍ଞାନ। ଏଇଟା ବି ଗୋଟାଏ ପାଠ। କହିବାକୁ ଗଲେ ଜୀବନର ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା। ଅଥଚ ଆମ ସମାଜରେ ଏ ସଂପର୍କରେ ଜ୍ଞାନ ଅର୍ଜନ କରିବାକୁ ବ୍ୟବସ୍ଥା ନାହିଁ।

ଶୁଭେନ୍ଦୁ ମୁଣ୍ଡରେ ହାତ ଦେଲା।

କହିଲା : ଏମିତି କେତେ ପାଠ ଶିଖିବି ଜୀବନରେ।

ଏମିତିରେ ଶୁଭେନ୍ଦୁ ଅନେକ କଥା ଜାଣେନା। ସେ ଜାଣେନା ଅର୍ଗାଜମ୍ କଣ? ସେ ଜାଣେନା ଚରମ କଣ? ଅର୍ଗାଜମରେ କେମିତି ପହଞ୍ଚାଯାଏ ବା ପହଞ୍ଚିଲେ କଣ ହୁଏ। ସେ ଜାଣେନା ଲଭ୍ ପଏଣ୍ଟ କଣ ? ସେ ସବୁ କୋଉଠି ଥାଏ ?

ତାର ଅନେକ ବିଷୟରେ ଜ୍ଞାନ ନାହିଁ । ସେ ଚଳିବ କେମିତି ?

କିନ୍ତୁ ବାସ୍ତୁଶାସ୍ତ୍ରବିତ୍ କହିଥିଲା ଅଲଗା ଧରଣର କଥା।

ପଚାରିଥିଲା : ଆପଣଙ୍କ ଶୋଇବା ଘର କୋଉ ଦିଗରେ?

ଶୁଭେନ୍ଦୁ କହିଥିଲା : ଦକ୍ଷିଣ ପୂର୍ବ ଦିଗରେ।

:କଳହ ସୁନିଶ୍ଚିତ। ଅନାବଶ୍ୟକ ଖର୍ଚ୍ଚ ଲାଗିରହିବ, ନାନା ଅସୁବିଧା ଲାଗିରହିବ।

:ତାହା ତ ଚାଲିଛି।

:ରୋଷେଇ ଘର କେଉଁ ଦିଗରେ।

:ଉତ୍ତର ପୂର୍ବ।

:ପାରିବାରିକ ଶାନ୍ତି ଓ ସଦ୍ଭାବ ନଷ୍ଟ ହେବ।

:ତେବେ?

:କୂପ ବା ଜଳାଶୟ କେଉଁ ଦିଗରେ ?

:ଦକ୍ଷିଣ ପୂର୍ବ।

:ଜୀବନସାରା ବିପଦ ଓ ଝଗଡ଼ାର ସମାବେଶ ହୋଇଯାଏ।

:ତାହା ତ ହୋଇଯାଇଛି।

:ଶୌଚାଳୟ କେଉଁ ଦିଗରେ ?

:ଐଶାନ୍ୟ କୋଣରେ।

:ଧନହାନି, ପ୍ରାଣ ପୀଡ଼ା ଓ ବିବାଦ।

:ତେବେ କଣ ହେବ ?

:ହେବ ଆଉ କଣ ? ଆପଣଙ୍କ ଘରଟି ବାସ୍ତୁଦୋଷରେ ପରିପୂର୍ଣ୍ଣ। ତେଣୁ ଘରେ ଅଶାନ୍ତି ଲାଗି ରହିବା ସ୍ୱାଭାବିକ।

:ତା ମାନେ ଏ ସମସ୍ତ ଅଶାନ୍ତିର ଏକମାତ୍ର କାରଣ ବାସ୍ତୁଦୋଷ।

:ଆପଣଙ୍କ ବୟାନରୁ ତାହା ହିଁ ଜଣାପଡୁଛି, ଏବଂ କୁହନ୍ତୁ କେଉଁ ଦିଗକୁ ମୁଣ୍ଡ କରି ଶୋଉଛନ୍ତି।

:ଉତ୍ତର ପୂର୍ବ।

:କାହିଁକି। ଶାସ୍ତ୍ର ମତେ ପୂର୍ବ କିମ୍ବା ଦକ୍ଷିଣକୁ ମୁଣ୍ଡ କରି ଶୋଇବା କଥା। ଆପଣ ଏ ସାମାନ୍ୟ କଥାଟା ଜାଣି ନାହାନ୍ତି।

:ଜାଣେ ! କିନ୍ତୁ ଆମ ଘରଟା ଏମିତି କୋଣୁଆ ହୋଇଯାଇଛି ଯେ ସେଠୁ ପୂର୍ବ କୋଉଟା ଦକ୍ଷିଣ କୋଉଟା ଜାଣିବା କଷ୍ଟ। ସୂର୍ଯ୍ୟ ଉଦୟକୁ ଚିହ୍ନ ରଖିଥିଲି ଯେ, ଦେଖିଲି ସୂର୍ଯ୍ୟ ଏପଟ ସେପଟ ହୋଇ ଉଦୟ ହେଉଛନ୍ତି।

:ସୂର୍ଯ୍ୟୋଦୟ ତ ଏପଟ ସେପଟ ହେବ। ସୂର୍ଯ୍ୟଙ୍କର ଦକ୍ଷିଣାୟନ ଓ ଉତ୍ତରାୟଣ ଅଛି। ଆପଣ ବରଂ ଗୋଟେ କମ୍ପାସ୍ କିଣି ଉତ୍ତର ଦକ୍ଷିଣ ଦିଗ ସ୍ଥିର କରି ନିଅନ୍ତୁ। ଜମା ଭୁଲ ହେବନି। ତାପରେ ପୂର୍ବ ପଶ୍ଚିମ ସ୍ଥିର କରିନେବେ।

:ସେତିକି ହେଇଗଲେ କଣ ସମସ୍ୟାର ସମାଧାନ ହେଇଯିବ ?

:ନା ! ସମସ୍ତ ବାସ୍ତୁ ଦୋଷ ଦୂର ହେଲେ ଯାଇ ସମାଧାନ।

: କଣ କରିବାକୁ ହେବ ତେବେ।

:ରୋଷେଇଘର ଉଠେଇବାକୁ ପଡ଼ିବ। ଶୌଚାଳୟ ଭାଙ୍ଗିବାକୁ ପଡ଼ିବ। କୂପ ପୋତିବାକୁ ହେବ। ଶୋଇବା ଘର ବଦଳାଇବାକୁ ହେବ।

:ଏଥିରେ ତ ବହୁତ ପଇସା ବରବାଦ ହେଇଯିବ।

:ହେଇପାରେ, କିନ୍ତୁ ତାହା ଆପଣଙ୍କ ମାନସିକ ଶାନ୍ତିଠୁ ବେଶି ମୂଲ୍ୟବାନ ନୁହେଁ।

:ମୋ ପାଖରେ ଏତେ ପଇସା ନାହିଁ। କିଛି ପ୍ରତିକାରର ବ୍ୟବସ୍ଥା ହେଇ ପାରିବନି ?

:ହେବ। କିନ୍ତୁ ସମସ୍ୟା ପୁରାପୁରି ଦୂର ହେବନି। ଲାଘବ ହେବ।

:ଚଳିବ ! ଏତେ ଭଙ୍ଗାରୁଜା ମୋ ଦ୍ୱାରା ସମ୍ଭବ ନୁହେଁ। ପ୍ରତିକାର କରନ୍ତୁ।

:ଦ୍ୱାର ମୁହଁରେ ନୃତ୍ୟରତ ଗଣେଶ ସ୍ଥାପନ କରିବେ। ପ୍ରବେଶ ଦ୍ୱାର ଉପରେ ସ୍ୱସ୍ତିକ ଚିହ୍ନ ରହିବ। ମୁଣ୍ଡତଳେ ପିତ୍ତଳ ପାତ୍ରରେ ତେଲ ରଖି ଶୋଇବେ। ଗୋଟିଏ ବାସ୍ତୁ ପୂଜା କରିବେ। ଚାହିଁଲେ ଫେଙ୍ଗ୍ ସୁଇର ପ୍ରତିକାର ବି କରିପାରନ୍ତି।

:ସେଇଟା ପୁଣି କଣ ?

:ଫେଙ୍ଗ ସୁଇଟା ଚାଇନିଜ ପାଠ। କିନ୍ତୁ ଏବେ ଆମ ଦେଶରେ ଲୋକେ ଏଟାକୁ ପସନ୍ଦ କରୁଛନ୍ତି। ସୁଫଳ ବି ମିଳୁଛି। ଆପଣ ଫେଙ୍ଗସୁଇ ଶାସ୍ତ୍ର ମତେ ଘରେ ସ୍ଫଟିକର ଗୋଲକ, ଲଭ ବାର୍ଡ୍, ଚାଇନିଜ ମୁଦ୍ରା ଖାଉଥିବା ବେଙ୍ଗ ଇତ୍ୟାଦି ସ୍ଥାପନ କରିପାରନ୍ତି। କଷ୍ଟ ଲାଘବ ହେବ।

ଶୁଭେନ୍ଦୁ ବାହାରି ଆସିଥିଲା ବାସ୍ତୁ ଶାସ୍ତ୍ରୀଙ୍କ ଘରୁ।

ପରେ ତାକୁ ଆଉ ଜଣେ ସହୃଦୟ ବନ୍ଧୁ ନେଇ ପହଞ୍ଚେଇ ଥିଲେ ବିଶିଷ୍ଟ ତାନ୍ତ୍ରିକ ମୋହନ ମିଶ୍ରଙ୍କ ନିକଟରେ। ତାନ୍ତ୍ରିକ ମହାଶୟ ସକାଳୁ ଗାଧୋଇ, ମୁଣ୍ଡରେ ରକ୍ତ ତିଳକ ଲଗାଇ, ଗଳାରେ ମନ୍ଦାର ଫୁଲର ମାଳା ଗଳେଇ, କୋଳରେ ଥୋଇ ମଣିଷର ଖପୁରୀ ପୂଜାପାଠ କରୁଥିଲେ। ଶୁଭେନ୍ଦୁ ଯାଇ ବସିଲା ସାମ୍ନାରେ। ନାମହୀନ ଠାକୁର ଠାକୁରାଣୀଙ୍କୁ ପ୍ରଣାମ ଜଣେଇଲା। ନିଜର ଦୁଃଖ ଜଣାଇଲା ତାନ୍ତ୍ରିକ ମହାଶୟଙ୍କୁ।

ତାନ୍ତ୍ରିକ ପଚାରିଲେ: ରାତିରେ ଛାତ ଉପରେ ଦୁମଦାମ୍ ଶବ୍ଦ ହେଉଛି।

:ନା। ମୁଁ କେବେ ଶୁଣି ନାହିଁ।

:ଝରକା କବାଟ ସବୁ ମନକୁ ମନ ଖୋଲି ଯାଉଛି କିମ୍ବା ବନ୍ଦ ହେଇଯାଉଛି।

:ହେଉଥିବ। ମୁଁ ଲକ୍ଷ୍ୟ କରିନାହିଁ।

:ପଶ୍ଚିମ ଦିଗରେ ଗୋଟେ ନିମ୍ବଗଛ ଅଛି ?

:ନା'ତ।

:କେବେ ଥିଲା ?

:ମୋ ଜାଣିବାରେ ନାହିଁ। ମୁଁ ସେଠି ଘର ତିଆରି କରିବା ଆଗରୁ ଥିଲେ ଥାଇପାରେ।

:ଥିଲା ଅବଶ୍ୟ। ଦଶ ବର୍ଷ ତଳେ।

ମୋହନ ମିଶ୍ର ଆଖି ବଡ଼ ବଡ଼ କରି ଚାହିଁଲେ ଶୂନ୍ୟକୁ। ଯେମିତି ସେ ଦଶବର୍ଷ ତଳର ନିମ୍ବଗଛଟିକୁ ଏବେ ଦୂରରୁ ଦେଖିପାରୁଛନ୍ତି।

ଶୁଭେନ୍ଦୁ କହିଲା : ଥାଇପାରେ ! କିନ୍ତୁ ମୁଁ ଦେଖିନାହିଁ।

ତାନ୍ତ୍ରିକ କହିଲେ : ଥିଲା। ଏବେ ଗଛଟା ନାହିଁ। କିନ୍ତୁ ତାର ମୂଳଟା ମାଟିତଳେ ପୋତି ହୋଇ ରହିଛି।

:ସେଇ ମୂଳଟା କଣ ସମସ୍ତ ଗଣ୍ଡଗୋଳ ଭିଆଉଛି।

:ଅସମ୍ଭବ ନୁହେଁ। କିନ୍ତୁ ଆମକୁ ପରୀକ୍ଷା କରିବାକୁ ପଡ଼ିବ।

:ପରୀକ୍ଷା କରନ୍ତୁ ନା !

:ଘର ଭିତରେ କିଏ ଜଣେ ଚାଲବୁଲ କରୁଥିବାର ଲାଗୁଛି।

:ନା ତ !

:କେହି ଜଣେ ଜୋର୍‌ରେ ନିଃଶ୍ୱାସ ନେବାର ଶବ୍ଦ।

:ମୁଁ କେବେ ଶୁଣି ନାହିଁ।

:ପାଉଁଜି ଝୁମ୍‌ଝୁମ୍ ହେବାର ଧ୍ୱନୀ।

:ମୁଁ ଜାଣି ନାହିଁ।

:ଆପଣଙ୍କ ଘରର ଦକ୍ଷିଣ ଦିଗରେ, ପାଚେରୀଠୁ ଦଶ ଫୁଟ ଭିତରକୁ, କୋଡ଼ିଏ ଫୁଟ ଗଭୀରରେ ଗୋଟେ ହାଡ଼ ଅଛି।

:ଥିବ ! କିଏ ଜାଣେ ? କାହା ହାଡ଼ ସେଇଟା ?

:ମଣିଷର। ଗୋଟେ ଅତୃପ୍ତ ଆତ୍ମାର।

:ସେଇ ହାଡ଼ଟା କଣ ସମସ୍ତ ଗଣ୍ଡଗୋଳ ଭିଆଉଛି ?

:ନିଃସନ୍ଦେହରେ। ସେଇ ହାଡ଼ଟା ମାଟିତଳେ ଥିବା ପର୍ଯ୍ୟନ୍ତ ଘରେ ସବୁ ପ୍ରକାର ଅଶାନ୍ତି ଲାଗି ରହିଥିବ।

:କିନ୍ତୁ ଏତେ ମାଟିତଳୁ ହାଡ଼ଟା କାଢ଼ିବା କେମିତି ?

:କାଢ଼ିବା ଅସମ୍ଭବ ନୁହେଁ। ତେବେ ତାକୁ ମନ୍ତ୍ରଶକ୍ତି ବଳରେ ମାଟିରେ

ମିଶାଯାଇ ପାରିବ।

:ତା'ପରେ ଆଉ କୌଣସି ସମସ୍ୟା ରହିବନି ?

:ଆପାତତଃ ନା !

:ତେବେ ମନ୍ତ୍ରଶକ୍ତି ପ୍ରୟୋଗ କରନ୍ତୁ ନା !

:ଏଥିପାଇଁ ଗୋଟେ ପୂଜା ହେବ। ମୁଁ ଆପଣଙ୍କୁ ତାଲିକା ଦେଇଦେବି। ଆପଣ ପୂଜା ସାମଗ୍ରୀ ଯୋଗାଡ଼ କରିଥିବେ। ଅମାବାସ୍ୟା ରାତିରେ ପୂଜାଟା ହେବ। କଳା କୁକୁଡ଼ା ବଳୀ ଦିଆଯିବ। କଳା ବିରାଡ଼ି ଯଚା ହେବ। ତେବେ ଯାଇ ଘରେ ବସା ବାନ୍ଧିଥିବା ପାପାତ୍ମାମାନଙ୍କୁ ତଡ଼ା ଯାଇପାରିବ। ସଂପୂର୍ଣ୍ଣ ପୂଜା ବାବଦରେ ଖର୍ଚ୍ଚ ହେବ ଦଶ ହଜାର ଟଙ୍କା।

:ଏତେ ଗୁଡ଼ାଏ ଟଙ୍କା।

:ଇଏତ ଅତି ସାମାନ୍ୟ। ଆପଣ ଯେତିକି କଷ୍ଟ ପାଉଛନ୍ତି ବା ଭବିଷ୍ୟତରେ ପାଇବେ ସେ ତୁଳନାରେ ଏ କିଛି ନୁହେଁ। ପଇସା ତ ଆସିବ ଯିବ। ସବୁଠୁ ବଡ଼ କଥା ହେଲା ମଣିଷର ଶାନ୍ତି।

ଶୁଭେନ୍ଦୁ କହିଲା: ଅବଶ୍ୟ !

ସବୁ କଥା ଶୁଣିବା ପରେ ବହୁତ ହସିଥିଲା ବନ୍ଧୁ ହରିହର। ହରିହରର ସୁଖୀ ପାରିବାରିକ ଜୀବନ ବନ୍ଧୁ ମହଲରେ ଗୋଟେ ଚର୍ଚ୍ଚିତ କାହାଣୀ। ଅଥଚ ତାର ସ୍ତ୍ରୀ ଥିଲା ଗୋଟେ ଜଣାଶୁଣା କଳିହୁଡ଼ୀ ସ୍ତ୍ରୀ ଲୋକ। ତାର ପାଖ ପଡ଼ୋଶୀଙ୍କ ସହିତ ସବୁବେଳେ ଝଗଡ଼ା ଚାଲିଥାଏ। ଅଥଚ ସେ ସ୍ୱାମୀଙ୍କୁ ଦେବତା ଭଳି ମୁଣ୍ଡରେ ବସେଇଥାଏ। ଏତେ ବିରୋଧାଭାଷ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୁଅନ୍ତି। ହରିହର କି ଯାଦୁ ଜାଣେ। ତାକୁ ସମସ୍ତେ ପଚାରନ୍ତି, ତୁମ ସୁଖୀ ଦାମ୍ପତ୍ୟର ରହସ୍ୟ କଣ ହେ !

ଶୁଭେନ୍ଦୁ ଠିଆ ହେଇଥିଲା ହରିହର ସାମ୍ନାରେ।

ହରିହର ତାକୁ ଉପଦେଶ ଦେଉଥିଲା। କୋଉଠି କିଛି ନାଇଁରେ ବାବୁ। କାହିଁକି, ଏଠି ସେଠି ତାନ୍ତ୍ରିକ ଜ୍ୟୋତିଷ ପିଛା ବୁଲୁଚୁ। ପଇସା ବରବାଦ କରୁଛୁ। ସବୁ ତୋ ହାତରେ ଅଛି। ତୁ ନିଜେ ଚାହିଁଲେ ବଦଳାଇ ଦେଇ ପାରିବୁ। ଏଇ ଦେଖ। ମୁଁ କେମିତି ସୁଖରେ ଦିନ କାଟୁଛି।

ଶୁଭେନ୍ଦୁ ଆଖି ମଳିଲା। ଅଛି କି କୌଣସି ଫର୍ମୁଲା ସୁଖୀ ସାଂସାରିକ ଜୀବନର ? ଯାହା ପାଇପାରିଛି ହରିହର ଓ ଆରାମରେ ଦିନ କାଟୁଛି।

କହିଲା: ଭାଇ! ମୋତେ ସଂସାର ବିଷମୟ ଲାଗିଲାଣି। ମୋତେ ଏବେ ଆତ୍ମହତ୍ୟାର ଚିନ୍ତା ବେଶି ଘାରୁଛି। ସେ ସ୍ତ୍ରୀ ଲୋକଟା ଚିଡ଼ିଚିଡ଼ି ମୋ ଜୀବନକୁ ନର୍କ କରିଦେଲାଣି। ଅଛି କି ତୁମ ପାଖରେ କିଛି ସହଜ ଫର୍ମୁଲା?

ହରିହର କହିଲା: ଅଛି। ଫର୍ମୁଲା ଅଛି। କିନ୍ତୁ ଏଟା ତ ଗାଣିତିକ ଫର୍ମୁଲା ନୁହେଁ ଯେ ପ୍ରୟୋଗ କରିଦେବ, ଫଳ ଫଟାଫଟ ପାଇଯିବ। ଏଟା ସାଧିବାକୁ ପଡ଼ିବ।

ବ୍ୟାକୁଳ ହେଇ ଶୁଭେନ୍ଦୁ କହିଥିଲା: କୁହ! ମୁଁ ସାଧିବାକୁ ପ୍ରସ୍ତୁତ। ନୋହିଲେ ମୁଁ ଆତ୍ମହତ୍ୟା କରିଦେବି।

:ବାରମ୍ବାର ଆତ୍ମହତ୍ୟା ଆତ୍ମହତ୍ୟା କାହିଁକି ହେଉଛୁ।

:ମୋର ଜୀବନ ସଂପୂର୍ଣ୍ଣ ବିପନ୍ନ ବନ୍ଧୁ।

:ତା ବୋଲି ଆତ୍ମହତ୍ୟା କରିଦେବୁ। ତା ପୁଣି ଗୋଟେ ସାମାନ୍ୟ ସ୍ତ୍ରୀ ଲୋକ ପାଇଁ।

:ସାମାନ୍ୟ ବୋଲି କୁହନା ବନ୍ଧୁ! ସେମାନେ ଅସାମାନ୍ୟା। ମୁଁ ମରିବାକୁ ବସିଲିଣି ପରା!

:ଆରେ ଶୁଣ୍! ତୁ ଯଦି ଖାଲି ପ୍ରଶଂସା କରିବୁ ସ୍ତ୍ରୀ ଲୋକ ତୋ ପାଇଁ ଜୀବନ ଦେଇ ଦେବେ। ସେମାନଙ୍କ ମୁଣ୍ଡରେ କଣ ଅଛି କହିଲୁ। ଦୁଇଟି ଶାଢ଼ୀ ଆଉ ତିରିଶ ଗ୍ରାମ ସୁନା ଛଡ଼ା ଆଉ ଅଧିକ କଣ ଭାବି ପାରନ୍ତି ସେମାନେ ? କହ?

:ମୁଁ କିଛି ବୁଝେନା ଭାଇ! ମୋତେ ଫର୍ମୂଲା ଦିଅ।

:ଠିକ୍ ଅଛି। ମୁଁ କହୁଚି। ଶୁଣ!

ଶୁଭେନ୍ଦୁ ଝାଡ଼ିଝୁଡ଼ି ହେଇ ବସିଗଲା।

ହରିହର କହିଲା: ଫର୍ମୂଲା ନମ୍ବର ଏକ। ପତ୍ନୀକୁ କେବେ ପତ୍ନୀ ବୋଲି ଭାବିବ ନାହିଁ।

:ପତ୍ନୀ ବୋଲି ଭାବିବ ନାହିଁ। ଅଜବ କଥା ତ। ଆଉ କଣ ବୋଲି ଭାବିବ।

:ପ୍ରେମିକା ବୋଲି ଭାବିବ।

:ପତ୍ନୀ ଆଉ ପ୍ରେମିକା ଭିତରେ ପାର୍ଥକ୍ୟ।

:ବହୁତ ପାର୍ଥକ୍ୟ ଅଛି। ପ୍ରେମିକାଠୁ ପ୍ରେମ ଛଡ଼ା ଆଉ କିଛି ଆଶା କରାଯାଏନା। କିନ୍ତୁ ପତ୍ନୀଠୁ ଅନେକ କିଛି ଆଶା କରାଯାଏ। ତୁ ଏ ଆଶା କରିବା ଛାଡ଼ିଦେ। କଲେଜ ଜୀବନର କଥା ମନେ ପକା। ଆମେ କେମିତି କେତେ ଅକାତରେ

ପ୍ରେମିକାମାନଙ୍କ ପାଇଁ ଉତ୍ସର୍ଗ କରୁଥିଲେ ସମୟ, ଅର୍ଥ, ଚିନ୍ତା, ଉପହାର, ଅଭିବ୍ୟକ୍ତି।

:ସେ ସମୟ ଅଲଗା ଥିଲା। ପ୍ରେମିକା ମିଳିବ କି ମିଳିବନି ଏମିତି ଦ୍ୱନ୍ଦ ଭିତରେ ଥାଏ, ଏବଂ ତା ପାଇଁ ସବୁ କିଛି ଉତ୍ସର୍ଗ ହୁଏ ପାଇବା ଆଶାରେ।

:ସେଇଠି ତ ଭୁଲ ବାବୁ! ନାରୀ କାହାର ନୁହେଁ। ତାକୁ ପତ୍ନୀତ୍ୱର ଦାୟରେ ବନ୍ଧନରେ ପକଉଚ କାହିଁକି? ତାକୁ ପ୍ରେମିକା ଭଳି ପାଇବ ନ ପାଇବ ଭିତରେ ରଖି ଚାଲ। ସବୁ କିଛି ଉତ୍ସର୍ଗ କରିପକା। ପ୍ରତିଦାନ ଆଶା କରନା।

:ହଉ! ଫର୍ମୁଲା ନମ୍ବର ଦୁଇ କଣ?

:ପତ୍ନୀକୁ କେବେ ନିଜର ବୋଲି ଭାବିବ ନାହିଁ।

:ତେବେ କଣ ପର ବୋଲି ଭାବିବି।

:ନିଃସନ୍ଦେହରେ। କଲେଜ ଦିନର କଥା ମନେ ପକା। ପ୍ରେମିକା କଣ କେବେ ନିଜର ହୋଇଥାଏ। ସବୁଦିନ ଥାଏ ସେ ଦୂରନ୍ତ । ପ୍ରତିଟି ଦିନ ଆମର ଆରମ୍ଭ ହୁଏ ତାକୁ ମନେଇବାରେ। ସେ ଚାଲିଯାଏ ସବୁ ଅଧା ରଖି। ପରଦିନ ପୁଣି ସବୁକିଛି ଆରମ୍ଭ ହୁଏ ଆରମ୍ଭରୁ। ବିବାହଟା ଅଧିକାରର ଲାଇସେନ୍ସ ନୁହେଁ । ବିବାହଟା ଖାଲି ଗୋଟେ କଣ୍ଟ୍ରାକ୍ଟ। କିଛି ଦିନର କଣ୍ଟ୍ରାକ୍ଟ। ଏଇ ଜନ୍ମର, ଅଳ୍ପ ଦିନର କଣ୍ଟ୍ରାକ୍ଟ।

:କହ! ଶୀଘ୍ର କହ! ଫର୍ମୁଲା ନମ୍ବର ତିନି।

:କେବେ ବି ସତକଥା କହିବନି। ମିଛ ପ୍ରଚୁର ମିଛ, ଛଳନା, ଅଭିନୟ ଏସବୁ ନିପୁଣ ଭାବରେ କରିଯିବ। ଯେମିତି ଆମେ କରୁଥିଲେ ପ୍ରେମିକାମାନଙ୍କ ପାଇଁ। କିଛି ମିଛ, କିଛି ଅଭିନୟରେ କେତେଟା ଦିନ ବିତେଇ ଦେଲେ ଯାଏ। ବିଶ୍ୱାସ, ତ୍ୟାଗ, ମମତା ଏସବୁ କେବଳ ବହିର ପାଠ। ଲୋକ ଦେଖାଣିଆ କଥା। ଏସବୁ ପଛରେ ଗୋଡ଼େଇଲେ କିଛି ହିଁ ମିଳେନା।

ଶୁଭେନ୍ଦୁ ପଚାରିଲା: ଏ ସବୁ ଫର୍ମୁଲା ନା ଖାଲି ଉପଦେଶ ।

ହରିହର କହିଲା:ମୁଁ ପ୍ରୟୋଗ କରିଛି ଏବଂ ଫଳ ପାଇଛି । ଏଣିକି ତୋ ଇଚ୍ଛା ।

ଶୁଭେନ୍ଦୁ ଫେରି ଆସିଲା।

ପ୍ରକୃତରେ ତାର ଭାରି ଦୁଃସମୟ। ତାର ଘର ବାସ୍ତୁଦୋଷରେ ଭରା। ପାପାତ୍ମାମାନେ ମାଟିତଳେ ଛପିଥିବା ନିମ୍ବଗଛର ମୂଳରେ ବସା ବାନ୍ଧିଛନ୍ତି। ତାର ସ୍ତ୍ରୀ ଯୌନ ଅସୁଖୀ। ଅସଲରେ ସେ ବାତ୍ସାୟନ ପଢ଼ିନି। ସାଙ୍ଗସାଥୀଙ୍କଠୁ ଯାହା ଶୁଣିଛି

ସେଇଥିରେ ଚଳେଇ ଦେଇଛି। ଅଥଚ ସେଟା ଗୋଟେ ବିଜ୍ଞାନ। ତାର ଜାତକରେ ମେଳକ ନାହିଁ। ତାର ସ୍ତ୍ରୀ ତାକୁ ସନ୍ଦେହ କରୁଛି। ଘରେ କୋଡ଼ିଏ ଫୁଟ ତଳେ ଅଛି ଗୋଟେ ହାଡ଼। ତାର ରାଶିଚକ୍ରର ସପ୍ତାମଧିପତି ଗୋଟେ ପାପଗ୍ରହ। ଘରର ପଶ୍ଚିମ ଦିଗରେ କୂଅ। ସେ କୋଉ ଦିଗକୁ ମୁଣ୍ଡ କରି ଶୋଉଚି ଜାଣିପାରୁନି।

ଅଥଚ ହରିହର କହୁଚି ତା ଫର୍ମୂଲା ଅବ୍ୟର୍ଥ। ସେ ପ୍ରୟୋଗ କରିଛି ଏବଂ ସୁଖରେ ଅଛି। କିନ୍ତୁ ସେ ସବୁ ମନକୁ ପାଏନା ଶୁଭେନ୍ଦୁର। ଏଟା କି ସତ ? ଏଟା କି ଠିକ୍ ? ଯଦି ଠିକ ନୁହେଁ ତେବେ ହରିହର ସୁଖୀ ହେଲା କେମିତି ? ହରିହର କଣ ମିଛ କହୁଛି ?

ସେଦିନ ସେ ଘରକୁ ଫେରିଥିଲା ସାମାନ୍ୟ ଡ଼େରିରେ। ତଥାପି ସ୍ଥିରକଲା ହରିହରର ଫର୍ମୂଲା କିଛି ପ୍ରୟୋଗ କରିବ। ସେ ଡାକ୍ତର, ବାସ୍ତୁଶାସ୍ତ୍ରୀ, ଜ୍ୟୋତିଷୀ, ତାନ୍ତ୍ରୀକ, ମନୋବୈଜ୍ଞାନିକ ଏମାନଙ୍କ କଥା ପଛରେ ଦେଖିବା ।

ସେ ହାତରେ ଧରିଲା ଗୋଲାପ ଫୁଲ। କାଖରେ ଉପହାର। ଓଠରେ ପ୍ରଶଂସା। ଯେମିତି ସେ ଭେଟିବାକୁ ଯାଉଛି ତାର ପ୍ରେମିକାକୁ।

ସେ ଘରର କଲିଂ ବେଲ ଚିପିଲା।

ସ୍ତ୍ରୀ କବାଟ ଖୋଲିଲାନି। ଝରକାବାଟେ ତାକୁ ନିରେଖିଲା। ସ୍ତ୍ରୀର ମୁହଁରେ ବିରକ୍ତି, ଅସନ୍ତୋଷ ଓ ତାଚ୍ଛଲ୍ୟ ଲଦା ହୋଇଥିଲା।

ଶୁଭେନ୍ଦୁ କହିଲା:ପ୍ରିୟେ ! କବାଟ ଖୋଲ।

ସୁଖଦା ଚିତ୍କାର କରି କହିଲା: ପ୍ରିୟେ ନା ନିଆଁ ରଢ଼ ଚୁଲୀ। ତମେ ମୋତେ କଣ ବୋଲି ଭାବୁଚ କି ? ଏଇଟା ଘର ନା ଧର୍ମଶାଳା। ଏତେ ରାତିରେ କଣ ଘରକୁ ଆସୁଛ। ମୁଁ ଦୁଆର ଖୋଲି ପାରିବିନି।

ଶୁଭେନ୍ଦୁ ଆଉ କିଛି କହିବା ପୂର୍ବରୁ ସେ ଝରକା ବନ୍ଦ କରିଦେଲା।

ଶୁଭେନ୍ଦୁ ହରିହରକୁ ସ୍ମରଣ କଲା। ଶଳା ! ତୋ ସ୍ତ୍ରୀ ଫର୍ମୂଲାରେ ପଡ଼ିଲା ବୋଲି ତୁ ଫର୍ମୂଲା କହୁଚୁ। ଫର୍ମୂଲାର ଊର୍ଦ୍ଧ୍ୱରେ ଯେ ଅନେକ ସ୍ତ୍ରୀ ଥାଆନ୍ତି ସେକଥା ତୋତେ ଜଣାନାହିଁ।

ଏବେ କହ, କଣ ଅଛି ତୋ ହାତରେ ଆଉ ନୂଆ ଫର୍ମୂଲା !

# କାଗଜ ବାଘ

କାଗଜ ବାଘର ସବୁଦିନେ ଖାଦ୍ୟ ଲୋଡ଼ା । ଭଲଭଲ ରୁଚିକର ଖାଦ୍ୟ । ହତ୍ୟା, ଧର୍ଷଣ, ଦୁର୍ଘଟଣା, ଦୁର୍ନୀତି, ଗଣ୍ଡଗୋଳ ଓ ମିଥ୍ୟା ପ୍ରତିଶ୍ରୁତି ତା'ର ସବୁଠୁ ପ୍ରିୟ ଖାଦ୍ୟ । ସେସବୁ ଖାଦ୍ୟ ମିଳିଗଲେ କାଗଜ ବାଘ ଦିନସାରା ସେ ସବୁକୁ ଚାକୁଲୁଥାଏ । ଚାକୁଲୁ ଚାକୁଲୁ କଥାଟା ଏତେ ଛେଦା ହୋଇଯାଏ ଯେ ସେଇଟା କୋଉଠୁ ଆରମ୍ଭ ହୋଇଥିଲା, ତାହା ଭୁଲି ହୋଇଯାଇଥାଏ । କାଗଜ ବାଘ ଦିନସାରା ଖୋଜୁଥାଏ କୋଉଠି ମଣିଷ କୁକୁରକୁ କାମୁଡ଼ିଲା । ମୁଖ୍ୟଖବର, ଚାଞ୍ଚଲ୍ୟକର ଖବର, ସହରର ଆଲୋଡ଼ନ, ଖାସ୍ ଖବର, ନିଜସ୍ୱଖବର, ବିଶେଷ ଅନୁସନ୍ଧାନ ଏଇଭଳି ତା'ର ଖାଦ୍ୟର ନାମ ।

କାଗଜବାଘ ଖାଇ ଖାଇ ଫୁଲୁଥାଏ । ଗଳିରେ ଗଳିରେ ବୁଲୁଥାଏ । ଦିନେ ଖାଦ୍ୟ ଅରୁଚି ହେଲା କାଗଜବାଘକୁ ।

ସଂପାଦକ ଫୋନ୍ କଲେ ବିଶେଷ ପ୍ରତିନିଧିଙ୍କୁ : ଅନୁସନ୍ଧାନ ମୂଳକ ରିପୋର୍ଟ କାହିଁ ? ବିଶେଷ ପ୍ରତିନିଧି ଫୋନ୍ କଲେ ଜିଲ୍ଲା ସାମ୍ବାଦିକଙ୍କୁ : ଚାଞ୍ଚଲ୍ୟକର ଖବର କାହିଁ ? ଜିଲ୍ଲା ପ୍ରତିନିଧି ଫୋନ୍‌କଲେ ଗ୍ରାମାଞ୍ଚଳ ପ୍ରତିନିଧିଙ୍କୁ : ସମ୍ବାଦ କାହିଁ ?

ଗ୍ରାମାଞ୍ଚଳ ପ୍ରତିନିଧି କହିଲେ : ବନଉଛି ଆଜ୍ଞା !

ଗ୍ରାମାଞ୍ଚଳ ପ୍ରତିନିଧିଙ୍କୁ ପଇସା ମିଳୁ ନଥିଲା । ତାଙ୍କୁ କୁହାଯାଉଥିଲା ତାଙ୍କ ଅଂଚଳରେ ଖବରକାଗଜ ପ୍ରସାରଣ ବୁଝିବାକୁ । ବିକ୍ରି ବଢ଼ିଲେ ତାଙ୍କର ଖବର ଛପାହେବ । ଖବର ଛପାହେଲେ ସେ ଧାଡ଼ିପିଛା ଦଶଟଙ୍କା ପାଇବେ । ସେ ନିଜର ବନ୍ଧୁବାନ୍ଧବଙ୍କ ଘରେ କୁହାବୋଲା କରି କାଗଜ ପକାଉଥିଲେ ଓ ସାମ୍ବାଦିକ ହୋଇଥିଲେ ।

ଜିଲ୍ଲା ପ୍ରତିନିଧିଙ୍କ ଫୋନ୍ ପାଇ ସେ କୃତ୍ୟକୃତ୍ୟ ଦିଶିଲେ ଓ ସମ୍ବାଦ ଖୋଜିଲେ । ଫାଣ୍ଡି, ଡାକ୍ତରଖାନା, ସ୍କୁଲ, ସରପଞ୍ଚ, ୱାର୍ଡମେମ୍ବର, ମନ୍ଦିର, ନଈ, ଧାନବିଲ ସବୁ

ଆଉ ଦୃଷ୍ଟି ବୁଲେଇ ବୁଲେଇ ଥକିଗଲେ। ମାତ୍ର କୋଉଠି ମଣିଷ କୁକୁରକୁ କାମୁଡ଼ିବା ଭଳି ଚାଞ୍ଚଲ୍ୟ ନଥିଲା। ସେ ଆକାଶ ଆଡ଼କୁ ହାତଲମ୍ୱେଇଲେ। ଟାଣିଆଣିଲେ ମେଞ୍ଚାଏ କ'ଣ। ସମ୍ବାଦ ବନିଗଲା। ସମ୍ବାଦ ଥିଲା ଏହିପରି-ଧର୍ମପୁରରେ ହେବ ବିରାଟ ମେଳଣ। ଅଥଚ ଏ ସଂପର୍କରେ ପ୍ରଶାସନର ନିଘା ନାହିଁ। ଏହି ମେଳଣ ପଡ଼ିଆରେ ରବିପୁର ଆଉ ଶନିପୁର ଗ୍ରାମବାସୀ ଗଣ୍ଡଗୋଳ ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଥାନାରେ ଖବର ନାହିଁ। ଏ ଦେଶ କେମିତି ଚାଲିବ ?

ଏସ୍‌ପି ଫୋନ୍ କରିଥିଲେ ଥାନାକୁ : ଧର୍ମପୁର ମେଳଣ ପାଇଁ କ'ଣ ସବୁ ବ୍ୟବସ୍ଥା ହୋଇଛି ? ଥାନା ଅଧିକାରୀ କହିଲେ : କିଛି ବ୍ୟବସ୍ଥା ହୋଇନି ସାର୍।

: ଗୁଇନ୍ଦା ରିପୋର୍ଟ କ'ଣ କହୁଚି।

: କୌଣସି ରିପୋର୍ଟ ନାହିଁ ସାର୍। ମେଳଣଟା ଖୁବ୍ ଛୋଟ। ଖୁବ୍ ବେଶିରେ ଦଶ ପଚାଶ ଲୋକ ଏକାଠି ହୋଇ ପାରନ୍ତି।

ଏସ୍‌ପି ଗର୍ଜି ଉଠିଲେ : ଖବରକାଗଜ ବାଲାଙ୍କ ପାଖରେ ରିପୋର୍ଟ ଅଛି ଅଥଚ ଥାନାରେ ରିପୋର୍ଟ ନାହିଁ ? ଆପଣମାନେ କ'ଣ କରୁଛନ୍ତି ? କିଛି କରନ୍ତୁ।

ଏସ୍‌ପି ଆଉ ଅଧିକ କିଛି ନ କହି ଫୋନ୍ ରଖିଦେଲେ।

ମୁଖ୍ୟମନ୍ତ୍ରୀ ସ୍ଥାନୀୟ ବିଧାୟକଙ୍କୁ ଫୋନ୍ କରିଥିଲେ।

: ଧର୍ମପୁରରେ କ'ଣ ଖୁବ୍ ଗୋଟାଏ ବଡ ମେଳଣ ହେବ।

: ବଡ଼ ନୁହେଁ କି ଛୋଟ ନୁହେଁ। ମେଳଣଟେ ହେବ।

: ମେଳଣକୁ ଉଦ୍‌ଘାଟକ କିଏ କରିବ ?

: ଉଦ୍‌ଘାଟନ ତ ହୁଏନା ସାର୍ !

ମୁଖ୍ୟମନ୍ତ୍ରୀ କହିଲେ : ତେବେ ବ୍ୟବସ୍ଥା କରନ୍ତୁ। ଉଦ୍‌ଘାଟନ କରିବାକୁ ମୁଁ ଯିବି। ଏତେ ବଡ଼ ମେଳଣ ହେବ, ସେଠି ଉଦ୍‌ଘାଟନ ନ ରହିଲେ କେମିତି ହେବ। ଜନ ସଂପର୍କଟା ରାଜନୀତିରେ ବଡ଼କଥା ବୋଲି ଜାଣନ୍ତୁ।

ବିଧାୟକ ସରପଞ୍ଚମାନଙ୍କୁ ଖବର ଦେଲେ : ମୁଖ୍ୟମନ୍ତ୍ରୀ ଯିବେ, ଫଙ୍କ୍‌ସନ୍ ହେବ। ସରପଞ୍ଚ ୱାର୍ଡମେମ୍ବରଙ୍କୁ ଜଣାଇଲେ : ଆମ ବିଧାୟକଙ୍କ ସମ୍ମାନର ପ୍ରଶ୍ନ। ଲୋକ ଯୋଗାଡ଼କର।

ୱାର୍ଡମେମ୍ବର କର୍ମୀମାନଙ୍କୁ ଡକେଇଲେ : ମେଳଣ ଦେଖିବ। ସଭା ଦେଖିବ। ତାଳି ମାରିବ। ଭାତ ଡାଲମା ଖାଇବ। ଜଣପିଛା ପନ୍ଦର ଟଙ୍କା ଭାଡିଆ ଦିଆଯିବ।

ଆସି ପହଂଚ।

ଶନିପୁର ଗାଁରେ ଲୋକମାନେ ଆଶ୍ଚର୍ଯ୍ୟ ହୋଇଥିଲେ ଓ ଆଲୋଚନା କରିଥିଲେ ଏହିପରି।

: ଆମର ତ ଚାରିବର୍ଷ ହେଲା ରବିପୁରିଆଙ୍କ ସହିତ ଗଣ୍ଡଗୋଳ ନାହିଁ। ଏ ବର୍ଷ ସେମାନେ ଏମିତି ତାତିଛନ୍ତି କାହିଁକି ?

: ତାତିଲେ କାହାର କ'ଣ ତାଡ଼ି ପକେଇବେ ଦେଖିବାନି।

: ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ।

: ଶଳାଙ୍କର ଏମିତି ମୁହଁ ଭାଙ୍ଗିଦେବା ଯେ ଆଉ ଦଶବର୍ଷ ପର୍ଯ୍ୟନ୍ତ ମୁଣ୍ଡଟେକି ପାରିବେନି।

: ଖଣ୍ଡା ତଲୱାର ଯୋଗାଡ଼ କର।

: ଦେଶୀ ବନ୍ଧୁକ ଯୋଗାଡ଼ କର।

: ବମ୍ ଭିଡ।

: ସବୁ ଟୋକା ଏକାଠି ହୁଅରେ !

ରବିପୁର ଗାଁରେ ମଧ୍ୟ ଅନୁରୂପ ଆଲୋଚନା ହୋଇଥିଲା।

: ଏ ଶଳେ ଶନିପୁରିଆ ଆମକୁ ଭାବୁଛନ୍ତି କ'ଣ ?

: ଆମକୁ ବି ରେଡ଼ି ହେବାକୁ ପଡ଼ିବ ।

: ଆମେ ଭାବୁଚେ ସେମାନେ ଚାରିବର୍ଷ ହେଲା ଚୁପ୍ ବସିଛନ୍ତି। କିନ୍ତୁ ଶଳାଏ ଭିତରେ ଭିତରେ ଆମର ଗୋଛି କାଟୁଛନ୍ତି।

: ଏଇଥରକ ଫଇସଲା ହୋଇଯିବ।

: ଯୋଗାଡ଼ କର ବନ୍ଧୁକ।

: ଠେଙ୍ଗା ବାଡ଼ି, ବର୍ଚ୍ଛା, ତେଣ୍ଟା କୁଆଡ଼େ ଗଲା ହୋ !

: ଖଣ୍ଡା, ଛୁରୀ, ଫାର୍ଶାରେ ଧାର ଦିଅ ହୋ !

ଇନ୍‌ସ୍‌ପେକ୍ଟର ବଳବାବୁ ମେଳଣ ପଡ଼ିଆର ଗୋଟେ କୋଣରେ ଠିଆ ହୋଇଥିଲେ ଗୋଟେ ଉଚ୍ଚା ଜାଗାରେ। ଆଶ୍ଚର୍ଯ୍ୟ ହେଉଥିଲେ। ଲୋକମାନେ ବନ୍ୟାଜଳ ଭଳି ବଢ଼ିବାରେ ଲାଗିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନ ଉତ୍ସବ ଥିଲା ସନ୍ଧ୍ୟା ଛଅଟାରେ। କିନ୍ତୁ ନିଜ ଅଭିଜ୍ଞତାରୁ ବଳବାବୁ ଜାଣିଥିଲେ ରାତି ଦଶଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ପହଂଚିବେ ନାହିଁ। ତେବେ ପୋଲିସ୍ ଫୋର୍ସ ପାଇଁ ବ୍ୟବସ୍ଥା ହୋଇଥିଲା। ତିନି ପ୍ଲାଟୁନ୍ ପୋଲିସ୍

ସନ୍ଧ୍ୟା ପୂର୍ବରୁ ପହଂଚିବା ନିଶ୍ଚିତ ଥିଲା। ଅଥଚ ଲୋକମାନେ ପିମ୍ପୁଡ଼ି ଭଳି ଦିନ ଦିଇଟାରୁ ଛୁଟିଥିଲେ ମେଳଣ ପଡ଼ିଆକୁ।

ଇନ୍‌ସ୍‌ପେକ୍ଟର ବଳବାବୁ ବିସ୍ମିତ।

ଏତେ ଲୋକ ଆସିଲେ କୋଉଠୁ ? ଗତବର୍ଷ ସେ ଦେଖିଛନ୍ତି, ଲୋକ ଜମା ଶହେଟା ଏକାଠି ହୋଇଥିଲେ ଏଇଠି। ତା ପୂର୍ବବର୍ଷ ଅବଶ୍ୟ ଥିଲେ ଦେଢ଼ଶହ ଲୋକ। ତାଙ୍କର ମନେହୋଇଥିଲା ସମୟକ୍ରମେ ଏ ମେଳଣ ଆସ୍ତେ ଆସ୍ତେ ବନ୍ଦ ହୋଇଯିବ। ସହରୀ ସଭ୍ୟତାର ଚାପରେ ଏ ଗାଉଁଲି ପରଂପରାର ମେଳଣ ଚାହିଦା ହରେଇ ଲୋପପାଇଯିବ। ଅଥଚ ତାଙ୍କର ସମସ୍ତ ଧ୍ୟାନ ଧାରଣାକୁ ମିଥ୍ୟା ପ୍ରମାଣିତ କରି ବିପୁଳ ଜନସମାଗମ ଆରମ୍ଭ ହେବାକୁ ଯାଉଥିଲା ମେଳଣ ପଡ଼ିଆରେ। ଏତେ ଲୋକ ସେ ପଂଚାୟତରେ ବି ନ ଥିବେ। ଏ ସବୁ କ'ଣ ରାଜନୀତିର କାଉଁରୀସ୍ପର୍ଶ ଯୋଗୁଁ ?

ସେଇ ମେଳଣର ଗହଳି ଭିତରେ ଦେଖା ହୋଇଗଲା ଶନିପୁରର ରାଧାର ରବିପୁର ର ଶ୍ୟାମ ସହିତ। ଦୁହେଁ ଦୁହିଁଙ୍କୁ ଚାହିଁ ହସିଲେ ଓ ପାଖାପାଖି ହୋଇଗଲେ।

ଶ୍ୟାମ ପଚାରିଲା : ତୁମେ କ'ଣ ଏକା ଆସିଛ ?

: ନା ! ମୋ ସାଂଗମାନେ ଆସିଛନ୍ତି। ସେମାନେ ହେଇ ସେଠି ଠିଆହୋଇଛନ୍ତି।

: ମୁଁ କିନ୍ତୁ ଏକା।

: ମୁଁ ସେମାନଙ୍କୁ କହି ଦେଇଛି। ସେମାନେ ବୁଲୁଥାନ୍ତୁ। ଗଲାବେଳେକୁ ମୋତେ ଡାକିବେ।

ରାଧା କିଛି ସମୟ ପାଇଁ ସେଠୁ ଚାଲିଗଲା ତାର ସାଙ୍ଗମାନଙ୍କ ପାଖକୁ ଓ ଫେରି ଆସିଲା ଖୁବ୍‌ଶୀଘ୍ର। ଠିଆ ହେଲା ଶ୍ୟାମ ପାଖରେ।

ଶ୍ୟାମ ପଚାରିଲା : ସେମାନେ କିଛି ଭାବିବେନି।

ରାଧା କହିଲା : ସେମାନେ ଜାଣିଛନ୍ତି।

: କ'ଣ ଜାଣିଛନ୍ତି ?

: ଯାହା ତୁମେ ଜାଣିଛ।

: ମୁଁ ତ କିଛି ଜାଣିନି।

: ଆଉ ଏତେ ଛୋପରା ହୁଅନି।

: ସତରେ ମୁଁ ଜାଣିନି। ଆଖି ଛୁଉଁଛି।

: ହଉ ଅପେକ୍ଷା କର। ବଳେ ଜାଣିଯିବ।

: ଏବେ କହ !

: କୋଉ କଥା !

: ଯୋଉ କଥା କହିବାକୁ ତୁମେ ସାଙ୍ଗମାନଙ୍କୁ ଛାଡ଼ି ଚାଲି ଆସିଲ।

: ମୋ ଚିଠିର ଉତ୍ତର କାହିଁକି ଦେଲନି।

: କୋଉ ଚିଠି ?

: ସତରେ ତମେ ପାଇନ !

: ନା ! ପାଇନି ତ !

: ତୁମେ ମିଛ କହୁଛ ?

: ମୁଁ କ'ଣ ମିଛ କହିଲା ଭଳି ଲାଗୁଛି।

: ସତ କହିଲା ଭଳି ବି ଲାଗୁନ।

: ତୁମେ କ'ଣ ମୁହଁ ଦେଖି ସବୁ କଥା ଜାଣି ପାରୁଛ।

: ହଁ !

: ତାହାହେଲେ ତ ତୁମେ ନୋବେଲ ପୁରସ୍କାର ପାଇବା କଥା।

: କିଏ ଦେବ ସେ ପୁରସ୍କାର।

: ନୋବେଲ ଏକାଡେମୀ !

: ସେ ବାଡ଼ିପଡ଼ାଟା କିଏ ବା !

: ତୁମ ବୋପା !

: ୟାଡୁ ସ୍ୟାଡୁ କଥା କୁହନା କି ମୋତେ ରଗାଅନା।

: ରାଗିଲେ ତୁମେ କ'ଣ କରିବ।

: ତେବେ ମୁଁ ଯାଉଛି।

ରାଧା ଏତକ କହିଲା ଓ ଚାଲିଯିବାର ଉପକ୍ରମ କଲା। ଯଦିଓ ଚାଲିଯିବା ତା'ର ଉଦ୍ଦେଶ୍ୟ ନଥିଲା କି ସେ ଚାଲିଯିବାକୁ ଆଗ୍ରହୀ ନଥିଲା। ସେ ମୁହଁ ବୁଲାଇବା କ୍ଷଣି ଶ୍ୟାମ ତା'ର ହାତ ଧରି ପକେଇଲା। ଯାହାର ଉଦ୍ଦେଶ୍ୟ ଥିଲା ତାକୁ ରୋକିବା। ଯାଅନା ବୋଲି କହିବା ଏବଂ ତାକୁ ବାହାନା କରି ଟିକେ ଛୁଇଁଦେବା। ଠିକ୍ ଏତିକିବେଳେ ଅଘଟଣଟା ଘଟିଲା। ଶ୍ୟାମ ରାଧାର ହାତଟି ଧରିପକେଇବା ଦୃଶ୍ୟଟି ଅବାଂଛନୀୟ ମନେ ହୋଇଥିଲା ଆଉ ଜଣକୁ। ସେ ଚିତ୍କାରଟିଏ କରିଥିଲା। 'ସବୁ

ସାରିଦେଲାରେ।' ଆଉ ଜଣେ ପାଖରୁ ସମର୍ଥନ ଜଣାଇଥିଲା, 'ଆମ ଗାଁ ଝିଅଙ୍କ ଇଜ୍ଜତ ଚାଲିଗଲାରେ...।' ଗୋଟେ ଝଡ଼ ସୃଷ୍ଟି ହେଲା ଯେମିତି ଓ ଶ୍ୟାମ ଉପରକୁ ମାଡ଼ିଗଲେ କେତେଜଣ ଯୁବକ । ଦଳାଚକଟା ଆରମ୍ଭ ହୋଇଗଲା। କିଏ କାହାକୁ ପିଟୁଥିଲେ ତାହା ଜଣା ପଡୁନଥିଲା। କିନ୍ତୁ ମେଳଣ ପଡ଼ିଆଟା ରଣକ୍ଷେତ୍ରରେ ପରିଣତ ହୋଇ ଆସୁଥିଲା।

ଇନ୍‌ସ୍‌ପେକ୍ଟର ବଳବାବୁ ଅସହାୟ ଭାବରେ କ'ଣ ହେଲା, କ'ଣ ହେଲା ବୋଲି ଚିତ୍କାର କରୁଥିଲେ। ତାଙ୍କ କଥା କେହି ଶୁଣୁନଥିଲେ। ତାଙ୍କର ମୋଟରସାଇକେଲ ଖଣ୍ଡେ ଦୂରରେ ଥୁଆ ହୋଇଥିଲା। ମୋଟରସାଇକେଲ ପାଖରେ କେବଳ ଜଣେ କନେଷ୍ଟବଳ। ସେ କ'ଣ କରିବେ ସ୍ଥିର କରିପାରୁନଥିଲେ। ଅସଲରେ ସେ ଟିକେ କ'ଣ ହେଉଚି ଦେଖିଯିବା, ପରେ ପ୍ରସ୍ତୁତ ହୋଇ ଫୋର୍ସ ନେଇ ଆସିବା ନ୍ୟାୟରେ ସେଠାକୁ ଆସିଥିଲେ। କିନ୍ତୁ ଅଚାନକ ଗଣ୍ଡଗୋଳ ଆରମ୍ଭ ହୋଇଯାଇଥିଲା। ସେ ଏବେ ଫେରିଯିବେ କି ? ଏଇଭଳି ଭାବୁଥିଲେ।

ବମ୍ ଫୁଟୁଥିଲା। ଚାରିଆଡ଼େ ଧୂଆଁ। ଗୋଟେ ବମ୍ ଆସି ପଡ଼ିଲା ଇନ୍‌ସ୍‌ପେକ୍ଟର ବଳବାବୁଙ୍କ ପାଦ ପାଖରେ। ଇନ୍‌ସ୍‌ପେକ୍ଟର ବଳ ସେଇଠି ଟଳିପଡ଼ିଲେ।

ମୁଖ୍ୟମନ୍ତ୍ରୀ ଆଉ ଗୋଟିଏ ସଭାରେ ଭାଷଣ ଦେଉଥିଲେ।

ସେଇଠି ତାଙ୍କୁ ଖବର ଦିଆଗଲା।

ତାଙ୍କୁ କୁହାଗଲା ଯେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲେ ବି ନିୟନ୍ତ୍ରଣାଧୀନ ଅଛି। ସଭାହେବ କି ନାହିଁ ବୋଲି ପଚରାଯାଇଥିଲା।

ମୁଖ୍ୟମନ୍ତ୍ରୀ କହିଲେ : ସଭା କାହିଁକି ବାତିଲ୍ ହେବ। ସଭା ନିଶ୍ଚୟ ହେବ। ସେଦିନ ମୁଖ୍ୟମନ୍ତ୍ରୀଙ୍କ ସଭା ପ୍ରାୟ ଠିକ୍ ସମୟରେ ଆରମ୍ଭ ହୋଇଥିଲା ଓ ସଭାରେ ଜମା ଲୋକ ନଥିଲେ। କେବଳ ପୋଲିସ୍ ଥିଲେ।

ମେଳଣକୁ ସବୁବର୍ଷ ଆଖପାଖ ଗାଁରୁ ବିମାନରେ ଠାକୁରମାନେ ଆସିଥାଆନ୍ତି, କିନ୍ତୁ ଏବର୍ଷ ବିମାନ ଆସିବା ପୂର୍ବରୁ ଗଣ୍ଡଗୋଳ ଘଟିଯାଇଥିଲା। ତେଣୁ ବିମାନ ସବୁ ଅଧାବାଟରୁ ଫେରିଯାଇଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ବିମାନ ତିଆରି ହୋଇଥିଲା ଓ ମୁଖ୍ୟମନ୍ତ୍ରୀ ସେଇ ବିମାନରେ ବସି ସଭାସ୍ଥଳୀକୁ ବିଜେ କରିଥିଲେ।

ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣରେ କହିଲେ : ଏସବୁ ଗଣ୍ଡଗୋଳ ବିରୋଧୀଦଳର

ନୀଚ ରାଜନୀତିର ଫଳ।

ସ୍ଥାନୀୟ ବିଧାୟକ କହିଲେ : ମୁଖ୍ୟମନ୍ତ୍ରୀ ଲୋକପ୍ରିୟତାରେ ଅସହିଷ୍ଣୁ ହୋଇ ବିରୋଧୀ ଦଳ ଏଇଭଳି ଗଣ୍ଡଗୋଳ କରୁଛନ୍ତି; କିନ୍ତୁ କିଛି ହେବନି, ଆସନ୍ତା ଶହେବର୍ଷ ଭିତରେ ବିରୋଧୀଦଳ କ୍ଷମତାକୁ ଆସିପାରିବ ନାହିଁ।

ପୁଲିସ୍ କର୍ମୀମାନେ ତାଳି ମାରିଲେ।

ସଭା ପରେ ମୁଖ୍ୟମନ୍ତ୍ରୀ ଥାନାକୁ ଗଲେ ଓ ଇନ୍‌ସ୍‌ପେକ୍ଟର ବଳବାବୁଙ୍କ ଶବାଧାରରେ ପୁଷ୍ପମାଲ୍ୟ ଦେଲେ। ଇନ୍‌ସ୍‌ପେକ୍ଟର ବଳଙ୍କ ମୃତଦେହ ଥାନା ବାରଣ୍ଡାରେ ରଖାଯାଇଥିଲା। ବ୍ୟବଚ୍ଛେଦ ପାଇଁ ନିଆଯାଇ ନ ଥିଲା। କାରଣ ଥାନାରେ କେହି ପୋଲିସ୍ ନଥିଲେ। ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ସଭାରେ ଡିୟୁଟି କରୁଥିଲେ। ପୁନଶ୍ଚ ମୁଖ୍ୟମନ୍ତ୍ରୀଙ୍କର ଫୁଲମାଳ ଦେବାର ଥିଲା ଶବରେ। ତେଣୁ ଶବ ସେଇଠି ରହିଥିଲା।

କାଗଜବାଘ ଲାଙ୍ଗୁଡ଼ ହଲାଇଲା।

ପରଦିନ ଖବରକାଗଜରେ ମୁଖ୍ୟ ସମ୍ବାଦ ଥିଲା ଏହିପରି-ଯେଉଁଠି ପୋଲିସ୍ ନିଜକୁ ସୁରକ୍ଷା ଦେଇପାରୁନାହିଁ, ସେଠି ସାଧାରଣ ଜନତାଙ୍କୁ ସୁରକ୍ଷା ଦେବ କିପରି ? ଇନ୍‌ସ୍‌ପେକ୍ଟର ବଳଙ୍କ ହତ୍ୟା ତା'ର ଏକ ଜ୍ୱଳନ୍ତ ଉଦାହରଣ ।

ଆଇ.ଜି. ଏସ୍.ପି.ଙ୍କୁ ଫୋନ୍ କଲେ : କିଛି କରନ୍ତୁ ! ଶୀଘ୍ର ! ବହୁ ସମାଲୋଚନା ହେଲାଣି।

ଏସ୍.ପି. କହିଲେ : ନୂଆ ଇନ୍‌ସ୍‌ପେକ୍ଟର ପୋଷ୍ଟିଂ ଜରୁରୀ।

ଆଇ.ଜି. କହିଲେ : ସବୁ ବ୍ୟବସ୍ଥା କରାଯାଉଛି। କିନ୍ତୁ ଆପଣମାନେ କାମ କରି ଦେଖାନ୍ତୁ।

ନୂତନ ଥାନା ଇନ୍‌ସ୍‌ପେକ୍ଟର ଭାବରେ ମହାନ୍ତିବାବୁଙ୍କର ବଦଳି ହୋଇଗଲା। ଆଗରୁ ମହାନ୍ତିବାବୁ କୋରାପୁଟରେ ଥିଲେ ଓ ଉପକୂଳ ଅଂଚଳକୁ ଆସିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଏଥର କିନ୍ତୁ ସେ ସଫଳ ହୋଇଗଲେ।

କାଗଜବାଘ ଲାଙ୍ଗୁଡ଼ ହଲାଉଥିଲା।

ପରଦିନର ମୁଖ୍ୟ ସମ୍ବାଦ ଥିଲା ଏହିପରି :- 'ଏ ମହାନ୍ତିବାବୁଟି କିଏ ? ମହାନ୍ତିବାବୁ ଯଦି ଦକ୍ଷ ଅଫିସର ତେବେ ସେ କୋରାପୁଟ ଯାଇଥିଲେ କାହିଁକି ? ଏଠି କ'ଣ ଅଫିସର ମିଳିଲା ନାହିଁ ଯେ ସୁଦୂର କୋରାପୁଟରୁ ଅଫିସର ଆଣିବାକୁ ପଡ଼ିଲା।' ଏଥିସହିତ ମହାନ୍ତିବାବୁଙ୍କ ସମଗ୍ର ପୋଲିସ୍ ଚାକିରିର କାର୍ଯ୍ୟକଳାପର ଅନେକ

ଅପ୍ରାସଙ୍ଗିକ ତଥ୍ୟ ମଧ୍ୟ ଏହି ସମ୍ବାଦରେ ଦିଆଯାଇଥିଲା। ଯଥା ତାଙ୍କୁ ଏକଦା ରାତିଅଧିଆ କୋରାପୁଟ ପଠାଯାଇଥିଲା। ତାଙ୍କ ଶଳାର ଶଳା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ବିବାହ କରିଥିଲେ କିମ୍ବା ତାଙ୍କ ଦାଦାଝିଅ ଭଉଣୀର ଶ୍ୱଶୁର ହୋମ ଡ଼ିପାର୍ଟମେଣ୍ଟରେ ପିଅନ ଥିଲେ।

ଏସ୍.ପି. ଫୋନ୍ କଲେ ଇନ୍ସ୍‌ପେକ୍ଟରଙ୍କୁ : ମହାନ୍ତି ! ଖୁବ୍ ସମାଲୋଚନା ହେଲାଣି ଆପଣଙ୍କର।

ମହାନ୍ତିବାବୁ କହିଥିଲେ : ମୁଁ କ'ଣ କରିବି କିଛି ସ୍ଥିର କରିପାରୁନି ସାର୍। ଭାବୁଚି ପୁଣି କୋରାପୁଟ ଫେରିଯିବି। ସେଠି ଭଲ।

ଏସ୍.ପି. କହିଲେ : କିଛି କରିକି ଦେଖାଅ। ଶୀଘ୍ର !

: ୟେସ୍, ସାର୍ !

ମହାନ୍ତିବାବୁ ସଦଳବଳ ଦୁଇ ଗ୍ରାମକୁ ଘେରାଉ କରିଥିଲେ। ଗ୍ରାମରେ ପୁରୁଷ ଲୋକ ପ୍ରାୟ କେହି ନଥିଲେ। କେବଳ ବୁଢ଼ାବୁଢ଼ୀ ଓ ସ୍ତ୍ରୀ ଲୋକମାନେ ଥିଲେ। ପୋଲିସ୍ ବୁଢ଼ାବୁଢ଼ୀଙ୍କୁ ପଚରାପଚରି କରି ଫେରି ଆସିଥିଲେ।

ପରଦିନର ସମ୍ବାଦପତ୍ର ଶିରୋନାମା ଥିଲା ଏମିତି –ପୋଲିସ୍‌ର ନାରୀ ନିର୍ଯାତନା। ପୋଲିସ୍ ଜାଣିଥିଲା ଗାଁରେ ପୁରୁଷ ଲୋକ ନାହାନ୍ତି, ତେବେ ଗାଁକୁ ଯାଇ ବୁଢ଼ାବୁଢ଼ୀ ଓ ସ୍ତ୍ରୀ ଲୋକମାନଙ୍କୁ ତଦନ୍ତ ଆଳରେ ନିର୍ଯାତନା ଦେବାର ଏ ବ୍ୟବସ୍ଥା କାହିଁକି ? ଅପରାଧୀମାନେ କ'ଣ ଗାଁରେ ପୋଲିସ୍‌ର ଅପେକ୍ଷା କରିଥାଆନ୍ତେ। ପୋଲିସ୍ ଦୁର୍ବ୍ୟବହାରର ଗାଁରେ ଲୋକେ ରୋଷେଇ ବନ୍ଦ କରି ଭୋକ ଉପାସରେ ଅଛନ୍ତି।

ଏସ୍.ପି. ଗର୍ଜନ କରି ଉଠିଥିଲେ ଫୋନ୍‌ରେ।

: ସେ ଗାଁରେ ତ ପୁରୁଷ ଲୋକ ନ ଥିଲେ, ତୁମେ ସେଠିକି ଯାଇଥିଲ କାହିଁକି ?

: ନ ଯାଇଥିଲେ ଜାଣିଥାନ୍ତୁ କେମିତି ସାର୍ ! ତଦନ୍ତ ପ୍ରକିୟାରେ ତ ପଚରା ପଚରି କରିବାକୁ ପଡ଼ିବ।

: ଏବେ ନାନା ସମାଲୋଚନା ହେଲାଣି। ମହିଳା କମିଶନ, ସମସ୍ତେ ସେ ଦୁଇ ଗାଁକୁ ଯିବାକୁ ବାହାରିଲେଣି।

: ସେମାନେ କୋଉଠି ଲୁଚିଛନ୍ତି, ସେମାନଙ୍କର ବନ୍ଧୁବାନ୍ଧବ ଘର ସବୁ କୁଆଡ଼େ, ଏ ତଥ୍ୟ ସେମାନଙ୍କ ସ୍ତ୍ରୀ ବାପା ମାଆଙ୍କୁ ନ ପଚାରିଥିଲେ କେମିତି ପାଇଥାନ୍ତୁ ସାର୍।

ଏସ୍.ପି. କହିଲେ : ତୁମେ ଯାହା କର, ଯୋଉଠୁ ତଥ୍ୟ ଆଣ, ସେ ଦୁଇ ଗାଁକୁ ଯାଅନାହିଁ। ଗଲେ ପରିସ୍ଥିତି ଅନ୍ୟ ପ୍ରକାର ହୋଇଯିବ। କିନ୍ତୁ କିଛି ସ୍ଥିର କର।

: ୟେସ୍, ସାର୍।

ସେଦିନ ପୋଲିସ୍ ଆଖପାଖ ଗାଁରେ ଚଢ଼ାଉ କରି ଦୁଇଶହ ଲୋକଙ୍କୁ ଗିରଫ କରିଥିଲା।

ପରଦିନ ଖବରକାଗଜରେ ଶୀର୍ଷକ ଓ ସମ୍ବାଦ ଥିଲା ଏମିତି-ପୋଲିସ୍ ଅନ୍ଧାରରେ ବାଡ଼ି ବୁଲାଉଛି। ପ୍ରକୃତ ଅପରାଧୀକୁ ଧରି ନପାରି ଏବେ ଯାହାକୁ ପାରୁଛି ତାକୁ ଥାନାକୁ ଧରି ନେଉଛି। ରାଜନୈତିକ ଦୂରଭିସନ୍ଧି ରଖି ବିରୋଧୀଦଳର ସମର୍ଥକ ଓ ହରିଜନମାନଙ୍କୁ ଥାନା ହାଜତରେ ପୂରେଇଛି। ଦୁଇଶହ ଲୋକଙ୍କୁ ଗିରଫ କରିବା ସଂପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ହାସ୍ୟାସ୍ପଦ ବିଚାର।

ଏସ୍.ପି. ପୁଣିଥରେ ଫୋନ୍ କଲେ ଇନ୍‌ସ୍‌ପେକ୍ଟରଙ୍କୁ।

: ଏତେଗୁଡ଼ାଏ ଲୋକକୁ କାହିଁକି ଗିରଫ କଲେ ?

: ଏମାନେ ସଂପୃକ୍ତ ସାର୍ ! ଏମାନଙ୍କୁ ପଚରା ଉଚରା ଚାଲିଛି।

: ଏତେଗୁଡ଼ାଏ ଲୋକଙ୍କୁ ରଖନି। ଛାଡ଼ିଦିଅ।

: ଜେରା କାହାକୁ କରିବା ସାର୍ !

: ଓଃ ! ବହୁତ ସମାଲୋଚନା ହେଉଛି। ଏଥିରୁ ଅଧେ ଛାଡ଼।

: ସାର୍ !

ପୋଲିସ୍ ଏବେ ଦେଢ଼ଶହ ଲୋକଙ୍କୁ ଛାଡ଼ିଦେଲା।

କାଗଜବାଘ ଲାଙ୍ଗୁଡ଼ ବୁଲାଉଥିଲା।

ପରବର୍ତ୍ତୀ ଦିନର ସମ୍ବାଦଥିଲା ଏହିଭଳି-ଥାନାରେ ବ୍ୟାପକ କାରବାର ! ଏତେ ଲୋକଙ୍କୁ ଗିରଫ କରିବାର ରହସ୍ୟ ଜଣାପଡ଼ିଲା। ପୋଲିସ୍ ପଇସା ନେଇ ଲୋକଙ୍କୁ ଛାଡ଼ିଦେଉଛି। ଏହି କାରବାରରେ ସ୍ଥାନୀୟ କୁଜିନେତାମାନେ ମଧ୍ୟସ୍ଥି ସାଜିଛନ୍ତି। ସ୍ତ୍ରୀ ଲୋକମାନେ କଂସାବାସନ ବନ୍ଧା ପକେଇ ପଇସା ଆଣି ଥାନାରେ ପହଂଚୁଛନ୍ତି।

ଏଥରକ ଇନ୍‌ସ୍‌ପେକ୍ଟର ନିଜଆଡୁ ସବୁକଥା ଜଣାଇଥିଲେ ଏସ୍.ପି.ଙ୍କୁ।

: ଏବେ କ'ଣ କରିବି ସାର୍। ଧରିଲେ କହୁଛନ୍ତି-ନୀରିହ ଲୋକଙ୍କୁ ଧରିଲି। ଛାଡ଼ିଦେଲେ କହୁଛନ୍ତି-ପଇସା ନେଇ ଛାଡ଼ିଦେଲ। ମୁଁ ଏବେ କ'ଣ କରିବି ସାର୍।

: ଏତେ ଗୁଡ଼ାଏ ଲୋକ ନୁହେଁ। ଜଣେ ଦି'ଜଣଙ୍କୁ ମୁଖ୍ୟ ଆସାମୀ କର ଓ

ତୁରନ୍ତ କେସ୍ ତୁଟାଅ ।

ଥାନାରୁ ସବୁ ଲୋକଙ୍କୁ ଛାଡ଼ି ଦିଆଯାଇଥିଲା ଓ ପୋଲିସ୍ ମୁଖ୍ୟ ଆସାମୀଙ୍କୁ ଖୋଜୁଥିଲା ।

କାଗଜବାଘ ଲାଙ୍ଗୁଡ଼ ହଲାଉଥିଲ ।

ପରବର୍ତ୍ତୀ ସମ୍ବାଦ ଗୁଡ଼ିକ ଥିଲା ଏହିପରି–ହତ୍ୟାକାଣ୍ଡର ସାତଦିନ ବିତିଲାଣି, କିନ୍ତୁ ପୋଲିସ୍ ହାତରେ କିଛି ବି ତଥ୍ୟ ନାହିଁ । ପୋଲିସ୍ ହାତ ଉପରେ ହାତ ଥୋଇ ବସିଛି । ପୋଲିସ୍ ଭିଆଇପିଙ୍କ ଡିୟୁଟୀ କରୁଛି । ହତ୍ୟା ଆସାମୀ ନିର୍ଭୟରେ ରାଜରାସ୍ତାରେ ବୁଲୁଛନ୍ତି ।

ଏଥରକ ଘରୋଇ ମନ୍ତ୍ରୀ ଗର୍ଜନ ତର୍ଜନ କଲେ ଆଇଜିଙ୍କୁ ।

: ସାତଦିନ ହେଲାଣି । କେସ୍‌ଟା ତୁଟି ପାରିଲାନି ।

: ଚେଷ୍ଟା ଚାଲିଛି ସାର୍ !

: କି ଚେଷ୍ଟା କରୁଛନ୍ତି ଆପଣ । ଏତେବଡ଼ ରାଜ୍ୟର ଏତେ ବଡ଼ ପୋଲିସ୍ ଫୋର୍ସ କ'ଣ ଏତେ ଅପାରଗ ? ମୁଁ ବିଧାନସଭାରେ ମୁହଁ ଦେଖେଇବି କେମିତି ? ମୁଖ୍ୟମନ୍ତ୍ରୀଙ୍କୁ କ'ଣ ଜବାବ ଦେବି ?

: କାର୍ଯ୍ୟ ଚାଲିଛି ସାର୍ । ଖୁବ୍ ଶୀଘ୍ର ସଫଳତା ମିଳିଯିବ ।

: ନା ! ନା ! ଆଉ ଅଧିକ ସମୟ ଦିଆଯାଇ ପାରିବନି । ଆପଣଙ୍କୁ ଦୁଇଦିନ ସମୟ ଦିଆଗଲା । କେସ୍‌ର ଉଲ୍ଲେଖନୀୟ ଅଗ୍ରଗତି ହେବା ଦରକାର ।

: ୟେସ୍ ସାର୍ !

ଦୁଇଦିନ ଅପେକ୍ଷା କରିବାକୁ ହେଲା ନାହିଁ । ପୋଲିସ୍ ପକ୍ଷରୁ ଘୋଷଣା କରାଗଲା ଯେ ମୁଖ୍ୟଆସାମୀ ଧରାପଡ଼ିଛି । ସେଥିପାଇଁ ସାମ୍ବାଦିକ ସମ୍ମିଳନୀ ଡ଼କାଗଲା । ମିଡ଼ିଆ ସାମ୍ନାରେ ମୁଖ୍ୟ ଆସାମୀ ନାରାୟଣ ଦାସ ତା'ର ସ୍ୱୀକାରୋକ୍ତି ଦେଲା ଓ କେସ୍ ତୁଟି ଆସିଲା ବୋଲି କୁହାଗଲା ।

କାଗଜବାଘ ଲାଙ୍ଗୁଡ଼ ହଲାଉଥିଲା ।

ପରଦିନ ସମ୍ବାଦପତ୍ର ବିବରଣୀ ଥିଲା ଏହିପରି–ନାରାୟଣ ଦାସ ମୁଖ୍ୟ ଆସାମୀ ହୋଇ ପାରେନା । ପୋଲିସ୍ କେସ୍ ତୁଟାଇଦେବାକୁ ତାକୁ ସ୍ୱୀକାରୋକ୍ତି ଦେବାକୁ ବାଧ୍ୟ କରିଛି । ସେ ମଧ୍ୟ ଜଣେ ନାବାଳକ । ଜଣେ ନାବାଳକକୁ ମିଡ଼ିଆ ସାମ୍ନାରେ ଏମିତି ମୁହଁ ଖୋଲା ଅବସ୍ଥାରେ ପେସ୍ କରିବା ବେଆଇନ୍ । ବାଳ ଅପରାଧୀମାନଙ୍କ

ପ୍ରତି କି ପ୍ରକାର ବ୍ୟବହାର ଦେଖାଯିବ, ତାହା ମଧ୍ୟ ପୋଲିସ୍‌ବାଲା ଜାଣେନା। ଧନ୍ୟ ଏ ପୋଲିସ୍।

ଏସ୍.ପି. ପଚାରିଥିଲେ ଇନ୍‌ସ୍‌ପେକ୍ଟର ମହାନ୍ତିଙ୍କୁ।

: ସେ ପିଲାର ବୟସ କେତେ ?

: କୋଡ଼ିଏରୁ ବେଶି ହେବ।

: ତେବେ ତାକୁ ନାବାଳକ କୁହାଯାଉଛି କାହିଁକି ?

: ଜାଣେନା ସାର୍ !

: ତା'ର ମାଟ୍ରିକ୍ ସାର୍ଟିଫିକେଟ୍ ଯୋଗାଡ଼ କରନ୍ତୁ।

: ସେ କିନ୍ତୁ ନିଜେ ମାନିଛି। ସେ ବମ୍ ଫୋପାଡ଼ିଛି।

: ତା'ର ଡାକ୍ତରୀ ପରୀକ୍ଷା କରିନିଅନ୍ତୁ।

: ୟେସ୍ ସାର୍ !

ତାଙ୍କୁ ଜଣେ ଡାକ୍ତରଙ୍କ ପାଖକୁ ପଠାଇ ଦିଆଗଲା ପରୀକ୍ଷା ପାଇଁ।

କାଗଜବାଘ ଲାଙ୍ଗୁଡ଼ ହଲାଉଥିଲା।

ପାଠକେ ! ଏ କାହାଣୀ ଏଇଠି ସରିନାହିଁ। ଏ କାହାଣୀର ଆପାତତଃ ଶେଷ ନାହିଁ। କ୍ରମେ ଡାକ୍ତରର ସମାଲୋଚନା ହେଲା। ବାଳ ଅପରାଧୀ ସୁଧାର କେନ୍ଦ୍ରକୁ ତାକୁ ଯେ ପଠାଯାଇଥିଲା, ତା'ର ସମାଲୋଚନା ହେଲା ଏମିତି ସମାଲୋଚନା ହୋଇ ଘଟଣାଟି କ୍ରମେ ଏକ ଜଟିଳ ଗଣିତ, ଧୂଆଁଳିଆ ଅସ୍ପଷ୍ଟ ପରିଣତି ଆଡ଼କୁ ଆଗେଇ ଯାଉଥିଲା। କାହାଣୀର ଏଇ ବିନ୍ଦୁରେ ଠିଆ ହେଇ ଦୂରକୁ ଚାହିଁଲେ ଦିଶେ ଅଡୁଆ ସୂତାଭଳି ପରିସ୍ଥିତି ସବୁ। ଏମିତି ନିତିଦିନ ଅନେକ କାହାଣୀ ଜନ୍ମନେଇ ସମୁଦାୟ ପରିସ୍ଥିତିକୁ ଅବୁଝା କୁହେଳି କରି ଗଢ଼ି ତୋଳନ୍ତି।

କାଗଜବାଘ ଲାଙ୍ଗୁଡ଼ ହଲଉଥାଏ।

ଦିନେ ଗୋଟେ ସ୍ତ୍ରୀ ଲୋକ ଆସି ଠିଆହେଲା କାଗଜବାଘ ସାମ୍ନାରେ।

କହିଲା : ମୋ କଥା ଟିକିଏ ଶୁଣନ୍ତୁ।

କାଗଜବାଘ ପଚାରିଲା : କିଏ ତମେ ?

ସ୍ତ୍ରୀ ଲୋକଟି କହିଲା : ମୁଁ ଇନ୍‌ସ୍‌ପେକ୍ଟର ବଳଙ୍କ ସ୍ତ୍ରୀ । ମୋତେ ଏ ପର୍ଯ୍ୟନ୍ତ ମୋର ପ୍ରାପ୍ୟ ମିଳିଲାନି। ସରକାର ମୋତେ ଅନେକ କଥା ଦେବେ ବୋଲି ଘୋଷଣା କରିଥିଲେ।

: ଦୁଃଖିତ। ଆମେ ଆପଣଙ୍କୁ ଏବେ ସାହାଯ୍ୟ କରିପାରୁନୁ। ଆପଣଙ୍କ କାହାଣୀରେ ସେତେ ଚାଞ୍ଚଲ୍ୟ ନାହିଁ। ଏବେ ଅବଶ୍ୟ ଜଣାପଡ଼ିଛି ଇନ୍ସ୍‌ପେକ୍ଟର ବଳଙ୍କର ମୃତ୍ୟୁ ବମ୍ ଆଘାତରେ ନୁହେଁ ହୃଦଘାତରେ ହୋଇଥିଲା।

: ମୋ ପ୍ରତି କ'ଣ କିଛି କର୍ତ୍ତବ୍ୟ ନାହିଁ ଆପଣଙ୍କର ?

: ଅଛି। କିନ୍ତୁ ଏବେ ଆମେ ଆଉ କୁକୁରକୁ ମଣିଷ କାମୁଡ଼ିବାର ସମ୍ବାଦ ବି ନଉନୁ। ଆମେ ଏବେ ସମ୍ବାଦ ତିଆରି କରୁଛୁ। ତିଆରି କରି ବଜାରକୁ ଛାଡ଼ି ଦେଉଛୁ।

: ତେବେ ମୋର କ'ଣ ହେବ ? ମୋତେ ନ୍ୟାୟ ମିଳିବନି।

: ଦୁଃଖିତ। ଆମେ ନ୍ୟାୟ ଦେଉନା। ଆମେ ଧର୍ଷଣ କରି ସମ୍ବାଦ ତିଆରି କରୁ। ଆପଣ ଚାହିଁଲେ ଆମେ ଆପଣଙ୍କୁ ଧର୍ଷଣ କରି ଗୋଟେ କାହାଣୀ ଆପଣଙ୍କ ପିଠିରେ ବାନ୍ଧି ବଜାରକୁ ଛାଡ଼ିଦେବୁ ଯେ, ବୁଲି ବୁଲି ଆପଣ ଗୋଟେ ପରିଣତିହୀନ ପରିଣତିରେ ଅଛିଣ୍ଡା ଅଙ୍କ ଭଳି ପହଂଚି ଯିବେ ଓ ନିଜକୁ ବି ଚିହ୍ନିପାରିବେନି ଶେଷରେ । କ'ଣ ରାଜି !

ସ୍ତ୍ରୀ ଲୋକଟି କିଛି କହିପାରୁନଥିଲା।

କାଗଜବାଘ ଲାଙ୍ଗୁଡ଼ ହଲାଉଥିଲା।

# ଫୋନ୍ ନମ୍ବର

ଦିନେ ଅଚାନକ ବାଜି ଉଠିଲା ମୋର ଟେଲିଫୋନ୍। ଅଚାନକ ବୋଲି କହୁଚି ଏଇଥି ପାଇଁ ଯେ ମୋର ଫୋନ୍ ସଚରାଚର ବାଜେ ସେତିକିବେଳେ ଯେତେବେଳେ ମୁଁ ଘରେ ନ ଥାଏ। ଯେତେବେଳେ ଫୋନ୍‌ରେ ମୋତେ କେହି ଖୋଜୁଥାଏ ଗପିବାକୁ ସେତେବେଳେ ମୁଁ ଶୋଇଯାଇଥାଏ। ଯେତେବେଳେ ଜରୁରୀ ବାର୍ତ୍ତା ପାଇଁ ମୋତେ ଖୋଜାପଡ଼େ ଫୋନ୍‌ରେ, ସେତେବେଳେ ମୁଁ ବାଥ୍‌ରୁମ୍‌ରେ। ଏପରି ବି ହୁଏ ମୁଁ ଫୋନ୍‌ର ରିଂ ଶବ୍ଦ ଶୁଣି ଫୋନ୍ ପାଖକୁ ଯାଇ ଫୋନ୍ ଉଠେଇଲା ବେଳକୁ ରିଂ ଶେଷ ହୋଇଯାଇଥାଏ। ବାନ୍ଧବୀଙ୍କ ଫୋନ୍‌କୁ ହ୍ୟାଲୋ କରୁ କରୁ ଫୋନ୍ କଟିଯାଏ। ଉଚ୍ଚାଧିକାରୀ ଫୋନ କରୁଥିଲେ ତାଙ୍କ ନିର୍ଦ୍ଦେଶ ଅସ୍ପଷ୍ଟ ଶୁଣାଯାଏ।

ତେବେ ସେ ସବୁ ମୋର ଭାଗ୍ୟ। ଭାଗ୍ୟ କିପରି ମୋ ସହ ପ୍ରତି ନିୟତ ଲୁଚକାଳି ଖେଳୁଥାଏ ତା'ର ବିଶଦ ବର୍ଣ୍ଣନା କଲେ, ତାହା ଏକ ଅଭିଧାନ ହେବ। ସେ ସଂପର୍କରେ ଆଉ କେବେ ଆଲୋଚନା କରିବା । ତାହା ଏହି ଗଳ୍ପର ପ୍ରସଙ୍ଗ ନୁହେଁ।

ମୋର ଫୋନ୍ ବାଜି ଉଠିଲା ଅଚାନକ।

ଅଚାନକ ବୋଲି କହୁଚି ଏଇଥିପାଇଁ ଯେ ମୁଁ ଫୋନ୍ ପାଖରେ ହିଁ ଥିଲି ଓ ଫୋନ୍ ଟୋଳି ନେଲି।

ଫୋନ୍ କରିଥିଲେ ଜଣେ ଭଦ୍ର ମହିଳା।

ନିଃସନ୍ଦେହରେ କୌଣସି ପୁରୁଷର କଣ୍ଠସ୍ୱର ଏତେ ନମ୍ର ଏବଂ କୋମଳ ହେବ ନାହିଁ।

ଭଦ୍ର ମହିଳା ପ୍ରଥମେ ନିଶ୍ଚିତ ହେବାକୁ ଚାହିଁଲେ ଯେ, ସେ ଯେଉଁ ନମ୍ବରରେ ଏବେ କଥାଭାଷା କରୁଛନ୍ତି ତାହା ଅମୁକ ନମ୍ବର ତ!

ମୁଁ ଯଥେଷ୍ଟ ଭଦ୍ରାମୀର ସହିତ କହିଲି: ଅବଶ୍ୟ ଏହା ସେହି ନମ୍ବର! ଏବେ

କୁହନ୍ତୁ !

ଭଦ୍ର ମହିଳା କହିଲେ: ଆପଣ ଯଦି କିଛି ମନେ ନ କରନ୍ତି...।

ସେ ଟିକେ ଢୋକ ଗିଳିଲେ ଏବଂ କିଛିକ୍ଷଣ ପାଇଁ ନିରବି ଗଲା ଧାତବ ଯନ୍ତ୍ରର ସ୍ୱର।

ମୁଁ ଓଠ ଖୋଲିଲି।

କହିଲି : ନା ! ମୁଁ କିଛି ମନେ କରି ନାହିଁ। କିଛି ମନେ କରିବା ପାଇଁ ଯେତିକି କାରଣ ଲୋଡ଼ା ତାହା ଏଯାଏଁ ମୋତେ ମିଳିନାହିଁ।

ଭଦ୍ର ମହିଳ ସମ୍ଭ୍ରମତାର ସହିତ କହିଲେ : ଆପଣ ଯଦି କିଛି ମନେ ନକରନ୍ତି, ଦୟାକରି କହିବେ କି, ଏଇ ଫୋନ୍ ନମ୍ବରଟି କାହାର ?

ମୋତେ ମୃଦୁ ଧକ୍କାଟିଏ ଲାଗିଲା ନିଶ୍ଚୟ।

କହିଲି: କାହାର ଆଉ ! ମୋର !

ଭଦ୍ର ମହିଳା କହି ଉଠିଲେ : ଆପଣଙ୍କ ପରିଚୟ ?

ମୁଁ ଟିକେ ନୀରବ ରହିଲି।

ଭଦ୍ରମହିଳା ଅଧୈର୍ଯ୍ୟ ହେଇପଡ଼ିଲେ ଯେମିତି।

କହିଲେ : କୁହନ୍ତୁ ! ଆପଣଙ୍କ ପରିଚୟଟି କ'ଣ ?

ମୁଁ ପଚାରିଲି : ଆପଣଙ୍କ ଆବଶ୍ୟକତାଟା କ'ଣ କୁହନ୍ତୁ।

:ଆବଶ୍ୟକ ତ ଅଛି ନିଶ୍ଚୟ। ନୋହିଲେ ଫୋନ୍ କାହିଁକି କରନ୍ତି।

:ତେବେ କୁହନ୍ତୁ।

:ପ୍ରଥମେ ଆପଣ ପରିଚୟ ଦିଅନ୍ତୁ ନା।

ବଡ଼ ନଛୋଡ଼ବନ୍ଧା ଭଦ୍ରମହିଳା। ବୁଝିବାକୁ ବା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି।

କହିଲି: ମୋର ନାମ ଅଟଳ ବିହାରୀ ବାଜପେୟୀ।

ଭଦ୍ରମହିଳା କ୍ଷୁବ୍ଧ ହୋଇ ଉଠିଲେ। ଅନ୍ତତଃ ତାଙ୍କ କଣ୍ଠ ସ୍ୱରରୁ ସେପରି ଅସହିଷ୍ଣୁତା ପ୍ରକାଶ ପାଇଲା।

କହିଲେ: ଦେଖନ୍ତୁ ! ଜୋକ୍ସ ଶୁଣିବା ପାଇଁ ମାନସିକ ଅବସ୍ଥା ମୋର ନାହିଁ।

ମୁଁ କହିଲି: ଦେଖନ୍ତୁ ! ମୁଁ ଜଣେ ମନୋବୈଜ୍ଞାନିକ ନୁହେଁ ଯେ ଟେଲିଫୋନ୍‌ରୁ ସ୍ୱର ଶୁଣି ଆପଣଙ୍କ ମାନସିକ ଅବସ୍ଥା କଥା ଅନୁମାନ କରିପାରିବି।

:ତେବେ ବାଜେ କଥା କହୁଛନ୍ତି କାହିଁକି ?

ମୁଁ କହିଲି: ବାଜେ କଥା କହିବି କାହିଁକି ? ଆପଣ କ'ଣ ଭାବୁଛନ୍ତି ଯେ, ଏ ପୃଥିବୀରେ ମାତ୍ର ଜଣେ ଲୋକ ଅଛି ସେଇ ନାମରେ ଯିଏ କି ଏ ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଅନ୍ତତଃ ଆପଣ ଯେତିକି ଜାଣନ୍ତି । ସେଇ ନାମରେ ଆଉ ଏକ ବା ଏକାଧିକ ଲୋକ ଥାଇପାରନ୍ତି । କୋଉଠି ନା କୋଉଠି ?

ଭଦ୍ର ମହିଳା ଆଉ କିଛି କହିଲେ ନାହିଁ । ଯୁକ୍ତି କଲେ ନାହିଁ ।

ଫୋନ୍ ରଖିଦେଲେ ।

ମୋ ଫୋନ୍‌ରେ କଲ୍ ଆଇଡ଼େଣ୍ଟିଫିକେସନ୍ ବ୍ୟବସ୍ଥା ଅଛି । ମୁଁ ଜାଣିପାରିଥିଲି ଭଦ୍ରମହିଳା ଭିନ୍ନ ଏକ ସହରରୁ ଫୋନ୍ କରିଛନ୍ତି । ତାଙ୍କ ନମ୍ବରଟି ମଧ୍ୟ ମନେ ରହିଯାଇ ଥିଲା ।

ମୁଁ ଜାଣିଥିଲି, ସେ ଆଉ ଥରେ ନିଶ୍ଚୟ ଫୋନ୍ କରିବେ ।

ପରଦିନ ସେ ପୁଣି ଫୋନ୍ କଲେ ।

ଦୁର୍ଭାଗ୍ୟ ଫୋନ୍ ପାଖରେ ମୁଁ ଥିଲି ଓ ଅବିଳମ୍ବେ ଫୋନ୍ ଉଠାଇଲି ।

ଭଦ୍ର ମହିଳା ପ୍ରଥମେ ନିଶ୍ଚିତ ହେବାକୁ ଚାହିଁଲେ ସେ ଉଦ୍ଦିଷ୍ଟ ନମ୍ବରରେ ଫୋନ୍ କରୁଛନ୍ତି ତ ?

ମୁଁ କହିଲି: ନିଃସନ୍ଦେହରେ ଆପଣ ସେହି ନମ୍ବରରେ ହିଁ ଡ଼ାଏଲ କରୁଛନ୍ତି ।

ଭଦ୍ର ମହିଳା କହିଲେ: ଆପଣ ଯଦି କିଛି ମନେ ନ କରନ୍ତି... ।

ମୁଁ ପାଦ ପୂରଣ କଲି ଅବଶିଷ୍ଟ ବାକ୍ୟର: ତେବେ ଦୟାକରି ଜଣାଇବେ କି ଏଇ ଫୋନ୍ ନମ୍ବରଟି କାହାର ?

ଭଦ୍ର ମହିଳା ମୃଦୁ ହସିଲେ । ଅନ୍ତତଃ ଫୋନ୍ ମାଧ୍ୟମରେ ଚାପା ହସର କିୟଦଂଶ ଭାସି ଆସିଲା ଭଳି ମନେ ହେଲା ।

କହିଲେ: ଆପଣ ଭଲ ଜୋକ୍ସ କରିପାରୁଛନ୍ତି ତ ?

ମୁଁ ଅବଶୋଷ ଭରା ସ୍ୱରରେ କହିଲି: କିନ୍ତୁ କ'ଣ କରାଯାଏ । ଜୋକ୍ସ ଶୁଣିବାକୁ ମାନସିକ ଅବସ୍ଥା ଠିକ୍ ଥିବା ଶ୍ରୋତା ମିଳିଲେ ତ ?

ଭଦ୍ର ମହିଳା କହିଲେ: ଆପଣ ମୋତେ ଭୁଲ୍ ବୁଝୁଛନ୍ତି ।

ମୁଁ କହିଲି: ଦେଖନ୍ତୁ ! ଆପଣଙ୍କ ସହିତ କୌଣସି ଜନ୍ମରେ ମୋର ଦେଖା ହୋଇଥିବା କଥା ମନେ ପଡୁନି । ତେଣୁ ଭୁଲ୍ ଠିକ୍ ବୁଝିବାର ସମ୍ଭାବନା ହିଁ ନାହିଁ ।

ଭଦ୍ର ମହିଳା କହିଲେ: ଆପଣ ଟିକେ ଡେଢ଼େଇ କି କଥା କହନ୍ତି ।

ମୁଁ କହିଲି: ସେଟା ମୋର ପ୍ରକୃତି । ଆପଣ ନିଶ୍ଚୟ ଜାଣନ୍ତି, ମଣିଷର ପ୍ରକୃତି ଏତେ ସହଜରେ ବଦଳେ ନାହିଁ ଏବଂ ମୋର ପ୍ରକୃତି ବି ବଦଳିଲା ନାହିଁ ଏବଂ ଆପଣଙ୍କ ଭଳି ଜଣେ ଭଦ୍ର ମହିଳାଙ୍କ ସହିତ କଥା ହେଲାବେଳେ ସେଇ ପ୍ରକୃତି ଦେଖାଗଲା ।

ସୁନ୍ଦରୀ ଭଦ୍ରମହିଳା ବୋଲି କହି ଥାଆନ୍ତି, ମାତ୍ର ତାଙ୍କ ଚେହେରା ଦେଖି ପାରୁ ନଥିବାରୁ ବିଶେଷଣଟିକୁ ବର୍ଜନ କରିବାକୁ ସ୍ଥିର କଲି ।

ଭଦ୍ର ମହିଳା କହିଲେ: ମୋର କିନ୍ତୁ ଜାଣିବା ଜରୁରୀ ଯେ... ।

ମୁଁ କହିଲି: ଜରୁରୀ ତ ନିଶ୍ଚୟ ! ସେ କଥା ମୁଁ ଅନୁମାନ କରିପାରୁଛି । ନୋହିଲେ ଆପଣ ଏମିତି ଲାଗ ଲାଗ ଫୋନ୍ କରନ୍ତେ କାହିଁକି ?

ଭଦ୍ର ମହିଳା କହିଲେ: ମୋର ବି କେତେଟା ଖରାପ ପ୍ରକୃତି ଅଛି । ସେ ମଧ୍ୟରୁ ଗୋଟେ ହେଲା ମୁଁ ଯୋଉ କାମରେ ହାତଦିଏ ସେଟା ନ ସାରିବା ପର୍ଯ୍ୟନ୍ତ ମୋତେ ଶାନ୍ତି ମିଳେନା ।

ମୁଁ କହିଲି: ଏବେ ଏହି ମୂହୁର୍ତ୍ତରେ ଆପଣଙ୍କ କାମଟା ହେଲା ଏଇ ଫୋନ୍ ନମ୍ବରଟା କାହାର ଜାଣିବା ! ଠିକ୍ ନା ?

ଭଦ୍ର ମହିଳା କହିଲେ:ଏକ୍‌ଜାକ୍ଟଲି !

ମୁଁ ପଚାରିଲି: ଆପଣ କଣ ଜଣେ ପ୍ରାଇଭେଟ୍ ଡ଼ିଟେକ୍ଟିଭ୍ ?

ସେ କହିଲେ: ନା ! ତା' ଆଉ ହେଇପାରିଲି କୋଉଠି ? ହେଇଥିଲେ କିନ୍ତୁ ଭଲ ହେଇଥାଆନ୍ତା ।

ମୁଁ କହିଲି: ନା ! ଜମା ଭଲ ହେଇ ନଥାନ୍ତା । ଆପଣଙ୍କ ଆପ୍ରୋଚଟା ଯେମିତି, ଆପଣ ସବୁଠି ଫେଲ୍ ମାରିଥାଆନ୍ତେ ।

ଭଦ୍ର ମହିଳା ଟିକେ ଆହତ ହେଲେ ଯେମିତି ।

ଶଙ୍କିଯିବା ଭଳି ସ୍ୱରରେ କହିଲେ: ମୋର ସ୍ୱର କଣ ଏତେ କର୍କଶ ଶୁଣାଯାଉଛି । ମୋର କଥା କହିବାର ଶୈଳୀ କଣ ଏତେ ଅମାର୍ଜିତ । ମୋର ଭାଷା କଣ ଏତେ ଅଶାଳୀନ ।

ମୁଁ ଟିକେ ଦବିଗଲି । ଏ ସଂସାରରେ କୋଉ କମ୍ବକ୍ତ ଏମିତି ଅଛି ଯେ ଅସୁନ୍ଦରୀ ନାରୀଟିକୁ ଅସୁନ୍ଦରୀ କହିବ ମୁହଁ ଉପରେ । ଯେଉଁ ନାରୀଟିକୁ ମୁଁ ଦେଖି ନାହିଁ, ଜାଣିନାହିଁ, ଯାହାର ସ୍ୱରରୁ ଅନୁମାନ କରିବା ମୁସ୍କିଲ୍ ସେ କେତେ ବୟସର ଓ କେଉଁ ସ୍ତରର

ମହିଳା। ତାଙ୍କ ସହିତ ଏ ପ୍ରକାର ଆଲୋଚନାର ଆବଶ୍ୟକତା ବା କ'ଣ? ତାଙ୍କୁ ଆଘାତ ଦେବାର ଯଥାର୍ଥତା ବା କଣ?

ମୁଁ କହିଲି: ଦେଖନ୍ତୁ! ଆପଣଙ୍କ ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅର୍ଥହୀନ ବାକ୍ୟାଳାପ ପାଇଁ ମୁଁ ଆଗ୍ରହୀ ନୁହେଁ। ଆପଣଙ୍କର ଯଦି ସେପରି କାର୍ଯ୍ୟ ପାଇଁ ରୁଚି ଅଛି, ତେବେ ମୁଁ ଆପଣଙ୍କୁ କେତୋଟି ଫୋନ୍ ନମ୍ବର ଯୋଗେଇ ଦେଇପାରେ ଯୋଉଠିକୁ ଡ଼ାଏଲ୍ କରି ଆପଣ ଦୀର୍ଘକାଳ ପର୍ଯ୍ୟନ୍ତ ରସରସିଆ କଥାବାର୍ତ୍ତା କରି ନିଜର ଖର୍ଚ୍ଚ ହୋଇପାରୁ ନଥିବା ସମୟକୁ ହତ୍ୟା ଅର୍ଥାତ୍ କିଲ୍ କରିପାରିବେ।

ଲମ୍ବା ଉପଦେଶାତ୍ମକ ଭାଷଣଟି ଦେଇସାରିବା ପରେ ମୁଁ ଗୋଟାଏ ଦୀର୍ଘଶ୍ୱାସ ପକେଇଲି।

ହଠାତ୍ ଭଦ୍ର ମହିଳାଙ୍କ କଣ୍ଠସ୍ୱରରେ ଫୁଟି ଉଠିଲା ବ୍ୟସ୍ତତାର ଛାପ।

କହିଲେ:ଫୋନ୍ ରଖୁଚି। ପରେ କରିବି।

ସେ ଫୋନ୍ ରଖିଦେଲେ। ମନେ ହେଲା ଯେମିତି କୌଣସି ଅନାକାଙ୍କ୍ଷିତର ଅଯାଚିତ ଉପସ୍ଥିତିରେ ଅସହାୟ ହୋଇ ସେ ଫୋନ୍ ରଖିଦେଲେ। ତେବେ ଗୋଟିଏ କଥା ସ୍ପଷ୍ଟ ହେଇଗଲା, ମହିଳା ଜଣକ ଏକାକିନୀ ଥିବାବେଳେ ହିଁ ଫୋନ୍ କରନ୍ତି ଏବଂ ଅନ୍ୟ କେହି ଆସିଗଲେ ଫୋନ୍‌ରେ ଏ ସଂପର୍କୀୟ ଆଲୋଚନା ଚାହାନ୍ତି ନାହିଁ।

ଦୁଇଦିନ ପର୍ଯ୍ୟନ୍ତ ତାଙ୍କର ଫୋନ୍ ଆସିନାହିଁ।

ତୃତୀୟ ଦିନ ଆସିଲା। ସମ୍ଭବତଃ ତାଙ୍କୁ ଦୁଇଦିନ ଧରି ସୁଯୋଗ ମିଳିନଥିଲା। ଫୋନ୍ ବାଜିଲା, ଫୋନ୍ ପାଖରେ ମୁଁ ଥିଲି। ଫୋନ୍‌କୁ ଚାହିଁ ଦେଖିଲି ଭଦ୍ର ମହିଳାଙ୍କ ନମ୍ବର ଦିଶୁଚି।

ଫୋନ୍ ଉଠାଇଲି।

କହିଲେ: ଆପଣ ନିଶ୍ଚୟ ଜାଣି ପାରୁଥିବେ, ମୁଁ କିଏ କହୁଚି।

ମୁଁ କହିଲି: ମୋର ଫୋନ୍‌ରେ କଲ୍ ଆଇଡ଼େଣ୍ଟିଫିକେସନ୍‌ର ବ୍ୟବସ୍ଥା ଅଛି। ଯୋଉଥିରୁ ମୁଁ ଜାଣିପାରୁଛି ଆପଣଙ୍କ ଫୋନ୍ ନମ୍ବର ଏବଂ ଏକଥା ବି ଜାଣିପାରୁଛି ଯେ ଅନ୍ତତଃ ଦୁଇଥର ଯା ପୂର୍ବରୁ ମୋତେ ଫୋନ୍ ଲଗାଇ କିଛି କିଛି ସମୟ ବ୍ୟୟ କରିଥିବା ଭଦ୍ର ମହିଳା ଏବେ ଫୋନ୍ ଲଗାଉଛନ୍ତି। ମାତ୍ର ମୁଁ ନାଚାର। ମୁଁ ଏ ପର୍ଯ୍ୟନ୍ତ ବି ଜାଣେନା ଆପଣ କିଏ? ଟେଲିଫୋନ୍ ନମ୍ବରରୁ ନାମ ବା ପରିଚୟ ଜାଣିବାର

ସୂକ୍ଷ୍ମକଳା ମତେ ଜଣା ନାହିଁ।

ଭଦ୍ର ମହିଳା କହିଲେ: ତାହା ମୋତେ ମଧ୍ୟ ଜଣା ନାହିଁ, ଜଣାଥିଲେ ଅନ୍ତତଃ ମୁଁ ବାରମ୍ବାର ଫୋନ୍ କରୁନଥାନ୍ତି।

ମୁଁ କହିଲି: ଠିକ୍ ଅଛି। ଏବେ କୁହନ୍ତୁ। ଆପଣ କଣ ଚାହାନ୍ତି।

ସେ କହିଲେ: ଆପଣ ଜାଣନ୍ତି, ମୁଁ କଣ ଚାହେଁ। ତଥାପି କାମଟା ଯେତେବେଳେ ମୋର ପୁଣି ଥରେ କହିବାରେ ମୋର କ୍ଷୋଭ ନାହିଁ। ମୁଁ ଜାଣିବାକୁ ଚାହେଁ ଏଇ ଫୋନ୍ ନମ୍ବରଟି କାହାର ?

ମୁଁ କହିଲା: ଆପଣ ଟେଲିଫୋନ୍ ଏକ୍ସଚେଞ୍ଜରୁ ବୁଝିପାରନ୍ତେ।

ସେ କହିଲେ : ଚେଷ୍ଟା କରିଥିଲି। ବିଫଳ ହେଲି। ଏକେତ ଆପଣଙ୍କ ସହର ଭିନ୍ନ। ଦ୍ୱିତୀୟରେ ଏକ୍ସଚେଞ୍ଜ୍‌ରୁ ସହଯୋଗ ମିଳୁନି, ମୋତେ କ'ଣ କୁହାଗଲା ଜାଣନ୍ତି ?

:କଣ ?

:କୁହାଗଲା ଏଇ ନମ୍ବରଟି କାହାରିକି ଦିଆଯାଇ ନାହିଁ।

:ସେଟା ଯାନ୍ତ୍ରିକ ତ୍ରୁଟୀ। ଆପଣ ଧୈର୍ଯ୍ୟ ହରାନ୍ତୁନି। ଚେଷ୍ଟା କରନ୍ତୁ।

:ମୋର ଆଉ ଧୈର୍ଯ୍ୟ ନାହିଁ। ଆପଣଙ୍କୁ ତ କହିଚି ମୋର ଖରାପ ପ୍ରକୃତି ବିଷୟରେ। ଅସଲରେ ମୁଁ ଆଉ ରାତିରେ ଶୋଇପାରୁନି।

:ତେବେ ତ ମାମଲାଟା ସିରିୟସ୍ ଅଛି।

:ଆପଣ ବୁଝି ପାରୁଛନ୍ତି ନିଶ୍ଚୟ। ପ୍ଲିଜ୍! ସାହାଯ୍ୟ କରନ୍ତୁନା!

ମୁଁ କହିଲି: କିନ୍ତୁ ଆପଣ କାହିଁକି ଏ ପ୍ରକାର ତଥ୍ୟ ହାସଲ କରିବାକୁ ଚାହାନ୍ତି, ନ ଜାଣିବା ପର୍ଯ୍ୟନ୍ତ ମୁଁ ସାହାଯ୍ୟ କରିପାରିବିନି। ସେଟା ମୋର ପ୍ରକୃତି ବିରୁଦ୍ଧ। ଏ ଫୋନ୍‌ଟା ଜଣକ ନାମରେ ଅଛି। ଆଉ ଜଣକ ଘରେ ଲାଗିଛି। ଏବଂ ତୃତୀୟ ବ୍ୟକ୍ତି ଜଣେ ବ୍ୟବହାର କରୁଛନ୍ତି ଏବଂ ଚତୁର୍ଥ ବ୍ୟକ୍ତି ହେଉଚି ମୁଁ ଯିଏ କି ଫୋନ୍‌ଟା ଟେକି ଧରିଛି। ଏତେ ଗୁଡ଼ାଏ ଲୋକଙ୍କୁ ବିବାଦ ଘେରକୁ ଟାଣିଆଣିବା ପୂର୍ବରୁ ଆମକୁ ଜାଣିବାକୁ ହେବ ମାମଲାଟା କ'ଣ ?

ଭଦ୍ର ମହିଳା କିଛି ସମୟ ଚୁପ୍ ରହିଲେ। ସମ୍ଭବତଃ ସେ ତଉଲି ନେଲେ ତାଙ୍କର ଉଦ୍ଦେଶ୍ୟଟିକୁ ବ୍ୟକ୍ତ କରିବେ କି ନା ? ଅବଶେଷରେ ସେ ବୋଧହୁଏ ସ୍ଥିର କରିନେଲେ ଉଦ୍ଦେଶ୍ୟଟିକୁ ଜଣାଇବେ ଏବଂ ଏହି ରକମର କହିଲେ।

କହିଲେ: ଏଇ ମାସର ଫୋନ୍ ବିଲ୍ ପାଇଲା ପରେ ପ୍ରକୃତରେ ମୋ' ଆଖିରୁ ନିଦ ଉଡ଼ିଯାଇଛି। ଦେଖୁଚି ଯେ ଏଇ ନମ୍ବରରେ ସର୍ବାଧିକ ଥର କଲ୍ କରାଯାଇଛି । ମୁଁ ତ ଫୋନ୍ କରିନାହିଁ। ତେବେ କିଏ କରିଛି ? ଅତଏବ ମୋର ସ୍ୱାମୀ ହିଁ କରିଛନ୍ତି। ଦେଖନ୍ତୁ! ମୋର ସ୍ୱାମୀ ସେମିତି କିଛି ଖରାପ ଲୋକ ନୁହନ୍ତି । କିନ୍ତୁ ତାଙ୍କର ଟିକେ ଦୋଷ ଅଛି। ଆପଣ ନିଶ୍ଚୟ ବୁଝିପାରୁଥିବେ। ମୋର ସବୁ କଥା ବୁଝାଇବା ଦରକାର ନାହିଁ। ତେବେ ସେଇଦିନଠୁ ମୋର ମାନସିକ ଅଶାନ୍ତି ଟିକେ ବଢ଼ିଯାଇଛି। ମୁଁ ପ୍ରାୟ ରାତିରେ ଶୋଇପାରୁ ନାହିଁ, ତେଣୁ ମୁଁ ଜାଣିବାକୁ ଚାହିଁଥିଲି ନମ୍ବରଟା କାହାର ? ଏବଂ ମୋର ସ୍ୱାମୀ କ'ଣ ପାଇଁ ଏଇ ନମ୍ବରକୁ ବାରମ୍ବାର ଡ଼ାଏଲ୍ କରନ୍ତି। ଦେଖନ୍ତୁ। ଆମର ସୁଖଶାନ୍ତିର ସଂସାର। ମୁଁ ମୋ ସ୍ୱାମୀଙ୍କୁ ସନ୍ଦେହ କରୁନି। କିନ୍ତୁ କେଜାଣି କାହିଁକି ମୋର ମନେ ହେଉଛି ସେ ମୋତେ ଆଉ ସେତେ ଭଲ ପାଉନାହାନ୍ତି। କେଉଁ ଜଣେ ଅଦୃଶ୍ୟନାରୀ ସହ ତାଙ୍କର ସଂପର୍କ ବଢ଼ିବାରେ ଲାଗିଛି ଓ ମୁଁ ତା'ର ଟେର୍ ପାଉନାହିଁ। ମୁଁ ନିଜ ଭିତରେ ଖୁବ୍ ଅଧୈର୍ଯ୍ୟ, ଅସ୍ଥିର ଓ ବିଚଳିତ ହୋଇପଡୁଛି। ବିଲ୍‌ଟା ପାଇଲା ପରେ ମୋର ମନେହେଲା ମୋତେ ଯେମିତି ଗୋଟେ ସୂତ୍ର ମିଳିଯାଇଛି ଏବଂ ମୁଁ ଏଇ ସୂତ୍ରକୁ ଆଧାର କରି ପହଞ୍ଚିପାରିବି ସେଇ ଠିକଣାରେ। ଟେଲିଫୋନ୍ ଏକ୍ସଚେଞ୍ଜକୁ ଫୋନ୍ କରି ବିଫଳ ହେଲା ପରେ ମନଟା ପୁରା ଭାଙ୍ଗି ଯାଇଥିଲା। ତାପରେ ସିଧାସଳଖ ଏଇ ନମ୍ବରରେ ଲଗାଇଲି।

ଭଦ୍ର ମହିଳା ହୁଏତ ଆଉ କିଛି କହିଥାଆନ୍ତେ, ତାଙ୍କ ବିକଳ ମାନସିକ ଅବସ୍ଥାର ଚିତ୍ର ଆଙ୍କିଥାଆନ୍ତେ। କିନ୍ତୁ ମୁଁ ବାଧା ଦେଲି।

କହିଲି: ଆପଣ ପ୍ରଥମରୁ ସେଇ କଥା କହୁନାହାନ୍ତି କିଆଁ ?

ସେ କହିଲେ: କାହିଁକି କ'ଣ ହେଲା ?

ମୁଁ କହିଲି: ଅସଲରେ ଏଟା ହେଉଛି ଗୋଟେ ମାନସିକ ଚିକିତ୍ସାଳୟର ଫୋନ୍ ନମ୍ବର। ମୁଁ ହେଉଛି ସେଇ ଚିକିତ୍ସାଳୟର ଦରୱାନ୍! ଆପଣ ପ୍ରାୟତଃ ଅଫ ଆୱାରରେ ଫୋନ୍ କରୁଛନ୍ତି। ତେଣୁ ମୋତେ ହିଁ ଫୋନ୍ ଉଠାଇବାକୁ ପଡୁଛି। ଯେଉଁ ଯେଉଁ ଭଦ୍ର ମହିଳାଙ୍କର ମୁଣ୍ଡ ଖରାପ ହୋଇଯାଇଛି, ସେମାନଙ୍କ ଅସହାୟ ପତିମାନେ ଏଇ ଫୋନ୍‌ରେ ପରାମର୍ଶ ନିଅନ୍ତି। ମୋର ବିଶ୍ୱାସ ଆପଣ ଏବେ ଆଶ୍ୱସ୍ତ ହେବେ। ଧନ୍ୟବାଦ!

ଏତିକି କହି ମୁଁ ଫୋନ୍ ରଖିଦେଲି।

ଆଶ୍ଚର୍ଯ୍ୟ ! ଭଦ୍ର ମହିଳା ଆଉ ଫୋନ୍ କଲେ ନାହିଁ । ସମ୍ଭବତଃ ସେ ସନ୍ଦେହର ଠିକଣା ପାଇ ସାରି ମାନସିକ ଶାନ୍ତିରେ କାଳାତିପାତ କରୁଛନ୍ତି ।

ତେବେ କିଛିଦିନ ପରେ ପୁଣି ଅଚାନକ ଫୋନ୍ ବାଜି ଉଠିଲା । ଅଚାନକ ଏଇଥି ପାଇଁ ଯେ ଫୋନ୍ ପାଖରେ ମୁଁ ଥିଲି । ରିସିଭର୍ ଉଠାଇବା ପୂର୍ବରୁ ଫୋନ୍ କରିଥିବା ନମ୍ବରଟା ପରଖି ନେଲି ଓ ଆଶ୍ଚର୍ଯ୍ୟ ହେଲି ଯେ ନମ୍ବରଟା ଭଦ୍ର ମହିଳାଙ୍କର । ପୁଣି କ'ଣ ଅସୁବିଧା ହେଲା ? ମୋର ଉତ୍ତରରେ ମାସାଧିକ କାଳ ସନ୍ତୁଷ୍ଟ ରହିବା ପରେ ପୁଣି ସନ୍ଦେହ ପ୍ରବେଶ କଲା କୋଉବାଟେ । ଫୋନ୍ ଉଠାଇଲି ।

ନା ! ଭଦ୍ର ମହିଳା ନୁହନ୍ତି । ଏଥରକ ଥିଲେ ଜଣେ ଭଦ୍ର ଲୋକ । ଅନୁମାନ କରାଯାଇପାରେ, ଏ ଭଦ୍ର ମହିଳାଙ୍କ ପତିଦେବ ।

ତାଙ୍କ ସହିତ ଆଲୋଚନା, ଉତ୍ତର ପ୍ରତ୍ୟୁତ୍ତରରୁ ଯାହା ଜଣାଗଲା ତା'ର ସାରମର୍ମ ନିମ୍ନମତେ ।

ଭଦ୍ରବ୍ୟକ୍ତି କହିଲେ ଯେ: ଦୟାକରି ଜଣାଇପାରିବେ କି ଏଇ ଫୋନ୍ ନମ୍ବରଟି କାହାର ? ପ୍ଲିଜ୍ ! କିଛି ଭୁଲ୍ ବୁଝିବେନି । ଟେଲିଫୋନ୍ ବିଲ୍ ଦେଖି ଜାଣୁଛି ଯେ ଏଇ ନମ୍ବରରେ ଆମ ଘରୁ ସର୍ବାଧିକ କଲ୍ କରାଯାଇଛି । ମୁଁ ତ କରିନାହିଁ, ତେବେ କରିଛନ୍ତି ମୋର ପତ୍ନୀ । ତେଣୁ ମୁଁ ଜାଣିବାକୁ ଚାହେଁ, ଏଇ ନମ୍ବରଟି କାହାର ଓ ମୋର ପତ୍ନୀ କାହିଁକି ଏଇ ନମ୍ବରରେ ବାରମ୍ବାର ଫୋନ୍ କରୁଛନ୍ତି । ନା ! ନା ! ମୁଁ ମୋର ପତ୍ନୀଙ୍କୁ ସନ୍ଦେହ କରୁନାହିଁ । କିନ୍ତୁ ସତକଥାଟା ହେଲା-ତାଙ୍କର ଟିକେ ଦୋଷ ଅଛି । ଆପଣ ନିଶ୍ଚୟ ବୁଝିପାରୁଥିବେ । ଏଇ ନମ୍ବରଟା କାହାର ଜାଣିବା ମୋ ପକ୍ଷରେ ନିହାତି ଜରୁରୀ । ଟେଲିଫୋନ୍ ଏକ୍ସଚେଞ୍ଜରୁ କିଛି ଭଲ ସହଯୋଗ ମିଳୁନାହିଁ । ଆପଣ ଯଦି ସାହାଯ୍ୟ କରନ୍ତେ ତେବେ ମୋର ସନ୍ଦେହ ଲାଘବ ହୁଅନ୍ତା ଏବଂ ମୁଁ ରାତିରେ ଶାନ୍ତିରେ ଶୋଇପାରନ୍ତି ।

ମୁଁ କହିଲି: ଧନ୍ୟବାଦ ! ଏଟା ହେଉଛି ବିବାହ ବିଚ୍ଛେଦ ପରାମର୍ଶ କେନ୍ଦ୍ରର ଫୋନ୍ ନମ୍ବର । ଏଇଠି ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ପରାମର୍ଶ କେନ୍ଦ୍ର ଖୋଲା ହୋଇଛି । ଯେଉଁ ଯେଉଁ ମହିଳାମାନେ ବିବାହ ବିଚ୍ଛେଦ ପାଇଁ ଆଗ୍ରହ ପ୍ରକାଶ କରନ୍ତି, ସେମାନଙ୍କୁ ଏଠାରେ ଆଇନଗତ ସହାୟତା ଓ ପରାମର୍ଶ ଯୋଗାଇ ଦିଆଯାଏ ।

ଭଦ୍ର ବ୍ୟକ୍ତି ''ଓଃ'' ବୋଲି କହିଲେ ଓ ଧନ୍ୟବାଦ ଜଣେଇ ଫୋନ୍ ରଖିଦେଲେ ।

ତେବେ ଏଇ ଘଟଣାର କିଛିଦିନ ପରେ ଟେଲିଫୋନ୍ କଲସବୁ ମେମୋରୀରୁ ପରଖୁ ପରଖୁ ପତ୍ନୀ ପଚାରି ଉଠିଲେ।

:ଆଛା ! ଏଇ ନମ୍ବରଟି କାହାର କହିଲ ? ତୁମ ପାଖକୁ ସବୁଠୁ ବେଶୀ ଫୋନ୍ ଏଇ ନମ୍ବରରୁ ଆସିଛି। କାହାର ଏ ନମ୍ବର ?

ମୁଁ ଗୋଟାଏ ଫାଙ୍କା ଦୃଷ୍ଟିରେ ପତ୍ନୀଙ୍କ ଆଡ଼କୁ ଚାହିଁ ରହିଲି।

# ରାଜଧାନୀରେ ଅନ୍ଧ, ମୂକ, ବଧୀର

ଅନ୍ଧ ପଚାରିଲା: ଆଜ୍ଞା ! ଏଠାରେ କଣ ହେଉଛି ।

ଉତ୍ତର ମିଳିଲା: କାଇଁକି, ତୁ ଅନ୍ଧ କି ! ଦେଖି ପାରୁନୁ ଏଠି କଣ ହେଉଚି ?

ଅନ୍ଧ ଅତ୍ୟନ୍ତ ନମ୍ରତାର ସହିତ କହିଲା : ହଁ ଆଜ୍ଞା ! ମୁଁ ଜଣେ ଅନ୍ଧ । ଦେଖିପାରେ ନାହିଁ। ଦେଖିପାରୁନାହିଁ ବୋଲି ତ ପଚାରୁଚି ?

ଉତ୍ତର ମିଳିଲା: ଦେଖି ଯଦି ନ ପାରୁଚୁ, ଭଲ କରିଚୁ, ତୋର ଦେଖିବା ଦରକାର ନାହିଁ !

ଅନ୍ଧ ଟିକେ କ୍ଷୁବ୍ଧ ହେଲା । ଆହତ ହେଲା । କାରଣ ଉତ୍ତର ଗୁଡ଼ିକ ବେଶ ଶାଣିତ ଓ ଆଘାତପ୍ରଦ ଥିଲା। ଯେମିତି ଉତ୍ତରଦାତାର ଭଦ୍ରାମୀ ବୋଲି କିଛି ନାହିଁ। ବୁଦ୍ଧି ବିବେକ ନାଇଁ। କିମ୍ବା ହୃଦୟ ବୋଲି କିଛି ନାହିଁ।

ଅନ୍ଧ ବୁଝାଇବାକୁ ଚେଷ୍ଟା କଲା: ଦେଖିବା ଦରକାର ନାହିଁ କାହିଁକି ? ଆମେ ତ ପୁଣି ଏ ଦେଶର ନାଗରିକ। ହକ ଇନକମ ଟ୍ୟାକ୍ସ, ରୋଡ୍ ଟ୍ୟାକ୍ସ, ପାଣି ଟ୍ୟାକ୍ସ ନିୟମିତି ଦେଇ ଆସୁଛୁ। ସରକାରଙ୍କ ନୀତିନିୟମ ଆଇନ କାନୁନ ସବୁ ଆମେ ସୁଚାରୁରୂପେ ମାନି ଆସୁଚୁ। ଆମରି ପଇସାରେ ଏ ଦେଶ ଚାଲୁଛି । ଆମର ଦେଖିବାର ଅଧିକାର ନାହିଁ କାହିଁକି ?

ଉତ୍ତରଦାତା ଟିକେ ଶଙ୍କି ଗଲା। ଅନ୍ଧ ହେଲେ କଣ ହେଲା ଲୋକଟାର ବୁଦ୍ଧିବୃତ୍ତି ଅଛି। ମାନେ ଲୋକଟା ଟିକେ ବୁଦ୍ଧିଜୀବୀ ସଂପ୍ରଦାୟର। ଭଲ ଭାଷଣ ଦେଇପାରେ। ଭଲ ଯୁକ୍ତି କରିପାରେ। ଭଲ ତତ୍ତ୍ୱ ଶୁଣେଇପାରେ। ମାତ୍ର ଅନ୍ଧ।

କହିଲା: ଇନକମ ଟ୍ୟାକ୍ସ, ପାଣି ଟ୍ୟାକ୍ସ ନିୟମିତି ଦେଇ ଆସୁଚ ତ କଣଟା ବେହାଲ ହେଇଗଲା। ନୀତିନିୟମ ଆଇନ କାନୁନ ସବୁ ମାନି ଆସୁଚ ତ କଣ ବଡ଼ କାମଟା କରି ପକେଇଲ। ଟ୍ୟାକ୍ସ ତମେ ଦେବାକୁ ବାଧ୍ୟ। ନଦେଲେ ତୁମେ ରହିପାରିବନି। ଠିକ୍‌ଭାବରେ ଚଳିବା ତୁମର ନିୟତି। ସେଇପାଇଁ ଗର୍ବ କରିବାର

ଆବଶ୍ୟକତା ନାହିଁ। ତୁମେ ଯେ ଆଇନ ମାନି ଚଳୁଛ ତାର କାରଣ ଆଇନ ଭାଙ୍ଗିବା ଭଳି ତାକତ ବା ଧୂର୍ତ୍ତବୁଦ୍ଧି ତୁମର ନାହିଁ।

ଉତ୍ତରଦାତାର ଯୁକ୍ତିରେ ଅନ୍ଧ ଟିକେ ବିସ୍ମିତ ହେଲା।

କହିଲା: ତା ମାନେ ତୁମେ କହିବାକୁ ଚାହୁଁଛ ଆଇନ କାନୁନ ନୀତିନିୟମ ସବୁ ଭାଙ୍ଗି ପକେଇବା ଉଚିତ୍। ଟ୍ୟାକ୍ସ ଫାକ୍ସ ସବୁ ଫାଙ୍କି ପକେଇବା ଉଚିତ୍!

ଉତ୍ତରଦାତା ମୃଦୁ ହସିଲା

କହିଲା: ତୁମେ ଏବେ ପ୍ରାୟ ସବୁ ବୁଝିବା ଅବସ୍ଥାକୁ ଆସିଗଲଣି। ଠିକ୍! ତାହା ହିଁ ଠିକ୍! ଆଇନ କାନୁନ ସବୁ ଭାଙ୍ଗି ପକେଇବା ଉଚିତ୍! ଟଙ୍କା ପଇସା ସବୁ ଲୁଟ୍ କରିବା ଉଚିତ୍!

ଅନ୍ଧ ସତର୍କ ବାଣୀ ଶୁଣାଇବା ପରି କହିଲା: ସେ ପରି ହେଲେ ଏ ଦେଶର ଅବସ୍ଥା କଣ ହେବ, ଭାବି ପାରୁଚ? ସବୁ ଗୋଳମାଳ ହେଇଯିବ। ସବୁ ଭାଙ୍ଗିରୁଟି ଛିନ୍ନଛତ୍ର ହେଇଯିବ।

ଉତ୍ତରଦାତା ଯଥେଷ୍ଟ ଆତ୍ମବିଶ୍ୱାସର ସହିତ କହିଲା: ଭାଙ୍ଗି ଯାଉ। କଣ କ୍ଷତିଟା ହେଇଗଲା? ଆମେ ଏବେ ଆଉ କଣ କରୁଚୁ କି? ସେଇ ଭଙ୍ଗାରୁଜା କାମଟା ଚଳଉଚୁ ପରା। ଲୁଟ୍ କରୁଚୁ ପରା।

ଅନ୍ଧ ଚିତ୍କାର କରିଉଠିଲା: କଣ ହେଲା? ତୁମେ ଲୁଟତରାଜ କରୁଛ! ଦେଶକୁ ଭ୍ରଷ୍ଟ କରୁଛ? ଧ୍ୱଂସ କରୁଛ?

ଅନ୍ଧ ସିନା ଦେଖି ପାରୁ ନଥିଲା। କିନ୍ତୁ ଶୁଣିପାରୁଥିଲା ବିଚିତ୍ର ଶବ୍ଦ ସବୁ। କୋଳାହଳ ଓ ଆର୍ତ୍ତନାଦ। ମନେ ହେଉଥିଲା ସାମ୍ନାରେ କଣ ଗୋଟାଏ ହେବାରେ ଲାଗିଛି। କିଛି ଲୋକ ଆନନ୍ଦରେ କୋଳାହଳ କରୁଥିଲେ। କିଛି ଲୋକ ମରଣାନ୍ତକ ଆର୍ତ୍ତନାଦ କରୁଥିଲେ। ମାତ୍ର ଅନ୍ଧ ଅନୁମାନ କରିପାରୁନଥିଲା ପ୍ରକୃତରେ କଣ କେମିତି ଦୃଶ୍ୟଟି ଘଟିଯାଉଛି! ତେବେ ନିଃସନ୍ଦେହରେ କିଏ କଣ ବୋହି ନେଇ ଯାଉଥିଲା ଯେମିତି। କିଏ କଣ ନିଲାମ ଡ଼ାକି ଯାଉଥିଲା ଯେମିତି। କିଏ ଗୁଡ଼ାଏ ଚିତ୍କାର କରି କରି ମରିଯାଉଥିଲେ ଯେମିତି।

ଅନ୍ଧ ଚିତ୍କାର କରିବାରେ ଲାଗିଲା: କଣ ଚାଲିଛି ଏ ସବୁ? କଣ ଚାଲିଛି?

ଉତ୍ତର ଦାତା ବିରକ୍ତିର ସହ ମୁହଁ ଛିଞ୍ଚାଡ଼ି କହିଲା: କାହିଁକି ମିଛଟାରେ ପାଟିଟାଏ କରୁଛ କିହୋ! ଯାଅ! ଚୁପ୍‌ଚାପ୍ ଘରେ ବସ। ଆଇନ କାନୁନ ମାନି ଚଳ। ରାସ୍ତାର

ବାମପଟେ ଯାଅ। ଟ୍ରାଫିକ କନଷ୍ଟେବଲର ନିର୍ଦ୍ଦେଶ ମାନ। ଶହେ ଚଉରାଳିଶ ଧାରା ଜାରି ହେଲେ ଘରେ କବାଟ କିଳି ରୁହ। ଇଲେକ୍ଟ୍ରୀ ଦର ବୃଦ୍ଧି ହେଲେ ଚୁପ୍‌ଚାପ୍ ବିଲ୍ ପଇଠକର, ରସିଦ୍ ନେଇଯାଅ।। ଆଳୁଦର ବଢ଼ିଲେ ବିନା ମୂଲଚାଲରେ ଅଧକେଜିଏ ଆଳୁ କିଣି ଘରକୁ ଯାଅ ଓ ତରକାରୀ କରି ଖାଅ। ପାଞ୍ଚ ବର୍ଷରେ ଥରେ ଭୋଟ ଦିଅ ଓ ଚୁପ୍‌ଚାପ୍ ଘରେ ବସି ଟିଭି ଦେଖ।

ଅନ୍ଧ କହିଲା: ତୁମେ ଆମ କ୍ଷମତା କଥା ଜାଣିନ ବୋଧେ। ଆମେ ଚାହିଁଲେ ତୁମକୁ ଗାଦିଚ୍ୟୁତ କରିପାରୁ। ଆମେ ଏ ଦେଶର ସଚେତନ ନାଗରିକ।

ଉତ୍ତରଦାତା କହିଲା: ଆମେ ଗାଦିଚ୍ୟୁତ ହେଲେ ଆମ ଭାଇ ଗାଦିନସୀନ ହେବ। ନୋହିଲେ ତା ଭାଇ ଗାଦିନସୀନ ହେବ। କିନ୍ତୁ ଆମେ ଲୁଟ୍ କରିବା କଥା କରିବୁ। ତୁମେ ନିୟମ ମାନି ଚଳିବା କଥା ଚଳିବ। ତୁମେ ଟ୍ୟାକ୍ସ ଭରିବ। ଆମେ ସାରିବୁ।

ଅନ୍ଧ ଏଥର ଯୁକ୍ତି କରିବାକୁ କିଛି ପାଉ ନଥିଲା। ତା ହାତରୁ ଯେମିତି ଖସି ଯାଇଥିଲା ଆଶାବାଡ଼ି। କୋଉଠି କେମିତି ପଡ଼ିଥିଲା ତାର ପତ୍ତା ତା ପାଖରେ ନଥିଲା। ସେ ଆସ୍ତେ ଆସ୍ତେ ନିସ୍ତେଜ ଓ ହତପ୍ରଭ ଦେଖାଗଲା। ଅସହାୟ ସ୍ୱରରେ କହିଲା: କାରଣ ?

ଉତ୍ତରଦାତା ହସିଲା। ବେଶ ଉଚ୍ଚସ୍ୱରରେ ହସିଲା। କହିଲା: କାରଣ ତୁମେ ଅନ୍ଧ। ଆଉ ତୁମେ ଯଦି ଅନ୍ଧ ହେଇ ନଥାନ୍ତ ଆମେ ତମକୁ ଅନ୍ଧ କରିଦେଇଥାଆନ୍ତୁ। ଈଶ୍ୱରଙ୍କୁ ଶତ ଧନ୍ୟବାଦ ଦିଅ ଯେ ସେ ତୁମକୁ ଅନ୍ଧ କରିଛନ୍ତି।

ବଧୀର ପଚାରିଲା: ଆଜ୍ଞା ! ଏଠାରେ କଣ ହେଉଛି ?

ଉତ୍ତର ମିଳିଲା: କାଇଁକି ? ତୁ ନିଜେ ଦେଖୁନୁ ! ବଲ ବଲ କରିତ ଅନେଇଛୁ ! ଦେଖ !

ବଧୀର ତ ସହଜେ ବଧୀର ହିଁ ଥିଲା। ଉତ୍ତରଦାତାର ମନ୍ତବ୍ୟ ତାର କାନର ସୀମା ଡେ଼ଇଁ ପାରିଲା ନାହିଁ। ସେ ସ୍ପଷ୍ଟ ଭାବରେ ଅନୁମାନ କରିପାରିଲା ନାହିଁ ଉତ୍ତରଦାତାର ବକ୍ତବ୍ୟ। କହିଲା: ଚାଖ ! କଣ ଚାଖିବି ଆଜ୍ଞା !

ଉତ୍ତରଦାତା ବଧୀର ଆଡ଼କୁ ନିରେଖିଲା। ଶଳାଟା କାଲାଟେ କି ? 'ଦେଖ୍' କହିଲେ ଚାଖ୍ ବୋଲି ଶୁଣୁଚି। ଭଲ ଲୋକଟେ ଭଳି ତ ଚାହୁଁଛି। ସଳଖ ସୁନ୍ଦର

ଭେଣ୍ଡିଆଟିଏ। କହିଲା: ତୁମେ କଣ କାଲା !

ବଧୀର କହିଲା: ମୋତେ ଶାଲା ବୋଲି ଗାଳି ଦେଉଛନ୍ତି କାହିଁକି ଆଜ୍ଞା ! ମୁଁ ଆପଣଙ୍କର କି କ୍ଷତି କରିଛି।

ଲୋକଟା ନିଶ୍ଚିତ ହୋଇଗଲା, ଅଲବତ ଗୋଟାଏ ବଧୀର ହାବୁଡ଼ରେ ସେ ପଡ଼ିଛି। ସେ ଆପଣାର କାନ ଆଡ଼କୁ ଇଙ୍ଗିତ କରି ଉଚ୍ଚଗଳାରେ କହିଲା: ତୁମେ କଣ ଟିକେ କମ ଶୁଣିପାର !

ବଧୀର ଟିକେ ହସିଲା। ଲାଜୁଆ ହସ। କହିଲା: ଆଜ୍ଞା ହଁ ! ମୁଁ ଟିକେ କମ ଶୁଣିପାରେ। ମୋତେ ଟିକେ ବଡ଼ପାଟିରେ ସବୁକଥା ବୁଝାଇଦେଲେ ବୁଝିପାରନ୍ତି।

ଉତ୍ତରଦାତା ଏଣିକି ବଡ଼ ପାଟିରେ କଥା କହିବା ଆରମ୍ଭ କଲା। କହିଲା: ତୁମେ କଣ ବୁଝିବାକୁ ଚାହୁଁଛ ?

ବଧୀର କହିଲା: ଏଠାରେ କଣ ଚାଲିଛି ?

ଉତ୍ତରଦାତା କହିଲା:ବୁଝିକି ତୁମର ଲାଭ ?

ବଧୀର କହିଲା: ବଧୀର ହେଲୁ ବୋଲି କଣ ଆମେ ଏ ଦେଶର ନାଗରିକ ନୋହୁଁ। ଆମର ପୁଣି ଏ ଦେଶରେ ଅଧିକାର ଅଛି ନା ନାଇଁ। ଆମେ ପୁଣି ସବୁକଥା ଜାଣିବା ଦରକାର ନା ନାଇଁ।

ଉତ୍ତରଦାତା ରୁକ୍ଷଗଳାରେ କହିଲା: ଅଧିକାର କେବଳ କଲମରେ ଅଛି। ସମ୍ବିଧାନରେ ଅଛି। ଭାଷଣରେ ଅଛି। କିନ୍ତୁ ପ୍ରକୃତରେ ତମର କୌଣସି ଅଧିକାର ନାହିଁ।

ବଧୀର ଅସହାୟ ଦିଶିଲା। ତାର ଗୋଟେ ବଡ଼ ଅହଙ୍କାର ଭାଙ୍ଗିଗଲା ଭଳି ସେ ମନେ କରୁଥିଲା। କାରଣ ସେ ଦୀର୍ଘଦିନ ଧରି ନିଜକୁ ସ୍ୱାଧୀନ ଦେଶର ମହାଶକ୍ତିଶାଳୀ ନାଗରିକ ବୋଲି ଭାବି ଆସିଥିଲା। ମାତ୍ର ଏବେ ଏ ଲୋକଟା ଏମିତି କଣ କହୁଚି ? ପଚାରିଲା: ଏ ଦେଶରେ ଏବେ ଗଣତନ୍ତ୍ର ଅଛି ଟି ?

:ଅଛି !

:ପାଞ୍ଚ ବର୍ଷରେ ଥରେ ଭୋଟ ହଉଚି ଟି ?

::ହଉଛି ।

:ଆମର ଭିତରୁ ଲୋକ ପ୍ରତିନିଧି ବଛା ହଉଛନ୍ତି ଟି ?

:ହଉଛନ୍ତି !

:ତେବେ ଆମର ଅଧିକାର ନାହିଁ ବୋଲି କାହିଁକି କହୁଚ ?

:କାରଣ ଯୋଉମାନେ ଲୋକପ୍ରତିନିଧି ହେଇ ଯାଉଛନ୍ତି ସେମାନେ ଆଉ ତୁମ କାମ କରୁନାହାନ୍ତି।

:କାହା କାମ କରୁଛନ୍ତି।

:ନିଜ କାମ !

:କଣ ନିଜ କାମ ?

:ଦେଶକୁ ଲୁଟ କରିବା।

ବଧୀର ମୁଣ୍ଡରେ ହାତ ଦେଇଦେଲା। ହେ ଭଗବାନ ! ଏଠି ଏ ସବୁ କଣ ଏମିତି ହେଇ ଯାଉଛି। ଏ ସ୍ୱାଧୀନ ଦେଶର ଏ କି ପ୍ରକାର ଅବସ୍ଥା ହେଇଯାଇଛି। କଣ କାହିଁକି ଏମିତି ଓଲଟପାଲଟ ହେଇଗଲା। ସବୁ ତ ଠିକ୍ ଅଛି। ପୁଣି ସବୁ ଭୁଲ୍ ହେଇଯାଉଛି କାହିଁକି ? କଣ କୋଉଠି ଘଟି ଯାଉଛି କିଛି ବୁଝା ପଡୁନାହିଁ।

ସେ ଅସହାୟ ସ୍ୱରରେ ପଚାରିଲା: ଆମେ ତାହାହେଲେ କଣ କରିବୁ ?

ଉତ୍ତରଦାତା କହିଲା: ଚୁପ୍ ରହିବ। ସବୁ ଦେଖିବ। ସବୁ ଶୁଣିବ। କିନ୍ତୁ ଚୁପ୍ ରହିବ। ପାଟି ଖୋଲିଲେ ବିପଦ।

ବଧୀର ସ୍ୱଗତୋକ୍ତି କଲା: ମୁଁ ସବୁ ଦେଖି ପାରୁଛି। କିନ୍ତୁ କିଛି ଶୁଣିପାରୁ ନାହିଁ। ମୁଁ ଯେ ବଧୀର।

ଉତ୍ତରଦାତା କହିଲା: ଭଲ ହେଇଚି !

ବଧୀର ଆଉ କିଛି ପଚାରିବାର ସାହସ ସଞ୍ଚୟ କରି ପାରୁ ନଥିଲା। କିନ୍ତୁ ତା ଆଖି ସାମ୍ନାରେ ଯେଉଁ ବିଚିତ୍ର ଓ ରହସ୍ୟମୟ ଦୃଶ୍ୟ ସଂଘଟିତ ହେବାରେ ଲାଗିଥିଲା ତାର କୌତୁହଳ କ୍ରମଶଃ ବଢ଼ିବାରେ ଲାଗିଥିଲା। ସେ ଇଚ୍ଛାକରି ମଧ୍ୟ ଦୃଶ୍ୟଟିରୁ ଆଖି ଫେରାଇ ନେଇ ପାରୁନଥିଲା କିମ୍ବା ନିଜକୁ ସମ୍ଭାଳି ପାରୁନଥିଲା।

ବଧୀର କହିଲା,ଦୟନୀୟ ସ୍ୱରରେ: ଭାଇ ! ମୋତେ ଯଦି ଟିକିଏ ବଡ଼ ପାଟିରେ ସବୁ କଥା ବୁଝାଇ ଦିଅନ୍ତ, ତେବେ ତୁମର ବଡ଼ ଉପକାର ହୁଅନ୍ତା।

ଉତ୍ତରଦାତା ଉଚ୍ଚ ସ୍ୱରରେ କହିଲା: ସବୁ ଜାଣିକି ତୁମର ନିଜର କୌଣସି ଉପକାର ହେବ ନାହିଁ। ମୁଁ ଜାଣେ। ତା ଛଡ଼ା ମୋର କଣ ଉପକାର ହେବ ?

ବଧୀର କହିଲା: ଈଶ୍ୱର ତୁମର ମଙ୍ଗଳ କରନ୍ତେ।

ଉତ୍ତରଦାତା ହୋ ହୋ ହସିଲା। କହିଲା: ଈଶ୍ୱର ଆଉ ଅଛନ୍ତି କୋଉଠି ?

ସେ ପରା ମଲେଣି କୋଉକାଳୁ। ସେ ନ ମରିଥିଲେ ଆମେମାନେ ବଞ୍ଚିଥାଆନ୍ତୁ କିପରି ?

ବଧୀର ବିଚଳିତ ହୋଇଗଲା। ଈଶ୍ୱର ମଲେଣି କୋଉକାଳୁ? ସେ ମନ୍ଦିର ଆଡ଼କୁ ଚାହିଁଲା। ଦୂରରେ ଥିଲା ଗୋଟେ ମନ୍ଦିର। ମନ୍ଦିର ଶୀର୍ଷରେ ଫର ଫର ହେଉ ଉଡୁଥିଲା ବାନା। ମନ୍ଦିରକୁ ଲୋକମାନେ ଦଳ ଦଳ ହେଇ ପ୍ରବେଶ କରୁଥିଲେ। ମନ୍ଦିର ସାମ୍ନାରେ ଦୀପ ଓ ଫୁଲମାଳ ବିକ୍ରୀ ଚାଲିଥିଲା। ଭୋଗ ସାମଗ୍ରୀର ବିପଣୀ ଖୋଲାଥିଲା। ତେବେ ଈଶ୍ୱରଙ୍କ ମୃତ୍ୟୁ ଘୋଷଣା କଲାଭଳି ସ୍ପର୍ଦ୍ଧା ଓ ଗର୍ବ ବହନ କରିପାରୁଥିବା ଏଇ ଲୋକମାନେ କିଏ? ଏମାନେ କଣ ମଣିଷ ନୁହନ୍ତି ?

ସାମ୍ନାରେ ଦୃଶ୍ୟଟି ଥିଲା ରହସ୍ୟମୟ।

ଟଙ୍କାର ପାହାଡ଼ଟିଏ ଗଦା ହେଇଥିଲା। ଟଙ୍କା ପାହାଡ଼ ଉପରେ ବସିଥିଲେ କିଛି ଖଦଡ଼ ପିନ୍ଧା ଲୋକ। କିଛି ଲୋକ ଆସି ସାମ୍ନାରେ ମୁଣ୍ଡ ଝୁଙ୍କାଇ କୁର୍ଣ୍ଣୀସ କରୁଥିଲେ ଓ ଟଙ୍କା ଅଜାଡ଼ି ଦେଇ ଯାଉଥିଲେ। ଟଙ୍କା ଗଦା ତଳେ ଚାପି ହେଇ କେତେଜଣ ସାଧାରଣ ଲୋକ ବିକୃତ ମୁଖଭଙ୍ଗୀ କରୁଥିଲେ। ସେମାନେ କିଛି କହୁଥିଲେ ମାତ୍ର ତାହା ଦୂରକୁ ଶୁଣାଯାଉ ନଥିଲା ଏବଂ ସମୁଦାୟ ଦୃଶ୍ୟଟି ଜମା ବୁଝା ପଡୁନଥିଲା।

ସେ ପଚାରିଲା: ଭାଇ! ମୋତେ ଟିକେ କୁହ! ଏଠାରେ କଣ ଚାଲିଛି। ମୁଁ ଜମା ବୁଝି ପାରୁନାହିଁ। ଲୋକମାନେ କଣ କଥାବାର୍ତ୍ତା କରୁଛନ୍ତି ? ମୁଁ ଶୁଣିପାରୁ ନାହିଁ। ଟଙ୍କା ଗଦା ତଳେ କିଛି ଲୋକ ପାଟି କରୁଛନ୍ତି ବୋଧେ। ସାହାଯ୍ୟ ମାଗୁଛନ୍ତି ବୋଧେ। କିଛି ଶୁଣାଯାଉ ନାହିଁ। ମୁଁ ଏତେ ଟଙ୍କା ବି ଜୀବନରେ କେବେ ଦେଖିନାହିଁ। ଇଏ ସବୁ କଣ ହଉଚି ଟିକେ କୁହ।

ଉତ୍ତରଦାତା ଉଚ୍ଚ କଣ୍ଠରେ କହିଲା: ତୁମେ ଯେ କିଛି ଶୁଣିପାରୁନ ଭଲ ହେଇଚି। ଭଗବାନଙ୍କୁ ଶତ ଧନ୍ୟବାଦ ଦିଅ ଯେ ସେ ତୁମକୁ ବଧୀର କରିଛନ୍ତି। ସଂସାରର ଅନେକ କଥା ତୁମକୁ ଶୁଣିବାକୁ ସୁଯୋଗ ଦେଇ ନାହାନ୍ତି। ଯଦି ଏ ସୁଯୋଗ ତୁମକୁ ଦିଆଯାଇଥାନ୍ତା ତେବେ ଆମେ ବାଧ୍ୟ ହେଇ ତୁମର କାନକୁ ଫୁଟାଇ ଦେଇଥାନ୍ତୁ।

ମୂକ କିନ୍ତୁ ଦୃଶ୍ୟଟିକୁ ଠିକ୍ ଦେଖି ପାରୁଥିଲା। ସେମାନଙ୍କ କଥୋପକଥନ ଶୁଣିପାରୁଥିଲା। ଅତଏବ ସମୁଦାୟ କାର୍ଯ୍ୟଟିକୁ ବୁଝି ପାରୁଥିଲା। ସେ ସବୁ ବୁଝି ପାରିଲା ଓ ତାର ରକ୍ତ ଗରମ ହେଇ ଆସିଲା। ତା ଦେହରେ କ୍ରୋଧ ଓ ବିଦ୍ରୋହ

ଲହଡ଼ୀ ମାରିବାରେ ଲାଗିଲେ। ତାର ଆଖି ଲାଲ ଦେଖାଗଲା। ରକ୍ତବାହୀ ଶିରା ପ୍ରଶିରା ମାନେ ଟାଣି ହେଇ ଆସିଲେ। ସେ ଚିତ୍କାର କରି ପାରିଲା ନାହିଁ। ମୁହଁ ଖୋଲି ପାରିଲା ନାହିଁ କାରଣ ସେ ଥିଲା ଗୋଟିଏ ମୂକ । ବାକ୍ ଶକ୍ତି ବିହୀନ ଅସହାୟ ମଣିଷଟେ।

ଏବଂ ସେ ମୂକ ହୋଇଥିଲା ଅନେକ ଦିନରୁ।

# ଦୁର୍ଘଟଣା

(ଦୁର୍ଘଟଣା, ସବୁବେଳେ ଦୁର୍ଘଟଣା। ଆଉ ଦୁର୍ଘଟଣାର ପରବର୍ତ୍ତୀ ଅବସ୍ଥା ପାଇଁ ଡ଼ାକ୍ତରଖାନା ଅଛି। ଏମିତି କଥା କେଇପଦ କହିଥିଲା ମାମି। ମାମି ସହ ସାକ୍ଷାତ ହୋଇଥିଲା ଏକ ଅନୁସନ୍ଧାନ ଭିତରେ। ଯେତେବେଳେ ସେର୍‌ଲକ ହୋମ୍‌ସ ଭୂମିକାରେ ମୁଁ ଥିଲି ଆଉ ଡ଼ଃ. ୱାଟସନ୍ ଭୂମିକାରେ ଥିଲା ବନ୍ଧୁ ଯୋଗିଆ।)

ଦୁର୍ଘଟଣା ଘଟିଥିଲା ଖୁବ୍ ସାଧାରଣ ଭାବରେ।

ସାଇକେଲଟା ଫିଙ୍ଗି ହୋଇଯାଇଥିଲା ଦୁଇ ମିଟର ଦୂରକୁ। ଲୋକଟା ମୁହଁମାଡ଼ି ପଡ଼ି ଯାଇଥିଲା। ରାସ୍ତାରେ ଟ୍ରାଫିକ୍ ଆଦୌ ଜାମ୍ ନଥିଲା। ରାସ୍ତା ଉପରେ ନଥିଲା କିଛି ଖମା ବା ଖାଲ। ରାସ୍ତାଧାରରେ ମଧ୍ୟ ମାଟି ସରିଯାଇ ନଥିଲା। ନିକଟ ଅତୀତର କୌଣସି ବର୍ଷାଜଳକୁ ଛାତିରେ ବୋହି କାଦୁଅ ହୋଇ ନଥିଲା ରାସ୍ତା ଧାରର ମାଟି। ସାଇକେଲର ଟାୟାର ବି ସରିଯାଇ ପାକୁଆ ହୋଇଯାଇନଥିଲା।

ଅଥଚ ଦୁର୍ଘଟଣା ଘଟିଥିଲା

କିନ୍ତୁ କେମିତି ?

ମୁଁ ଲୋକଟାକୁ ଡ଼ାକ୍ତରଖାନାରେ ଭେଟିଥିଲି।

ପଚାରିଲି-ଆପଣଙ୍କର ମନେ ପଡୁଚି କିଛି ?

ଲୋକଟି ଉତ୍ତର ଦେଇଥିଲା-ନା !

-କେମିତି ଆକ୍ସିଡ଼େଣ୍ଟ ହୋଇଥିବ ବୋଲି ଆପଣ ଅନୁମାନ କରୁଛନ୍ତି ?

ଲୋକଟି କହିଥିଲା-ମୋର କିଛି ବି ମନେପଡୁନି। ଚେତା ଆସିଲାବେଳକୁ ଦେଖିଲି, ମତେ ଲୋକମାନେ ଉଠଉଛନ୍ତି। ସାଇକେଲ ଖଣ୍ଡେ ଦୂରରେ ପଡ଼ିଛି।

-ତା'ମାନେ ଆପଣଙ୍କର ଚେତାବି ହଜିଯାଇଥିଲା ?

ଉତ୍ତର ଦେଲା-ବୋଧହୁଏ ସେଇଆ !

ଲୋକଟାର ଚେତା ହଜିଯାଇଥିଲା। ତା'ମାନେ କିଛିଟା ସିରିୟସ୍ ଆକ୍ସିଡ଼େଣ୍ଟ

ହବାକଥା । କିନ୍ତୁ ଲୋକଟି ସେମିତି ବେଶି ଆଘାତ ପାଇ ନଥିଲା। ଗୋଟାଏ ଦିନ ଡ଼ାକ୍ତରଖାନାରେ ରଖାଯିବାପରେ ତାକୁ ଛାଡ଼ି ଦିଆଯାଇଥିଲା।

ମୁଁ ଚିକିତ୍ସା କରୁଥିବା ଡ଼ାକ୍ତରଙ୍କୁ ଭେଟିଥିଲି।

ପଚାରିଲି-ଲୋକଟାର ବ୍ଲଡ଼୍ ପ୍ରେସର ନାହିଁତ?

ଡ଼ାକ୍ତର କହିଲେ-ମୁଁ ମାପିଥିଲି, ନର୍ମାଲ ଅଛି।

ପଚାରିଲି-କିଛି ବାତ ଫାତ ବେମାରୀ!

ଡ଼ାକ୍ତର କହିଲେ-ନା!

କହିଲି-ତେବେ ଲୋକଟାର ଚେତା ଦୁର୍ଘଟଣା ଆଗରୁ ଯାଇଚି ନା ପଛରେ ଯାଇଚି। ମୁଁ ଯାହା ଜାଣୁଚି, ଯଦି ଦୁର୍ଘଟଣା ପୂର୍ବରୁ ଯାଇଚି ସେ ଦୁର୍ଘଟଣା ସଂପର୍କରେ କିଛି ଜାଣେ ନାହିଁ। ଏଇ ଚେତା ହରେଇ ବସିବାଟା ତା'ର ଶାରୀରିକ ଦୌର୍ବଲ୍ୟ। ଯଦି ଦୁର୍ଘଟଣା ପରେ ଯାଇଚି, ତେବେ ସେ ଦୁର୍ଘଟଣା ସଂପର୍କରେ ସବୁ ଜାଣେ, ମାତ୍ର କହିବାକୁ ଚାହେଁନାହିଁ। ଚେତା ହରେଇବାଟା ଦୁର୍ଘଟଣାର ନତିଜା ହୋଇପାରେ।

ଡ଼ାକ୍ତର ହସିଲେ, କହିଲେ-ଆପଣଙ୍କ ଅନୁଶୀଳନ ପୂରାପୂରି ଠିକ୍ । କିନ୍ତୁ ମୋର ମନେହୁଏ ଲୋକଟାର ଚେତା ଆଦୌ ହଜିଯାଇନଥିଲା। ତେବେ ସେଇ ନିର୍ଦ୍ଦିଷ୍ଟ ଜାଗାରେ ଅନ୍ୟ କୌଣସି କାରଣରୁ ଦୁର୍ଘଟଣା ହଉଚି। ଏଇ ଲୋକଟିକୁ ମିଶେଇ ମୋ ପାଖକୁ ବାର ଜଣ ଆସି ସାରିଲେଣି।

ମୁଁ ଘଟଣା ସ୍ଥଳରେ ପହଞ୍ଚିଲି। ରାସ୍ତା ପୂରାପୂରି ସମତଳ। ଏମିତିକି ପିଚୁର ଆସ୍ତରଣକୁ ଡ଼େଇଁ ସାମାନ୍ୟ ଗୋଡ଼ିଟିଏ ବି ଉଦ୍ଧତ ହୋଇ ଠିଆ ହୋଇନି। ସାଇଡ଼୍ର ମାଟି ପିଚୁ ରାସ୍ତା ସହ ଏକା ସମତଳରେ ଅଛି। ବର୍ଷା ବା ସମୟ ସେଠି କୌଣସି ବିକୃତ ଦାଗ ରଖିଦେଇ ଯାଇନାହିଁ। ରାସ୍ତାର ଡ଼ାହାଣପଟେ ଖୋଲାପଡ଼ିଆ। ରାସ୍ତା ବେଶ୍ ଆଲୋକିତ। ବାଁପଟେ ଅନେକ ଘରର ଲମ୍ବା ଧାଡ଼ି। ଏମିତି ଗୋଟେ ଜାଗାରେ ଦୁର୍ଘଟଣା? ତା'ପୁଣି କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଇ?

ମୁଁ ସ୍ଥାନୀୟ ଗୋଟେ ଛୁଆକୁ ପାଖକୁ ଡ଼ାକିଲି।

ପଚାରିଲି-କିରେ! ତୁ ଜାଣିଚୁ ଏଠି କାହିଁକି ସାଇକେଲ ପଡ଼ିଯାଇଚି।

ସେ ଭୟରେ ସଂତ୍ରସ୍ତ ହୋଇ ଚାହିଁଲା। ତା'ଆଖି ବଡ଼ ବଡ଼ ହେଇଗଲା। ସେ ଯେମିତି ଖୁବ୍ ଡ଼ରିଯାଇଛି।

ଅନୁସନ୍ଧାନର ଇଏ ମଧ୍ୟ ଗୋଟେ ବାଟ। ଯୋଉକଥା ବଡ଼ମାନଙ୍କୁ ପଚାରିଲେ

ଜଣାପଡ଼େ ନାହିଁ, ତାକୁ ଛୋଟ ଛୁଆମାନେ କହିପାରନ୍ତି। ତା'ଛଡ଼ା ଛୋଟ ଛୁଆମାନଙ୍କ ଅର୍ନ୍ତଦୃଷ୍ଟି ବଡ଼ ତୀକ୍ଷ୍ଣ। ସେମାନେ ଅନେକ ଛୋଟ ଛୋଟ କଥାକୁ ଲକ୍ଷ୍ୟ କରିଥାଆନ୍ତି। ଯାହା ବେଳେ ବେଳେ ଖୁବ୍ କାମରେ ଆସେ।

ମୁଁ ମୁଣ୍ଡରେ ଟୋପିକୁ ସାମାନ୍ୟ ଟେକି, ଚୁରୁଟ୍‌ରେ ଟିକେ ଧୂଆଁ ଛାଡ଼ି, ଦିଗ୍‌ବଳୟ ଆଡ଼କୁ ରୁଲ୍‌ବାଡ଼ିର ଇସାରା କରି ମୋର ହୋମ୍‌ସୀୟ ପୋଜ୍ ନେଲି।

ଛୁଆଟା ଧୀରେ ଧୀରେ କହିଲା-ଏଠି ଗୋଟେ ଭୂତ ଅଛି ଆଜ୍ଞା! ସିଏ ସାଇକେଲ ବାଲାଙ୍କୁ ମାଡ଼ିବସୁଚି।

ମୁଁ ପଚାରିଲି-ଭୂତ କୋଉପଟୁ ଆସୁଚି।

ସାଇଡ଼୍‌ର ଗୋଟେ ଘରଆଡ଼କୁ ସେ ହାତର ଇଶାରା ଦେଲା।

ତା'ପରେ ଦୌଡ଼ି ଦୌଡ଼ି ଚାଲିଗଲା।

ସେ ଆଉ ଅଧିକ କିଛି ଜାଣେନାହିଁ।

କିନ୍ତୁ ଭୂତର ଦ୍ୱାହିଦେଇ ଅନୁସନ୍ଧାନକୁ ଏଇଠି ଅପ୍ରତ୍ୟାଶିତ ଭାବରେ ଅଧା ରଖିଯିବାକୁ ମୋର ଇଚ୍ଛା ହେଲାନାହିଁ। ସ୍ୱଷ୍ଟ ଦିବାଲୋକରେ ଭୂତ କୋଉଠୁ ଆସିବ। ହିସାବରୁ ଯାହା ଜଣାପଡୁଛ ସର୍ବମୋଟ୍ ବାରଟା ଦୁର୍ଘଟଣା ଘଟିଛି। ସବୁଯାକ ଦୁର୍ଘଟଣା ଘଟୁଛି ସକାଳ ସାଢ଼େନଅଟା ପରେ। ସ୍ୱଷ୍ଟ ଦିନର ଆଲୁଅରେ। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହଉଚି ଦୁର୍ଘଟଣାଗ୍ରସ୍ତ ଲୋକମାନେ ଜାଣନ୍ତି ନାହିଁ ଦୁର୍ଘଟଣା କାହିଁକି ଓ କିପରି ହେଉଛି।

ଜାଗାଟାର ଡ଼ାହାଣପଟେ ଥିଲା ଖୋଲା ପଡ଼ିଆ। ବାଁପଟେ ଏକା ସାଇଜ୍‌ର ଧାଡ଼ି ଧାଡ଼ି ଘର। ଏଇ ବାଁପଟ ଘରଗୁଡ଼ାକରେ କ'ଣ କିଛି ରହସ୍ୟ ଲୁଚି ରହିଚି। ପିଲାଟା ଯୋଉ ଘରଆଡ଼କୁ ଇସାରା ଦେଇଥିଲା, ତାହା ଥିଲା ନିକଟତମ ଘର। ମୁଁ ସେଇ ଘରର କଲିଂବେଲ୍ ଚିପିଲି।

ଜଣେ ଭଦ୍ରମହିଳା ଦର୍ଜା ଖୋଲିଲେ। ମୋତେ ଦେଖିବା ମାତ୍ରେ ଗୋଟାଏ ଚିତ୍କାର କଲେ। ପରେ ପରେ ଧଡ଼କରି ଦୁଆର ବନ୍ଦ କରିଦେଲେ। ଅନୁମାନ କରାଯାଇପାରେ, ସେ ଘରେ କେହି ପୁରୁଷଲୋକ ନାହାନ୍ତି। ସମୟ ମଧ୍ୟାହ୍ନ, ତେଣୁ ଗୃହକର୍ତ୍ତା ଅଫିସ୍ ବା କର୍ମକ୍ଷେତ୍ରରେ। ପିଲାମାନେ ସ୍କୁଲରେ ଥାଇପାରନ୍ତି। ଭଦ୍ରମହିଳା ଖୁବ୍ ଡ଼ରକୁଳୀ। ସେ ଭୟ ଓ ଶଙ୍କାରେ ସାରା ଦ୍ୱିପ୍ରହର କଟାନ୍ତି। ତେଣୁ ମୋତେ ଦେଖି ଆତଙ୍କିତ ହୋଇ ପଡ଼ିଛନ୍ତି।

ମୁଁ ପୁଣିଥରେ କଲିଂବେଲ ଚିପିଲି ।

କିଛି ସମୟର ବ୍ୟବଧାନ ପରେ ଦର୍ଜା ପୁଣିଥରେ ଖୋଲିଲା । ଖୋଲିଲେ ଜଣେ ତରୁଣୀ । ପିନ୍ଧିଥିଲେ ଗାଢ଼ କଳା ରଙ୍ଗର ଗୋଟାଏ ଲମ୍ବା ଗାଉନ୍ । ପଚାରିଲେ- କ'ଣ ଚାହାନ୍ତି ?

ମୁଁ ଟୋପି ସାମାନ୍ୟ ଉପରକୁ ଟେକିଦେଲି । ଟିକେ ନଇଁପଡ଼ିଲି । ସମ୍ମାନ ଜଣେଇଲି । ପକେଟରୁ କାର୍ଡ଼ କାଢ଼ି ତାଙ୍କ ହାତକୁ ବଢ଼େଇଦେଲି ।

ସମ୍ଭ୍ରମତାର ସହ କହିଲି-ମୋର ବିଶ୍ୱାସ ଆପଣ ମୋ କାର୍ଡ଼ ପଢ଼ି ପାରୁଛନ୍ତି । ମୁଁ ଗୋଟାଏ ଇନ୍‌ଭେଷ୍ଟିଗେସନ୍ କାମରେ ଆପଣଙ୍କ ସାହାଯ୍ୟ ଚାହୁଁଛି । ମୋର ଆଶା ଆପଣ ନିଶ୍ଚୟ ସାହାଯ୍ୟ କରିବେ ।

ଯୁବତୀଙ୍କ ମୁହଁରୁ ପ୍ରଶ୍ନବାଚୀର ଚିହ୍ନ ହଜିଗଲା । ଆଶ୍ୱସ୍ତିର ଲହରୀ ଖେଳିଗଲା । ସେ ମୋର ଆପାଦମସ୍ତକ ଦୃଷ୍ଟି ବୁଲାଇଗଲେ ।

ମୋ ମୁଣ୍ଡରେ କଳାଟୋପି ଅଛି । ହାତରେ ଛୋଟ ବାଡ଼ି ଚକ୍ରାକାରରେ ଘୂରିବାରେ ଲାଗିଛି । ଓଠ ଫାଙ୍କରେ ଚାପିହୋଇ ରହିଚି ଚୁରୁଟ୍ । ଲମ୍ବା କୋଟର ପକେଟରେ ଗୋଟାଏ ହାତ ବୁଡ଼ିଯାଇଛି । ଯିଏ ନିୟମିତ ଡ଼ିଟେକ୍ଟିଭ ପଢ଼ନ୍ତି ସେ ନିଶ୍ଚୟ ଅନୁମାନ କରିପାରିବେ ଯେ ସେଇ ହାତ ସଜାଗ ହୋଇ ଚାପିହେଇ ରହିଛି ଗୋଟାଏ ଲୋଡ଼େଡ଼୍ ରିଭଲଭର ଉପରେ ।

ପଚାରିଲେ-ଏଇଠି ଅନୁସନ୍ଧାନ ହବ ?

ମୁଁ କହିଲି-ମୁଁ ଟିକିଏ ଆପଣଙ୍କ ଘର ଭିତରଟା ଦେଖି ନେବାକୁ ଚାହେଁ । ମୋର ଅନୁମାନ ଆପଣ କୌଣସି ଆପତ୍ତି କରିବେ ନାହିଁ ।

ତରୁଣୀ ଦର୍ଜା ସମ୍ପୂର୍ଣ୍ଣ ଖୋଲିଦେଲେ ।

କହିଲେ-ଭିତରକୁ ଆସନ୍ତୁ ।

ମୁଁ ମୋର ଚିରାଚରିତ ଚାଲିରେ ଭିତରକୁ ପଶିଗଲି ।

ସାମାନ୍ୟ ଦୂରରେ ଅବଗୁଣ୍ଠନବତୀ ହୋଇ ଠିଆ ରହିଥିଲେ ବୟସ୍କା ମହିଳା ଜଣକ । ଯିଏ ଏଇ ତରୁଣୀଙ୍କ ମାଆ ହୋଇ ପାରନ୍ତି । ତରୁଣୀଙ୍କୁ ସେ ଅସ୍ପଷ୍ଟ ସ୍ୱରରେ ଡ଼ାକିଲେ, ମାମି !

ତରୁଣୀଙ୍କ ନାମ ତା'ହେଲେ ମାମି ।

ମାମି ମାଆଙ୍କ ପାଖକୁ ଗଲେ ।

ମାଆ ଅସ୍ପଷ୍ଟ ସ୍ୱରରେ ପଚାରିଲେ, ଲୋକଟା କିଛି ଚୋର ତସ୍କର ନୁହେଁ ତ !

ମାମି କହିଲେ-ତୁ ଏତେ ଡ଼ରୁଚୁ କାହିଁକି। ତୁ ତ ଜମା ଡ଼ିଟେକ୍ଟିଭ୍ ପଢ଼ିନୁ। ଜାଣିବୁ କେମିତି ?

ମୁଁ ଘର ଭିତରକୁ ପଶି ଯାଉଥିଲି। ଲଜ୍ଜାବତୀ ମାଆ ଗୋଟାଏ ରୁମ୍ ଭିତରକୁ ପଶିଗଲେ। ମାମି କହିଲେ-ଆପଣ କୋଉ ବିଷୟରେ ଅନୁସନ୍ଧାନ କରୁଛନ୍ତି କହିଲେନି ତ !

ମୁଁ ଚୁରୁଟରେ କଳେ ଧୂଆଁ ଛାଡ଼ି ଦେଲି।

କହିଲି-ଗୋଟାଏ ଦୁର୍ଘଟଣା ସମ୍ପର୍କରେ। ଦୁର୍ଘଟଣାଟା ଆପଣଙ୍କ ଘର ସାମନା ରାସ୍ତାରେ ହଉଚି।

ମାମି ହସି ପକେଇଲେ।

କହିଲେ-ଦୁର୍ଘଟଣା ସବୁବେଳେ ଦୁର୍ଘଟଣା ମହାଶୟ ! ସେଥିପାଇଁ କିଛି କାରଣ ବା ଯୁକ୍ତି ନ ଥାଏ। ତେବେ ଦୁର୍ଘଟଣା ପରର ବ୍ୟବସ୍ଥା ପାଇଁ ଡ଼ାକ୍ତରଖାନା ନିଶ୍ଚୟ ଥାଏ।

ମୋର ଅନୁମାନ ପାଖାପାଖି ଠିକ୍ ଥିଲା। ଗୃହକର୍ତ୍ତା ଚାକିରୀ କରନ୍ତି। ସକାଳ ନଅଟାରେ ଖାଇଦେଇ ଅଫିସ୍ ଚାଲିଯାଆନ୍ତି। ସ୍କୁଲ ଗୋଇଂ ପିଲାମାନଙ୍କ ସଂଖ୍ୟା ତିନି। ସେମାନେ ମଧ୍ୟ ଫେରନ୍ତି ସନ୍ଧ୍ୟାରେ। ଘରେ ରହନ୍ତି ମା' ଏବଂ ଝିଅ ଦୁଇ ଜଣ। ଝିଅ ଅପ୍‌ଷ୍ଟେୟାର୍‌ରେ ରହେ। ସେଠି ଥିବା ସିଙ୍ଗଲ ରୁମ୍‌ଟା ତା'ର ପଢ଼ାଘର। ସେ ଚାରିଥର ମାଟ୍ରିକ୍ ଫେଲ୍ ହୋଇ ସାରିଚି। ମାତ୍ର ଧୈର୍ଯ୍ୟ ବା ଆଶା ଛାଡ଼ି ନାହିଁ।

ମୁଁ ପଚାରିଲି-ଆପଣଙ୍କ ରୁମ୍‌ରେ କ'ଣ ଗୋଟେ ବଡ଼ ଦର୍ପଣ ଅଛି ?

ମାମି କହିଲେ-ହଁ।

ମୁଁ ପଚାରିଲି-ସେଇଟା ପୂର୍ବଦିଗକୁ ମୁହଁକରି ଲଟକା ଯାଇଛି।

ମାମି କହିଲେ-ହଁ।

ମୁଁ ପଚାରିଲି-ପୂର୍ବଦିଗରେ ଘରର କବାଟ ଓ ଝର୍କା ଅଛି।

ମାମି କହିଲେ-ଠିକ୍ ! କିନ୍ତୁ ଆପଣ କେମିତି ଜାଣିଲେ ?

ମୁଁ କହିଲି-ଏଇଟା ମୋର ଅନୁଶୀଳନ। ମୋର ମନେ ହୁଏ ଆପଣ ଦର୍ପଣରେ ନିଜକୁ ଭଲଭାବରେ ଦେଖିପାରନ୍ତି ନାହିଁ। କାରଣ ଆଲୋକ ଆପଣଙ୍କ ପଛପଟୁ ଆସି ପଡ଼େ। ସେଥିପାଇଁ ଆପଣଙ୍କ ମୁହଁରେ ପାଉଡ଼ର ଠିକ୍ ଭାବରେ ଖେଳେଇ ହୋଇପାରି

ନାହିଁ। ଆପଣଙ୍କ ମୁଣ୍ଡର ସୁନ୍ଥା ମଧ୍ୟ ଠିକ୍ ସରଳରେଖା ପରି ହୋଇପାରିନାହିଁ।

ମାମି ଆଶ୍ଚର୍ଯ୍ୟ ହେଲେ-ପୂରାପୂରି ଠିକ୍ ଆଜ୍ଞା! ମୁଁ ଅନେକ ଥର ଭାବିଚି ଦର୍ପଣଟା ସେଠୁ ଘୁଞ୍ଚେଇ ଦବାକୁ। କିନ୍ତୁ...।

ମୋର ହଠାତ୍ ମନେହେଲା ଯେମିତି ରାସ୍ତା ଦୁର୍ଘଟଣାର ସବୁ ରହସ୍ୟ ଏଇ ଦର୍ପଣ ଭିତରେ ହିଁ ଅଛି। ଖୁବ୍ ସମ୍ଭବ ଦର୍ପଣର ପ୍ରତିଫଳିତ ରଶ୍ମି ରାସ୍ତା ଉପରେ ପଡ଼େ। ଯାହା ଯେକେହି ସାଇକେଲ ଆରୋହୀର ଆଖିକୁ ଝଲସାଇଦେବାକୁ ଯଥେଷ୍ଟ।

ମୁଁ ଏଥର ଦର୍ପଣଟାକୁ ଦେଖିବାକୁ ଚାହେଁ। ଏଥର ରହସ୍ୟର ଘନ କୁହୁଡ଼ି ଅପସରିଯିବ।

ମୁଁ କହିଲି-ଚାଲନ୍ତୁ! ଆପଣଙ୍କ ରୁମ୍‌କୁ ଯିବା।

ଆମେ ସିଡ଼ିରେ ଚଢ଼ିବା ପୂର୍ବରୁ ଗୃହକର୍ତ୍ତୀ, ଯେ ଆବଶ୍ୟକତାଠୁ ଅଧିକ ଲଜ୍ଜାଶୀଳା ମନେ ହେଉଥିଲେ ଓ କବାଟକୋଣରେ ଲୁଚି ରହିବା ଅଧିକ ଯୁକ୍ତିଯୁକ୍ତ ମନେ କରୁଥିଲେ, ସାମାନ୍ୟ ବାହାରକୁ ବାହାରି ଆସିଲେ।

ଡ଼ାକ ଦେଲେ-ମାମି!

ତାଙ୍କର ସେଇ ଡ଼ାକ ଭିତରେ ଥିବା କିଛି ଅଶ୍ୱସ୍ତି, କିଛି ଶାସନ କରିବାର ଭାବ, କିଛି ଆଦେଶର ବ୍ୟଞ୍ଜନା। ଯେମିତି ସେ ମୋର ଉପସ୍ଥିତିକୁ ଉଚିତ୍ ମନେ କରିପାରୁ ନାହାନ୍ତି। ଯେମିତି କି ସେ ମୋର ଉପସ୍ଥିତିରେ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଛନ୍ତି।

କିନ୍ତୁ ମାମି ତାଙ୍କର ନିର୍ଦ୍ଦେଶକୁ ଏଡ଼େଇଗଲା।

ସଂକୀର୍ଣ୍ଣ ସିଡ଼ିରେ ମତେ ଅନୁସରଣ କଲା ଓ କହିଲା-ସିଏ କିଛି ଜାଣେନା ସାର୍! ଆପଣ ତା'କଥା ଶୁଣନ୍ତୁନି। ସେ ଜମା ଡ଼ିଟେକ୍ଟିଭ ପଢ଼ିନି। ମୁଁ ପଢ଼ିଚି, ମତେ ଭାରି ଭଲ ଲାଗେ ବି।

ମୋ ହାତରେ ସମୟ କମ୍ ଥିଲା। ରହସ୍ୟର ସନ୍ଧାନ ପାଇଗଲେ ମୁଁ ପାଗଳ ଭଳି ହୋଇଯାଏ। ତେଣୁ ସିଡ଼ିରେ ଧାଇଁ ଧାଇଁ ମୁଁ ଉପରକୁ ଉଠିଗଲି।

କିନ୍ତୁ ଅପ୍‌ଷ୍ଟେୟାରର ରୁମ୍‌ରେ ପହଞ୍ଚି ମୁଁ ହତାଶ ହେଇଗଲି।

ସେଠାରେ ଖୁବ୍ ଗୋଟେ ବଡ଼ ବେଲଜିୟମ ମିରର୍ ଥିଲା ସତ। ସେ ମିରର୍ ପୂର୍ବଦିଗକୁ ମୁହଁ କରିଥିଲା ସତ। ପୂର୍ବ ଦିଗରେ କବାଟ ଥିଲା ସତ। କିନ୍ତୁ ମିରର୍ ଏମିତି ଜାଗାରେ ଥିଲା ଯେ ସେଥିରେ ସିଧାସଳଖ ସୂର୍ଯ୍ୟକିରଣ ପଡ଼ିବାର ସମ୍ଭାବନା

ଇ ନ ଥିଲା।

ମୋ ମୁଣ୍ଡ ପୁଣି ଗୋଳମାଳ ହୋଇଗଲା।

ବାରମ୍ବାର ମାଟ୍ରିକ୍ ପରୀକ୍ଷାର ଯୁଦ୍ଧକ୍ଷେତ୍ରରୁ ଆହତ ହୋଇ ପୃଷ୍ଠଭଙ୍ଗ ଦେଉଥିବା ସେଇ ଧୈର୍ଯ୍ୟଶୀଳ ଆତ୍ମା ମାମି ପଚାରିଲେ-ଆପଣଙ୍କୁ ଏ କାମରେ କେହି ନିଯୁକ୍ତ କରିଛି ନା ଆପଣ ମନକୁ ମନ ଲାଗିଛନ୍ତି।

ମୁଁ ସେତେବେଳକୁ ରାସ୍ତାର ଦୁର୍ଘଟଣା ସ୍ଥାନ, ସେଠୁ ଏଇ ଘରର ଦୂରତା, ଏଇ ଘରର କେଉଁ କେଉଁ ଅଂଶ ରାସ୍ତାକୁ ଦେଖାଯାଇପାରେ ତା'ର ଏକ ଆନୁମାନିକ ହିସାବ ଚଳାଇଥାଏ।

କହିଲି-ନା! ମୋତେ କେହି ଏଥିପାଇଁ ଲଗେଇ ନାହାନ୍ତି। ଜଣେ କର୍ତ୍ତବ୍ୟ ସଚେତନ ନାଗରିକ ଭାବରେ ମୁଁ ଏଇ କେଶ୍ ହାତକୁ ନେଇଛି।

ମାମି କମେଣ୍ଟ୍ ଦେଲେ-ଅଯଥା!

ମୋର ମନେ ହେଲା ଏଇ ତରୁଣୀ ଦୁର୍ଘଟଣାର କାରଣ ମଧ୍ୟ ହୋଇ ପାରନ୍ତି। ଡ଼ିଟେକ୍ଟିଭ୍ ହେଲେ ଯେକୌଣସି ଲୋକକୁ ବି ସନ୍ଦେହ କରାଯାଇପାରେ। ତେବେ ଝିଅଟା ବୁଦ୍ଧିମତୀ ଓ ଚାଲାକ ମନେ ହେଉଛି।

ପଚାରିଲି-ଲୋକମାନେ ଦୁର୍ଘଟଣାରେ ପଡ଼ି ଖଣ୍ଡିଆ ଖାବରା ହେଲେ ଆପଣଙ୍କୁ କେମିତି ଲାଗେ।

କହିଲେ-ଖୁବ୍ ମଜା ଲାଗେ।

:ଆକ୍ସିଡ଼େଣ୍ଟ ହେଲାପରେ ଆପଣଙ୍କ ବାଲକୋନିକୁ ଯାଇ ନିଶ୍ଚୟ ମଜା ଦେଖୁଥିବେ।

:ନା!

:କାହିଁକି ?

:ବାଲକୋନୀକୁ ନ ଯିବା ପାଇଁ ମାଆଙ୍କର ହୁକୁମ ଅଛି।

ମାମିଙ୍କର ଏଇ କୈଫିୟତ କେମିତି ଖାପଛଡ଼ା ଲାଗିଲା। ଯାହାକୁ ଦୁର୍ଘଟଣାଗ୍ରସ୍ତ ଲୋକ ଦେଖିବାକୁ ମଜାଲାଗେ ସେ ବାଲକୋନୀକୁ ଯାଇ ତାହା ଦେଖିପାରେ ନାହିଁ କାହିଁକି ?

ମାମି କହିଲା-ଆପଣ କ'ଣ ସତରେ ଜଣେ ଡ଼ିଟେକ୍ଟିଭ୍।

ମୁଁ କହିଲି-ଆପଣଙ୍କର ସନ୍ଦେହ ହଉଚି ?

:କିନ୍ତୁ ଆପଣ ମତେ ପ୍ରଶ୍ନ ପଚାରୁ ନାହାନ୍ତି କାହିଁକି ? କି ପ୍ରଶ୍ନ ?

:ଆପଣ ପରା ଡ଼ିଟେକ୍ଟିଭ୍। ଡ଼ିଟେକ୍ଟିଭ୍‌ମାନେ ବହୁତ ପ୍ରଶ୍ନ ପଚାରିବା କଥା। ମୁଁ ବହିରେ ପଢ଼ିଛି।

:କେମିତି ?

:ମନେ କରନ୍ତୁ ମର୍ଡ଼ର ହୋଇଯାଇଛି। ସବୁ ଚାକର ପୂଜାରୀଙ୍କୁ ଧାଡ଼ିକରି ଠିଆ କରିଦେବ। ଜଣଜଣ କରି ପଚାରିବ। ତୁମ ନାଁ କ'ଣ ? ଏଠି କେତେ ଦିନ ହେଲା କାମ କରୁଛ ? ବାବୁଙ୍କୁ କାଲି ରାତିରେ ଶେଷଥର ପାଇଁ କେତେବେଳେ ଦେଖିଥିଲ ? ବାବୁଙ୍କ ସହ ଗତକାଲି କେତେ ଜଣ ଲୋକ ଦେଖା କରିବାକୁ ଆସିଥିଲେ ? କୌଣସି ଅଚିହ୍ନା ଲୋକ ଆସିଥଲେ କି ? ବାବୁଙ୍କର କେହି ଶତ୍ରୁ ଥିଲେ କି ? କାହାରି ସହ ଝଗଡ଼ା ହୋଇଥିଲା କି ? ବାବୁଙ୍କର...

ମୁଁ ମାମିଙ୍କ କଥାରେ ବ୍ରେକ୍ ଦେଲି। କାରଣ ସେ ପଢ଼ିଥିବା ସବୁ ଡ଼ିଟେକ୍ଟିଭ୍‌ର କାହାଣୀ ହୁଏତ ଏବେ କହିବସିବେ।

କହିଲି-ବେଶ୍। ମୁଁ ପଚାରିବି, ଆପଣ ବ୍ୟସ୍ତ କାହିଁକି ହଉଛନ୍ତି।

ମାମି କହିଲେ-ଆପଣଙ୍କ ସାଙ୍ଗେ କଥାହେବାକୁ ମତେ ଭଲ ଲାଗୁଛି। ଆପଣ ଯାହା ପଚାରିବା କଥା ପଚାରନ୍ତୁ। ମୁଁ ନିଶ୍ଚେ ଉତ୍ତର ଦେବି।

ମୁଁ ପଚାରିଲି-ଆପଣ କେବେ କାହାକୁ ଭଲ ପାଇଛନ୍ତି ?

ମାମି ହସିଲେ ଶୁଖିଲା ହସ।

କହିଲେ-ଯିଏ ଆଦୌ ଖାଇବାକୁ ପାଏ ନାହିଁ, ତାକୁ ଯଦି ଆପଣ କୁକୁଡ଼ା ମାଂସର ସ୍ୱାଦ ପଚାରନ୍ତି, ସିଏ କ'ଣ ଉତ୍ତର ଦେବ। ମତେ ଏଠି କାହାରି ସହ ମିଶିବାକୁ ମନା। ମୁଁ କାହାକୁ ଭଲ ପାଇବି କେମିତି ? ଆପଣ ହେଉଛନ୍ତି ପ୍ରଥମ ଲୋକ, ଯିଏ ଏ ରୁମ୍‌କୁ ଆସିଛନ୍ତି। ଆଉ ମୋ ସହ ଏତେ ବେଶି କଥା ହୋଇଛନ୍ତି।

ମୋର ମନେହେଲା ମାମି ଯେମିତି ବାୟାଣୀ କିମ୍ବା କୌଣସି ମାନସିକ ରୋଗ ଭୋଗୁଥିବା ରୋଗିଣୀ। ସିଏ କାହା ସହ ମିଶେ ନାହିଁ। ମିଶିବାର ସୁଯୋଗ ପାଏ ନାହିଁ। ତେଣୁ ବନ୍ଦିନୀ ମଧ୍ୟ।

ତଳୁ ମାମିର ମା' ଡ଼ାକଦେଲେ-ମାମି।

ମାମି ଚିଡ଼ିଗଲା ଭଳି ଉତ୍ତରଦେଲା-କ'ଣ ?

ମାମିଙ୍କ ମାଆଙ୍କ ଡ଼ାକରେ ଥିବା ଆକଟ, ସନ୍ଦେହ ଏବଂ ସଂଶୟର

ଫେଣ୍ଟାଫେଣ୍ଟି ବାସ୍ନା।

ମାମି କହିଲା-ଆପଣ ବୋଉ କଥାରେ କିଛି ଭାବିବେନି। ମୁଁ ବହୁତ ସହିଲିଣି। ଏବେ ଆଉ ସହିପାରିବିନି।

ମୁଁ ରୁମ୍ ଭିତରୁ ବାହାରି ଆସି ସିଡ଼ିରେ ଠିଆ ହେଲି। ଖୁବ୍ ଅଣଓସାରିଆ ସିଡ଼ି। ଗୋଟେ ପଟେ ନିବୁଜ କାନ୍ଥ। ଆରପଟଟା ସିମେଣ୍ଟ ଜାଲି। ସେଇ ଜାଲିବାଟେ ମୁଁ ବାହାରକୁ ଚାହିଁଲି। ସେମିତି ଉଲ୍ଲେଖଯୋଗ୍ୟ ଦୃଶ୍ୟ କିଛି ଆଖିକୁ ଆସିଲା ନାହିଁ।

ତଳୁ ମାମିର ମାଆ ଡ଼ାକ ଦେଲେ-ମାମି ! ମାମି ! ତଳକୁ ଆ'।

ମାମି ଅନିଚ୍ଛାସତ୍ୱେ, ମୁହଁ ଫୁଲେଇବା ଢ଼ଙ୍ଗରେ ତଳକୁ ଆସିଲା। ସିଡ଼ି ମଝିରେ ଅଟକିଗଲା। ସିଡ଼ି ମଝିରେ ଠିଆ ହୋଇଛି ମୁଁ। ମୋର ସେତେବେଳେ ଯାଇ ହୃଦ୍‌ବୋଧ ହେଲା ସିଡ଼ିଟା ଅସମ୍ଭବ ଭାବରେ ଅଣଓସାରିଆ। ଏତେ ଅଣଓସାରିଆ ଯେ ଦୁଇ ଜଣ ଲୋକ ପରସ୍ପରକୁ ସହଜରେ ଅତିକ୍ରମ କରିପାରିବେ ନାହିଁ।

କହିଲି-ମୁଁ ବରଂ ଓହ୍ଲାଇଯାଉଛି। ଆପଣ ଏବାଟେ ମତେ ଡ଼େଇଁ ବୋଧେ ଯାଇ ପାରିବେନି।

ମାମି କହିଲା- ଯାଇ ପାରିବି।

କହିଲି-କେମିତି ଜାଣିଲେ ?

:ଶୁଣିଛି ଯେଉଁ ଫାଙ୍କ ଦେଇ ବିଲେଇକୁ ଡ଼େଇଁକି ଯିବାକୁ ପଡ଼ିଥାଏ, ସେ ପ୍ରଥମେ ନିଜ ମୁହଁଗଳାଏ। ଯଦି ତା'ର ନିଶ ନ ବାଜେ ସେ ଜାଣିପାରେ ସେ ଚାଲି ଯାଇପାରିବ।

:ଆପଣ କିନ୍ତୁ କେମିତି ଜାଣିଲେ।

ମୁଁ ମାମିର ମୁହଁରୁ ବିଲେଇର ନିଶ ଖୋଜିଲି।

ମାମି କହିଲା-ମୁଁ ଜାଣିପାରେ।

ମୁଁ କାନ୍ଥଦେହକୁ ନେସିହୋଇ ଠିଆ ହୋଇଗଲି। ସାମ୍ନାରେ ଯେଉଁ ଅତିସଂକୀର୍ଣ୍ଣ ସ୍ଥାନଟି ରହିଲା ତାକୁ ହିଁ ଛାଡ଼ି ଦେଲି ମାମିଙ୍କ ପାଇଁ, ଅତିକ୍ରମ କରିଯିବାକୁ। ମାମି ସେଇ ସାମ୍ନା କାନ୍ଥରେ ଘଷି ହୋଇ ଆଗେଇଯିବାକୁ ଲାଗିଲା।

ମନେ ହେଲା ଗୋଟେ ସଂକୀର୍ଣ୍ଣ ପୋଲ ଉପରେ ଯେମିତି ଦିଇଟା ବସ୍ ଠିଆ ହୋଇଛି। ପରସ୍ପରକୁ ଅତିକ୍ରମ କରିବାକୁ ଧୀରେ, ଖୁବ୍ ଧୀରେ ଚକ ଗଡ଼ାଉଛି। ବସ୍ ଧୀରେ ଧୀରେ ଅତିକ୍ରମ କରୁଛି।

ମାମି ମୋ ଆଗରେ ସେମିତି ଆଗେଇ ଗଲା। ଖୁବ୍ ସହଜରେ ଆଗେଇ ଯାଉଥିଲା। ହଠାତ୍ ତା'ଉଦ୍ଧତ ଛାତିର କିଛି ଅଂଶ ବିଦ୍ଧ ହେଲା ମୋରି ଛାତିରେ। ମାମି ଅଟକିଗଲା।

ଏବେ ମାମି ଆଉ ମୁଁ ସାମ୍ନାସାମ୍ନି। ମାମିର ନିଃଶ୍ୱାସ ବାଜୁଛି ମୋ ଛାତିରେ। ମୋ ନିଃଶ୍ୱାସ ତା'ଚୂର୍ଣ୍ଣକୁନ୍ତଳକୁ ଉଡ଼େଇ ନଉଛି। କିଛି ରୋମାଞ୍ଚ ଓ ଶୀତ୍କାର ସଂକ୍ରମିତ ହୋଇଯାଉଛି ମୋ ଦେହସାରା। ତା'ଛାତିର ଉଦ୍‌ଗତ ମାଂସଳ ଐଶ୍ୱର୍ଯ୍ୟ ଯେମିତି ସେଇସବୁ ଶିହରଣର ଉତ୍ସ।

ମୋ ଆଖି ଧକ୍‌କା ଖାଇଲା ମାମିର ଆଖିରେ। ମାମି ତଳକୁ ମୁହଁ ପୋତିଦେଲା, ଲଜ୍ଜାରେ।

ମୁଁ ଫିସ୍ ଫିସ୍ କଣ୍ଠରେ କହିଲି-ଦୁର୍ଘଟଣା ସବୁବେଳେ ଦୁର୍ଘଟଣା ମାଡ଼ାମ୍! ସେଥିପାଇଁ କିଛି କାରଣ ବା ଯୁକ୍ତି ନ ଥାଏ।

ଡ଼କ୍ଟର ଓ୍ୟାଟସନ୍ ସେଠି ନ ଥିଲେ ।

କିନ୍ତୁ ତାଙ୍କ ଚେତାବନୀ ଶୁଣାଗଲା-ତମେ ଏବେ ଭୁଲିଯାଇଛ ଯେ ତମକୁ ଗୋଟେ କେଶ୍‌ର ଅନୁସନ୍ଧାନ ପାଇଁ କୁହାଯାଇଥିଲା। ଏବେ ତମେ ତମର କର୍ତ୍ତବ୍ୟ ଭୁଲି ଗୋଟେ ଝିଅ ସହ ଲଟପଟ ହଉଚ।

ମୁଁ କହିଲି-ମାର୍ ଗୁଲି ତମର ଅନୁସନ୍ଧାନକୁ। ନାରୀ ପାଇଁ ପୃଥିବୀର ଘୂର୍ଣ୍ଣନ ବି ବନ୍ଦ ରହିଯାଇପାରେ। ଏତ ସାମାନ୍ୟ ଅନୁସନ୍ଧାନ।

ମାମି କହିଥିଲା-ଆପଣ ସବୁଦିନ ଆସିବେ ଆଜ୍ଞା! ବୋଉର କଥାକୁ ଭୁଲ୍ ବୁଝିବେନି। ସେ ଜମା ଡ଼ିଟେକ୍ଟିଭ୍ ପଢ଼ିନାହିଁ।

ମୁଁ କହିଥିଲି-ସବୁଦିନ ନୁହେଁ ମୁଁ ସବୁ ସମୟରେ ଆସିବା ପାଇଁ ପ୍ରସ୍ତୁତ।

ମାମିର ମାଆ ପଚାରିଥିଲେ-ପୁଅ ତମେ କ'ଣ ଚାକିରୀ କର। କେତେ ଟଙ୍କା ଦରମା ପାଅ।

ମୁଁ କହିଥିଲି-ଚାକିରୀ କରିନି। କିନ୍ତୁ ଦରମା ପାଏ।

ମାମିର ବାପାଙ୍କ ସାମ୍ନାରେ ଠିଆ ହୋଇଥିଲି ।

ମାମିର ବାପା ପଚାରୁଥିଲେ-ପିଲାଟା କେମିତି ଅଛି। ଟିକେ ଇଂପ୍ରୁଭ୍ କଲାଣି ନା ନାହିଁ?

ମୁଁ କହିଥିଲି-ବେଶ୍ ଅଗ୍ରଗତି କରିଚି ସାର୍ !

ଅସଲରେ ଘଟଣା ବହୁତ ଅଗ୍ରଗତି କରିଥିଲା। ମୋର ଅନୁସନ୍ଧାନର ବୟସ ଏକ ମାସରେ ପହଞ୍ଚିଥିଲା। ମାମିର ମୁକ୍ତି ମଧ୍ୟ ଏକ ମାସରେ ପହଞ୍ଚିଥିଲା। ମାମି ବାରମ୍ବାର ମାଟ୍ରିକ୍ ଫେଲ୍ ହେଇ ଚାରି ବର୍ଷ ଧରି ଅପ୍‌ଷ୍ଟେୟାରରେ ବନ୍ଦିନୀ ରହିଥିଲା। ମାମିଙ୍କ ମାଆଙ୍କ ଆଖିରେ ସନ୍ଦେହ, ଶାସନ ଓ ଅସହିଷ୍ଣୁତା ଜମା ହୋଇ ରହିଥିଲା।

ମୁଁ ପଚାରିଲି-ମୁଁ ଯାହା ପଚାରିବି ତମେ ସତ କହିବ ମାମି ?

ମାମି କହିଲା-ନିଶ୍ଚୟ ! ମୁଁ ବହୁତ ଡ଼ିଟେକ୍ଟିଭ୍ ପଢ଼ିଛି। ମୁଁ ଆପଣଙ୍କ ଅନୁସନ୍ଧାନରେ ସାହାଯ୍ୟ କରିବି। ଦରକାର ପଡ଼ିଲେ ସହକାରୀ ବି ହେବି। ଯେମିତି ରବୀନ୍‌ର-ରତନ। ଅସୀତ୍‌ବାବୁଙ୍କର-ବସନ୍ତବାବୁ।

ମୁଁ କହିଲି-ଥାଉ !

ମାମି ଛୋଟ ପିଲାଙ୍କ ଭଳି ଅଳି କରୁଥିଲା। ନାଚୁଥିଲା, କୁଦୁଥିଲା, ମନେହେଉଥିଲା ସେ ଯେମିତି ବହୁଦିନର ଅଭିଳଷିତ କିଛି ଅକ୍ତିଆରକୁ ଆଣିପାରିଛି।

ମୁଁ ପଚାରିଲି-ପ୍ରେମର ସଂଜ୍ଞା କ'ଣ ?

କହିଲା-ଜାଣିନି !

:ଭଲ ପାଇବାର ମାନେ କ'ଣ ?

:ଜାଣିନି !

:ପ୍ରେମ କଲେ କ'ଣ  ମିଳେ ?

:ଜାଣିନି !

ମୁଁ ଚିଡ଼ିଲାଭଳି ପଚାରିଲି-ଆଉ କ'ଣ ଜାଣ ?

କହିଲା-ଜାଣେ କେବଳ ଆପଣଙ୍କୁ !

କହିଲା ଓ ମୋ ନିକଟକୁ ଚାଲିଆସିଲା। ନିକଟକୁ ଚାଲି ଆସିଲା ଓ ମୋ ବେକରେ ଦୁଇହାତ ରଖିଲା। ଦୁଇହାତ ରଖିଲା ଓ ଝୁଲିପଡ଼ିଲା। ଝୁଲିପଡ଼ିଲା ଓ ଶୋଇଗଲା ମୋ ଛାତି ଉପରେ। ଫିସ୍ ଫିସ୍ କଣ୍ଠରେ କହିଲା ''କ'ଣ କିଛି ଭୁଲ୍ କହିଲି''।

ମୋର ସ୍ୱର ମୋତେ ଅଚିହ୍ନା ଶୁଣାଗଲା। ଓଦା ଓଦା ଭିଜା ଭିଜା ଅଚିହ୍ନା ସ୍ୱର ମୋର କହିଲା-ତମେ ଶହେ କେ ଦୁଇଶ ଠିକ୍ କହିଛ।

ମାମି ସେମିତି ଶୋଇରହିଲା ମୋ ଛାତି ଉପରେ। ଘଣ୍ଟାକଣ୍ଟା ଉପରେ ମିନିଟ୍

କଣ୍ଟା ଧାଇଁଗଲା। ମୋ ଛାତି ଭିତରେ ଧକ୍‌ଧକ୍ ଆହୁରି ଅଧିକ ହୋଇଆସିଲା। ମାମିଙ୍କ ମାଆଙ୍କ ଅସହିଷ୍ଣୁ ସ୍ୱର ଡ଼ାଉନ୍ ଷ୍ଟେୟାର୍‌ରୁ ଶୁଣାଯାଉ ନ ଥିଲା । ମୁଁ ମାମିର ଆଖିକୁ ଚାହିଁଲି, ତାହା ବନ୍ଦ ଥିଲା। ମନେ ହେଲା ସେ ଯେମିତି ସତସତିକା ଶୋଇଯାଇଛି ।

ହଠାତ୍ ମୋର କାହିଁକି କେଜାଣି ଅନୁଭୂତ ହେଲା ମାମି କୌଣସି ଅନ୍ତର୍ବାସ ପିନ୍ଧି ନାହିଁ। ମୁଁ ଗାଉନ୍‌ର ପଛପଟୁ ଚେନ୍ ଖୋଲିଦେଲି। ମୋ ସାମ୍ନାରେ ଏବେ ମାମିର ଫୁଙ୍ଗୁଳା ପିଠି ଓ ମତେ ସବୁଠୁ ଆଶ୍ଚର୍ଯ୍ୟ କରି ସେଇ ମସୃଣ ଦେହର ଗାଲିଚା ଉପରେ କୌଣସି ବସ୍ତ୍ରର ଦାଗ ନଥିଲା। ମୁଁ ଆବଶ୍ୟକତାଠୁ ବେଶି ଆଶ୍ଚର୍ଯ୍ୟ ହେଇଗଲି।

ଏଥର ଗାଉନ୍‌ଟା ପୂରାପୂରି ଖୋଲିଦେଲି। ମାମି ବାଧା ଦେଲାନାହିଁ। ସମ୍ଭବତଃ ଶୋଇଯାଇଛି କିମ୍ବା ଶୋଇବାର ଅଭିନୟ କରୁଛି। ମୋ ସମ୍ମୁଖରେ ଏବେ ଗୋଟେ ଫୁଙ୍ଗୁଳା ମାମି ଓ ମୁଁ ଜଣେ ପୁରୁଷ ନୁହେଁ ଡ଼ିଟେକ୍ଟିଭ୍। ଡ଼ିଟେକ୍ଟିଭ୍ ହୋମସ୍। ବେକର ଷ୍ଟ୍ରୀଟ୍‌ରେ ଯାହାର ଘର। ମାତ୍ର ଏକ ମାସର ନାରୀ ନାରୀ ଲୁଚକାଳି ଖେଳ ପରେ ମୁଁ ବଦଳିଲି ଡ଼ିଟେକ୍ଟିଭ୍‌ରେ।

ମାମି ଦେହରେ କୌଣସି ପରିଚ୍ଛଦର ଦାଗ ନାହିଁ। ଆଶ୍ଚର୍ଯ୍ୟ ! ଏହା ତ ଅସମ୍ଭବ। ମଣିଷ ଦେହରେ ଯେମିତି ହେଲେ ବି ତା'ଲୁଗାର ଦାଗ ରହିବ। ନିଶ୍ଚୟ ରହିବ। ମାତ୍ର ମାମି ଦେହରେ ନାହିଁ କାହିଁକି ? କାହିଁକି ? କାହିଁକି ? ? ତା'ମାନେ କ'ଣ ମାମି ଏଇ ନିର୍ଜନ ଅପ୍‌ଷ୍ଟେୟାରରେ ଉଲଗ୍ନ ରହେ। ଗାଉନ୍ ପିନ୍ଧେ କେବଳ ତଳକୁ ଆସିଲାବେଳେ। ତାହା ପୁଣି କମ୍ ସମୟ ପାଇଁ। ଏହାହିଁ ସମ୍ଭବ।

ମୁଁ ଦୌଡ଼ି ଦୌଡ଼ି ସିଡ଼ିରେ ତଳକୁ ଖସିଲି। ଦର୍ଜା ଖୋଲି ରାସ୍ତା ଉପରକୁ ଆସିଗଲି। ମାମିର ଅପଷ୍ଟେୟାର ରୁମ୍ ଭିତରକୁ ଚାହିଁଲି। ମୋର ମନେ ହେଲା ସେଇ ଘର ଭିତରେ ଲକ୍ଷଲକ୍ଷ ଉଲଗ୍ନ ମାମି ଘୂରିବୁଲୁଛନ୍ତି। ରାସ୍ତା ଉପରକୁ ତା'ର କିଛି କିଛି ଅଂଶ ଦିଶୁଛି। ଟ୍ରାଫିକ୍ ଜାମ୍ ହେଇଯାଉଚି।

ଦୁର୍ଘଟଣା ଘଟିଯାଉଛି ମୁହୂର୍ତ୍ତକ ଭିତରେ।

ମୁଁ ରାସ୍ତାରେ ଧାଇଁବାକୁ ଲାଗିଲି। ଚିତ୍କାର କରି କରି :ପାଇଛି ! ପାଇଛି।

କିନ୍ତୁ କିଏ ମତେ ନିଯୁକ୍ତ କରିଥିଲା ଯେ ଏଇ ଅନୁସନ୍ଧାନ ପାଇଁ? କାହା ଆଗରେ ପେଶ୍ କରିବି ମୋର ଅନୁସନ୍ଧାନର ରିପୋର୍ଟ। କେଉଁ ଥାନା ? କେଉଁ ଅଫିସ୍ ? କେଉଁ ସମ୍ବାଦପତ୍ରର କାର୍ଯ୍ୟାଳୟ ?

ଡ଼କ୍ଟର ଓ୍ୟାଟସନ୍ ପଚାରିଲେ-ତା'ପରେ କ'ଣ ହେଲା ?

ମୁଁ କହିଲି-ଅନୁସନ୍ଧାନ ଶେଷ ହେଲା। ମୁଁ ତା'ବାପାଙ୍କୁ ପରାମର୍ଶ ଦେଲି। ସେ ଆଜିକାଲି ସାରାଦିନ ଗୋଟେ ଲାଇବ୍ରେରୀରେ କଟାଉଛି। ସେ ରାସ୍ତାରେ ଆଉ ଦୁର୍ଘଟଣା ନାହିଁ।

ଡ଼କ୍ଟର ଓ୍ୟାଟସନ୍ କହିଲେ-କିନ୍ତୁ ତମର ପ୍ରେମଲୀଳା !

ମୁଁ କହିଲି-ପ୍ରେମ ! କି ପ୍ରେମ ! କିଏ କାହାକୁ ପ୍ରେମ କରୁଥିଲା। ମୁଁ ଯାହା କିଛି କରିଛି ସବୁ ଅନୁସନ୍ଧାନ ପାଇଁ କରିଛି। ଅନୁସନ୍ଧାନର ଅଂଶ ଭାବରେ କରିଛି।

ଡ଼କ୍ଟର ଓ୍ୟାଟସନ୍ କମେଣ୍ଟ୍ ଦେଲେ-ଯଦିଓ ସେଇ ଦିନମାନଙ୍କରେ ତମେ ପୂରାପୂରି ଭୁଲିଯାଇଥିଲ ଯେ ତମର ଗୋଟେ ଅନୁସନ୍ଧାନ କରିବାର ଥିଲା।

ଏମିତି ଭାବରେ ଏଇ ଘଟଣାର ଅନ୍ତ ହେଲା। ମାମି ନାମରେ ଗୋଟେ ଝିଅ ପାଗଳୀହବା ପୂର୍ବରୁ ବଞ୍ଚିଗଲି। କଦମ ଗଳିର ରାସ୍ତାରେ ଅନେକ ଦୁର୍ଘଟଣା ଘଟିବାକୁ ଯାଇ ଅଟକି ଗଲା। ପୃଥିବୀର ଲକ୍ଷ ଲକ୍ଷ ପ୍ରେମକାହାଣୀ ଭିତରୁ ଗୋଟେ କାହାଣୀ ଆରମ୍ଭ ହଉହଉ ଶେଷ ହେବାକୁ ପଡ଼ିଲା।

ମାମି ତା'ର ଗୋଟେ ଚିଠିରେ ଲେଖିଥିଲା-ମୋର ଭୀଷଣ ଭୟ ହେଉଛି। ଆପଣ ନିଶ୍ଚୟ ଆସିବେ। ଆପଣ ମତେ ଠକି ଦେବେ ନି ତ ! ମତେ ଭୟ ଲାଗୁଛି। କାଳେ କ'ଣ ଅସୁବିଧା କିଛି ହେଇଯାଇପାରେ। ମତେ କାହିଁକି ସେମିତି ସେମିତି ଲାଗୁଛି। ଯଦି କିଛି ହେଇଯାଏ ଏତେ ଦୁର୍ନାମ ନେଇ ମୁଁ କୁଆଡ଼େ ଯିବି ଯେ ? ଆପଣ ଆସିବେ।

ମୁଁ ଶେଷ ଚିଠିରେ ମାମିକୁ ଲେଖିଥିଲି-

ଦୁର୍ଘଟଣା ସବୁବେଳେ ଦୁର୍ଘଟଣା ମାଡ଼ାମ୍ ! ସେଥିପାଇଁ କିଛି କାରଣ କିମ୍ବା ଯୁକ୍ତି ନଥାଏ। ତେବେ ଦୁର୍ଘଟଣା ପରର ବ୍ୟବସ୍ଥା ପାଇଁ ଡ଼ାକ୍ତରଖାନା ରହିଛି।

ମୋ ଚିଠି ପାଇ ମାମି କ'ଣ ଭାଙ୍ଗି ପଡ଼ିଥିବ।

ମୁଁ ଜାଣେ ନାହିଁ।

# ବନ୍ଧୁ

ଅମୀୟ ଅଫିସ୍ ବାହାରୁଥିଲା ବେଳେ ହିଁ ସେ ଆସି ପହଞ୍ଚିଥିଲା।

ଅମୀୟ ବାରଣ୍ଡା ତଳକୁ ଓହ୍ଲାଇ ଆସିଛି। ସ୍କୁଟରର ଷ୍ଟାର୍ଟ କରୁଛି। କାନ୍ଧରେ ଅଫିସ୍ ବ୍ୟାଗ୍। ସ୍କୁଟରରେ ଝୁଲି ରହିଛି ତା'ର ଜଳଖିଆ ଡବା ଆଉ ପାଣି ବୋତଲର ବ୍ୟାଗ୍। ମୁହଁରେ ତୃପ୍ତିର ହସ। ପଛରେ ଠିଆ ହେଇଛି ଅନିମା। ତା'ର ସ୍ତ୍ରୀ। ଅମୀୟ ଅଫିସ୍ ଗଲାବେଳେ ହାତ ହଲାଇ ଟା' ଟା' କରିବ। ସେ ଗଲାପରେ ଗେଟ୍ ବନ୍ଦ କରିବ। ତାଲା ଦେବ। ତାଲା ଦେଇ ଫେରିଯିବ ଘର ଭିତରକୁ। ତା'ର ବାସୀ କାମର ଇଲାକାକୁ !

ସେତିକିବେଳେ ହିଁ ଲୋକଟା ପଶିଆସିଲା ଗେଟ୍ ଡେଇଁ। ଲୋକଟି କିଛି କହିବା ପୂର୍ବରୁ ହିଁ ଅମୀୟ କହିଉଠିଲା: ମୁଁ ଏବେ ଅଫିସ୍ ବାହାରିଗଲି। ଆପଣ ପରେ ଆସନ୍ତୁ।

ଲୋକଟି ହସ ବିଞ୍ଚି ଓଠରେ, କହିଉଠିଲା: ମତେ ଜାଣିପାରିଲେନି ବୋଧେ !

ଅମୀୟ ନିରେଖିଲା ଲୋକଟିକୁ।

ମୁହଁରେ ମେଞ୍ଚା ମେଞ୍ଚା ଲମ୍ବା ଦାଢ଼ି। ସେଥିରୁ ଠାଏ ଠାଏ ପାଚି ଯାଇଛି। ମୁଣ୍ଡରେ ଗୋଛେ ବାଳ। ଗୋଟେ କାପାଳିକ ଭଳି ଚେହେରା। ଦେହରେ ମୋଟା ଖଦଡ଼ କନାର ମଇଳା ହାଫ୍ ସାର୍ଟ। ପ୍ୟାଣ୍ଟ ଅନେକ ଦିନରୁ ଇସ୍ତ୍ରୀ ହୋଇନାହିଁ। ମୋଟା ଟେରିକଟ୍ କନାର ଫିକା ପଡ଼ିଆସିଥିବା ହୁଗୁଳା ପ୍ୟାଣ୍ଟ୍। ପାଦରେ ଶସ୍ତା ପ୍ଲାଷ୍ଟିକ୍ ଚପଲ।

କିଏ ହୋଇପାରେ ଲୋକଟା।

ଲୋକଟିର ମୁହଁରେ ସେମିତି ହସ ଲାଖି ରହିଛି। ଶ୍ୱେତଶୁଭ୍ର ଦାନ୍ତ ସବୁ ଅକ୍ଷୁଣ୍ଣ ଅଛି। ହସଟା ବେଶ୍ ମାନୁଛି ମୁହଁକୁ। ଆଖି ଦୁଇଟା ବେଶ୍ ଉଜ୍ଜ୍ୱଳ। କଳାଧଳା ଦାଢ଼ି ଓ ବାଳର ଜଙ୍ଗଲ ଭିତରୁ ତୀକ୍ଷ୍ଣ ଓ ସ୍ୱଚ୍ଛ ଦିଶୁଚି ଆଖି ଦୁଇଟା।

କିଏ ? କିଏ ଇଏ ?

ଲୋକଟି କୋମଳ ସ୍ୱରରେ କହିଲା: ଚିହ୍ନିପାରିଲନି ?

ହଠାତ୍ 'ନା' ବୋଲି କହିଦେବାକୁ କଷ୍ଟ ହେଇଥିଲା ଅମୀୟର। ମାତ୍ର ଲୋକଟା ଜମା ମନେପଡୁନାହିଁ। ଜମା ହିଁ ମନେପଡୁନି। କୋଉଠି ଦେଖା ହୋଇଥିଲା ? କେବେ ଦେଖା ହୋଇଥିଲା ? କୋଉ ପ୍ରସଙ୍ଗରେ ଦେଖା ହୋଇଥିଲା ? ନା ! ଜମା ହିଁ ମନେପଡୁନି।

କହିଲା: ଆପଣ ଯଦି କିଛି ମନେ ନ କରନ୍ତି, ପରେ ଆସନ୍ତୁ। ଅସଲରେ ମୋର ଅଫିସ୍ ଡେରି ହେଇଯାଉଛି।

ଲୋକଟି ତା'ର ଲମ୍ବା ଦାଢ଼ିକୁ ସାଉଁଳେଇଲା।

କହିଲା: କିଛି ଅସୁବିଧା ନାଇଁ। ଆମେ କାଲି କଥାବାର୍ତ୍ତା କରିବା। ମୋର ଟିକେ ଅଧିକ ସମୟ ଲୋଡ଼ା ତୁମ ସହିତ।

ଅମୀୟ ଆଶ୍ଚର୍ଯ୍ୟ ହୋଇଥିଲା।

:ଅଧିକ ସମୟ ଲୋଡ଼ା ? କ'ଣ ପାଇଁ ?

:ସେକଥା ଆମେ ସେତିକିବେଳେ ଆଲୋଚନା କରିବା। ଏବେ ତରତରରେ ସେ ସବୁ ଆଲୋଚନା କରି ହୁଏନା।

:ଠିକ୍ ଅଛି।

କହିଥିଲା ଅମୀୟ ଓ ସ୍କୁଟର ଷ୍ଟାର୍ଟ କରିଥିଲା।

ରହସ୍ୟମୟ ଲୋକଟି 'କାଲି ଦେଖା ହେବ' ବୋଲି କହିଲା ଓ ଲମ୍ବା ପାଦ ପକେଇ ବାହାରିଗଲା।

ଅଫିସ୍‌ରେ ସାରା ଦିନ ଅମୀୟ ଲୋକଟି ବିଷୟରେ ମନେପକେଇଲା ଓ ଜମା ତା'ର ମନେପଡ଼ିଲା ନାହିଁ ଯେ ସେମାନେ କେବେ ଏକାଠି ହୋଇଥିଲେ।

ସନ୍ଧ୍ୟାରେ ସେ ଘରକୁ ଫେରିବା ପରେ ଅନିମା ପଚାରିଥିଲା; ସେ ଅସନା ଲୋକଟା କ'ଣ ତୁମର ସାଙ୍ଗ ?

ଅମୀୟ କହିଥିଲା: ମୋର ତ ମନେ ପଡୁନି ! କିନ୍ତୁ ସେ ଦାବି କରୁଛି ମୋର ସାଙ୍ଗ ବୋଲି।

ଅନିମା ପଚାରିଥିଲା: କ'ଣ କାମ ଅଛି ତା'ର ତୁମ ପାଖରେ ?

ଅମୀୟ କହିଥିଲା: ସେ କଥା ତ ସେ କହିନାହିଁ।

:କ'ଣ କହିବ ବୋଲି ଭାବୁଛ ?

:ପଇସାପତ୍ର ମାଗିପାରେ। ଆଜିକାଲି ସବୁ ପୁରୁଣା ବନ୍ଧୁ ଦେଖାହେଲେ ପଇସା ହିଁ ମାଗନ୍ତି। ସମସ୍ତେ ଭାବୁଛନ୍ତି ମୁଁ ବୋଧେ ବହୁତ ଗୁଡ଼େ ପଇସା ରଖିଛି।

ଅନିମା କଠୋର ହୋଇପଡ଼ିଥିଲା ତା'ର ବକ୍ତବ୍ୟରେ।

ଗର୍ଜିଉଠି କହିଥିଲା: ଥାଉ ! ଏତେ ଦାନବୀର କର୍ଣ୍ଣ ହୁଅନି। ସେମାନଙ୍କୁ ଦୁଆର ମୁହଁରୁ ବିଦାକର !

ଅମୀୟ କିଛି ପ୍ରତିକ୍ରିୟା ପ୍ରକାଶ କଲାନି। କିନ୍ତୁ ଅନିମା ଗତ ବର୍ଷମାନଙ୍କରେ କେଉଁ କେଉଁ ବନ୍ଧୁମାନଙ୍କୁ ଅମୀୟ କେତେ ପଇସା ଦେଇଛି ତା'ର ହିସାବ ବାହାର କଲା ଓ ବାରମ୍ବାର ଖୁଞ୍ଚା ଦେବାକୁ ଲାଗିଲା। କହିଥିଲା ଯେ, ''ତୁମର ସାଙ୍ଗମାନେ ସବୁ ବଡ଼ହେଇ କ'ଣ ଭିକାରୀ ହୋଇଥିଲେ'' କିମ୍ବା ''ସେତିକି ପଇସା ସଞ୍ଚିଥିଲେ ତୁମେ ଏବେ ସ୍କୁଟର ବଦଳରେ ମୋଟର ସାଇକେଲ ଚଳେଇ ପାରିଥାନ୍ତ  ନୋହିଲେ ମୁଁ ଗୋଟେ ଭଲ ମଙ୍ଗଳସୂତ୍ର କରିପାରିଥାନ୍ତି।''

ପରଦିନ ଅମୀୟ ଅଫିସ୍ ଯିବାପର୍ଯ୍ୟନ୍ତ ଲୋକଟି ଆସି ନ ଥିଲା। ସେ ଅଫିସ୍ ଚାଲିଯିବାର ଅନେକ ପରେ ଆସିଥିଲା ଓ ତା'ର ଅହେତୁକ ବିଳମ୍ବ ପାଇଁ ଅନିମା ସାମ୍ନାରେ କ୍ଷମା ମାଗିଥିଲା।

ଅନିମା ଅମୀୟର ଅଫିସ୍‌କୁ ଫୋନ୍ କରିଥିଲା ଓ ପଚାରିଥିଲା କ'ଣ କରିବ ବୋଲି।

ଅମୀୟ କହିଥିଲା: ତାଙ୍କୁ ବିଦା କରିଦିଅ। କାଲି ଆସିବାକୁ କୁହ !

ଅନିମା କହିଥିଲା: ସେଇଆ କହୁଚି।

ଅମୀୟ ସତର୍କ କରି ଦେଇଥିଲା: ସାବଧାନ ! ତାକୁ ଘର ଭିତରକୁ ପୂରାଅ ନାହିଁ। ବେଶି ସମୟ ତା' ସହିତ କଥାଭାଷା ହୁଅନାହିଁ।

ଅମୀୟର ସତର୍କବାଣୀ ଅନିମାର ମନକୁ ପାଇ ନ ଥିଲା।

କହିଥିଲା: ମତେ ଆଉ ଏତେ ବୁଦ୍ଧି ଶିଖାଅ ନାହିଁ। ମୁଁ ଜାଣେ।

ଅମୀୟ କହିଥିଲା: ସେ ହୁଏତ ପିଇବାକୁ ପାଣି ମାଗିପାରେ ! ଏଇଟା ଗୋଟେ ଚାଲ୍ ଆଜିକାଲି ଠକ ପାଜିମାନଙ୍କର। ତୁମ ସହିତ ୟାଡୁସ୍ୟାଡୁ ଗପି ବନ୍ଧୁତା କରିପାରେ। ତାକୁ ତୁରନ୍ତ ବିଦାକର।

ଏତିକିବେଳେ ଅନିମା ଉତ୍‌ଥାପନ କରିଥିଲା ସେଇ ପ୍ରଶ୍ନଟି।

କହିଥିଲା: ଯଦି ସେ ପ୍ରକୃତରେ ତୁମର ଜଣେ ବନ୍ଧୁ ହୋଇଥାନ୍ତି !

ଅମୀୟ ଆଉ କିଛି କହିପାରି ନ ଥିଲା ଓ ଚିନ୍ତିତ ହୋଇପଡ଼ିଥିଲା। ଲୋକଟି କିଏ ? କ'ଣ ତା'ର ଉଦ୍ଦେଶ୍ୟ ? କୋଉଠୁ ଆସିଲା ! ଅମୀୟ ପାଖରେ ତା'ର କାମ କ'ଣ ? ତା' ସହିତ ସେଇ ପ୍ରଥମ ଦିନ ହିଁ ଆଉଟିକେ କଥାଭାଷା ହେବାର ଥିଲା। ତା'ର ଅସଲ ପରିଚୟ ଜାଣି ନେବାର ଥିଲା। ଜମା ହିଁ ମନେପଡୁନି ଲୋକଟି ବିଷୟରେ କୌଣସି କଥା। ତେବେ ସେ ତା'ର କେଉଁଭଳି ବନ୍ଧୁ ?

ଲୋକଟି ସେଦିନ ଫେରିଯାଇଥିଲା ବିନା କୌଣସି ମନ୍ତବ୍ୟରେ।

ନା ସେ ଅନିମାକୁ ପାଣି ମାଗିଥିଲା, ନା କହିଥିଲା ଅନିମାକୁ ଲକ୍ଷ୍ୟକରି ଯେ ତା'ର ଶନିସପ୍ତା ଚାଲିଛି। ନା କହିଥିଲା ସେମାନଙ୍କ ଘରର ଗୋଟେ ବାସ୍ତୁଦୋଷ ଅଛି ବୋଲି, ନା କହିଲା ଘରର ପଶ୍ଚିମପଟରେ ଦିନେ ଥିଲା ଗୋଟେ ଗଛ, ଯାହା ଏବେ ବିଲୁପ୍ତ, ମାଟିତଳେ ରହିଯାଇଛି ଗଛଟାର ଗଣ୍ଡି ଓ ସେଇ ଗଣ୍ଡିରେ ବାସ କରୁଛି ଗୋଟେ ଅଶରୀରୀ ଆତ୍ମା। ଭଣ୍ଡ କାପାଳିକ ଭଳି ଦୁର୍ଦ୍ଧର୍ଷ ଚେହେରା ରଖିଥିବା ଲୋକଟା ଏତେ ସୁନ୍ଦର ସୁନ୍ଦର ଫର୍ମୁଲାରୁ କୌଣସି ଗୋଟେ ହେଲେ ବି ପ୍ରୟୋଗ କରି ନ ଥିଲା ଅନିମା ପ୍ରତି।

ସନ୍ଧ୍ୟାରେ ଅମୀୟ ଅଫିସ୍‌ରୁ ଫେରିଲା ପରେ ଅନିମା ଲୋକଟିର ଆସିବା କଥାକୁ ବାରମ୍ବାର କହିଥିଲା, ଯଦିଓ ସେମାନଙ୍କ ଭିତରେ ମାତ୍ର ପାଞ୍ଚୋଟି ବାକ୍ୟ ବିନିମୟ ହୋଇଥିଲା।

ଅନିମା କହିଥିଲା: ସେ ନିଶ୍ଚୟ କହିବ, ତା'ର ସ୍ତ୍ରୀର ଦେହ ଖରାପ। ତା'ର ଅପରେସନ୍ ପାଇଁ ପଇସା ଦରକାର। ତୁମଠୁ କିଛି ଚାନ୍ଦା ସେ ମାଗିବ।

ଅମୀୟ ଚିଡ଼ିଯାଇ କହିଥିଲା: ତୁମେ କେମିତି ଜାଣିଲ ?

ଅନିମା କହିଥିଲା: ମୋତେ କାହିଁକି ସେମିତି ଲାଗୁଛି। ପଇସା ଝାଡ଼ିବା ପାଇଁ ଏହାଠୁ ଭଲ ଫର୍ମୁଲା ଆଉ କ'ଣ ଅଛି ?

ଅମୀୟ କହିଥିଲା: ସତରେ ଯଦି ତା' ସ୍ତ୍ରୀର ଦେହ ଖରାପ ହୋଇଥାଏ ?

ଅନିମା ନାକ ଛିଞ୍ଚାଡ଼ିଥିଲା।

:ତୁମର ତା' ସ୍ତ୍ରୀ ପାଇଁ ଏତେ ଦରଦ କାହିଁକି ?

ଅମୀୟ ମତ ଦେଇଥିଲା: ମଣିଷର ମଣିଷ ପ୍ରତି ଦରଦ ରହିବା ଉଚିତ୍ !

ଅନିମା ତାଚ୍ଛଲ୍ୟ କରିଥିଲା :କୋଉ ସାଙ୍ଗ ସିଏ, ତାହା ମନେପଡୁନି। ହେଲେ

ତା' ସ୍ତ୍ରୀ ପାଇଁ ତୁମର ହୃଦୟ କାନ୍ଦି ଉଠିଲାଣି। ଧନ୍ୟ ତୁମ ପୁରୁଷ ଜାତି !

ଅମୀୟ ପତ୍ନୀ ସହ ଆଉ ଯୁକ୍ତିତର୍କ କରିନାହିଁ। କରିଥିଲେ ତାହା ଗୋଟେ କିମ୍ଭୁତ କିମାକାର ସ୍ୱରୂପ ନେଇ ଠିଆ ହୋଇଥାନ୍ତା ସାମ୍ନାରେ ଓ ସେମାନଙ୍କ ଭିତରେ ପତି-ପତ୍ନୀର ସଂପର୍କ ସାମୟିକ ନିର୍ବାସିତ ହୋଇଯାଇଥାନ୍ତା। ଅନିମା କହିଥାନ୍ତା, ''ଯାଅ ସେଇ ବନ୍ଧୁ ପତ୍ନୀ ପାଖକୁ।'' ଅନ୍ତତଃ ବିଗତ ଦିନର ବୈବାହିକ ଜୀବନର ଅଭିଜ୍ଞତାରୁ ଯେତିକି ଶିଖିଚି ଅମୀୟ।

ପରଦିନ ସକାଳୁ କୁଆଡ଼େ ଗୋଟେ ପଳେଇଯିବ ବୋଲି ଭାବିଥିଲା ଅମୀୟ। ପଳେଇଗଲେ ଅନ୍ତତଃ ଏଇ ସଂଜ୍ଞାହୀନ ବନ୍ଧୁ କବଳରୁ ମୁକ୍ତି ମିଳିବ। କିନ୍ତୁ ତାହା ହୋଇପାରିଲା ନାହିଁ। ପରଦିନ ସକାଳୁ କୁଆ କା କରିବା ପୂର୍ବରୁ ହିଁ ବନ୍ଧୁ ଆସି ହାଜର।

ତାକୁ ଦେଖିବା ପରଠୁ ଅମୀୟର ମନ ଭିତରେ ଗୋଟେ ବାକ୍ୟ ବାରମ୍ବାର ଦୋହଲିବାକୁ ଲାଗିଲା। 'ତମେ କେତେ କ'ଣ ଚାହୁଁଛ କୁହ ?'

ଅମୀୟ ଲୋକଟିକୁ ଆଣି ଡ୍ରଇଁରୁମ୍‌ରେ ବସେଇଲା। ବେଡ୍‌ରୁମ୍‌କୁ ଫେରି ଲୁଙ୍ଗି ବଦଳେଇ ପ୍ୟାଣ୍ଟ୍‌ସାର୍ଟ ପିନ୍ଧିଲା। ମୁହଁ ଧୋଇଲା। ମୁଣ୍ଡ କୁଣ୍ଡେଇଲା। ଲୋକଟି ସେମିତି ଡ୍ରଇଁରୁମ୍‌ରେ ବସି ରହିଥାଏ।

ଏତିକିବେଳେ ଅନିମା ଗତକାଲିର କଟାକ୍ଷରୁ କିଛି ବଞ୍ଚେଇ ଆଣି ଅମୀୟ ସାମ୍ନାକୁ ଆସିଗଲା ଓ ପଚାରିଲା: ଡ୍ରଇଁରୁମ୍‌ରେ ଆଣି କାହିଁକି ବସେଇଲ ସେ ଭୈରବଟାକୁ।

ଅମୀୟ କହିଥିଲା: ସେ ପରା ସାଙ୍ଗଟା !

ଅନିମା ପଚାରିଲା: ସାଙ୍ଗ ! କୋଉ ସାଙ୍ଗ ? ତା'ର ପରିଚୟ ମିଳିଲା ?

ଅମୀୟ କହିଥିଲା: ନା ! ମନେ ପଡୁନି !

ଅନିମା ତା'ର ତୀକ୍ଷ୍ଣ ବାକ୍ୟବାଣ ପ୍ରୟୋଗ କରିବାକୁ ଭୁଲିଲାନି।

କହିଲା: ହଉ ! ଦେଖିବା ! କୋଉ ସାଙ୍ଗ ତମକୁ ସ୍ୱର୍ଗକୁ ନେଇଯାଉଛି। ସାଙ୍ଗମାନେ ଶୋଷକ ବୁଝିଲ !

ଅମୀୟ କିଛି କହିଲାନି।

ସେ ଡ୍ରଇଁରୁମ୍‌କୁ ଆସିଗଲା ଓ ଲୋକଟି ସାମ୍ନାରେ ବସିଗଲା।

କହିଲା: ଏବେ କୁହ !

ଲୋକଟି କହିଲା: ମୁଁ ଆଜି ଫେରିଯାଉଛି !

(ଫେରିଯାଅ ! ଫେରିଯାଅ ! ତୁରନ୍ତ ଫେରିଯାଅ ! ତୁମେ ଆସିବା ଦିନୁ ମୁଁ ଅଜବ ଅଜବ ଚିନ୍ତାରେ ଧନ୍ଦି ହେଉଛି। ତମେ କିଏ ? କୋଉଠୁ ଆସିଲ ? କେବେ, କୋଉ ପ୍ରକାରେ ତୁମ ସହିତ ବନ୍ଧୁତା ଥିଲା ? ଏସବୁ କଥା ଭାବି ଭାବି ମୁଁ ପାଗଳ ହେଲିଣି।)

ଅମୀୟ କହିଲା: ଆଚ୍ଛା !

ଅସଲରେ ତା'ର ଆଉ କିଛି କହିବା ଭଳି ଶବ୍ଦ ବା ବାକ୍ୟ ନ ଥିଲା, କହିବା ପାଇଁ ସେଇ ସମୟରେ ବା ସେଇ ପରିସ୍ଥିତିରେ।

ଲୋକଟି କହିଲା: ତୁମେ ତ ଜାଣି ନ ଥିବ ? ତୁମକୁ କହିନାହିଁ। କହିବାକୁ ଆଉ ସୁଯୋଗ ପାଇଲି କୋଉଠି ? ଭାବିଥିଲି ଟିକେ ଅଧିକ ସମୟ ଏକାଠି ବସିଥିଲେ ଗପସପ ହୋଇଥାନ୍ତେ। ମାତ୍ର ତାହା ହୋଇପାରିଲାନି।

(ଆଉ ଅଧିକ ଗପସପ ବି ଉଚିତ୍ ନୁହେଁ। ମୋର ପତ୍ନୀର ଗୋଟେ ହିସାବ ଖାତା ଅଛି। ଯେଉଁଥିରୁ ଜଣାପଡ଼ିଛି ଯେ ମୋର ସାଙ୍ଗମାନେ ମୋତେ ଚିରକାଳ ଶୋଷଣ କରି ଆସିଛନ୍ତି। ବିନା କାମରେ କେହି ସାଙ୍ଗ ଏ ଦୁଆର ମାଡ଼ି ନାହାନ୍ତି କିମ୍ବା ବିନା ପ୍ରାପ୍ତିରେ କେହି ଫେରିନାହାନ୍ତି। ତୁମେ ଅଧିକ ସମୟ ଏଠି ରହିବା ବା ଗପିବାର ଅର୍ଥ ପତ୍ନୀ ସହିତ ଅଧିକ ଝଗଡ଼ା ଓ ଯୁକ୍ତିତର୍କ।)

ଅମୀୟ କହିଲା: ହଁ... ! କହୁଥିଲେ ମୁଁ ଜାଣି ନ ଥିବି ଯେ...।

:ହଁ ! ହଁ ! ତୁମେ ଜାଣି ନ ଥିବ ଯେ ମୁଁ ଆଜିକାଲି କେରଳରେ ରହୁଛି। ଆଜି ହିଁ ଫେରିଯିବି କେରଳ। କିନ୍ତୁ ତୁମକୁ ଗୋଟିଏ କଥା କହିବାକୁ ଚାହିଁଥିଲି।

(ମୁଁ ଜାଣେ ! ମୁଁ ଜାଣେ, ତୁମେ କ'ଣ କହିବ ! କହିବ ଯେ ତୁମର ପତ୍ନୀଙ୍କୁ କ୍ୟାନସର୍। ଡାକ୍ତରଖାନା ଦୌଡ଼ି ଦୌଡ଼ି ତୁମର ଚପଲ ଛିଡ଼ିଗଲାଣି। ପାଣି ଭଳି ପଇସା ଖର୍ଚ୍ଚ କରି କରି ତୁମେ ସର୍ବସ୍ୱାନ୍ତ। ତୁମେ ଏବେ ପକେଟ୍‌ରୁ ବାହାର କରିବ ଗୋଟେ ଗୋଛା ପ୍ରେସ୍‌କ୍ରିପ୍‌ସନ୍। ଅନେକ ଗୁଡ଼ାଏ ଟେଷ୍ଟ୍‌ର ରିପୋର୍ଟ। ରିପୋର୍ଟରେ ଲେଖା ହୋଇଥିବା ଅନେକ ଅବୋଧ୍ୟ କଥାକୁ ମୋତେ ବୁଝାଇବାକୁ ଚେଷ୍ଟା କରିବ। ସେଇ ସବୁ ଟେଷ୍ଟ୍ ପାଇଁ କେତେ କେତେ ପଇସା ଖର୍ଚ୍ଚ ହୋଇଛି ତା'ର କାଳ୍ପନିକ ହିସାବ ଦେବ। ଏସବୁ ଶୁଣାଇ ତୁମେ ମୋତେ ତରଳାଇବାକୁ ଉଦ୍ୟମ କରିବ। ମୁଁ ଜାଣେ ! ମୁଁ ଜାଣେ।)

ଅମୀୟ କହିଲା: କୁହ! କୁହ କ'ଣ କହିବାକୁ ଚାହୁଁଥିଲ।

ଲୋକଟି କହିଲା: ସାଙ୍ଗ ବୋଲି ମୁଁ ତୁମକୁ କହୁଚି। ନୋହିଲେ ଏପରି କଥା ମୁଁ କହିପାରନ୍ତି ନାହିଁ।

(ମତେ ଆଉ ଗୋଲକ ଧନ୍ଦା ଭିତରେ ପକାଅ ନାହିଁ ବନ୍ଧୁ! ମୁଁ ଜାଣେ, ତୁମଭଳି ବନ୍ଧୁମାନେ କ'ଣ ଚାହାନ୍ତି। କିନ୍ତୁ ଆମେ ତ ବନ୍ଧୁ ହିଁ ନୋହୁଁ। ଆମେ କେବେ ଏକାଠି ହୋଇଥିଲେ, କେବେ ମିଶିଥିଲେ, ଗପିଥିଲେ ବା ଦିନ କାଟିଥିଲେ ତାର ସାମାନ୍ୟତମ ସୁରାକ ଏ ପର୍ଯ୍ୟନ୍ତ ମିଳିନାହିଁ। ବନ୍ଧୁତାର ଖାତିର ପୁଣି କ'ଣ? ଏବେ କୁହ, ତୁମେ କେତେ ଆଶା କରୁଛ। ତା'ପରେ ଯାଇ ମୁଁ ସ୍ଥିର କରିବି ମୁଁ କେତେ ଦେଇ ପାରିବି। କିନ୍ତୁ ସାବଧାନ! ମୋର ଯାହା ଅବସ୍ଥା ଶହେ ଟଙ୍କାରୁ ମୁଁ ଅଧିକା ଦେଇ ପାରିବିନି।)

ଅମୀୟ କହିଥିଲା: ହଁ! କୁହ!

ଲୋକଟି କହିଲା: ମୁଁ ପ୍ରଥମରୁ କହି ଦିଏ ଯେ ଆମେ କେରଳରେ କ'ଣ କରୁ। ସତ କଥାଟି ହେଲା ଆମେ କେରଳରେ ଗୋଟେ ଉଗ୍ରବାଦୀ ସଂଗଠନ ପାଇଁ କାମ କରୁଛୁ। ଆମର କାମ ହେଲା ସମାଜରୁ ଶତ୍ରୁମାନଙ୍କୁ ନିକାଲିବା। ତମେ ତ ନିଶ୍ଚୟ ବୁଝିପାରୁଥିବ, ଆମ ସମାଜର ଶତ୍ରୁ କିଏ? ଏ ସମାଜ ହେଉଛି ସାଧାରଣ ମଣିଷର ସମାଜ। ସାଧାରଣ ମଣିଷକୁ ଶୋଷଣ କରି ଯୋଉମାନେ ପୁଞ୍ଜିପତି ସାଜିଛନ୍ତି ସେମାନଙ୍କୁ ନିପାତ କରିବା ହେଉଛି ଆମ ସଂଗଠନର ଲକ୍ଷ୍ୟ!

(ତାମାନେ ମୋତେ ଗୋଟେ ଉଗ୍ରବାଦୀ ସଂଗଠନକୁ ଚାନ୍ଦା ଦେବାକୁ ହେବ? ହେଲେ ତୁମେମାନେ କ'ଣ ଟଙ୍କା ଶହେଟାରେ ସନ୍ତୁଷ୍ଟ ହେବ। ମୁଁ ତ ଶୁଣିଛି ତୁମେମାନେ ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ନିଅ। ହେଲେ ମୁଁ ତ ଶହେ ଟଙ୍କାରୁ ଅଧିକା ଟଙ୍କା ଦେଇ ପାରିବି ନାହିଁ। ଅଧିକ ଦେବାଭଳି ସାମର୍ଥ୍ୟ ମୋର ନାହିଁ। ତା ଛଡ଼ା ମୁଁ ଯେ ସରକାରୀ କର୍ମଚାରୀ। ଉଗ୍ରବାଦୀ ସଂଗଠନକୁ ଚାନ୍ଦା ଦେବା କଣ ମୋ ପକ୍ଷେ ଉଚିତ୍! ତୁମେ ତ ମୋର ଜଣେ ବନ୍ଧୁ! ତୁମେ ବିଚାର କର।)

ଅମୀୟ ଚମକି ପଡ଼ି କହିଲା: ତୁମେ ଉଗ୍ରବାଦୀ?

ଲୋକଟି ଆତ୍ମ ବିଶ୍ୱାସର ହସ ହସିଲା।

କହିଲା: ହଁ! ତେବେ ଏଠି ନୁହେଁ। କେରଳରେ। କେରଳରେ ମୋ ନାମରେ ପାଞ୍ଚଟା ୱାରେଣ୍ଟ୍ ବୁଲୁଛି। ତେବେ ସେଥିପାଇଁ ମୁଁ ଚିନ୍ତିତ ନୁହେଁ। ସେଇଟାତ ଆମର

କାମ !

ଅମୀୟ ପଚାରିଲା: ତୁମେ ମୋ ଠାରୁ କଣ ଚାହଁ ?

ଲୋକଟି କହିଲା: ଆମେ ଖୁବ ଶୀଘ୍ର ଓଡ଼ିଶାରେ ଶାଖା ଖୋଲିବୁ। ଖୁବ୍ ବେଶୀରେ ବର୍ଷେ ଭିତରେ।

(ତୁମେ କ'ଣ ଚାହୁଁଛ ମୁଁ ସେଇ ଉଗ୍ରବାଦୀ ସଂଗଠନର ଓଡ଼ିଶା ଦାୟିତ୍ୱ ନେବି। ଏହା କି ସମ୍ଭବ ? ମୁଁ ତ ବାଳବଚ୍ଚା ବାଲା ସଂସାରୀ, ପୁଣି ସରକାରୀ କର୍ମଚାରୀ ! ମୁଁ ଜୀବନରେ ଏପର୍ଯ୍ୟନ୍ତ ରିଭଲ୍‌ଭର ଦେଖି ନାହିଁ କି ଗୁଳି ଫୁଟାଇ ନାହିଁ। ସାପଟେ ବି ମାରି ପାରିନି ଜୀବନରେ। ମୁଁ ପୁଣି ଉଗ୍ରବାଦୀ ସଂଗଠନର ଦାୟିତ୍ୱ ନେବି ? ଏତେ ଅଯୋଗ୍ୟ ଲୋକକୁ ତୁମେ ଚିହ୍ନଟ କରୁଛ କେମିତି ?)

ଲୋକଟି ପଚାରିଲା: ତୁମେ ଦରମା କେତେ ପାଉଛ ?

ଅମୀୟ ଆଶ୍ଚର୍ଯ୍ୟ ହୋଇଥିଲା ଓ ଅପ୍ରତିଭ ହସ ହସିଥିଲା।

କହିଥିଲା: କାହିଁକି ?

(ମୋ ଦରମାରୁ କଣ ତୁମେମାନେ ଭାଗ ନେବ ! ଏମିତିରେ ତ ଦରମା ଟଙ୍କା ଅଣ୍ଟେନି। ସେଥିରୁ ପୁଣି ଭାଗ ?)

ଲୋକଟି କହିଲା: ବେଶ ବଡ଼ ଘରଟେ ବନେଇଛ ତ !

ଅମୀୟ କ'ଣ କହିବ ସ୍ଥିର କରିପାରିଲାନି।

(ତୁମେମାନେ କ'ଣ ଚାହଁ, ଏଇ ଘରେ ତୁମର କାର୍ଯ୍ୟାଳୟ ଖୋଲିବ ? ନା ! ନା ! ତା'ହୋଇ ପାରିବନି। ଅନିମା ମତେ ଜୀଅନ୍ତା ଚୋବେଇ ଦେବ।)

ସେ ହଠାତ୍ ସିଧାସଳଖ ସେଇ ପ୍ରଶ୍ନଟା ପଚାରିଲା ଯାହା ସେ ପ୍ରଥମରୁ ପଚାରିବ ବୋଲି ଭାବି ଆସୁଥିଲା। କହିଲା: ତୁମେ ମୋଠୁ କ'ଣ ଚାହଁ ?

ଲୋକଟି କହିଲା: ଆମ ସଂଗଠନ ଓଡ଼ିଶାରେ ବି ସମାଜ ବିରୋଧୀମାନଙ୍କୁ ନିପାତ କରିବ। ମୁଁ ଚାହେଁନା ମୋର କେହି ସାଙ୍ଗ ସେଇ ହିଟ୍ ଲିଷ୍ଟରେ ରୁହନ୍ତୁ।

ଏଥର ଅମୀୟର ଏକରକମ ଆତଙ୍କିତ ହୋଇଯିବାର ପାଳି। ତା'ମାନେ ଲୋକଟା ତାକୁ ସମାଜବିରୋଧୀ ବୋଲି ମନେ କରୁଛି। କିନ୍ତୁ କାହିଁକି ?

ସେ ନିଜଆଡୁ ନରମ ସ୍ୱରରେ ନିଜର କୈଫିୟତ ଦେଲା ଭଳି କହିଲା: ତୁମେ ମୋତେ ସମାଜବିରୋଧୀ ବୋଲି ଭାବୁଛ କାହିଁକି ? ତୁମେ ତ ମୋର ଜଣେ ଘନିଷ୍ଠ ବନ୍ଧୁ ! ମୋତେ ଖୁବ୍ ପାଖରୁ ଦେଖିଚ। ମୋତେ ଜାଣିଛ ! ତୁମେ କୁହ, ମୁଁ

କଣ କେବେ ସମାଜ ବିରୋଧୀ ହୋଇପାରେ ? ମୁଁ ତ ସାଧାରଣ ନିରୀହ ସରକାରୀ କର୍ମଚାରୀଟିଏ। ନିରୀହ ସଂସାରୀଟିଏ। ମୁଁ ଦିନ ଦଶଟାରେ ଅଫିସ୍ ଯାଏ, ସନ୍ଧ୍ୟାରେ ଘରକୁ ଫେରି ବଜାର ଯାଏ, ପରିବା କିଣେ। ବଜାରରୁ ଆସି ପିଲାମାନଙ୍କ ପଢ଼ାପଢ଼ି ଦେଖେ। ରାତି ବେଶି ହେଲେ ଟେଲିଭିଜନ ଦେଖେ। ମୋର କାହାରି ସହିତ ସଂପର୍କ ନାହିଁ କି ମୁଁ କୌଣସି ଅସାମାଜିକ କାର୍ଯ୍ୟକଳାପ ଭିତରେ ନାହିଁ।

ତା'ର କୈଫିୟତ୍‌ରେ ଲୋକଟି ସନ୍ତୁଷ୍ଟ ହେଲା ନାହିଁ ଯେମିତି।

କହିଲା: ଯୋଉମାନେ ଏଇ ସମାଜ ଭିତରେ ଥାଇ ସମାଜ ପାଇଁ କିଛି କରନ୍ତି ନାହିଁ, ସ୍ୱାର୍ଥପର ଭାବରେ ନିଜ ଖୋଳପା ଭିତରେ ନିଜେ ବନ୍ଦୀ ହୋଇ ରହିଥାନ୍ତି, ସେମାନଙ୍କୁ ବି ଆମ ଅନୁଷ୍ଠାନ ଶ୍ରେଣୀ ଶତ୍ରୁ ବୋଲି ମନେକରେ। ଯୋଉ ସରକାରୀ କର୍ମଚାରୀ ସମାଜ ପାଇଁ କିଛି ନକରି କେବଳ ନିଜ ଦରମା ବିଷୟରେ ଭାବୁଥାଏ, ତାର ଏ ସମାଜରେ ସ୍ଥାନ ନାହିଁ।

ଅମୀୟର ମୁହଁ କଳା ପଡ଼ିଯାଇଥିଲା। ପାଦ ଥରୁଥିଲା।

କହିଲା: ଏବେ ମୁଁ କଣ କରିବି ବୋଲି କହୁଚ ? ତୁମେ ତ ମୋର ଏତେ ଦିନ ପୁରୁଣା ବନ୍ଧୁ ! ତୁମେ କୁହ ! ମୁଁ କଣ କରିବି ?

ଲୋକଟି ତାର ଉପଦେଶ ଦେଲା: ମଣିଷ ହୁଅ। ସ୍ୱାର୍ଥପର ହୁଅନାହିଁ। ଦୁର୍ନୀତିଗ୍ରସ୍ତ ହୁଅ ନାହିଁ। ସମାଜ ପାଇଁ କିଛି କର !

ଶପଥ କଲା ଭଳି ଅମୀୟ କହିଥିଲା: କରିବି ! ନିଶ୍ଚୟ କରିବି !

ଲୋକଟି ହାତ ଯୋଡ଼ିଲା। ମୃଦୁ ହସ ହସିଲା।

କହିଲା: ମୁଁ ତେବେ ଆସିଲି।

ଅମୀୟ ବି କୃତଜ୍ଞତାରେ ହାତ ଯୋଡ଼ି ଦେଇଥିଲା।

ଲୋକଟି ବାହାରିଗଲା। ତାକୁ ଛାଡ଼ିବାକୁ ଗେଟ୍ ପର୍ଯ୍ୟନ୍ତ ଯାଇଥିଲା ଅମୀୟ ! ଲୋକଟି ବାହାରକୁ ଚାହିଁଲା। ରାଜଧାନୀର ଗଳିଗଳିରେ ଭରି ଉଠିଛି ନୂଆ ନୂଆ ଡ଼ିଜାଇନ୍‌ର ସୁରମ୍ୟ ଅଟ୍ଟାଳିକା ସବୁ।

ଲୋକଟି ସେଇସବୁ କୋଠାଘରକୁ ହାତ ଦେଖାଇ କହିଲା: ଏଇ ସବୁ କୋଠା ସାଧାରଣ ମଣିଷର ଶୋଷଣରୁ ଲବ୍ଧ ଅର୍ଥରେ ତିଆରି ହୋଇଛି। ଆମେ ପ୍ରଥମେ ଏଇସବୁ କୋଠାଘରକୁ ଭାଙ୍ଗି ମାଟିରେ ମିଶେଇ ଦେବୁ !

ଅମୀୟ ସେଇ ଅଜଣା ଉଗ୍ରବାଦୀ ସଂଗଠନର ଜଣେ ସକ୍ରିୟ ସମର୍ଥକ ଭଳି

କହିଥିଲା : ନିଶ୍ଚୟ! ନିଶ୍ଚୟ!

ଗେଟ ଡ଼େଇଁ ଯିବା ପୂର୍ବରୁ ଲୋକଟି କହିଥିଲା:ମୁଁ ଏଠି ପ୍ରାୟ ସାଙ୍ଗମାନଙ୍କୁ ଭେଟିଛି ଓ ସମସ୍ତଙ୍କୁ ସତର୍କ କରିଦେଇଛି। କାଲିତ ସଂଗ୍ରାମକୁ ଭେଟିଥିଲି। ବ୍ରଜବନ୍ଧୁ, କୁନାଳ, ହରିହରଙ୍କୁ ବି ଭେଟିଥିଲି। ସମସ୍ତଙ୍କୁ କହି ଦେଇଛି ଏଇ କଥା।

ଅମୀୟ ପଚାରିଲା: ସଂଗ୍ରାମ ? ସିଏ କିଏ ? ବ୍ରଜବନ୍ଧୁ କିଏ ? ହରିହର କିଏ ?

ଲୋକଟି ଆଶ୍ଚର୍ଯ୍ୟ ହେଇଥିଲା।

:କଣ ହେଲା ? ତୁମର ମନେ ପଡୁନି। ସେମାନେ ସମସ୍ତେ ଆମ ଗ୍ରୁପ୍‌ରେ ଥିଲେ ପରା।

ଅମୀୟ ମନେ ପକେଇଲା। କିଛି ମନେ ପଡ଼ିଲାନି। ଅର୍ଥାତ୍ ସେ ଯା ଭିତରେ ଏତେ ଅସାମାଜିକ ହେଇଯାଇଛି ଯେ ଭୁଲିଯାଇଛି ନିଜ ସାଙ୍ଗମାନଙ୍କ କଥା। ନିଜ ଗ୍ରୁପ୍‌ର କଥା। ତାର କୋଉ ଗ୍ରୁପ୍ ଥିଲା ଯେ? ଆଜିକାଲି କୋଉ ସାଙ୍ଗ ମନେ ପଡ଼ନ୍ତିନି, କିମ୍ବା ମନେ ପଡ଼େନା ସାଙ୍ଗ ସୁଖର ଦିନସବୁ। ଏବେ କେବଳ ଚାକିରୀ, ଦରମା ଓ ଫାଇଲ୍। ସଂସାର, ପରିବା ବ୍ୟାଗ ଓ ସ୍ୱାର୍ଥ। ଏବେ କେବଳ ରାଜଧାନୀରେ ଘର ତିଆରି, ଗାଡ଼ି ଓ ବ୍ୟାଙ୍କ ବାଲାନ୍ସର ନିଶା। ସତରେ ସେ ଏମାନଙ୍କୁ ଭୁଲିଯାଇଛି ନା କେବେବି ସେମାନେ ତାର ସାଙ୍ଗ ନଥିଲେ। ଲୋକଟା ଭୁଲ୍ ଠିକଣାରେ ଭୁଲ୍ କଥା ସବୁ କହିଯାଉନିତ!

ଲୋକଟି କହିଲା: ମୁଁ ଚାଲିଲି ବନ୍ଧୁ!

ଅସହାୟ ତଥା ବିମୂଢ଼ ସ୍ୱରରେ ଅମୀୟ କହିଲା: ତୁମେ ପ୍ରକୃତରେ ମୋର ଶୁଭେଚ୍ଛୁ। ମୋର ପ୍ରକୃତ ବନ୍ଧୁ! ତୁମେ ବନ୍ଧୁର କର୍ତ୍ତବ୍ୟ କରିଛ।

ଲୋକଟି କହିଲା: ତୁମେ ମଣିଷର କର୍ତ୍ତବ୍ୟ କର।

ଲୋକଟି ଚାଲିଯିବା ପରେ ଅନେକ ସମୟ ପର୍ଯ୍ୟନ୍ତ ଗେଟ ବାହାରେ ହାତ ହଲଉ ଥିଲା ଅମୀୟ।

ଏଇ ସୁଯୋଗରେ ତାର ପତ୍ନୀ ବାହାରି ଆସିଥିଲା ଘର ଭିତରୁ ଓ ପାଖରେ ଆସି ଠିଆ ହେଲା।

ପଚାରିଲା: କେତେ ଦେଲ ? ମାନେ କେତେରେ ତୁଟିଲା ବନ୍ଧୁପ୍ରତି ତୁମର କର୍ତ୍ତବ୍ୟ ?

ଅମୀୟ ତାର ପ୍ରଶ୍ନକୁ ବୁଝିପାରୁନି ଯେମିତି ସେଇଭଳି ମୁଖଭଙ୍ଗୀ କରି କହିଲା:

ସେ ତା'ର ବନ୍ଧୁର କର୍ତ୍ତବ୍ୟ କରିଛି। ମୁଁ କ'ଣ ମଣିଷର କର୍ତ୍ତବ୍ୟ କରି ପାରିବି?

ଅନିମା ପଚାରିଲା: ଚିହ୍ନା ପରିଚୟ ହେଲା ତ! କୋଉ ସାଙ୍ଗ ସିଏ ମନେ ପଡ଼ିଲାଟି?

ଅମୀୟ ସେମିତି ଅନ୍ୟମନସ୍କ। ବିଷାଦିତ, ଚିନ୍ତିତ ତଥା କନ୍‌ଫ୍ୟୁଉଜ୍‌ଡ।

କହିଲା: ସେ ତା'ର ବନ୍ଧୁର କର୍ତ୍ତବ୍ୟ କରିଛି।

ତା କଥା ବୁଝି ପାରୁ ନ ଥିଲା ଅନିମା।

ତାକୁ ହଲେଇ ଦେଇ କହିଲା: କଣ କହୁଚ ତମେ?

ଅମୀୟ ରାଗିଗଲା।

ଗର୍ଜନ କଲା ଭଳି କହିଲା: ମୁଁ ପରା ପ୍ରଥମରୁ ମନା କରୁଥିଲି, ଏତେ ବଡ଼ ଘର କରିବାକୁ। ଏବେ ଭୋଗ!

# ଚଡ଼େଇ

ଛକ ଉପରେ ସେ ଚୁପ୍ ଚାପ୍ ରିକ୍ସା କାଟି ପଳେଇ ଯିବାକୁ ବସିଲା, ମାତ୍ର ଟ୍ରାଫିକ୍ ପୋଲିସ୍‌ର ଶ୍ୟେନ ଆଖିରୁ ଖସିଯିବା କଥା ନୁହେଁ। ଖସି ଯାଇ ପାରିଲାନି ବି । ଟ୍ରାଫିକ୍ ପୋଲିସ୍ ହ୍ୱିସିଲ୍ ଦେଲା, ମାତ୍ର ସେ ନ ଶୁଣିଲା ଭଳି ରିକ୍ସା ଗଡ଼େଇ ନେଲା ଆଗକୁ। ହ୍ୱିସିଲ୍‌ର ନିର୍ଦ୍ଦେଶକୁ ଅମାନ୍ୟ କଲା।

ରିକ୍ସାରେ ବସିଥିବା ଲୋକଟି ଥିଲା ପାଲିତ। କହିଲା: ତତେ ରହିବାକୁ ବୋଧେ କହୁଚି।

ରିକ୍ସାବାଲା କହିଲା: ହଁ

:ତେବେ ରହୁନୁ କାହିଁକି ?

:ସେ ମିଛକୁ ଡ଼ାକୁଛି।

ଟ୍ରାଫିକ୍ ପୋଲିସ୍ ତାର ଛକ ମଝିରେ ଥିବା ଉଚ୍ଚା ଆସନରୁ ଓହ୍ଲାଇ ଆସିଲା। ତା ଆଗରେ ଏବେ ବାରବର୍ଷର ବୀର ବେହେରା ଚଲଉଥିବା ରିକ୍ସାଟା ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇ ଯାଇଛି। ଗୋଟେ ସଙ୍କଟ ବା ସଙ୍କଟ ସୃଷ୍ଟି କରିବାର ସମ୍ଭାବନା ଥିବା ପ୍ରତିଶ୍ରୁତି। ସେ ତେଣୁ ଭ୍ରୁକ୍ଷେପ କଲାନାହିଁ ଚାରିଦିଗରୁ ମାଡ଼ି ଆସୁଥିବା କାର୍, ମଟର, ଟ୍ରକ ଇତ୍ୟାଦି ଅତିକାୟ ରାସ୍ତାଦାନବମାନଙ୍କୁ । ସେ ଭୁଲିଗଲା ତାର ପ୍ରଚଣ୍ଡ ଦାୟିତ୍ୱବୋଧ, ଏବଂ ଏବେ ଏଇ ମୂହୁର୍ତ୍ତରେ ତାର ସବୁଠୁ ବଡ଼ କର୍ତ୍ତବ୍ୟ ବୀର ବେହେରାକୁ ପକକଡ଼ିବା।

ସେ ଧାଇଁଲା ବୀର ବେହେରା ପାଖକୁ। ରିକ୍ସାର ହ୍ୟାଣ୍ଡଲ ଉପରେ ତାର ରୁଲ ବାଡ଼ିକୁ କଚାଡ଼ି ଦେଲା। ବୀରବେହେରା ବାଧ୍ୟ ହୋଇ ରିକ୍ସା ରୋକି ଦେଲା।

:କିରେ ! ତୋତେ ପରା ମନା ହୋଇଥିଲା ରିକ୍ସା ଟାଣିବାକୁ।

:ଆଉ କଣ କରିବି ?

ଟ୍ରାଫିକ୍ ପୋଲିସ କହିଲା :ତୁ ଆଉ ଯାହା କରୁଛୁ କର, କିନ୍ତୁ ରିକ୍ସା ଟାଣି

ପାରିବୁନି। ସରକାର ନିୟମ କରିଛନ୍ତି ପରା ଚଉଦ ବର୍ଷରୁ କମ ବୟସର ପିଲା ରିକ୍ସା ଟାଣିପାରିବେ ନାହିଁ। ତତେ ସେଦିନ ଥାନାରେ ଏତେ ଧମକ ଦିଆହେଲା, କଣ ବୁଝିଲୁ ?

ବୀର ବେହେରା ଏଣିକି ତେଣିକି ଚାହିଁଲା, ଆକାଶ, କୋଠାଘର, ବିଜୁଳୀଖୁଣ୍ଟ ଓ ଚଳମାନ ଯାନବାହାନ ଆଡୁ ଦୃଷ୍ଟି ଫେରାଇ ଆଣି କହିଲା : ମୁଁ ଆଉ କଣ କରିବି ଆଜ୍ଞା !

ଟ୍ରାଫିକ୍ ପୋଲିସ୍ ତାକୁ ଧମକ ଦେବା ଭଙ୍ଗୀରେ କହିଲା: ଓହ୍ଲା। ଓହ୍ଲା। ଓହ୍ଲା ରିକ୍ସାରୁ। କାନ ଧରିକି ସିଧା ଥାନାକୁ ଚାଲ।

ବୀରବେହେରା ଦୀର୍ଘ ଶ୍ୱାସ ପକାଇଲା।

ଏ ଘଟଣାରେ ପାଲିତ୍ ପଶିବା କଥା ନୁହେଁ। କାରଣ ତା ମତରେ ସରକାରୀ କର୍ମଚାରୀମାନେ ନିଜର ଦାୟୀତ୍ୱ ସଂପାଦନ କରୁଥିଲାବେଳେ ସେମାନଙ୍କୁ ବାଧାଦେବା ଅନୁଚିତ। କିନ୍ତୁ ସେ ଟିକେ ତରବର ଥିଲା, ତାର ଡେ଼ରି ହେଇଯାଉଥିଲା, ତାକୁ ଏବେ ବସ ଧରିବାକୁ ହେବ। ବସରୁ ଓହ୍ଲାଇ ମିଟିଂରେ ପହଞ୍ଚିବାକୁ ହେବ। ବିଳମ୍ବ ହେଲେ ମିଟିଂ ଶେଷ ହୋଇଯିବ ଓ ସାରାରାତି ବସି ସେ ଯେଉଁ ଭାଷଣ ପ୍ରସ୍ତୁତ କରିଛି ତାହା ଅକାରଣ ହୋଇଯିବ।

ସେ ଟ୍ରାଫିକ୍ ପୋଲିସକୁ ପଚାରିଲା: ଆଇ.ଏଲ୍.ଓ. ତ କହିଚି ପନ୍ଦର ବର୍ଷଠୁ କମ ବୟସର ପିଲା କାମ କରି ପାରିବେନି, ଆପଣ କଣ କହୁଛନ୍ତି ଚଉଦବର୍ଷ ବୋଲି।

ଟ୍ରାଫିକ୍ ପୋଲିସ ତା ଜୀବନରେ ଆଇ.ଏଲ.ଓ.ର ନାମ ଶୁଣି ନଥିଲା ଯେପରି, ସେହିପରି ଭଙ୍ଗୀରେ ଆଁ କରି ଅନେଇ ରହିଲା। କହିଲା: ମୁଁ ସରକାରଙ୍କ ନିୟମ ମାନିବିନା ତୁମ ଆଇ.ଏଲ.ଓ.ର ?

ପାଲିତ ତାକୁ ବୁଝାଇବାକୁ ଚେଷ୍ଟାକଲା: ସେ ତମ ସରକାରଙ୍କଠୁ ଉପରେ, ସେ ହେଉଛନ୍ତି ବିଶ୍ୱ ସରକାର। ମାନେ ବିଶ୍ୱଶ୍ରମିକ ସଂଗଠନ।

ପାଲିତର ବ୍ୟାଖ୍ୟା ଟ୍ରାଫିକ୍ ପୋଲିସ ବୁଝିଲା କି ନାଇଁ ଜଣାଗଲା ନାଇଁ। କିମ୍ବା ତା ମୁହଁରେ ସେଇ ଅଜ୍ଞତାର କୌଣସି ଭାବାନ୍ତର ଦେଖାଗଲା ନାହିଁ। ସେ ମୁହଁ ବୁଲାଇନେଲା ବୀରବେହେରା ଆଡ଼କୁ ଓ କହିଲା: ଓହ୍ଲା। ନ ହେଲେ ପମ୍ପ ଖୋଲି ଦେବି।

ପାଲିତ ଏଥର ଟ୍ରାଫିକ ପୋଲିସର କାର୍ଯ୍ୟ ଭିତରକୁ ଲମ୍ଫ ଦେଲା: ପ୍ଲିଜ୍ ଆଜ୍ଞା। ତାକୁ ଛାଡ଼ି ଦିଅନ୍ତୁ, ମୋର ଡ଼େରି ହେଇ ଯାଉଚି। ମୋର ନିହାତି ଜରୁରୀ କାମ ଅଛି। ପ୍ଲିଜ୍ ଏଇ ଅନୁରୋଧ ରଖନ୍ତୁ। ଏବେ ତାକୁ ଛାଡ଼ି ଦିଅନ୍ତୁ।

ପାଲିତର ଅନୁରୋଧ ରକ୍ଷାକରିବି କି ନ କରିବି ସେ କଥା ଟ୍ରାଫିକ୍ ପୋଲିସ ଭାବିବା ପୂର୍ବରୁ, କୌଣସି ମନ୍ତବ୍ୟ ଦେବା ପୂର୍ବରୁ ହିଁ ଗୋଟେ ଅଭାବନୀୟ ଘଟଣା ଘଟିଗଲା। ଅଦୂରସ୍ଥ ଛକ ପାଖରେ ଦୁର୍ଘଟଣାଟିଏ ସଂଘଟିତ ହୋଇଗଲା। ଗୋଟେ ମୋଟର ସାଇକେଲ କାର ଚକତଳକୁ ଚାଲିଯାଇଚି। ପେଷିହୋଇ ଯାଇଚି ଚାଳକ। କୋଳାହଳ, ଚିତ୍କାର, ମଟର ସାଇକେଲର ଚିତ୍ପଟାଙ୍ଗ ଦୃଶ୍ୟ ଓ ରକ୍ତ ଆଗରେ ସବୁ ଦର୍ଶକ, ଜନତା ଅସହାୟ ହୋଇ ଧାଇଁ ଯାଉଛନ୍ତି। ହ୍ୱିସିଲ ମାରି ମାରି ଟ୍ରାଫିକ୍ ପୋଲିସ ସେଇଦିଗକୁ ଧାଇଁଗଲା।

ପାଲିତ କହିଲା: ତୁ ଚଲା ଶୀଘ୍ର। ଏଇ ସୁଯୋଗରେ ପଳେଇଯିବା। ନ ହେଲେ ସେ ଟ୍ରାଫିକ୍ ପୋଲିସ ଏ ଦୁର୍ଘଟଣା ପାଇଁ ତୋତେ ଦାୟୀ କରିବାର ସମ୍ଭାବନା ରହିଚି।

ସେଠୁ ଖସି ପଳାଇଗଲା ବେଳେ, ଟିଣ୍ ଟିଣ୍ ବେଲ ବଜେଇ ବାରବର୍ଷର ବୀରବେହେରା ମନ୍ତବ୍ୟ ଦେଲା: ହଁ ଆଜ୍ଞା! ସେ ସେମିତି କରେ।

ପାଲିତ ପୁଣି ସହରର ଚଳମାନ ଦୃଶ୍ୟ ଓ ଯାନବାହନର ସାଇରନ୍‌ଠୁ ନିଜକୁ ଦୂରେଇ ଆଣିଲା। ପକେଟରୁ କାଗଜ କାଢ଼ି ତା ଭାଷଣର ଅଂଶ ବିଶେଷକୁ ମୁଖସ୍ତ କରିବାକୁ ଲାଗିଲା।

''ଆନ୍ତର୍ଜାତୀୟ ଶ୍ରମ ସଂଗଠନର ହିସାବ ଅନୁଯାୟୀ ବିକାଶୋନ୍ମୁଖୀ ରାଷ୍ଟ୍ରମାନଙ୍କରେ ଆଠ ବର୍ଷରୁ ପନ୍ଦର ବର୍ଷ ମଧ୍ୟରେ ୭୫୦ଲକ୍ଷ ଶିଶୁ କାର୍ଯ୍ୟ କରୁଛନ୍ତି। କେବଳ ଭାରତ ବର୍ଷରେ ଏହି ଶିଶୁଶ୍ରମିକ ମାନଙ୍କ ସଂଖ୍ୟା ଦେଲା ୧୬୫ଲକ୍ଷ। ଏମାନେ ଖଣି ଭିତରେ, ବହୁ ବିପଦ ଶଙ୍କୁଳ ସ୍ଥାନରେ, ଦୂଷିତ ପରିବେଶରେ , କାରଖାନାରେ କାମ କରି ଜୀବନ ନିର୍ବାହ କରନ୍ତି। ଯଦିଓ ଏହା ଆଇନାନୁଯାୟୀ ଅନୁଚିତ୍।

ପାଲିତ୍ ତା ପ୍ରସ୍ତୁତ ଭାଷଣରୁ ଓହରି ଆସି ବୀରବେହେରାକୁ ପ୍ରଶ୍ନକଲା।

:ତୋ ନାଁ କଣ?

:ବୀରବେହେରା।

:ବୟସ ?

:ବାରବର୍ଷ ।

:ତୁ ରିକ୍ସା ଟାଣୁଚୁ କାହିଁକି ?

:ଆଉ କଣ କରିବି ?

:ପାଠ ପଢୁନୁ । ପାଠ ପଢ଼ିବା ଏକ ସୁଯୋଗ ନୁହେଁ । ଅଧିକାର । ସ୍ୱାଧୀନ ଭାରତର ପ୍ରତ୍ୟେକ ଶିଶୁଙ୍କର ଅଧିକାର ।

ପ୍ରଶ୍ନକଲା ବୀରବେହେରା: ଖାଇବି କଣ ?

ପାଲିତ୍ ପୁଣି ତାର ଭାଷଣ ପ୍ରସଙ୍ଗକୁ ଫେରି ଆସିଲା । ଗୋଟେ ନୂଆ ପଏଣ୍ଟ ଯୋଗ କରିଦେଲା–ଶିଶୁଶ୍ରମିକ ସମସ୍ୟାର ମୂଳ କାରଣ ହେଉଚି ଦାରିଦ୍ର୍ୟ । ଭୋକ, ଉତ୍କଟ ଦାରିଦ୍ର୍ୟ ହିଁ ସେମାନଙ୍କୁ ଏହି ଦୟନୀୟ ଜୀବନ ଆଦରି ନେବାକୁ ବାଧ୍ୟ କରିଥାଏ ।

ପୁଣି ପଚାରିଲା: ତତେ ପୋଲିସ ଧରିଥିଲା ?

:ବହୁତ ଥର ଧରିଲାଣି ।

:କେମିତି ଖସୁଚୁ ?

:ଥାନାରେ ବସି ରହିଲି ଦି'ଦିନ । ଖାଇବାକୁ ମାଗିଲି । ସେମାନେ ବାଧ୍ୟ ହେଇ ଛାଡ଼ିଦେଲେ ।

:ରିକ୍ସା ଛଡ଼େଇ ନେଲେନି ?

:ଛଡ଼େଇ ନେଇଥିଲେ । ମାଲିକ ମୁକୁଳେଇ କି ଆଣିଲା ।

:ମାଲିକ ତତେ ବାହାର କରିଦେଉନି କିଆଁ ?

:ବାହାର କରି ଦେବ କାହିଁକି ? ବଡ଼ଲୋକ ରିକ୍ସା ନେଲେ ଯେତିକି ଟଙ୍କା ଦେଉଛନ୍ତି ମୁଁ ତ ସେତିକି ଦଉଚି । ତା ବାଦ୍ ତାଙ୍କ ଘରେ ବୋଲହାକ କରୁଛି ।

ପାଲିତ୍ ତା ଭାଷଣରେ ଦ୍ୱିତୀୟ ପଏଣ୍ଟ ଖୋଜି ପାଇଗଲା । ମାଲିକମାନେ ଏହି ଶିଶୁ ଶ୍ରମିକ ସମସ୍ୟାକୁ ବଢ଼େଇବାରେ ଲାଗିଛନ୍ତି ବ୍ୟକ୍ତିଗତ ଫାଇଦା ପାଇଁ । କାରଣ ଶିଶୁ ଶ୍ରମିକ ପ୍ରତିବାଦ କରିବ ନାହିଁ । ସବୁ ମୁଣ୍ଡପାତି ସହିନେବ, ତାକୁ ଭୁଲାଇବା ସହଜ । ସେ ତାର ଅଧିକାର ବିଷୟରେ ଜାଣେ ନାଇଁ । ସେ ପ୍ରଚୁର ଖଟିବ । ଠକିବା ସେ ଶିଖିନାହିଁ ।

ପାଲିତ୍ ପୁଣି ପ୍ରଶ୍ନକଲା: ତୋର ବାପା ମା' ।

:ଅଛନ୍ତି।

:କଣ କରୁଛନ୍ତି।

:ମୂଲ ଲାଗୁଛନ୍ତି।

:ତତେ ପାଠ ନ ପଢ଼େଇ ରିକ୍ସା ବୁହାଉଛନ୍ତି କାହିଁକି ?

:ସେ ଏତେ ପଇସା କୋଉଠୁ ଆଣିବ, ଘର ଚଳେଇବା ପାଇଁ।

ପାଲିତ୍ ତାର ଭାଷଣର ତୃତୀୟ ପଏଣ୍ଟବି ଖୋଜି ପାଇଗଲା। ଶିଶୁ ଶ୍ରମିକର ବାପା ମା'ମଧ୍ୟ ବହୁ ପରିମାଣରେ ଦାୟୀ। ସେ ନିଜ ପିଲାକୁ ଏଇଭଳି ଲାଇନ୍‌ରେ ଛାଡ଼ିଦିଏ କିମ୍ବା ଛାଡ଼ିଦେବାକୁ ବାଧ୍ୟ ହୋଇଥାଏ । ଅନେକ ସମୟରେ ନିଜେ ଘର ଚଳାଇ ନପାରି କମ ବୟସ୍କ ପିଲାମାନଙ୍କ ମୁଣ୍ଡରେ ଦାୟିତ୍ୱ ଲଦି ଦେଇ ବାପାମାନେ ନବାବ ଭଳି ମଦ ପିଉଥିବାର ଦେଖାଯାଏ। ଅତଏବ ଶିଶୁ ଶ୍ରମିକ ସମସ୍ୟାର ତୃତୀୟ ଜିମ୍ମେଦାର ହେଲେ ପିତା ମାତା।

ପାଲିତ୍‌ର ଭାଷଣ ପ୍ରସ୍ତୁତ ସରିଥିଲା। ଏବେ କେବଳ ମଞ୍ଚ ଉପରେ ତାଳି ମାଡ଼ର ବର୍ଷା ଭିତରେ କହିବାକୁ ହେବ। ସମ୍ବାଦ ପତ୍ରର ଖବର ଓ ଫଟୋ ଭିତରେ ଡୁବିଯିବାକୁ ହେବ। ସେ ବିଶିଷ୍ଟ ଶ୍ରମିକ ନେତା ହେବ। ବିଦେଶୀ ଶ୍ରମ ସଂଗଠନକୁ ଆମନ୍ତ୍ରିତ ହେଇଯିବ। ସ୍ୱପ୍ନର ଦୈର୍ଘ୍ୟ ଲମ୍ବିଗଲା ଦୂରକୁ ଦୂରକୁ। ଆଶ୍ୱସ୍ତିରେ ଆଖି ବୁଜିଦେଲା ପାଲିତ୍।

ଆଖି ଖୋଲିଲା, ଯେତେବେଳେ ବୀର ବେହେରା ମନେ ପକେଇ ଦେଲା:ଆଜ୍ଞା। ବସଷ୍ଟାଣ୍ଡ ହୋଇଗଲା।

ପାଲିତ୍ ଖପକିନା ରିକ୍ସାରୁ ଡ଼େଇଁ ପଡ଼ି ବସ୍‌ରେ ଚଢ଼ିଗଲା।

ବୀରବେହେରା ଚିତ୍କାର କରି ଉଠିଲା: ଆଜ୍ଞା। ମୋ ପଇସା।

ଚଳମାନ ବସର ଝର୍କା ଦେଇ ପାଲିତ୍ କହିଲା: କି ପଇସାବେ। ଶଳା ଏବେ ଥାନାରେ ଯାଇ ବସ ଉଠ ହଉଥାନ୍ତୁ, ତତେ ମୁକୁଳେଇକି ଆଣିଲି, ପୁଣି ପଇସା ମାଗୁଚୁ।

ପାଲିତ୍ ତା ଭାଷଣର ଏକ ନୂଆ ପଏଣ୍ଟ ପାଇଗଲା ଏଇଠି। ଶିଶୁ ଶ୍ରମିକ ସମସ୍ୟାପାଇଁ ଦାୟୀ ମଧ୍ୟ ନିଜେ ଶିଶୁ ଶ୍ରମିକ। ସେ ନିଜର ଅଧିକାର ଜାଣେନା। ବୁଝିବାକୁ ପ୍ରସ୍ତୁତ ନୁହେଁ। ସେ କୃତଜ୍ଞତା କଣ ଶିଖିନାହିଁ। ତା ପାଇଁ ଲଢ଼େଇ କରୁଥିବା ସମାଜସେବୀଙ୍କୁ ତାର ଖାତିର ନାଇଁ। ଏବଂ ସେମାନଙ୍କୁ ସମର୍ଥନ କରେ ନାହିଁ।